Split by PDF Splitter

REGISTERED NO. 32.

ORISSA STATE ARCHIVES
Accn. No.......
Date......

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖଣ୍ଡ ୧୨ଶ
ସଂ ୧ ସଂଖ୍ୟା
ତା ୬ ରଖ ଜାନୁଏରୀ ସନ ୧୮୭୭ ମସିହା । ମୂ । ପୌଷ ଦ ୨୫ ନ ସନ ୧୨୮୪ ସାଲ ଶନିବାର
ଅଗ୍ରିମ ବାର୍ଷିକମୂଲ୍ୟ ଟ ୨॥୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୨୦
ମଫସଲପାଇଁ ଡାକମାସୁଲ ଟ ୧୧୦

ଏ ସପ୍ତାହର ଆରମ୍ଭରୁ ଅମ୍ଭେମାନେ ସନ ୧୮୭୭ ସାଲକୁ ଚିରକାଳସ୍ୱକାଶେ ବଦାୟ ଦେଇ ସନ ୧୮୭୭ ରେ ଉପସ୍ଥିତ ହୋଇଅଛୁଁ । ଏଥିରେ ଅମ୍ଭେମାନେ ଏକାଦଶବର୍ଷ ଅତିକ୍ରମ କରି ଦ୍ୱାଦଶବର୍ଷରେ ପଦାର୍ପଣ କଲୁଁ ଏକଯୁଗ ଜୀବ ଭୋଗ କଲୁଁ ସତ୍ୟ କିନ୍ତୁ ଓଡିଶାରେ ସମ୍ବାଦପତ୍ରର ସୃଜନ ପ୍ରବେଶ ହୋଇ ନାହିଁ କେବଳ ଏତେକାଳ ବଞ୍ଚି ରହିଅଛୁଁ ଏଥିପାଇଁ ଅମ୍ଭେ ପରମେଶ୍ୱରଙ୍କଠାରେ ଧନ୍ୟବାଦ ଦେଉଅଛୁଁ ଓ ପାଠକମାନଙ୍କଠାରେ କୃତଜ୍ଞତା ପ୍ରକାଶ କରୁଅଛୁଁ କାରଣ ତାହାଙ୍କର ସାହାଯ୍ୟ ଓ ଉତ୍ସାହିତନା ଏପରି ଘଟିପାରିବାର ଅସମ୍ଭବ ଥିଲା । ଅତଏବ ନବବର୍ଷରେ ପଦାର୍ପଣକରି ଅମ୍ଭେମାନେ ପାଠକମାନଙ୍କର ଓ ସର୍ବସାଧାରଣଙ୍କର ମଙ୍ଗଳବାଦ କରୁଅଛୁଁ ଏବଂ ଆଶାକରୁଁ ଯେ ସେମାନେ ନବ ୨ ସୁଖସମ୍ଭୋଗ କରି ଏ ବର୍ଷକୁ ଅତିବାହିତ କରିବେ ।

---

ଶ୍ରୀମତି ମହାରାଣୀଙ୍କର ପଦଗ୍ରହଣ ଉପଲକ୍ଷରେ ଗତ ତା ୧ ରଖରେ କଟକ ଜେଲ-ଖାନାରୁ ସ୍ୱଳ୍ପଜଣ ଅପରାଧିକଇଦ ଏବଂ ତିନି-ଜଣ ଋଣଗ୍ରସ୍ତ କଇଦ ରାଜକ୍ଷମା ପାଇ ମୁକ୍ତି ଲଭି ଅଛନ୍ତି । ଅପରାଧି କଇଦଙ୍କ ମଧ୍ୟରେ ଦୁଇଜଣ ଯାବଜ୍ଜୀବନ ଓ ୩୮ଜଣ ୭ବର୍ଷଠାରୁ ମା ୬ ସ ପର୍ଯ୍ୟନ୍ତ କାରାବାସ ଦଣ୍ଡ ପାଇଥିଲେ । ଦେବାନି ଫାଟକରେ ତିନିଜଣରୁ ଅଧିକ ନ ଥିଲେ ସମସ୍ତେ ମୁକ୍ତିପାଇ ଅଛନ୍ତି ଏମାନଙ୍କ ପକ୍ଷରେ ଏହି ବନ୍ଦୋବସ୍ତ ହୋଇଥିଲା ଯେ ଏକଶତ ଟଙ୍କାରୁ ଊଣା ଋଣ ନିମିତ୍ତ ଦେବାନି ଫାଟକରେ ଥିବା କଇଦଙ୍କୁ ମୁକ୍ତି ଦିଆଯିବ ଓ ଗବର୍ଣ୍ଣମେଣ୍ଟ ତାହାଙ୍କ ଦେଣ ପରିଶୋଧ କରିବେ । ଅପରାଧିଙ୍କର ଉତ୍ତମ ଚରିତ୍ର ଦୃଷ୍ଟିରେ ତାହାଙ୍କୁ ମୁକ୍ତି ଦିଆଯାଇ ଅଛି । ଖଲାସି କଇ-ଦଙ୍କ ମଧ୍ୟରେ ଆଠଜଣ ସ୍ତ୍ରୀ ଓ ଆଉ ସମସ୍ତେ ପୁରୁଷ ଥିଲେ ।

---

ଅମ୍ଭେମାନେ ଶୁଣି ଦୁଃଖିତ ହେଲୁଁ ଯେ ପୁରୀରେ ଗୋଟିଏ ବୃହତ ଲୁଟର ମୋକଦମା ଘଟିଅଛି । ସେଠାରେ ମାନ୍ଦ୍ରାଜପ୍ରଦେଶ ପାଇଁ ଅନେକଲୋକ ଚାଉଳ କିଣିବାକୁ ଆରମ୍ଭ କଲେ ଏମନ୍ତ କି ଚାଉଳର ଭାଉ ଟଙ୍କାରେ ସେ ୮ ରୁ ହୋଇଗଲା । କଣିକିଆଙ୍କର ଏଥିରେ କେତେ କଷ୍ଟ ତାହା ଓଡିଶାର ଅବସ୍ଥା ଯାହାଙ୍କୁ ଜଣାଅଛି ସେମାନେ ସହଜରେ ବୁଝିପାରିବେ । ବୋଧ-ହୁଅଇ କଣିକିଆଙ୍କୁ ତାହା ଅସହ୍ୟନୀୟ ବାଧିବାରୁ ହେଉ ଅଥବା ଅନ୍ୟ କୌଣସି କାରଣରୁ ହେଉ ଗତ ସୋମବାର ସକାଳବେଳେ ଶତା-ଧିକଲୋକ ଏକତ୍ର ହୋଇ ଚାଉଳଗୋଦାମମାନ ଲୁଟିଲେ । କେତେ ଗୋଦାମରୁ କେତେ ଚାଉଳ ଲୁଟିନେଇ ଅଛନ୍ତି ତାହା ଅମ୍ଭେମାନେ ଜାଣି ନାହୁଁ ଓ ସବିଶେଷ ସମ୍ବାଦ ସେଠାରୁ ଅସି-ପାରି ନାହିଁ । କିନ୍ତୁ ଶୁଣାଯାଏ ଯେ ଏକଶତ-ଲୋକ ଏ ଅପରାଧରେ ଲିପ୍ତଥିବା ଅଭିଯୋଗ-ରେ ଧରାପଡି ଅଛନ୍ତି ଓ ଆଉ ଅପରାଧିଙ୍କର ଅନୁସନ୍ଧାନ ହେଉଅଛି । ଆଗାମି ସପ୍ତାହରେ ଏଥିର ସମସ୍ତ ବିବରଣ ଜଣାଯିବ ।

---

ତାରଡାକରେ ସମ୍ବାଦ ଅସିଅଛି ଯେ ଦିଲ୍ଲୀ-ଦରବାରରେ ଓଡିଶାର ନିମ୍ନଲିଖିତ ଭଦ୍ରଲୋ-କମାନେ ତାହାଙ୍କ ନାମର ପାର୍ଶ୍ୱଲିଖିତ ପଦ-ମାନ ପାଇଅଛନ୍ତି । ଯଥା;—

ରାଜା କିଷ୍ଣ ମୟୂରଭଞ୍ଜ—ମହାରାଜା
„ „ କେନ୍ଦୁଝର—ମହାରାଜା
„ „ ଆଳି—ରାଜା
„ „ ସୁକିନ୍ଦା—ରାଜା
ବାବୁ ଶ୍ୟାମାନନ୍ଦ ଦେ ରାୟବାହାଦୁର—ରାଜା
„ ନିମାଇଚରଣ ବୋଷ—ରାୟବାହାଦୁର
„ ବୈଦ୍ୟନାଥ ପଣ୍ଡିତ—ରାୟବାହାଦୁର

କି ହେତୁରୁ ଏମାନଙ୍କୁ ପଦ ଦିଆଗଲା ଅମ୍ଭେମାନେ ନ ଜାଣୁ ଏବଂ ମଧୁପୁରରାଜା, ଖଡ୍ଗିବର ଭଗବାନ ରାଏଟସିଂହ ବାବୁ ଗୋଲ-କଚନ୍ଦ୍ର ବୋଷ ଓ ଏହିପରି ଆଉ କେତେକ ଲୋକଙ୍କର କି ଅପରାଧ ହେଲା ଯେ ସେମାନେ କିଛି ପଦ ପାଇଲେ ନାହିଁ । ଯେବେ କିଛି ବିଶେଷ ଗୁଣ ସକାଶେ ପଦ ଦିଆଯାଇ ଥାନ୍ତା ତାହା ହେଲେ କାହାରି କିଛି କହିବାର ନ ଥିଲା କିନ୍ତୁ ଯେ ସ୍ଥଳେ ଦେଖାଯାଉଅଛି ଯେ କୌଣସି ଉତ୍କୃଷ୍ଟ ଗୁଣ ବା କାର୍ଯ୍ୟର ବିଚାର ନ

Digitized by srujanika@gmail.com

Split by PDF Splitter



ହୋଇ କେବଳ ଏ ମହୋତ୍ସବ ଉପଲକ୍ଷରେ କେତେଜଣଙ୍କୁ ପଦ ଦେବାର ଇଚ୍ଛା ହେଲା ବୋଲି ଦିଅଯାଇ ଅଛି ସେ ସ୍ଥଳେ ବିସ୍ତର ଲୋକଙ୍କୁ ପଦ ଦେଲେ ଭଲ ହୋଇ ଥାନ୍ତା କାରଣ ଫଳ ଏକା ପ୍ରକାର ହୋଇଥାନ୍ତା । ବାସ୍ତବରେ ମୋଗଲବନ୍ଦିର ସମସ୍ତ ରାଜାଙ୍କୁ ପଦ ଦିଆ ନ ଯାଇ କେବଳ ଆଳ ଓ ସୁକିନ୍ଦାକୁ ଦେବାରେ ଅନ୍ୟ ରାଜାଙ୍କର ମନୋଦୁଃଖ ହୋଇପାରେ ବିଶେଷରେ ମୟୂରର ରାଜା ଏପରି ପଦ ପାଇବାର ଅଧିକ ଯୋଗ୍ୟ ଥିଲେ ।

କଲିକତା ବିଶ୍ୱବିଦ୍ୟାଳୟର ଫାଷ୍ଟଆର୍ଟସ ଓ ପ୍ରବେଶିକା ପରୀକ୍ଷାର ଫଳ ବାହାର ଅଛି । ଓଡ଼ିଶାର ସ୍କୁଲମାନଙ୍କରୁ ପରୀକ୍ଷା ଦେଇଥିବା ଛାତ୍ରଙ୍କ ମଧ୍ୟରୁ ଯେଉଁମାନେ କୃତକାର୍ଯ୍ୟ ହୋଇଅଛନ୍ତି ତାହାଙ୍କ ନାମ ଏଠାରେ ପ୍ରକାଶିତ ହେଲା ଏ ସମ୍ବନ୍ଧରେ ଅମ୍ଭମାନଙ୍କ ମତାମତ ଆଗାମୀ ସପ୍ତାହରେ ବ୍ୟକ୍ତ କରିବୁଁ ।

ଫାଷ୍ଟଆର୍ଟସ ପରୀକ୍ଷା ।

୩ ୟ ଶ୍ରେଣୀ ।

ଆନନ୍ଦଚନ୍ଦ୍ର ମହାନ୍ତି — କଟକ କଲେଜ ।
ଯଦୁନାଥ ରାୟ — ଏଜନ

ପ୍ରବେଶିକା ପରୀକ୍ଷା ।

୧ ମ ଶ୍ରେଣୀ ।

ରାମଶଙ୍କର ରାୟ — କଟକ କଲେଜ ।
ପ୍ରିୟନାଥ ମୁଖୁର୍ଯ୍ୟା — ଏଜନ
ବ୍ରଜଲାଲ ମୁଖୁର୍ଯ୍ୟା — ଏଜନ

୨ ୟ ଶ୍ରେଣୀ ।

ଅସୁତୋଷ ବାନୁର୍ଯ୍ୟା — କଟକ କଲେଜ ।
ଜଗେଶଚନ୍ଦ୍ର ମୁଖୁର୍ଯ୍ୟା — ଏଜନ
ଯଦୁନାଥ ନିୟୋଗୀ — ଏଜନ
ନିମାଇଚରଣ ମିତ୍ର — ଏଜନ
ଜାନକୀବଲ୍ଲଭ ଘୋଷ — ଏଜନ
ଦାମୋଦର ପାଢୀ — ଏଜନ
କେଶ ମହାନ୍ତି — ଏଜନ
ପ୍ରିୟନାଥ ଘୋଷ — ଏଜନ

୩ ୟ ଶ୍ରେଣୀ ।

ଜୟନାରାୟଣ ଦାସ — ଏଜନ
ଗୋପୀନାଥ ଦେ — ଏଜନ
ରାମକୃଷ୍ଣ ଦାସ — ଏଜନ
ମହେଶଚନ୍ଦ୍ର ସେନ — ଏଜନ

କଟକ ଉର୍ଦ୍ଦୁ ସ୍କୁଲ ।

୩ ୟ ଶ୍ରେଣୀ ।

ଉଦୟନାଥ ପଟ୍ଟନାୟକ

ପୁରୀ ଜିଲ୍ଲା ।

୨ ୟ ଶ୍ରେଣୀ ।

ମକରଧର ଦାସ
କୃଷ୍ଣମୋହନ ପଟ୍ଟନାୟକ

୩ ୟ ଶ୍ରେଣୀ ।

ଭୂଦେବଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ
ସାଧୁପ୍ରସାଦ ବୋଷ
ବଂଶୀଧର ମହାନ୍ତି

ଏ ଦରବାରରେ ତଳଲିଖିତ ବ୍ୟକ୍ତିମାନେ ପ୍ରଶଂସାପତ୍ର ପାଇଅଛନ୍ତି । ଯଥା;

ରାଜା କଷ୍ଟେ ସୁକିନ୍ଦା
ରାଜା କଷ୍ଟେ ମୟୂର
ବାବୁ ଶିବପ୍ରସାଦ ସିଂହ
" ତାରାକାନ୍ତ ବିଦ୍ୟାସାଗର
" ହରବଲ୍ଲଭ ବୋଷ
" ବୈଦ୍ୟନାଥପଣ୍ଡିତ
" ରାଧାଶ୍ୟାମନରେନ୍ଦ୍ର
ଚୌଧୁରୀ ବିଶ୍ୱନାଥଦାସ
ବାବୁ କହ୍ନାଇଲାଲପଣ୍ଡିତ
" ଲକ୍ଷ୍ମୀନାରାୟଣରାୟ ଚୌଧୁରୀ
" କାଳୀପଦ ବନ୍ଦ୍ୟୋପାଧ୍ୟାୟ
" ମହେନ୍ଦ୍ର ବନ୍ଦ୍ୟୋପାଧ୍ୟାୟ
ଚୌଧୁରୀ ସହଦେବମହାପାତ୍ର
ମୁନସି ରସୁଲବକ୍ସ
ଚୌଧୁରୀ କାଶୀନାଥଦାସ
ଭଗବାନରାଏଟସିଂହ
ମହାନ୍ତ ନାରାୟଣଦାସ
ବାବୁ ମଧୁସୂଦନ ଖୁଣ୍ଟିଆ
" ରାମଚନ୍ଦ୍ର ଅଡ଼
" ଲୋକନାଥ ରାୟ
" ନାରକଲମିଶ୍ର ଉଗସ୍ତ୍ର
" ବୈକୁଣ୍ଠନାଥ ଦେ
" କୈଳାଶଚନ୍ଦ୍ର ରାୟ ମହାଶୟ
" ନିମାଇଚରଣ ବୋଷ
" ରାଧାରମଣ ଦାସ
" ଅବ୍‌ଦୁଲଗନୀ
" ମଦନମୋହନ ଦାସ
" ବନମାଳୀସିଂହ
ଜାନସିଂହ କେଉଞ୍ଝର ସରଦାର
ଧନୁସିଂହ କନମାଳ ସରଦାର

ଏମାନେ ଏବେ କେଉଁ ଯୋଗ୍ୟତାନିମିତ୍ତ ପ୍ରଶଂସାପତ୍ରମାନ ପାଇଲେ ତାହା କମିଶ୍ୱନର୍ ସାହେବ ସଭାରେ ବ୍ୟକ୍ତ କରିଥିଲେ । ଅମ୍ଭେମାନେ ଆଗାମିସପ୍ତାହରେ ତାହା ପ୍ରକାଶ କରିବୁଁ ବର୍ତ୍ତମାନ ପାଠକମାନଙ୍କୁ ଅବସର ଦିଆଗଲା ଯେ ସେମାନେ ଯାହାଙ୍କ ବିଷୟରେ ଯାହା ଜାଣନ୍ତି ତାହା ବିଚାରକରି ଏବେ କେତେଦୂର ଯୋଗ୍ୟ ତାହା ସ୍ଥିର କରନ୍ତୁ । ଏଥିନିମିତ୍ତ ଅବସର ଦିଆଯିବାର ଆଉ ଏକ କାରଣ ଏହି ଯେ ପ୍ରଶଂସାପତ୍ର ପାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଏପରି ଅନେକ ଲୋକ ଅଛନ୍ତି ଯେ ସେମାନେ କିସକାଶେ ତାହା ପାଇଅଛନ୍ତି ସ୍ୱୟଂ ଅବଧି ସ୍ଥିର କରି ପାରନାହାନ୍ତି ।

ଗତ ସପ୍ତାହରେ ଯେସମସ୍ତ ଉତ୍ସବ ହୋଇଅଛି ତହିଁର ଅନୁକଳ୍ପନା ପୂର୍ବ ପତ୍ରିକାରେ ଅମ୍ଭେମାନେ ପ୍ରକାଶ କରିଥିଲୁଁ ସେସବୁ ଉତ୍ସବ କାର୍ଯ୍ୟ ଯେରୂପେ ନିର୍ବାହ ହେଲା ବର୍ତ୍ତମାନ ତହିଁର ବିବରଣ ଲେଖୁଅଛୁଁ ।

ସୋମବାର ଦିନ ଦରବାର—ଦିବା ସା୧୨-ଘା ସମୟରେ ଏହା ଆରମ୍ଭ ହେଲା ଓ ଯେପରି ଶୃଙ୍ଖଳାରେ ଏ ମହା ବ୍ୟାପାର ନିର୍ବାହ ହେବାର ପୂର୍ବରୁ ସ୍ଥିର ହୋଇଥିଲା ସେହିରୂପେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହେଲା ତଦ୍‌ବିଷୟରେ ବିଶେଷ କିଛି ବକ୍ତବ୍ୟ ନାହିଁ । ଦରବାରଟି ଏତେ ଉତ୍ସବର ମୂଳ ହେଉଅଛି ସୁତରାଂ ତାହା ଦେଖିବାକୁ ସମସ୍ତଙ୍କର ଅତ୍ୟନ୍ତ ଆଗ୍ରହ ହୋଇଥିଲା ଏଥିପାଇଁ ଲୋକେ ସକାଳ ଆଠଘଣ୍ଟାଠାରୁ ଦରବାରକୁ ଯିବାକୁ ଆରମ୍ଭ କଲେ ଓ ନିୟମିତ ସମୟରେ ସମସ୍ତେ ଉପସ୍ଥିତ ଥିଲେ । ନିମନ୍ତ୍ରିତ ବ୍ୟକ୍ତିଙ୍କ ମଧ୍ୟରୁ ଅତ୍ୟଳ୍ପ ଲୋକ ଅନୁପସ୍ଥିତ ଥିଲେ ନୋହିଲେ ପ୍ରାୟ ସମସ୍ତେ ଉପସ୍ଥିତ ଥିଲେ କହିବାକୁ ହେବ । ସଭାରେ ଆଗପଛ ହୋଇ ବସିବାର ଶୃଙ୍ଖଳା ପ୍ରତି ସମସ୍ତଙ୍କର ଦୃଷ୍ଟି ଥାଏ ଓ ଏ ସଭାରେ ଯେ ଶୃଙ୍ଖଳା ହୋଇଥିଲା ତାହାକୁ ଅମ୍ଭେମାନେ ନିର୍ଦ୍ଦୋଷ କହି ନ ପାରୁଁ ବରଂ ଏକ ସ୍ଥାନରେ ବିଶେଷ ଭ୍ରମ ହେବାର ଦେଖା ଯାଇଅଛି ତେବେ ଏତିକି ବୋଲି ଯାଇ ପାରେ ଯେ ଏମନ୍ତ ବୃହତ ବ୍ୟାପାରରେ ସମସ୍ତଙ୍କୁ ସନ୍ତୋଷ କରିବା କଠିନ ଓ ହାକିମମାନେ ଜାଣି ଶୁଣି କାହାର ମନ କ୍ଷୁନ୍ନ କରିବାର ବିଚାର କରି ନାହାନ୍ତି । ଏ ବିଷୟରେ ପୁରୀ ରାଜା ସମସ୍ତଙ୍କର ଲକ୍ଷସ୍ଥଳ ହୋଇଥିଲେ । ଓଡ଼ିଶାରେ ତାହାଙ୍କୁ ଲୋକେ ଲକ୍ଷ ରାଜାର ମୁକୁଟମଣି ବୋଲି ଅବଶ୍ୟ କହନ୍ତି

Digitized by srujanika@gmail.com

Split by PDF Splitter



ଅଛନ୍ତି ମାତ୍ର ବାସ୍ତବ ବିବେଚନା କଲେ ଏହାଙ୍କର ରାଜତ୍ୱ ବା ଅଧିକାର ବର୍ତ୍ତମାନ କିଛି ନାହିଁ କେବଳ ଓଡିଶାର ରାଜବଂଶର ପ୍ରତିନିଧି ସ୍ୱରୂପ ଏହାଙ୍କର ଯାହା କିଛି ଠେକ ରହିଅଛି ତଥାଚ କମିଶନର ସାହେବ ଏହାଙ୍କୁ ସମସ୍ତ ରାଜାଙ୍କ ଉପରେ ଉଚିତ ବନ୍ଦଭାବରେ ପ୍ରଥମ ସ୍ଥାନ ଦେଇଥିଲେ ଓ ସମସ୍ତଙ୍କ ଦେଖିବାରେ ଏ ମର୍ଯ୍ୟାଦା ତାହାଙ୍କ ପ୍ରତି ଅଧିକ ହୋଇଥିଲା ସନ୍ଦେହ ନାହିଁ ମାତ୍ର ଆମ୍ଭେମାନେ ଦୁଃଖରସହିତ ପ୍ରକାଶ କରୁଅଛୁଁ ଯେ ରାଜା ଆପଣା ମାନ ଆପେ ରଖିବାକୁ ଅବଧି ଶିଖି ନାହାନ୍ତି ଓ ଯଦ୍ୟପିକି ରାଜାଙ୍କର ଅଳ୍ପ ବୟସ ଓ ଶିକ୍ଷାର ଅଭାବକୁ ତାହାଙ୍କୁ କ୍ଷମାର ପାତ୍ର ଜ୍ଞାନ କରିବାକୁ ହେବ ତଥାଚ ବଡ ଦୁଃଖର ବିଷୟ ଯେ ବାବୁ ରାଧାକାନ୍ତ ବିଦ୍ୟାସାଗର ତାହାଙ୍କ ମନ୍ତ୍ରୀ ହୋଇ କୌଣସି ସଦୁପଦେଶଦ୍ୱାରା ତାହାଙ୍କୁ ଶିଷ୍ଟାଚାର ଶିଖାଇଲେ ନାହିଁ ଓ ସଭାରେ ଅପଦସ୍ତ କଲେ। ଏହି ମହାଶୟ ରାଜାଙ୍କୁ କଲିକତାକୁ ଘେନି ଯାଇଥିଲେ ଓ ଯେତେ ସୁଖ୍ୟାତି କରି ଆସିଲେ ସମସ୍ତଙ୍କୁ ଜଣା ଅଛି। ବୋଧ ହୁଅଇ ସେହି ଯୋଗ୍ୟତା ଦେଖି ରାଜା ଏହାଙ୍କୁ ମନ୍ତ୍ରୀପଦରେ ବରଣ କଲେ ଓ ତାହା ହୋଇଥିଲେ ଯଥାଯୋଗ୍ୟ କାର୍ଯ୍ୟ ହୋଇଅଛି। ଏହା ଛଡା ଦରବାରରେ ଆଉ କିଛି ଅଶୃଙ୍ଖଳା କାର୍ଯ୍ୟ ହୋଇ ନାହିଁ ଓ ଦରବାର ଯେମନ୍ତ ସୁଶୋଭିତ ଓ ସୁନ୍ଦର ଦିଶୁଥିଲା ତେମନ୍ତ ପୂର୍ବେ କେବେହେଁ କେହି ଏଠାରେ ଦେଖି ନାହାନ୍ତି। ପୁଲିସ ଇତ୍ୟାଦି ବନ୍ଦୋବସ୍ତ ସବୁ ଉତ୍ତମ ହୋଇଥିଲା ଓ ନଗର ମଧ୍ୟରୁ ପ୍ରାୟ କୋଡିଏ ହଜାରଲୋକ ଦରବାର ସମ୍ମୁଖରେ ଉପସ୍ଥିତ ହୋଇଥିଲେହେଁ କୌଣସି ଦୁର୍ଘଟନା ହୋଇ ନାହିଁ।

ମଙ୍ଗଳାର ରୋଷନାଇ ଓ ଆତସବାଜୀ।

ଯେଉଁମାନେ ଦୁଇବର୍ଷ ପୂର୍ବେ ମାନ୍ୟବର ସର ରିଚର୍ଡ ଟେମ୍ପଲ ଏ ନଗରକୁ ଆସିବାବେଳେ ଏ ନଗରରେ ଉପସ୍ଥିତ ଥିଲେ ସେମାନଙ୍କୁ ରୋଷନାଇର ପରିଚୟ ଦେବାର ପ୍ରୟୋଜନ ନାହିଁ କେବଳ ଏତିକି ପ୍ରଭେଦ ଯେ ସେଥର ଗୋଖାନାଠାରୁ କମିଶନରୀ କଚେରୀ ପର୍ଯ୍ୟନ୍ତ ରୋଷନାଇ ହୋଇଥିଲା ଏଥର ମସ୍ତାନଠାରୁ ଚାନ୍ଦନୀଚୌକ ପର୍ଯ୍ୟନ୍ତ ମମବଜାର ଓ ରାଣୀହାଟ କଟକଚଣ୍ଡୀ ବକ୍ସାପଡାସ୍ଥ ଇତ୍ୟାଦି ସଡକ ଦୁଇ ପାଖରେ ତେଲର ରୋଷନାଇ ହୋଇଥିଲା। ଫଳତଃ ଯେମନ୍ତ ଏଥରର ରୋଷନାଇ ଅଧିକ ଦୂର ବିସ୍ତାର ହୋଇଥିଲା ତେମନ୍ତ ସେଥରର ରୋଷନାଇ ସଙ୍ଗେ କେତେ ଗୋଷ୍ଠା ବଡ ବଡ ଫାଟକ ନିର୍ମାଣ ହୋଇ ଅଧିକ ବ୍ୟୟ ହୋଇଥିଲା ଫଳତଃ ସଡକ ରୋଷନାଇ ଏଠା ପକ୍ଷରେ ଯଥେଷ୍ଟ ହୋଇଥିଲେହେଁ ତାହାକୁ ପ୍ରକୃତ ରୋଷନାଇ ବୋଲିଯାଇ ନ ପାରେ ତାହା କେବଳ ବାଟରେ ଆଲୁଅ ଦେଲା ପରି ହୋଇଥିଲା। ସରକାରୀକଚେରୀ କୋଠିମାନଙ୍କରେ କେବଳ ତେଲଦୀପାଳୀ ଦିଆ ଯାଇଥିଲା ସତ୍ୟ ମାତ୍ର ରୋଷନାଇ ଭଲ ହୋଇଥିଲା। ନଗରବାସିମାନେ ଯେ ଯାହା ପରି ରୋଷନାଇ କରିବାରେ ତ୍ରୁଟି କରି ନାହାନ୍ତି ଓ ଯଦ୍ୟପିକି ଏଠାରେ ବିସ୍ତର ଧନବନ୍ତ ଲୋକ ନାହାନ୍ତି ବୋଲି କେହି ବହୁତ ଟଙ୍କା ବ୍ୟୟ କରି ବୃହତ ପରମାଣରେ ରୋଷନାଇ କରି ନ ଥିଲା ତଥାଚ ରାଜଭକ୍ତି ପ୍ରଦର୍ଶନର ଊଣା ହୋଇ ନାହିଁ କାରଣ ଧର୍ମର ଉପରୋଧରେ ଯେମନ୍ତ ଦେବାଳୀ ବେଳେ ଲୋକେ ଆପଣା୨ ଦ୍ୱାରରେ ଆଲୁଅ ନ ଦେଲେ ନୁହେଁ ବୋଲି ଦୁଇ ଗୋଟା ବଇଠା ଜ୍ୱଳାଇ ଦେଇଥାନ୍ତି ସେହିପରି ଏ ସମୟରେ କରିଥିଲେ। ଏପରି କେତେକ ସୁଶିକ୍ଷିତ ଓ ସଭ୍ୟଲୋକ କି ଯେଉଁମାନେ ଦେବାଳୀ ଅମାବାସ୍ୟାକୁ ବଡ ଆସ୍ଥା କରନ୍ତି ନାହିଁ ସେମାନେ ଏ ସମୟରେ ବଡରୋଷନାଇ କରିଥିଲେ ଓ ମୁସଲମାନ ପ୍ରଭୃତି ଭିନ୍ନଜାତୀୟ ଲୋକମାନେ ରୋଷନାଇ କରିଥିବାରୁ ସଡକ ଦୁଇପାଖରେ ପ୍ରାୟ କାହାର ଦ୍ୱାର ଅନ୍ଧାର ହୋଇ ନ ଥିଲା। ଓଡିଶାପେଟ୍ରିୟଟ ପ୍ରେସ ଦୁଇଟା ଫାଟକ ଗଳିର ଦୁଇମୁଣ୍ଡରେ ବସାଇ ଦେଇଥିଲେ ଓ କମିଶନର ସାହେବଙ୍କ କୋଠି ଫାଟକ ଉପରେ ଏବଂ ବାରନା ତଳେ ଉଜ୍ଜ୍ୱଳ ଅକ୍ଷରମାନ ପ୍ରଦର୍ଶିତ ହୋଇଥିଲା।

ଆତସବାଜୀ ଦେଶୀ, ବିଲାତି ଓ ଗଡଜାତି ତିନପ୍ରକାର ଥିଲା। କାଠଯୋଡୀ ନଦୀ ବାଲିରେ ତାହା ପ୍ରଦର୍ଶିତହେବାରୁ ସର୍ବସାଧାରଣ ଉତ୍ତମରୂପେ ତାହା ଦେଖିଅଛନ୍ତି। ପ୍ରଥମେ ଦେଶୀୟବାଣ ତହିଁଉତ୍ତାରୁ ଇଂରାଜୀ ଓ ପରଶେଷରେ ଗଡଜାତି ବାଣ ପ୍ରଦର୍ଶିତ ହେଲା। ଦେଶୀୟଠାରୁ ଇଂରାଜୀରେ ଦୁଇ ତିନି ରକମ ତଲବାଣ ଦେଖାଗଲା ତହିଁମଧ୍ୟରେ ବିବିଧବର୍ଣ୍ଣର ନକ୍ଷତ୍ର ଓ ନାନାବର୍ଣ୍ଣର ଫୁଲ ଫଳ ସହିତ ଗଛ ଓ ସର୍ପଶ୍ରେଣୀ ଅତି ସୁନ୍ଦର ଥିଲା। ଭିନ୍ନବର୍ଣ୍ଣର ଆଲୋକ ଓଡିଶାମଧ୍ୟରେ ପ୍ରସ୍ତୁତ କରି ପାରନାହାନ୍ତି ଓ ଜାଲମହତାପ ଭିନ୍ନ ଏମାନେ ପ୍ରାୟ ଆଉ କିଛି ଜାଣନ୍ତିନାହିଁ ଆମ୍ଭେମାନେ ଭରସା କରୁଁ କି ଓଡିଆମାନେ ଏଥର ଯେମନ୍ତ ଦେଖିଲେ ସେପରି ବାଣ ପ୍ରସ୍ତୁତ କରିବାକୁ ଚେଷ୍ଟା କରିବେ ଓ ତାହା ହେଲେ ଏ ଦେଶର ବାଣୁଆମାନେ ଇଂରାଜଙ୍କପରି ବାଣ ପ୍ରସ୍ତୁତ କରିବେ ସନ୍ଦେହ ନାହିଁ ଗଡଜାତର ହାବେଳ ଯେମନ୍ତ ଗର୍ଜ୍ଜନକରି ଯେତେ ଉଚ୍ଚକୁ ଉଠିଥିଲା ଯେବେ ତହିଁରେ ବିବିଧବର୍ଣ୍ଣର ନକ୍ଷତ୍ର ଖଞ୍ଜାଯାଇଥାନ୍ତା ତେବେ ସବୁବାଣଠାରୁ ତାହା ଉତ୍କୃଷ୍ଟ ହୋଇଥାନ୍ତା ଯାହାହେଉ ହଜାରଟଙ୍କ ଦେଇ ଯେରୂପ ଇଂରାଜୀ ବାଣ ଦେଖିବାର ଆମ୍ଭେମାନେ ଆଶା କରିଥିଲୁଁ ସେପରି ହେଲା ନାହିଁ।

ବୁଧବାର କୁସ୍ତି ଖେଳ ଇତ୍ୟାଦି—ଏଦିନର ସମାରୋହ ଓ ଆମୋଦ ବଡ ଉତ୍ତମ ହୋଇଥିଲା ଦରବାର ଡେରାରେ ଇଂରାଜ ଓ ଦେଶୀୟ ଭଦ୍ରଲୋକମାନେ ଆପଣା୨ ସୁବିଧାକ୍ରମେ ଯେଉଁଠାରେ ବସି ତମାସାମାନ ଦେଖୁଥିଲେ ତମାସାର କିଛି ସୀମା ନ ଥିଲା। ସ୍କୁଲପିଲା ଓ ପଲଟନର ସିପାହୀ ଓ ଅପର ଲୋକମାନଙ୍କର ଦୌଡ ଏଥିମଧ୍ୟରେ ତିନଗୋଡିଆ ଦୌଡ, ପାଲିକି ଘେନି ବେହେରାଙ୍କର ଦୌଡ, ମୁଣ୍ଡରେ ପାଣିମାଠିଆ ରଖି ଦୌଡ ଏବଂ ଅଖାମଧ୍ୟରେ ଗଳାପର୍ଯ୍ୟନ୍ତ ଭରିତହୋଇ ଦୌଡ ଇତ୍ୟାଦି ଦେଖିବାକୁ ବଡ କୌତୁକ ହୋଇଥିଲା। ପ୍ରକୃତରେ ଏଠାରେ ଗୋଟିଏ ଖେଳର ହାଟ ବସିଥିଲା ଓ କୌଣସିପ୍ରକାର ଖେଳ ଓ ବାଦ୍ୟର ଅପ୍ରତୁଳ ନ ଥିଲା। କେଲାବାଜୀ, ଭାନୁମତୀ ବାଜୀ, ସରକସ୍, କୁସ୍ତି, ତେଲଙ୍ଗିବାଜା, ଟମ୍ବୋରବାଜା, ଇଂରାଜୀବାଜା, ପଶ୍ଚିମାଗାନ ଇତ୍ୟାଦି ଏକ୨ କାଣ୍ଡ ଗୁରିଆଡେ ଲାଗି ରହିଥିଲା ଓ ସର୍ବସାଧାରଣ ଅବାଧରୂପେ ତାହା ଦେଖିବାକୁ ଅନୁମତି ପାଇଥିଲେ ସୁତରାଂ ଗୋଳମାଳ ନିବାରଣ ସକାଶେ ପୁଲିସର ଅତିରିକ୍ତ ପରିଶ୍ରମ ହୋଇଥିଲା। ଓଡିଆବଜାର-ସରକସର ତମାସା ଓ କେଲାବାଜୀର ଗୋଟିଏ କ୍ରୀଡା ଦେଖିବାକୁ ଅତି ଚମତ୍କାର ହୋଇଥିଲା। ସ୍କୁଲର ପିଲାମାନଙ୍କୁ ବେଳ ଦୁଇଘଣ୍ଟା ବେଳେ ମିଷ୍ଟାନ୍ନ ବିତରଣ ହେଲା ଓ ସେକାର୍ଯ୍ୟଟି ବଡ ସୁଶୃଙ୍ଖଳରୂପେ ନିର୍ବାହ ହୋଇଥିଲା। ଏଥିର ଭାର ପ୍ରାପ୍ତ କମିଟୀ ତାଳପତ୍ର ପାଚିଆସବୁ ଆୟୋଜନ କରି ତହିଁରେ ମିଷ୍ଟାନ୍ନ ଭରିକରି ଗୋଟିଏ ଲେଖାଁଏ ଏକ୨ ପିଲାକୁ ଦେଲେ ଓ

Digitized by srujanika@gmail.com

ପ୍ରତ୍ୟେକ ସ୍କୁଲ ଛାତ୍ରମାନଙ୍କୁ ଏକ୨ ସ୍ଥାନରେ ତାହାଙ୍କ ଶିକ୍ଷକଙ୍କ ଅଧୀନରେ ବସାଇଥିଲେ । ପିଲାମାନେ ବଡ ଆନନ୍ଦ ସହିତ ମିଷ୍ଟାନ୍ନ ଭୋଜନ କଲେ । ମିଷ୍ଟାନ୍ନସବୁ ବ୍ରାହ୍ମଣମାନେ ପ୍ରସ୍ତୁତ କରିଥିଲେ ଓ ଜଳ ଦେବା ପାଇଁ ଗୌଡମାନେ ନିଯୁକ୍ତ ହୋଇଥିଲେ । ପୃଥକ୍ ଡେରାରେ ଏସବୁ କାର୍ଯ୍ୟ ହେଲା ପ୍ରତ୍ୟେକ ଜାତିର ଜାତି ସମ୍ପୂର୍ଣ୍ଣରୂପେ ରକ୍ଷା ହୋଇଥିଲା । ଆଉ ଏକ ଡେରାରେ ଇଂରାଜମାନଙ୍କର ଜଳଖିଆର ବନ୍ଦୋବସ୍ତ ହୋଇଥିଲା କେବଳ ଦେଶୀୟଲୋକଙ୍କ ପ୍ରତି ତାଦୃଶ ମନୋଯୋଗ ହୋଇ ନାହିଁ କିଛି ପାନ ତମାଖୁର ବନ୍ଦୋବସ୍ତ ହୋଇଥିଲେ ଭଲ ହୋଇଥାନ୍ତା । ଯାହା ହେଉ ସମସ୍ତ ବିବେଚନାରେ ଏ ଦିନର ବନ୍ଦୋବସ୍ତ ଓ ଆମୋଦ ଭଲ ହୋଇଥିଲା ଓ ଶ୍ରୀଯୁକ୍ତ ଟଏନବୀ ସାହେବ ଏଥିର ମୂଳ ମେମ୍ବର ଥିବାରୁ ତାହାଙ୍କର ଏଥିରେ ପ୍ରଶଂସା ଅଛି ।

# ସାପ୍ତାହିକସଂବାଦ ।

୧ । ଏଡୁକେଶନ ଗେଜେଟ ଲେଖିଅଛନ୍ତି ଯେ, ଅମ୍ଭେମାନେ ପାଠକଗଣଙ୍କୁ କଲିକତାର ଯେଉଁ ସାହେବ ବୈରାଗିର ସମାଚାର ଦେଇଥିଲୁଁ ତହିଁ ସମ୍ବନ୍ଧରେ ସୋମପ୍ରକାଶ ଲେଖିଅଛନ୍ତି, "ଅମ୍ଭେମାନେ ଯେ ସମୟରେ ପାଠକଙ୍କୁ ସାହେବ ବୈରାଗିର ସମ୍ବାଦ ଦେଲୁଁ, ସେ ସମୟରେ ସନ୍ଦେହ କରି କହିଥିଲୁଁ, ଯେବେ ସନ୍ୟାସିର କୌଣସି ଗୂଢ ଅଭିସନ୍ଧି ନ ଥାଏ ତାହା ହେଲେ ଚମତ୍କାର ଅଟେ ସତ୍ୟ, ମାତ୍ର ଆଜି ଅମ୍ଭେମାନେ ଅମ୍ଭମାନଙ୍କର ଏକ ଆତ୍ମୀୟଙ୍କ ନିକଟରୁ ଶୁଣିଲୁଁ ସେ ଦିନେ ତାହାକୁ ଏକ ଧନୀ ଲୋକ ଘରକୁ ଡାକି ନେଇ ଗଲେ, ତାହା ସଙ୍ଗରେ ଅନେକ କଥାବାର୍ତ୍ତା ହେଲା । ସାହେବ ବୈରାଗିର ଗଞ୍ଜା ଖାଇବା ଅଭ୍ୟାସ ହୋଇଅଛି । ଅମ୍ଭମାନଙ୍କର ଆତ୍ମୀୟ ତାହାକୁ ଚିଲମେ ଗଞ୍ଜାଇ ଖାଇବାକୁ ଦେଲେ । ଗଞ୍ଜାଇ ଖାଇଲାରୁ ବୈରାଗିର ମନ ଫିଟି ଗଲା, ସେ ଆପଣାର ପୂର୍ବବୃତ୍ତାନ୍ତ ସମୁଦାୟ ବର୍ଣ୍ଣନ କଲା । ସେ ପଶ୍ଚିମରେ ସିପାହୀ ବିଦ୍ରୋହ ସମୟରେ ସୈନିକର କାର୍ଯ୍ୟ କରୁଥିଲା, ତହିଁ ଉତ୍ତାରୁ କିଛିଦିନ ଇଷ୍ଟ ଇଣ୍ଡିୟା ରେଲଓ୍ୱେରେ ଡ୍ରାଇଭରର କାର୍ଯ୍ୟ କରିଥିଲା । ସେଠାରୁ କର୍ମଚ୍ୟୁତ ହୋଇ କଲିକତାକୁ ଆସିଲା । ଏଠାରେ ଭିନ ଷାସ୍ ଆମ୍ବାଡ଼ସରେ ଥିଲା । ସେଠାରୁ ତାହାର ଭକ୍ଷୋପଜୀବୀ ହେଲା । ପ୍ରାୟ ଗଙ୍ଗାତୀରରେ ବସିଥାଏ । ମିର୍ଜାପୁରର ଏକ ବ୍ୟକ୍ତି ଗଙ୍ଗାସ୍ନାନକୁ ପ୍ରତିଦିନ ଯାଆନ୍ତି, ସେ ବୈଷ୍ଣବଧର୍ମାବଲମ୍ବୀ । ସେ ତାହାକୁ ଏପରି ଦୁର୍ଦ୍ଦଶାପନ୍ନ ଦେଖି ସଙ୍ଗରେ ଆପଣା ଘରକୁ ଆଣି ତାହାର ପେନ୍‌ଟ୍ଲୁନ୍ ଛଡ଼ାଇ ବୈଷ୍ଣବର ପରିଚ୍ଛଦ ପିନ୍ଧାଇ ଦେଲେ ଏବଂ ଶୁକପକ୍ଷୀକୁ ଶିଖାଇଲା ପରି ହରେ କୃଷ୍ଣ, ହରେ କୃଷ୍ଣ ଏହି କେତେକଟି ବର୍ଣ୍ଣ କଥାକ୍ଷର ଶିଖାଇଲେ, ସାହେବ ବୈରାଗୀ ବୈଷ୍ଣବ ଧର୍ମର ଆଉ କିଛି ବୁଝନ୍ତି ନାହିଁ । ତାଙ୍କର ଜଗନ୍ନାଥ କ୍ଷେତ୍ରକୁ ଯିବାର ବିବରଣ ଏହି— କେତେକ ଜଣ ଧୂର୍ତ୍ତଲୋକ ଏହି ରବ ରଟାଇ ଗୃନା କରିବାକୁ ଆରମ୍ଭ କରିଅଛନ୍ତି । ଗୃନାର ଅର୍ଥ ହସ୍ତଗତ ହେଲେ ତାହାକୁ କାଟି ଦେଇ ଆପଣାମାନେ ସବୁ ଆତ୍ମସାତ୍ କରିବେ । ଏ ଗୋଟିଏ ମନ୍ଦ କୌଶଳ ନୁହଇ ।"

୨ । ସର୍ ସାଲାରଜଙ୍ଗ ଇଂଲଣ୍ଡରୁ ନିଜାମଙ୍କ ପାଇଁ ଯେ ସମସ୍ତ ଉପହାର ଆଣିଅଛନ୍ତି ତହିଁ ମଧ୍ୟରେ ଗୋଟିଏ ଘଡି ଅଛି ପ୍ରତି ମିନିଟରେ ତାହା ବାଜେ । ଆଉ ଦୁଇ ଗୋଟି ପକ୍ଷୀ ଆଣିଛନ୍ତି ସେମାନେ ଗୀତ ଗାଆନ୍ତି । ଅଙ୍ଗୁରୀୟ ପ୍ରଭୃତି ଆହୁରି ମଧ୍ୟ ଅନେକ ଦ୍ରବ୍ୟ ଆଣାଇ ହୋଇଅଛି । ସମୁଦାୟର ମୂଲ୍ୟ ୫୦୦୦୦ ଟଙ୍କା ।

ବରୋଦାର ଗୁଇକୁଅର ଦିଲ୍ଲୀ ଦରବାରକୁ ଯିବାରେ ଏକଲକ୍ଷଟଙ୍କା ରେଲଭଡା ଦେଇ ଅଛନ୍ତି । ସେ କେମନ୍ତ ସମ୍ଭ୍ରମରେ ସେଠାକୁ ଯାଇଅଛନ୍ତି ଏଥିରୁ ପାଠକମାନେ ଅନୁମାନ କରନ୍ତୁ ।

ହାଇଦରାବାଦର ନିଜାମ ଦିଲ୍ଲୀରେ ଟ ୮୦-୦୦୦୧ ଙ୍କାରେ ଏକ ବୃହତ୍ କୋଠି ଭଡା କରିଅଛନ୍ତି ତହିଁରେ ସ୍ଥାନ ତାହାଙ୍କର ନିର୍ବାହ ନ ହେବାରୁ ବସ୍ତ୍ରର ରାଉଟୀ ହତାମଧ୍ୟରେ ପକାଇଅଛନ୍ତି ।

ଶୁଣାଯାଏ ଯେ କାଶ୍ମିରର ମହାରାଜାଙ୍କ ରାଉଟୀ ସବୁଠାରୁ ଉତ୍କୃଷ୍ଟ ହୋଇଅଛି ରାଉଟୀଟି କେବଳ କାଶ୍ମିରୀ ଶାଲରେ ପ୍ରସ୍ତୁତ ହୋଇଅଛି ଓ ଖୁଣ୍ଟିସବୁ ରୂପାରେ ନିର୍ମିତ ଅଥବା ଗଢଣି ହୋଇଅଛି । ଗବର୍ଣ୍ଣର ଜେନରଲଙ୍କ ରାଉଟୀ ଏଥିରୁ ଦେଖିବାକୁ ସୁନ୍ଦର ହେଲେହେଁ ଏତେ ବହୁମୂଲ୍ୟର ନୁହଇ ।

ଡେଲିନ୍ୟୁସ ଜଣେ ପତ୍ରପ୍ରେରକଠାରୁ ଅବଗତ ହୋଇଅଛନ୍ତି ଯେ ଚଟ୍ଟଗ୍ରାମରେ ପ୍ରାୟ ପାଞ୍ଚ ହଜାର ଲୋକ ଓଲାଉଠାରୋଗରେ ମୃତ ହୋଇଅଛନ୍ତି । ଏ ରୋଗର ଚିକିତ୍ସା ନିମିତ୍ତ ଜଣ୨ ଅଥବା ଡାକ୍ତର ଉକ୍ତ ସ୍ଥାନକୁ ପ୍ରେରିତ ହୋଇଅଛନ୍ତି ।

ସୁଲଭସମାଚାର ଲେଖନ୍ତି କି ବଙ୍ଗଦେଶୀୟ ନବାବ ନାଜିମ ଇଂଲଣ୍ଡୀୟ ଗବର୍ଣ୍ଣମେଣ୍ଟ ନିକଟରେ ପ୍ରାର୍ଥନା କରିଥିଲେ କି ପାର୍ଲିମେଣ୍ଟର ସଭ୍ୟ ନିର୍ବାଚନ କରିବାରେ ସେ ମତଦେବାକୁ ଅଧିକାରୀ ହେବେ । ତାହାଙ୍କର ପ୍ରାର୍ଥନା ଗ୍ରାହ୍ୟ ହୋଇଅଛି ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ

ମହାଶୟ ! ନିମ୍ନଲିଖିତ କେତେକ ପଂକ୍ତିକୁ ଅନୁଗ୍ରହ ପୂର୍ବକ ଆପଣଙ୍କ ଉତ୍କଳଦୀପିକାରେ ଟିକିଏ ସ୍ଥାନଦାନ କରିବା ହେବେ ।

ଗତ ଡିସେମ୍ବରମାସ ତା ୭ ଋଖ ଗୁରୁବାର ଦିବସ ଦୁଇପ୍ରହର ସମୟରେ । ପ୍ର । କେମ୍ପାଇ । ମୌ । ଗୌରିହେଇପୁର ନିବାସୀ ଜଗମୋହନ ପୃଷ୍ଟି ଗୃହରେ ହଠାତ୍ ଅଗ୍ନି ଲାଗିଗଲା । ତହିଁ ତାହାର ମାଆ ଉକ୍ତ ଗୃହରେ ଥିବା ମାଲ୍ ସବୁକୁ ବାହାରକୁ ନେଇ ଆସିବା ମାନସରେ ସେ ଗୃହରେ ପ୍ରବେଶ ହେଲା । ସେଥି ମଧ୍ୟରୁ କେତେକ ମାଲ ନେଇ ବାହାରକୁ ଆସିବା ସମୟରେ ଉପରେ ଥିବା ଅନ୍ଦାଜ ମ ୧୦ହଣରୁ ଊର୍ଦ୍ଧ୍ୱ ଓଜନର ଘଣ୍ଡିକାଠ ଜ୍ୱଳନ୍ତା ଅଗ୍ନି ସହିତ ସେ ବୁଢୀ ଉପରେ ପତିତ ହେବାରୁ ଉକ୍ତ ବୁଢୀ ବାହାରକୁ ଆସି ନ ପାରି ସେ ଗୃହ ମଧ୍ୟରେ ପୋଡି ମରି ଯାଇଅଛି । ହେ ପରମେଶ୍ୱର ! ଆପଣ କି ତାହା ଲଲାଟପଟ୍ଟରେ ଏହି କ୍ଳେଶ ଭୋଗକରି ଜମାଲୟକୁ ଗମନ କରିବା ସକାଶ ଲେଖିବା ହୋଇଥିଲ । ଏପରି ଦୁଃଖରେ ପତିତ ହୋଇ ଚରଦିନ ସକାଶ ଲୋକାନ୍ତରକୁ ପ୍ରସ୍ଥାନ କରିବା ଅନ୍ୟପ୍ରକାରଠାରୁ ବିଶେଷ କଷ୍ଟ ଅଟେ । ଏ ଗ୍ରାମରେ ମଧ୍ୟ ଅନେକ ଗୃହ ଉପରଲିଖିତ ମତେ ଉତ୍ପନ୍ନ ନଷ୍ଟ ହୋଇଅଛି । ଇତି ।

ବଲ୍ଲଭସିଂହ ହାଟ
୨୦।୧୨।୬୬ } । ନ । ଶ୍ରୀଜଗବନ୍ଧୁ ମିଶ୍ର ।

ଶ୍ରୀ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖଣ୍ଡ ୧୨ଶ
୨ ସଂଖ୍ୟା
ତା ୧୩ ଋଖ ଜାନୁଏରୀ ସନ ୧୮୭୭ ମସିହା । ମୂ । ମାଘ ଦ୨ନ ସନ ୧୨୮୪ ସାଲ ଶନିବାର
ଅଗ୍ରିମ ବାର୍ଷିକମୂଲ୍ୟ ଟ୨୲୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୨୲୦
ମଫସଲପାଇଁ ଡାକମାସୁଲ ଟ୧୲୦

ଭାରତୀୟ ଯୋଗେ ସଂବାଦ ଆସିଅଛି ଯେ ମାନ୍ୟବର ଇଡନ ସାହେବ ଗତ ଶନିବାର ଏଲାହାବାଦଠାରେ ବଙ୍ଗଳା ଗବର୍ଣ୍ଣମେଣ୍ଟର ଭାର ଗ୍ରହଣ କରିଅଛନ୍ତି । ସର ରିଚର୍ଡ ଟେମ୍ପଲ କଲିକତାକୁ ଫେରି ନ ଆସି ଏଲାହାବାଦଠାରୁ ମାନ୍ଦ୍ରାଜର ଦୁର୍ଭିକ୍ଷ ପିଡ଼ିତ ସ୍ଥାନକୁ ଯାଉଅଛନ୍ତି । ସେଠାରେ ଦୁର୍ଭିକ୍ଷ ସାହାଯ୍ୟର ସମସ୍ତ ବନ୍ଦୋବସ୍ତ କରି ବମ୍ବେଇ ଗବର୍ଣ୍ଣମେଣ୍ଟର ଭାର ଗ୍ରହଣ କରିବେ । ଦୁର୍ଭିକ୍ଷ କାର୍ଯ୍ୟରେ ପ୍ରାୟ ଚଇମାସ ସେ ନିଯୁକ୍ତ ରହିବେ ଏମନ୍ତ ଅନୁମାନ ହୁଅଇ । ସର ରିଚର୍ଡଙ୍କ ସଙ୍ଗେ କଲିକତା ହାଇ ଷ୍ଟାଇଲ ପ୍ରାଇବେଟ ସେକ୍ରେଟରୀ ଓ ବର୍ନାର୍ଡ ସାହେବ ବିଶେଷ ସେକ୍ରେଟରୀ ପଦରେ ନିଯୁକ୍ତ ହୋଇ ଯାଉଅଛନ୍ତି । ସର ରିଚର୍ଡ କେତେ ସମୟ ଅମ୍ଭମାନଙ୍କୁ ପରିତ୍ୟାଗ କଲେ ମାତ୍ର ଉତ୍କଳ ଅମ୍ଭମାନଙ୍କୁ ପରିତ୍ୟାଗ କଲେ ମାନ୍ୟବର ଇଡନ ସାହେବଙ୍କ ଶୀଘ୍ର ପଦ ପ୍ରାପ୍ତିରେ ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ଅଟୁଁ ।

---

ଗଞ୍ଜାମବ୍ରହ୍ମପୁର ନଗରରେ ହୋଇଥିବା ଦରବାର ସଂବାଦ ଅମ୍ଭେମାନେ ପାଇଅଛୁଁ । ସେଠାରେ ଅନେକ ରଜା ଓ ଭଦ୍ରଲୋକମାନେ ସମବେତ ହୋଇଥିଲେ । ରଜାମାନଙ୍କ ବାଦ୍ୟ ସମେତ ନଗର ଭ୍ରମଣ କଲେ ନଗର କର୍ମମାନ ଯେଉଁ ନଗର ଦ୍ୱାରରେ ନଗର ହୋଇଥିଲା । ଅନ୍ୟାନ୍ୟ ସ୍ଥାନପରି ଦୁଇପ୍ରହର ସମୟରେ ସେଠାରେ ଦରବାର ହୋଇନାହିଁ । ସେଠାରେ ଯୋଡ଼ାଦୌଡ଼ ଓ କେବଳ ପ୍ରାତଃକାଳରେ ଅପରାହ୍ନ ୪ ଘଣ୍ଟା ସମୟରେ ଦରବାର ହୋଇଥିଲା । କଲେକ୍ଟର ସାହେବ ଦରବାରର ସଭାପତି ହୋଇଥିଲେ । ଦରବାର ଗୃହ ସୁନ୍ଦରରୂପେ ସୁସଜ୍ଜିତ ହୋଇଥିଲା ଓ ପ୍ରାୟ ୬୦୦ ଶ ଆମନ୍ତ୍ରିତ ବ୍ୟକ୍ତି ସେଠାରେ ବସିଥିଲେ । ଦରବାର ଗୃହ ଆଗରେ ପ୍ରାୟ ଏକ ଲକ୍ଷ ଦର୍ଶକ ଜମା ହୋଇଥିଲେ । ଦରବାରର କାର୍ଯ୍ୟ ଶେଷ ହେବା ପରେ ସନ୍ଧ୍ୟାରେ ଏକ ପ୍ରକାର ଓ ତାହା ଶେଷ ହେଉଁ ନୃତ୍ୟାଦି ହେଲା । ସେ ସମୟରୁ ରାତ୍ରି ଉଠିବା ପର୍ଯ୍ୟନ୍ତ ବହୁ ପ୍ରକାର ବାଣ ପୋଡ଼ା ହେଲା । ଦ୍ୱିତୀୟ ଦିନ ନର୍ତ୍ତକୀମାନଙ୍କ ନୃତ୍ୟ ହେଲା ତାହା ଦେଖିବାପାଇଁ ବହୁତ ଲୋକ ଏକତ୍ର ହୋଇଥିଲେ । ତା ୫ ରିଖ ପ୍ରାତଃକାଳରେ ପ୍ରାୟ ୮୦୦ ଦରିଦ୍ରଙ୍କୁ ଲୁଗା ପଇସା ଓ ଏକବେଳର ଆହାର ଦିଆଗଲା । ଏହିରୂପ ଦରବାର ଓ ତଦନୁଷଙ୍ଗିକ ଉତ୍ସବମାନ ଶେଷ ହେଲା ।

---

ବାବୁ ବୃନ୍ଦାବନଚନ୍ଦ୍ର ମଣ୍ଡଳ ସାମନ୍ତ ସ୍ୱର୍ଗୀୟ ଭାଇମହାଶୟଙ୍କ ପଦ ଗ୍ରହଣ ଉପଲକ୍ଷରେ ବାଲେଶ୍ୱର ନଗରରେ ଉପଯୁକ୍ତରୂପେ ଉତ୍ସବ କରିଥିଲେ । ବାଲେଶ୍ୱର ସମ୍ବାଦବାହିକାରେ ଉକ୍ତ ଉତ୍ସବର ବିସ୍ତାରିତ ବିବରଣ ଲେଖାଅଛି । ତହିଁରୁ ଅବଗତ ହେଲୁଁ ଯେ ବାଲେଶ୍ୱର ଥାନା ନିକଟରେ ଗୋଟିଏ ନବବର୍ଷ ଆରମ୍ଭ ଘର ପ୍ରସ୍ତୁତ ହୋଇଥିଲା । ନବବର୍ଷ ଆରମ୍ଭ ଥିବାରୁ ଅନ୍ୟ ପ୍ରାତଃକାଳରୁ ସେଠାରେ ବାଦ୍ୟ ଆରମ୍ଭ ହେଲା ଓ ନଗରବାସୀଙ୍କ ଗାଡ଼ି ଉଲ୍ଲାସ ପତାକା ଦୁଇପ୍ରହର ବେଳେ ବାବୁ ଆପଣା ବଳିଦ୍ରରେ ଏକଶତ ଏକ ସଲାମୀ ତୋପ ଫାଏର କରାଇଲେ ଓ ପ୍ରାୟ ଛଅଶହ କାଙ୍ଗାଳିଙ୍କୁ ଭୋଜନ ଦାନ କଲେ । ସନ୍ଧ୍ୟା ସମୟରେ ନଗରରେ ରୋଷନାଇ ହେଲା ଏବଂ ଉପଯୋଗରେ ଫୁଲ ଗଛ ଇତ୍ୟାଦି ଯୋଗ ହୋଇଥିଲା ଓ ଫୁଲ ଓ ପତ୍ର ମାଳ ହୋଇ ଶୋଭା ହୋଇଥିବାରୁ ଦେଖିବାକୁ ବଡ଼ ଶୋଭା ହୋଇଥିଲା ବନ୍ଧୁ ପତାକାମାନ ମଧ୍ୟ ସ୍ଥାନରେ ଶୋଭା ହୋଇ ଥିଲା । ରାତ୍ର ଘ ୧ ଘଣ୍ଟା ଉତ୍ତାରୁ ଥାନା ପଟରେ କମ୍ପାନୀରେ ଅନାର ବାଦେଲୀ ପଟ୍ଟାକା ଇତ୍ୟାଦି ବାଣ ପୋଡ଼ାଗଲା ଓ ସେ ସମୟରେ ଏକଦଳ ମୁସଲମାନ ତରବାରୀ ଖେଳିବାକୁ ଆରମ୍ଭ କଲେ । ଏଥର ଥାନା ନିକଟସ୍ଥ ହାଟରେ ସମସ୍ତଙ୍କ ଯାତ୍ରା ହୋଇଥିବାରୁ ଲୋକଙ୍କର ବିଶେଷ ଆମୋଦ ହୋଇଥିଲା । ଏହିରୂପେ ବାବୁ ଆପଣା ବ୍ୟୟରେ ବାଲେଶ୍ୱର ନଗରବାସୀମାନଙ୍କୁ ଏ ଉତ୍ସବ କାଳରେ ଆନନ୍ଦ କରାଇଅଛନ୍ତି ଏବଂ ଏଥିରେ ତାହାଙ୍କର ପ୍ରାୟ ଟ ୬୦୦୲ ଟା ବ୍ୟୟ ହୋଇଅଛି । ବୃନ୍ଦାବନ ବାବୁଙ୍କର ଉପରଲିଖିତ କାର୍ଯ୍ୟମାନ ଅତ୍ୟନ୍ତ ପ୍ରଶଂସନୀୟ ଅଟଇ ସନ୍ଦେହ ନାହିଁ ଓ ଅମ୍ଭେମାନେ ଭରସା କରୁଁ ଯେ ବାବୁଙ୍କର ଏପ୍ରକାର ରାଜଭକ୍ତି ପ୍ରଦର୍ଶନ କାର୍ଯ୍ୟକୁ ଗବର୍ଣ୍ଣମେଣ୍ଟ ଶୀଘ୍ର ବିବେଚନା

Split by PDF Splitter
Digitized by srujanika@gmail.com

ସ୍ୱୀକାର କରିବେ । ବାବୁଙ୍କର କି ଦୋଷ ଥିଲା ଯେ ସେ ଖଣ୍ଡିଏ ପ୍ରଶଂସାପତ୍ର ପାଇଲେ ନାହିଁ ଆମ୍ଭେମାନେ ସ୍ଥିର କରି ପାରୁ ନାହୁଁ । ଏଥିରୁ କେବଳ ଏତିକି ପ୍ରକାଶ ପାଉଅଛି ଯେ ସ୍ଥାନୀୟ ହାକିମମାନେ ଆପଣା ଅଧିକାରସ୍ଥ ଲୋକଙ୍କ ମନ ଚିହ୍ନିବାକୁ କିଛିମାତ୍ର ଯତ୍ନ କରନ୍ତି ନାହିଁ ଓ ତାହା କାରଣରେ କଣକୁ ବଡ଼ ଓ କଣକୁ ଶ୍ରେଷ୍ଠ କରି ଲୋକଙ୍କ ମନରେ ଦୁଃଖର ସଞ୍ଚାର କରନ୍ତି ।

———

ପୁରୀରାଜାଙ୍କୁ ନେଇ ଏ ବର୍ଷ ଦରବାରରେ ଗୋଟିଏ ଅପୂର୍ବ କାଣ୍ଡ ହୋଇଗଲା । ରାଜା ଦରବାରକୁ ଆସି ଯେମନ୍ତ ବଦ୍ୟା ଦେଖାଇ ଯାଇଥିଲେ ତାହା ଆମ୍ଭେମାନେ ଗତସପ୍ତାହରେ କହିଅଛୁଁ । ସେହି ଅପମାନ ହେତୁରୁ ହେଉ ବା ସ୍ୱାଭାବିକ ମୂର୍ଖପଣିଆରୁ ହେଉ ରାଜା କମିଶନର ସାହେବଙ୍କ ଠାରୁ ବିଦାୟ ନ ହୋଇ ଚଞ୍ଚଳ ପୁରୀକୁ ବାହୁଡ଼ି ଗଲେ ଯେପରି କି ତାହାଙ୍କ ବିନା ପୁରୀର କାର୍ଯ୍ୟ ଦଣ୍ଡେ ଚଳିପାରୁ ନ ଥିଲା । ଯେତେବେଳେ ରାଜା ଓ ଉତ୍କଳିକଙ୍କର ପଦ ପାଇବାର ସମ୍ବାଦ ଆସିଲା ସେତେବେଳେ କମିଶନର ତାହାଙ୍କ ଖୋଜ ନ ପାଇ ଫେରାଇ ଆଣିବାପାଇଁ ତାର ପଠାଇଲେ ମାତ୍ର ଦେବସ୍ୱଜ ତାହା ଶୁଣିଲେ ନାହିଁ । ପୁରୀରେ ପହଞ୍ଚି ବୋଧ ହୁଏ ଠାକୁର ସଙ୍ଗେ ପରାମର୍ଶ କରି ପୁନର୍ବାର କଟକକୁ ଆସି କମିଶନର ସାହେବଙ୍କ ସାକ୍ଷାତ ଲୋଡ଼ିଲେ ମାତ୍ର ପ୍ରତ୍ୟୁତ୍ତର ପାଇଲେ ଯେ ଅଗ୍ରେ ମାନ୍ୟବର ମାନଙ୍କଠାରେ କ୍ଷମା ପ୍ରାର୍ଥନା କରିବେ ଓ ସେମାନଙ୍କ ସାକ୍ଷାତରେ କମିଶନର ସାହେବଙ୍କ ନିକଟରେ ଅପରାଧ ସ୍ୱୀକାର କରି ମୃଦୁ ବାକ୍ୟଦ୍ୱାରା ତୁଷ୍ଟ କଲେ ତାହାଙ୍କର ଦୋଷ ମାର୍ଜନା ହେବ । ସେତେବେଳେ ଦେବରାଜ ଜାଣିପାରିଲେ ଯେ ସେ ମର୍ତ୍ତ୍ୟଭୂମିରେ ଅଛନ୍ତି ସୁତରାଂ ଏଠାରେ ଦେବତ୍ୱ ଖଟିବ ନାହିଁ କେବଳ ମନୁଷ୍ୟତାର ପ୍ରୟୋଜନ । ଏହି ଜ୍ଞାନବଳରେ ସେ ଆପଣା ଶ୍ରେଷ୍ଠତ୍ୱର ଅହଙ୍କାରକୁ ତ୍ୟାଗ କରି ଗତ ବୁଧବାର କମିଶନର ସାହେବଙ୍କ କୋଠିରେ ଢେଙ୍କାନାଳ ମୟୂରଭଞ୍ଜ ଓ କେନ୍ଦୁଝର ମହାରାଜାଙ୍କ ନିକଟରୁ କ୍ଷମା ପ୍ରାପ୍ତ ହୋଇ ସେମାନଙ୍କ ସହିତରେ କମିଶନରଙ୍କ ଦର୍ଶନ ଲାଭ କଲେ । ଏ ଉତ୍ତାରୁ ତାହାଙ୍କର ମୁକ୍ତି ହେଲା ବୋଲିବା ଅନାବଶ୍ୟକ । ମହାରାଜା ପଦ ପାଇବାର ସମ୍ବାଦ ଶୁଣି ଆନନ୍ଦଚିତ୍ତରେ ତହିଁ ଅରୁଦବ ପୁରୀକୁ ଚାଲିଗଲେ । ପଦ ପାଇଲେ ହେଁ ଏହାଙ୍କୁ ପୁରୀର ମହାରାଜା ବୋଲାଯାଇ ନ ପାରେ କାରଣ ସେ ପଦବୀ ଚିରସ୍ଥାୟୀ ନୁହେଁ କେବଳ ତାହାଙ୍କୁ ମିଳିଅଛି । ଯାହା ହେଉ ଆମ୍ଭେମାନେ କମିଶନରଙ୍କର ଏକାର୍ଯ୍ୟରେ ବଡ଼ ସନ୍ତୁଷ୍ଟ ହୋଇଅଛୁଁ । ଦେବରାଜଙ୍କର ପେଟକୁ ଛୁଟାଇବା ବଡ଼ କଷ୍ଟ କଥା ଥିଲା ଓ ଏପରି ଘଟନା ହୋଇ ନ ଥିଲେ ଦବ୍ୟସିଂହଙ୍କର ଦବଂଛାନ ପାୟ ହୁଅନ୍ତା ନାହିଁ । ଆମ୍ଭେମାନେ ଭରସା କରୁଁ ଯେ ଏଥର ତାହାଙ୍କୁ ଯେ ଶିକ୍ଷା ମିଳିଲା ତାହା କଦାଚ ପାସୋରିବେ ନାହିଁ ଓ ଗବର୍ଣ୍ଣମେଣ୍ଟ ଯେମନ୍ତ ପ୍ରସନ୍ନ ହୋଇ ତାହାଙ୍କୁ ମହାରାଜା ପଦ ଦେଇଅଛନ୍ତି ସେମନ୍ତ ସେ ତହିଁର ଯୋଗ୍ୟ ହୋଇ ଦୀର୍ଘକାଳ ତାହା ଭୋଗ କରିବେ ଓ ଆମ୍ଭେମାନେ ସର୍ବଦା ତାହାଙ୍କର ସୁଖ୍ୟାତି ଜନସମାଜରେ ପ୍ରକାଶ କରିବାକୁ ସମର୍ଥ ହେବୁଁ ।

———

ଦିଲ୍ଲୀଦରବାରର ସମ୍ବାଦ ଜାଣିବାକୁ ସମସ୍ତଙ୍କର ଅତ୍ୟନ୍ତ ଆଗ୍ରହ ମାତ୍ର ଏ ପତ୍ରିକାରେ ସେସବୁ ବର୍ଣ୍ଣନ କରିବାର ସ୍ଥାନ ନାହିଁ ସୁତରାଂ ଭାରତୀୟ ଯୋଗେ ଯାହା ସମ୍ବାଦ ଆସିଅଛି ତାହା ଏଠାରେ ପ୍ରକାଶ କଲୁଁ । ବିସ୍ତାରିତ ସମ୍ବାଦ ଅଭରକ୍ତ ଇଣ୍ଡିଆ ଗେଜେଟରେ ପ୍ରକାଶ ହୋଇଅଛି ।

ରାଜପ୍ରତିନିଧିଙ୍କ ତେମ୍ବୁର ଉତ୍ତମାଇଲ ଅନ୍ତର ଏକ ପଡ଼ିଆରେ ଦରବାରଗୃହ ନିର୍ମାଣ ହୋଇଥିଲା ସେ ଘରର ଶୋଭା ବର୍ଣ୍ଣନାତୀତ । ରାଜପ୍ରତିନିଧିଙ୍କ ସିଂହାସନର ସମ୍ମୁଖରେ ଅର୍ଦ୍ଧଗୋଲାକାର ସ୍ଥାନ ପ୍ରସ୍ତୁତ ହୋଇଥିଲା ଯେ ସେଠାରେ ମାନ୍ଦ୍ରାଜ ଓ ବମ୍ବେଇର ଗବର୍ଣ୍ଣର ବଙ୍ଗଳା ଓ ଉତ୍ତରପଶ୍ଚିମର ଲେପ୍ଟେନେଣ୍ଟଗବର୍ଣ୍ଣର ଏବଂ କମାଣ୍ଡର ଇନ-ଚିଫ ଓ ଆପଣାର ଅନୁଚର ବର୍ଗସହିତ ବସିଥିଲେ ଏବଂ ଗବର୍ଣ୍ଣମେଣ୍ଟ ଉଚ୍ଚ କର୍ମଚାରୀ ଓ ପ୍ରଧାନ ରାଜାମାନେ ଆପଣା ଆପଣା ଅନୁସାରେ ସେହି ସ୍ଥାନରେ ବସିଥିଲେ । ଜ ୬୩ ଣ ପ୍ରଧାନ ରାଜା ଉପସ୍ଥିତ ଥିଲେ ଏମାନଙ୍କର ନାନାବର୍ଣ୍ଣର ପରିଛଦ ଅତ୍ୟନ୍ତ ନିର୍ମଳ ଓ ସେ ରଙ୍ଗୀୟ ହୋଇଥିଲା । ସିଂହାସନର ପାର୍ଶ୍ୱରେ ଭିନ୍ନ ରାଜ୍ୟର ରାଜଦୂତ ଏବଂ କନସଲ ଅର୍ଥାତ୍ ଉକୀଲମାନେ ବସିଥିଲେ । ତହିଁ ସଙ୍ଗେ ଅନେକ ସଂଖ୍ୟକ ଦେଶୀୟ ଲୋକେ ବସିଥିଲେ ଏଥିଉତ୍ତାରୁ ଆମନ୍ତ୍ରିତ ଦର୍ଶକମାନେ ନାନାସ୍ଥାନରେ ଏକମେଳ ହୋଇ ବସି ଦରବାର ଘରକୁ ପୂର୍ଣ୍ଣ କରିଥିଲେ ବାଡ଼ ଚାରିପାଖରେ ଅନ୍ୟ ଦର୍ଶକ ଅନେକ ଜମା ହୋଇଥିଲେ । ଦରବାରର ଦକ୍ଷିଣରେ ସମସ୍ତପ୍ରକାର ସେନା ସୁସଜ୍ଜିତ ହୋଇ ଛିଡ଼ା ହୋଇଥିଲେ ଏହାଙ୍କ ସଂଖ୍ୟା ୧୫୦୦୦ ରୁ ଅଧିକ ହେବ । ଉତ୍ତରଭାଗରେ ଦେଶୀୟ ରାଜା ଓ ସରଦାରମାନଙ୍କର ସୈନ୍ୟ ଥିଲେ ଓ ସମଭିବ୍ୟାହାରୀ ଲୋକମାନେ ଅବସ୍ଥିତ କରିଥିଲେ ଏବଂ ରାଜପ୍ରତିନିଧିଙ୍କ ସିଂହାସନର ଦୁଇ ପାର୍ଶ୍ୱ ଏବଂ ଦରବାର ଘରକୁ ପ୍ରବେଶ କରିବାର ବାଟ ସମସ୍ତରେ ମାନ୍ୟସୂଚକ ପ୍ରହରୀମାନେ ଛିଡ଼ା ହୋଇଥିଲେ । ରାଜପ୍ରତିନିଧି ସାହେବ ଠିକ ଦିନ ଦୁଇପ୍ରହର ସମୟରେ ପହଞ୍ଚିଲେ । ତୋପ ସଲାମୀ ହେଲା ନାହିଁ । ଗାଡ଼ିରୁ ଓହ୍ଲାଇ ସିଂହାସନ ଦଗକୁ ଗମନ କଲେ ଓ ସମ୍ମୁଖରେ ବଗର ବାଜିଲା । ସଭାସ୍ଥ ଲୋକ ସମସ୍ତେ ଛିଡ଼ା ହେଲେ । ରାଜପ୍ରତିନିଧି ସାହେବ ସିଂହାସନରେ ବସିଲାରୁ ପଲଟନର ବାଜା ବାଜିଲା । ତହିଁ ଉତ୍ତାରୁ କଇସରେହିନ୍ଦ ଉପାଧି ଗ୍ରହଣର ଘୋଷଣାପତ୍ର ଇଂରାଜୀ ଓ ଉର୍ଦ୍ଦୁରେ ପାଠ ହେଲା । ଏକଶତ ଏକ ତୋପ ସଲାମୀ ଫାୟର ହେଲା ଓ ସୈନ୍ୟମାନଙ୍କର ବନ୍ଧୁକର ଶବ୍ଦରେ ଗଗନ ପୂର୍ଣ୍ଣ ହେଲା । ସମସ୍ତ ପଲଟନର ବାଦ୍ୟକାରମାନେ ଏକାବେଳେକେ ବାଜା ବଜାଇଲେ ଏ ଉତ୍ତାରୁ ରାଜପ୍ରତିନିଧି ସାହେବ ବକ୍ତୃତା ପାଠ କଲେ ଓ ଆଉ ଥରେ ବାଜା ବାଜି ସଭା ଭଙ୍ଗ ହେଲା । ଏ ଦରବାର ଶୋଭା ଏମନ୍ତ ହୋଇଥିଲା ଯେ ସେପରି ଆଉ କେବେ ଦେଖାଯାଇ ନାହିଁ । ସମୁଦାୟ ପଦସ୍ଥାନ ମନୁଷ୍ୟଂରେ ପୂର୍ଣ୍ଣ ହୋଇଥିଲା ଓ ଘୋଡ଼ା ହାତୀ ଗାଡ଼ି ପାଲିକି ଇତ୍ୟାଦି ଅସଂଖ୍ୟ ଏକତ୍ରିତ ହୋଇଥିଲା ରାଜପ୍ରତିନିଧି ସାହେବ ଯେଉଁ ବକ୍ତୃତା କଲେ ତାହା ଏକକାଳୀନ ଦରବାର ବକ୍ତୃତା ସହିତ ଅନେକ ଅଂଶରେ ଐକ୍ୟ ଅଛି ଓ ବକ୍ତୃତା ଶେଷରେ ଶ୍ରୀମତୀ ମହାରାଣୀଙ୍କଠାରୁ ସେହିଦିନ ଆସିଥିବା ତାରଡାକ ସମ୍ବାଦ ପଠିତ ହେଲା ପାଠକଙ୍କ ଗୋଚରାର୍ଥେ ତହିଁର ଅବିକଳ ଅନୁବାଦ ଏଠାରେ ପ୍ରକାଶିତ ହେଲା ।

"ଆମ୍ଭେ ଆମ୍ଭର ପ୍ରତିନିଧି ଗବର୍ଣ୍ଣର ଜେନେରଲଙ୍କଦ୍ୱାରା ଦିଲ୍ଲୀରେ ସମବେତ ଆମ୍ଭର ସମସ୍ତ ସିଭିଲ ଓ ସୈନିକ କର୍ମଚାରୀ, ଭାରତବର୍ଷୀୟ ସମସ୍ତ ରାଜା ଓ ସର୍ଦ୍ଦାରଗଣ ଏବଂ ପ୍ରଜାବର୍ଗଙ୍କୁ

Split by PDF Splitter
Digitized by srujanika@gmail.com

ଆମ୍ଭର ଅଭିନନ୍ଦନ, ସେମାନଙ୍କପ୍ରତି ଆମ୍ଭର ଆନ୍ତରିକ ଦୟାର ସ୍ନେହ, ଓ ଶୁଭେଚ୍ଛା ଅବଗତ କରୁଅଛୁଁ । ଆମ୍ଭର ପୁତ୍ର ଭାରତବର୍ଷକୁ ଯିବା ସମୟରେ ଆମ୍ଭର ଭାରତବର୍ଷୀୟ ପ୍ରଜାମାନେ ତାହାଙ୍କପ୍ରତି ଯେ ସମୁଚିତ ସମାଦର ଓ ସମ୍ମାନ ପ୍ରଦର୍ଶନ କରିଥିଲେ, ତହିଁରେ ଆମ୍ଭର ବଂଶ ଓ ଆମ୍ଭର ସିଂହାସନପ୍ରତି ସେମାନଙ୍କର ଆନ୍ତରିକ ଅନୁରାଗ ଓ ରାଜଭକ୍ତି ପ୍ରକାଶ ପାଇଅଛି । ଆମ୍ଭେ ସେମାନଙ୍କର ସେହି ଭଲ ପାଇବା ଓ ଭକ୍ତି ଦେଖି ପରମ ଆହ୍ଲାଦ ପ୍ରାପ୍ତ ହେଉଁ । ଆମ୍ଭେ ବିଶ୍ୱାସ କରୁଁ ବର୍ତ୍ତମାନ ଘଟନାରେ ସେମାନେ ସେହି ଅନୁରାଗ ରଖି ଆମ୍ଭ ସହିତ ସେମାନଙ୍କର ଆହୁରି ଘନିଷ୍ଠ ଓ ଦୃଢ଼ରୂପେ ଆବଦ୍ଧ କରିବେ । ଆମ୍ଭର ରାଜ୍ୟ ଶାସନରେ ସ୍ୱାଧୀନତା, ନ୍ୟାୟପରତା ଓ ସୁବିଚାର ବିରାଜିତ ହେବ; ଏବଂ ପ୍ରଜାସମୂହର ସୁଖ ସ୍ୱାଚ୍ଛନ୍ଦ୍ୟ ଓ ମଙ୍ଗଳ ସମ୍ବର୍ଦ୍ଧନ ଏକମାତ୍ର ଲକ୍ଷ ହେବ ।"

ଏ ଶୁଭଘଟନାର ସ୍ମରଣାର୍ଥେ ୧୬୧୮ ଜଣ ଅପରାଧୀ ଯେ ଯାହାଙ୍କର ଚରିତ୍ର ଜେଲଖାନାରେ ଭଲ ଥିଲା କାରାବାସ ଦଣ୍ଡରୁ ମୁକ୍ତ ପାଇଲେ ଓ ଏତଦ୍ଭିନ୍ନ ୫୦ଙ୍କାର ନ୍ୟୁନ ଦେଣ ସକାଶେ ଯେତେ ଲୋକ ଦେବାନୀ ଜେଲରେ ଥିଲେ ସେମାନେ ମୁକ୍ତ ପାଇଲେ ଗବର୍ଣ୍ଣମେଣ୍ଟ ତାହାଙ୍କ ଦେଣ ପରିଶୋଧ କରିବେ । ଅନେକ ଦେଶୀୟ ଭଦ୍ରଲୋକ ଉପାଧି ଓ ଅନ୍ୟ ମର୍ଯ୍ୟାଦା ଦାନ ପାଇଲେ । ଓଡ଼ିଶାରେ ଯେଉଁମାନେ ଉପାଧି ପାଇଅଛନ୍ତି ତାହାଙ୍କ ନାମ ଗତ ସପ୍ତାହରେ ଲେଖିଥିଲୁଁ ଅଧିକା ଏତିକି ଯେ ପୁରୀର ରାଜା ମହାରାଜା ପଦ ପାଇଅଛନ୍ତି ।

---

ଗତ ସପ୍ତାହରେ ଆମ୍ଭେମାନେ ଚଳିତ ମାସ ତା ୩ ରଖ ବୁଧବାର ପର୍ଯ୍ୟନ୍ତ ଉତ୍ସବ କାର୍ଯ୍ୟର ବିବରଣ ଲେଖିଅଛୁଁ । ବୁଧବାର ଦିନ ଯେଉଁମାନେ ଦୌଡ଼ିବା ଇତ୍ୟାଦି କ୍ରୀଡ଼ାରେ ପାରିତୋଷିକ ପାଇଲେ ସେମାନଙ୍କର ନାମ ଓ ଯେ ଯେତେ ଟଙ୍କା ପାଇଲେ ସ୍କୁଲନ୍ସରେ ପ୍ରକାଶିତ ହେଲା । ପାଠକମାନେ ଦେଖିବେ ଯେ ମିଶନ ସ୍କୁଲର ଛାତ୍ରମାନେ ଅଧିକ ପାରିତୋଷିକ ପାଇଅଛନ୍ତି ଓ ଏଥିରୁ ଏମନ୍ତ ବୋଧ ହୁଏ ନାହିଁ ଯେ ଅନ୍ୟ ସ୍କୁଲଗୁଡ଼ିକର ପିଲାମାନେ ଦୌଡ଼ାଦୌଡ଼ିରେ ଅତ୍ୟନ୍ତ ଅପାରଗ କାରଣ ସେରୂପ ହେବାର କୌଣସି କାରଣ ନାହିଁ ତେବେ ଏହି ଅନୁମାନ ହୁଏ ଯେ ଅନ୍ୟ ସ୍କୁଲର ପିଲାମାନେ ଦୌଡ଼ାଦୌଡ଼ିରେ ପାରିତୋଷିକ ପାଇବା ସକାଶେ ଆଗ୍ରହୀ ହୋଇ ନାହାନ୍ତି ଓ କେତେକ ଅଂଶରେ ଏପରି କରିବାକୁ ମାନହାନି ଜ୍ଞାନ କରିଥିବେ । ଯେବେ ସେପରି ହୋଇଥାଏ ତେବେ ଦୁଃଖର ବିଷୟ ଅଟଇ କାରଣ ଏଥିର ଭବିଷ୍ୟତ୍ ବାବୁଗିରିର ବିଲକ୍ଷଣ ଚିହ୍ନ ପାଇଯାଉଅଛି ।

ତା ୪ ରଖ ଗୁରୁବାର—ଏଦିନ କମିଶନର ସାହେବ କେବଳ ଇଉରୋପୀୟ ଭଦ୍ରଲୋକଙ୍କ ସହିତ ଦିନବେଳେ ଆପଣା କୋଠିରେ ସାକ୍ଷାତ୍ କରିଥିଲେ । ଆଉ କିଛି ଉତ୍ସବ କାର୍ଯ୍ୟ ହୋଇ ନାହିଁ । ଦେଶୀୟ ଲୋକମାନେ କୌଣସି ଉତ୍ସବ କାର୍ଯ୍ୟ କରି ନାହାନ୍ତି ।

ତା ୫ ରଖ ଶୁକ୍ରବାର—ଦିନ ଦ୍ୱିପ୍ରହର ସମୟରେ କମିଶ୍ନର ସାହେବ ଆପଣା କୋଠିରେ ଦେଶୀୟ ଭଦ୍ରଲୋକଙ୍କ ସହିତ ସାକ୍ଷାତ୍ କଲେ । ରାଜା ଜମିଦାର ସରକାରୀ ଚାକର ଏବଂ ଅନ୍ୟ ଭଦ୍ରଲୋକଙ୍କ ସଂଖ୍ୟା ଦୁଇଶତରୁ ଅଧିକ ହେବାର ଜଣାଯାଏ । ଏ କାର୍ଯ୍ୟ ଅପରାହ୍ଣ ଘ ୨ ଘଣ୍ଟା ପର୍ଯ୍ୟନ୍ତ ଲାଗିଥିଲା । ଏଦିନ କମିଶ୍ନର ସାହେବ ଅତ୍ୟନ୍ତ ପ୍ରେମରେ ସମସ୍ତଙ୍କ ସହିତ କଥାବାର୍ତ୍ତା କରିଥିଲେ ଓ ଯାହାକୁ ଯେମନ୍ତ ସମାଦର କରିଅଛନ୍ତି ।

ଏଦିନ ରାତ୍ର ଘ ୯ ଘଣ୍ଟା ସମୟରେ ଦରବାର ଗୃହରେ ଦେଶୀୟ ମଜଲିସ ହୋଇଥିଲା ଓ ଦରବାର ଦେଖିବାକୁ ଯେତେ ଲୋକ ଯାଇଥିଲେ ତହିଁରୁ ଅଧିକଲୋକ ଏମଜଲିସରେ ସମବେତ ହୋଇଥିଲେ । ମଜଲିସଟି ଦେଶୀୟ ପ୍ରଥାରେ ସୁସଜ୍ଜିତ ଓ ଶୋଭନୀୟ ହୋଇଥିଲା ଓ ତାହା ଦେଖିବାକୁ ଏମନ୍ତ ସୁନ୍ଦର ହୋଇଥିଲା ଯେ ଯେଉଁମାନେ ଦେଖିଅଛନ୍ତି ସେମାନଙ୍କ ମନରୁ ପାସୋର ଯିବ ନାହିଁ । ଦରବାର ଦିନ ଯେଉଁଠାରେ କମିଶ୍ନର ସାହେବ ଓ ବଳଗୀ ବାବୁମାନେ ବସିଥିଲେ ସେହିଠାରେ ଇଂରାଜମାନଙ୍କ ବୈଠକ ହୋଇଥିଲା ଓ ତହିଁର ଦକ୍ଷିଣ ପାର୍ଶ୍ୱରେ ରାଜାମାନଙ୍କର ମସନଦ ପଡ଼ିଥିଲା ଓ ବାମପାର୍ଶ୍ୱରେ ଜମିଦାର ଓ ଅପର ଭଦ୍ରଲୋକମାନେ ଦଳିଣାରେ ବସିଥିଲେ । ମଧ୍ୟରେ ନାଚ ହେଉଥିଲା । କଲିକତା ଓ ଗଞ୍ଜାମରୁ ବାଇନାଚ ଆସିଥିଲା ଓ ଏ ନଗରର ଭଲସଙ୍ଗୀତ ଜାଣିଥିବା ବାଇମାନେ ଏପରି ବେହେଲବାଲା ଗୋଷ୍ଠପୋ ପ୍ରଭୃତି ନାଚ କରିବାକୁ ଯାଇଥିଲେ ଦଶସୁଦ୍ଧା ଆଠପଣ୍ଡା ନାଚ ସେଠାରେ ଉପସ୍ଥିତ ଥିଲେ ଓ ଯଦ୍ୟପିଚ ଦୂର ଛନ୍ଦପଙ୍କ୍ତି ଏକାବେଳକେ ନାଚୁଥିବାରୁ ସଙ୍ଗୀତ ପ୍ରିୟ ଲୋକଙ୍କର ବଡ଼ ତୃପ୍ତି ହୋଇ ନାହିଁ ତଥାପି ମୋଟରେ ମଜଲିସର ଶୋଭା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଥିଲେ ଓ ସମସ୍ତଙ୍କ ମନରେ ଆନନ୍ଦର ସଞ୍ଚାର ହୋଇଥିଲା । ଇଂରାଜମାନେ କଲିକତା ଓ ଗଞ୍ଜାମର ବାଇଙ୍କ ନାଚରେ ବଡ଼ ସୁଖଭୋଗ କରିଥିଲେ । ଏସଭାର ପ୍ରଧାନ ସୁଖ ଏହିଲାଭ ହୋଇଥିଲା ଯେ ଇଂରାଜ ଉଚ୍ଚକର୍ମଚାରୀମାନେ ଆପଣା ପଦର କିଛି ମାତ୍ର ଅଭିମାନ ନ କରି ରାଜା ଓ ଜମିଦାର ଓ ଭଦ୍ରଲୋକଙ୍କ ସହିତ ଭ୍ରାତୃଭାବରେ ମେଳମେଳ ଓ ଆମୋଦ ପ୍ରମୋଦରେ ମତ୍ତ ହେଲେ । ମଜଲିସର ବନ୍ଦୋବସ୍ତ ଯେମନ୍ତ ଉତ୍ତମ ହୋଇବାରେ ତାହା ହୋଇଥିଲା । ମଜଲିସ ଘର ଚତୁର୍ଦ୍ଦିଗ ପରିଧାରେ ବହୁତ ଆଲୋକ ଦିଆ ଯାଇଥିଲା ଓ ସ୍ଥାନେ ସ୍ଥାନେ ପୃଥକ ରାଉଟିମାନ ଟଣା ହୋଇ କେଉଁଠାରେ ଇଂରାଜଙ୍କର କେଉଁଠାରେ ହିନ୍ଦୁ ଓ କେଉଁଠାରେ ମୁସଲମାନଙ୍କର ଜଳପାନ କରିବାର ଉଚିତ ଆୟୋଜନ ହୋଇଥିଲା ଅର୍ଥାତ୍ ଇଂରାଜଙ୍କ ସକାଶେ ମଦ୍ୟ ମାଂସ ଓ ଦେଶୀୟ ହିନ୍ଦୁ ଓ ମୁସଲମାନଙ୍କ ସକାଶେ ପୁରୀ ମିଠାଇ ଇତ୍ୟାଦି ଆହାରୀୟ ଦ୍ରବ୍ୟ ପ୍ରସ୍ତୁତ ହୋଇଥିଲା ଓ ଯାହାର ଯାହା ଇଚ୍ଛା ସେ ତାହା ଅନାୟାସରେ ପାଉଥିଲା । ମଜଲିସର ସମସ୍ତ ବିବରଣ ବର୍ଣ୍ଣନା କଲେ ପ୍ରସ୍ତାବ ଅତ୍ୟନ୍ତ ଦୀର୍ଘ ହେବ ସୁତରାଂ ତହିଁରୁ କ୍ଷାନ୍ତ ହେଲୁଁ । ସଂକ୍ଷେପରେ ଏହି ବୋଲିବା ଯଥେଷ୍ଟ ଯେ ଏପରି ମଜଲିସ କସ୍ମିନ୍ କାଳେ ଦେଖାଯାଇ ନାହିଁ ଓ ଏହାକୁ ରଚନାକରି ଅସ୍ମଦ୍ଦେଶୀୟମାନେ ଯେମନ୍ତ ରାଜଭକ୍ତି ପ୍ରଦର୍ଶନ କରିଅଛନ୍ତି ଏମନ୍ତ ଆଉ କୌଣସି ଜିଲ୍ଲାର ଲୋକ କରିଅଛନ୍ତି କି ନା ସନ୍ଦେହ । ଯେଉଁମାନେ ଏ ମଜଲିସ ଦେଖିବାରୁ ବଞ୍ଚିତ ହୋଇଅଛନ୍ତି ସେମାନଙ୍କ ଭାଗ୍ୟରେ ଯେ ଶୀଘ୍ର ଏପରି ଶୋଭା ଦର୍ଶନ କରିବାର ଘଟିବ ଏହା ଆମ୍ଭେମାନେ ବୋଲିବାକୁ ସମର୍ଥ ନୋହୁଁ । ଯେଉଁମାନେ ମଜଲିସରେ ଉପସ୍ଥିତ ଥିଲେ ସେମାନେ ଏମନ୍ତ ମୋହିତ ହେଲେ ଯେ ତହିଁ ଅରଦିନ ଅଉଥରେ ସେହିପରି ମଜଲିସ କରିବାକୁ ବ୍ୟସ୍ତ ହେଲେ । ରାତ୍ର ଦୁଇପ୍ରହର ଦୁଇଘଣ୍ଟା ସମୟରେ ମଜଲିସ ଭାଙ୍ଗିଲା ।

ତା ୬ ରଖ ଶନିବାର-ପ୍ରାତଃକାଳ ଘ ୭ ଘଣ୍ଟାଠାରୁ ଘଣ୍ଟା ପର୍ଯ୍ୟନ୍ତ ଓଡ଼ିଆଗଞ୍ଜପଡ଼ିଆରେ

Split by PDF Splitter
Digitized by srujanika@gmail.com

Split by PDF Splitter



ଘୋଡ଼ାଦୌଡ଼ କ୍ରୀଡ଼ା ହେଲା । ଏହା ଦେଖିବା ନିମନ୍ତେ ଅନେକଲୋକ ଏକତ୍ରିତ ହୋଇଥିଲେ ଓ କୌଣସି ଦୁର୍ଘଟଣା ବିନା ଏ କ୍ରୀଡ଼ାଟି ଶେଷ ହେଲା । ଘୋଡ଼ାଦୌଡ଼ ଏଠାରେ ନୂତନ କଥା ନୁହଇ । ସୁତରାଂ ଏଥିର ବାହୁଲ୍ୟ ବିବରଣ ଲେଖିବା ଅନାବଶ୍ୟକ । ଯାହାର ଘୋଡ଼ା ଯେତେ ବାଜୀ ଜିଣିଲା ତାହା ସ୍ଥାନାନ୍ତରରେ ପ୍ରକଟିତ ହେଲା । ପାଠକମାନେ ତହିଁରୁ ଦେଖିବେ ଯେ ରାଜା ଅବଦୁଲ୍ ରହମାନ୍ ଖାଁ, ଶ୍ରୀଯୁକ୍ତ ଷ୍ଟୋନ୍‌କମ୍ପାନୀ ଏବଂ ଏଷ୍ଟାର୍ଟ ସାହେବ ଘୋଡ଼ଦୌଡ଼ରେ ରୂପାର ବାସନ ବାଜୀ ଲଗାଇ ଅତି ବଦାନ୍ୟତା ପ୍ରକାଶ କରିଅଛନ୍ତି ଓ ତତ୍ପାଇଁ ପ୍ରଶଂସାର ଭାଜନ ହୋଇଅଛନ୍ତି । ଘୋଡ଼ାଦୌଡ଼ ଏମନ୍ତ ତୃପ୍ତିକର ହୋଇଥିଲା ଯେ ପ୍ରତିବର୍ଷ ଘୋଡ଼ାଦୌଡ଼ ନିମନ୍ତେ ଗୋଟିଏ ସଭା କରିବା ପାଇଁ ଏ ନଗରବାସୀ ଇଂରେଜମାନେ ପ୍ରସ୍ତାବ କରିଅଛନ୍ତି । ଯେବେ ଦେଶୀୟ ଭଦ୍ରଲୋକମାନେ ଏଥିରେ ଯୋଗଦେବେ ତେବେ ଏ ପ୍ରସ୍ତାବଟି ସଫଳ ହେବ ଓ ଏଥିପାଇଁ ଅମ୍ଭେମାନେ ଅନୁରୋଧ ଅନୁସାରେ ସମସ୍ତଙ୍କୁ ଜଣାଉଅଛୁଁ ଯେ ଦେଶୀୟ ଲୋକଙ୍କ ମଧ୍ୟରୁ ଏ ବିଷୟରେ ଯାହାଙ୍କର ପ୍ରବୃତ୍ତି ହେବ ସେମାନେ ଶ୍ରୀଯୁକ୍ତ ଟାଏନବି ସାହେବଙ୍କ ସହିତ କଥୋପକଥନ କରିବେ ।

ଏଦିନ ରାତ୍ର ସା ୯ ଘଣ୍ଟା ଠାରେ ପୁନର୍ବାର ଗତ ବର୍ଷପରି ଦେଶୀୟ ମଜଲିସ ହେଲା ଓ ମଜଲିସର କାର୍ଯ୍ୟମାତ୍ର ପୂର୍ବ ଅନୁରୂପରେ ସମ୍ପନ୍ନ ହୋଇଥିବାରୁ ପୁନରୁକ୍ତି କରିବାର ପ୍ରୟୋଜନ ନାହିଁ । ବିଶେଷ ମଧ୍ୟରେ ଏତିକି ଯେ ମଜଲିସ ଆରମ୍ଭବେଳେ ପ୍ରଥମେ ପଣ୍ଡିତମାନଙ୍କର ସଭା ହୋଇଥିଲା ଓ ସେ ସଭାରେ ଭରତେଶଙ୍କ ଉପାଧି ଗ୍ରହଣ ବିଷୟରେ କେତେକୋଟି ଓ ଓସ୍ଥା ଜବରଡ଼ଜବଡ଼ା ପଠିତ ହେଲା । ଶୁଣାଯାଏ ଯେ ବାବୁ ଗୋବିନ୍ଦରଥଙ୍କ କବିତା ସର୍ବୋତ୍କୃଷ୍ଟ ହୋଇଥିଲା ଓ ତତ୍ପାଇଁ ସେ ପାରିତୋଷିକ ପାଇବେ । ଏ ମଜଲିସର ସମସ୍ତ ବ୍ୟୟ ମୟୂରଭଞ୍ଜ ଓ କେଉଁଝରର ମହାରାଜାମାନେ ଦେଇଥିଲେ ଓ ଏ କାର୍ଯ୍ୟଟି ତାହାଙ୍କ ପକ୍ଷରେ ସୁପ୍ରଶଂସାର କଥା ଅଟଇ । ଇଂରେଜଙ୍କ ମେମମାନେ ମଧ୍ୟ ଏଦିନ ମଜଲିସ ଦେଖିବାକୁ ଆସିଥିଲେ ।

ତା ୭ ରଖ ରବିବାର ବେଳ ଦୁଇପ୍ରହର ଦୁଇଘଣ୍ଟା ସମୟରେ ରାଜାମାନଙ୍କୁ କଲେକ୍ଟର ଦେଖା ହଜାରେ ନିଶାନ ଓ ଲୁଗା ବସ୍ତ୍ର ଇତ୍ୟାଦି ବିତରଣ ହେଲା । ପ୍ରାୟ ପାଞ୍ଚଶହ ବାଙ୍ଗାଲୀ ସମବେତ ହୋଇଥିଲେ । ସୁସ୍ୱାଦ ମିଠାଇ ସନ୍ଦେଶ ଇତ୍ୟାଦି ପେଟପୂରାଇ ଦିଆଗଲା । ପ୍ରାୟ ଘଣ୍ଟା ସମୟରେ ଏ କାର୍ଯ୍ୟ ଶେଷ ହେଲା ।

ଏତ୍ତ ବର୍ଷରେ ପୁରୀର ପ୍ରହରୀମାନଙ୍କୁ ମିଶ୍ରାନ୍ନ ଭୋଜନ ଦିଆଗଲା ଓ ତଦ୍ୱାରା ସେମାନଙ୍କ ପରମ ତୃପ୍ତ ହୋଇଥିବାର ସର୍ବସାଧାରଣଙ୍କ ପକ୍ଷରୁ କମିଟୀ ସ୍ୱୀକାର କଲେ । ଏ କାର୍ଯ୍ୟଟିକୁ ଅମ୍ଭେମାନେ ଅତ୍ୟନ୍ତ ସଦ୍ବିବେଚନାର କାର୍ଯ୍ୟ ବୋଲି ସ୍ୱୀକାର କରୁଁ କାରଣ ଏମନ୍ତ କରାଇ ଯେତେ ଉତ୍ସବ ଚିନ୍ତା ହେଲା ସେସମସ୍ତରେ ପୁଲିସର ପରିଶ୍ରମ ଅତ୍ୟନ୍ତ ହୋଇଥିଲା ।

ଉତ୍ସବ କମିଟୀର ଆଉ ଗୋଟିଏ ସୁବିବେଚନାର କାର୍ଯ୍ୟ ଏହି ଥିଲା ଯେ ଯେଉଁ ବର୍ଷରେ ଦରବାର ସରୁଠାରେ ଦେଶୀୟଲୋକଙ୍କ ନିମନ୍ତ୍ରଣ ହେଲା ସେହି ସଭାରେ ଜନେଦାର୍ଶୀ ସାଧାରଣ ଶ୍ରେଣୀର ଲୋକଙ୍କ ଆମୋଦ ନିମନ୍ତେ ରୋଷନୀଚୌକି ଚୌଧୁରୀବଜାର ହାଟ ଏବଂ ଇଉନିଅନ୍ କଟିଗୁଠାରେ ଇଂରେଜୀ ବାଜା ହୋଇଥିଲା । ଏହା ହୋଇ ନ ଥିଲେ ସେ ଲୋକମାନଙ୍କର ଆମୋଦ କିଛି ହୋଇପାରି ନାହିଁ କାରଣ ସେମାନେ ମଜଲିସକୁ ଯିବାର ଯୋଗ୍ୟ ନ ଥିଲେ ସୁତରାଂ ଭଦ୍ରଲୋକଙ୍କ ଆମୋଦ କରିବାର ଦେଖି କେବଳ ମନସ୍ତାପରେ ରହନ୍ତେ । ମାତ୍ର କମିଟୀ ଏମନ୍ତ ବନ୍ଦୋବସ୍ତ କରିଥିଲେ ଯେ ତିନିଠାରୁ ରାତ୍ର ପର୍ଯ୍ୟନ୍ତ ସମସ୍ତ ଶ୍ରେଣୀର ଲୋକ ନୃତ୍ୟ ଗୀତ ଦେଖିବାରେ ମଗ୍ନ ରହିଲେ ପ୍ରାୟ ରାତ୍ରି ଶେଷ ପର୍ଯ୍ୟନ୍ତ ଏସମସ୍ତ ବ୍ୟାପାର ଚାଲିଥିଲା ।

ଏହିରୂପେ ଲପ୍ଟେଣ୍ଟ ପଦ ଗ୍ରହଣର ଉତ୍ସବ କାର୍ଯ୍ୟମାତ୍ର ସମ୍ପାଦନ ଲାଗି ରହି ଶେଷ ହେଲା ଓ ଏସମସ୍ତ କାର୍ଯ୍ୟଦ୍ୱାରା ଉକ୍ତ ଘଟନାଟି ଲୋକଙ୍କ ମନରେ ଏମନ୍ତ ଦୃଢ଼ରୂପେ ଲାଗି ରହିଅଛି ଯେ ବହୁତ ଦିନ ପର୍ଯ୍ୟନ୍ତ ତାହା ପାଶୋରି ହେବ ନାହିଁ । ଯେଉଁ ପଦ ଗ୍ରହଣ ଲାଗି ଏତେ ଆନନ୍ଦ ଓ ଉତ୍ସବ ହେଲା ଅମ୍ଭେମାନେ ଏକାନ୍ତ ପ୍ରାର୍ଥନା କରୁଁ ଯେ ଶ୍ରୀମତୀ ଭିକ୍ଟୋରିଆ ସର୍ବକାଳ ପର୍ଯ୍ୟନ୍ତ ତାହା ଭୋଗ କରନ୍ତୁ ଓ ଇଂଲଣ୍ଡର ରାଜବଂଶରେ ଚିରକାଳ ନିମନ୍ତେ ତାହା ସଂଯୁକ୍ତ ହୋଇଥାଉ ।

# ସାପ୍ତାହିକସମ୍ବାଦ ।

ଗତ ସୋମବାର ଅମ୍ଭମାନଙ୍କ କଲେକ୍ଟର ବାମସ ସାହେବ ଛୁଟି ନେଇ ବିଲାତକୁ ଗଲେ ଏବଂ ଶ୍ରୀଯୁକ୍ତ କମିଶନର ସାହେବଙ୍କର ଗତକାଲ କଟକରୁ ଯିବାର ସ୍ଥିର ହୋଇଅଛି । ସେ ଅନୁଗୁଳକୁ ଯାଇଅଛନ୍ତି ।

ବାବୁ ଅମ୍ବିକାପ୍ରସାଦ ଘୋଷ ଡେପୁଟି କଲେକ୍ଟର କିଛିଦିନ ନିମନ୍ତେ ପୁରୀକୁ ପ୍ରେରିତ ହୋଇଅଛନ୍ତି । ସେଠାରେ ଫଉଜଦାରୀ ମୋକଦ୍ଦମା ଅଧିକ ହେବା ଏଥିର କାରଣ ଅଟଇ ।

ଜଣାଯାଉଅଛି ଯେ ହାଇଦରାବାଦର ନିଜାମ ମୁକାତଗରରେ ଥିଲାବେଳେ ସେଠାକାର ପ୍ରଧାନ ହିନ୍ଦୁଦେବାଳୟମାନଙ୍କ ସାହାଯ୍ୟ ନିମିତ୍ତ ୧୫୦୦ ଟା ଦାନ କରିଥିଲେ । ନିଜାମ ମୁସଲମାନ ଧର୍ମାବଲମ୍ବୀ ହୋଇ ହିନ୍ଦୁ ଧର୍ମଉପଲକ୍ଷେ ଦାନ କଲେ ଏହା ପ୍ରଶଂସାର ବିଷୟ ଅଟଇ । ତାହାଙ୍କର ଚିତ୍ତ ଅତି ଉଦାର ଓ ଦୟାଳୁ ଅଟଇ ।

ଡେଲିନ୍ୟୁସ ଶୁଣିଅଛନ୍ତି ଯେ ଅଯୋଧ୍ୟା ଉତ୍ତର ପଶ୍ଚିମ ସଙ୍ଗେ ଶୀଘ୍ର ଏକତ୍ରିତ ହେବ ଏବଂ ସେଠାରେ ଆଉ ପୃଥକ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ରହିବ ନାହିଁ ।

ମାନ୍ଦ୍ରାଜରେ ନୂତନ ଘୋଡ଼ାବାର କାରବାରରେ ଜାହାଜ ଓ ନୌକାର ବଡ଼ ଲୋକ ହେଉଅଛି ଗତ ଶନିବାର ୧୦ ଘଣ୍ଟା ଥିଲାବେଳେ ଏବଂ ୨୨ ଘଣ୍ଟା ପାନଟେଣୀ ଜାହାଜ ମାନ୍ଦ୍ରାଜ ବନ୍ଦରରେ ଲାଗିଥିଲା ଓ ତହିଁରୁ ନୂତନ ବୋଟ ଅଣିବା ନିମନ୍ତେ ଅସଂଖ୍ୟ ନୌକା ଲଗା ହୋଇଅଛି ନାଉରିଆଙ୍କର ବର୍ତ୍ତମାନ ଏପରି ଲାଭ ହେଉଅଛି ଯେ ସେମାନେ ଲୋକେ କର୍ମ ନ କରି ମୂଲ୍ୟ ଲଗାଇ ନୌକା ବୁଡ଼ାଉଅଛନ୍ତି । ତାହାର ପୁରାତନ ଓ ଦାମାର ସମ୍ପାଦ ହୋଇଅଛି ।

ଦକ୍ଷିଣ ଉତ୍ସବରେ ଜଗନ୍ନାଥ ମାହାବାଦନ ଦୁର୍ଘଟଣା କ୍ରମେ ଗୋଟିଏ ସ୍ତ୍ରୀ ନଦୀରେ ଘୋଡ଼ା ପଡ଼ିଲା ଓ ତାହାର ବଞ୍ଚିବାର ଆଶା ନାହିଁ ।

ଗତ ନବବର୍ଷର ଦିନରେ ହାଇଦରାବାଦର ନିଜାମ ସିକନ୍ଦରାବାଦ ଛାଉଣୀର କେତେକ ସେନାଙ୍କୁ ଗୋଟିଏ ନାଚଗୀତ ଦେଇଥିଲେ ଏଥିରେ ତାହାଙ୍କର ଅଧିକ ଟଙ୍କା ବ୍ୟୟ ହୋଇଅଛି ।

---

ଏହି ଉତ୍କଳଦୀପିକା ସଦରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

ସନ ୧୮୭୭ ମସିହା ଜାନୁଏରୀ ମାସ ତା ୩ ରିଖରେ କଟକ ନଗର ପରେଡ ପଡିଆରେ ସ୍କୁଲବାଳକ ଓ ପଲଟନ ସିପାହିଙ୍କର ଯେଉଁ ଖେଳ ହୋଇଥିଲା ତହିଁରେ ଯେଉଁମାନେ ପାରତୋଷିକ ପାଇଅଛନ୍ତି ସେମାନଙ୍କର ନାମ ଓ ଯେତେ ଟଙ୍କା

୧ମ ପଡିଆରେ ଦୌଡିବା

୧୦୲

୧ମ ସତ୍ୟବ୍ରତ ସାହୁ ବ୍ୟାପ୍ଟିଷ୍ଟ ମିଶନ ସ୍କୁଲ ୫୲

୨ୟ ସାମସନ୍ ଦାସ " ୩୲

୩ୟ ଆଲବର୍ଟ ନାୟକ "

୨ୟ ବାଡ଼ଡେଇଁ ଦୌଡିବା

୧୨୲

୧ମ ଅବଦୁଲ ଅଜିଜ ନ ୧୨ ମ୍ବର ପଲଟନ ସ୍କୁଲ ୭୲

୨ୟ ନିତ୍ୟାନନ୍ଦ ସିଂହ ବ୍ୟାପ୍ଟିଷ୍ଟ ମିଶନ ସ୍କୁଲ ୪୲

୩ୟ ଯେମ୍ସ କ୍ଲଉୟୃସ୍ ଉଭଟନ୍ କଲେଜ

୩ୟ ପଡିଆରେ ଦୌଡିବା

୧୬୲

୧ମ ନର୍ସିଆ ନ ୧୨ ମ୍ବର ପଲଟନ ସିପାହୀ ୮୲

୨ୟ ମହମ୍ମଦ ଅଲ୍ଲୀ " ୪୲

୩ୟ ଶେଖ ଇବ୍ରାହିମ ପୁଲିସ ଇଙ୍ଗର୍ଭ କନଷ୍ଟେବଲ

୪ର୍ଥ ବାଡ଼ଡେଇଁ ଦୌଡିବା

୧୨୲

୧ମ ଆଲବର୍ଟ ନାୟକ ବ୍ୟାପ୍ଟିଷ୍ଟ ମିଶନ ସ୍କୁଲ ୭୲

୨ୟ ସତ୍ୟବ୍ରତ ସାହୁ " ୪୲

୩ୟ ସାମସନ ଦାନ "

୫ମ ପଡିଆରେ ଦୌଡିବା

୧୦୲

୧ମ ଯେମ୍ସ କ୍ଲଉୟୃସ୍ ଉଭଟନ କଲେଜ ୫୲

୨ୟ ନିତ୍ୟାନନ୍ଦ ସିଂହ ବ୍ୟାପ୍ଟିଷ୍ଟ ମିଶନ ସ୍କୁଲ ୩୲

୩ୟ ଅମୃତାନନ୍ଦ ନାୟକ "

୬ଷ୍ଠ ପାଲିଙ୍କି ଦୌଡ଼

୧୦୲

୧ମ ବଦେଇ ବେହେରାର ପାଲିଙ୍କି ୫୲

୨ୟ ଦଧି ବଶୋଇର ପାଲିଙ୍କି

୭ମ ବାଡ଼ଡେଇଁ ଦୌଡିବା

୧୨୲

୧ମ ଶେଖ ଇବ୍ରାହିମ ପୁଲିସ ଇଙ୍ଗର୍ଭ କନଷ୍ଟେବଲ ୭୲

୨ୟ ହସନ ସିଂହ ନ ୧୨ ମ୍ବର ପଲଟନ ସିପାହୀ ୩୲

୩ୟ ଇସ୍ମାଇଲ ଖାଁ "

୮ମ ପାଣିମାଠିଆ ମୁଣ୍ଡରେ ନେଇ ଦୌଡିବା

୧୦୲

୧ମ ଅବଦୁଲ କରିମ ୫୲

୨ୟ ତନାୟୁ

୯ମ ପଡିଆରେ ଦୌଡିବା

୨୦୲

୧ମ ରଙ୍ଗ ନାୟୁକଲୁ ୧୦୲

୨ୟ ମହମ୍ମଦ ହାନଫ୍ ୫୲

୩ୟ ଅବଦୁଲ କାଦର

୧୦ମ ତିନଗୋଡିଆ ଦୌଡ଼

୧୦୲

୧ମ ସଚ୍ଚିଦାନନ୍ଦ ଓ ବନ୍ଧୁ ବ୍ୟାପ୍ଟିଷ୍ଟ ମିଶନ ସ୍କୁଲ ୫୲

୨ୟ ନିତ୍ୟାନନ୍ଦ ଓ ଚିନ୍ତାମଣି " ୩୲

୩ୟ ସାଇମନ ଓ ଆଇଜାକ "

୧୧ଶ ଥଳି ମଧ୍ୟରେ ଥାଇଁ ଦୌଡିବା

୧୦୲

୧ମ ଗିଲବର୍ଟ ବ୍ରାଉନ ବ୍ରାଉନ୍ସ ସ୍କୁଲ ୫୲

୨ୟ ନିତ୍ୟାନନ୍ଦ ସିଂହ ବ୍ୟାପ୍ଟିଷ୍ଟ ମିଶନ ସ୍କୁଲ ୩୲

୩ୟ ଅର୍ଣ୍ଣେଷ୍ଟ ଡେସା ଆନେଷ୍ଟ ସ୍କୁଲ

———

ତା ୬ ରିଖ ଶନିବାର ଗୃଉଲଆଗଞ୍ଜ ପଡିଆରେ ହୋଇଥିବା ଘୋଡ଼ା-ଦୌଡ଼ରେ ଯେଉଁ ଘୋଡାମାନେ ବାଜି ଜିଣିଅଛନ୍ତି ତାହାଙ୍କ ନାମ ଓ ଯେତେ ବାଜି ଜିଣିଅଛନ୍ତି ତହିଁର ପରିମାଣ ।

୧ ମ । ଘୋଡାଦୌଡ ।

ପ୍ରଥମ ମିସ୍ ଫକ୍‌ନରଙ୍କର ଥିସିନାମକ ଘୋଡା ( ଆରୋହୀ ଜକ୍ସସାହେବ ) ମେସର୍ସ୍ ଷ୍ଟୋନି ଲୁମ୍ବାନିଙ୍କ ଦତ୍ତ ଟ ୧୦୦ ଙ୍କା ମୂଲ୍ୟର ପିଆଲା

ଦ୍ୱିତୀୟ କପ୍‌ତାନ ବୁଲକ୍‌ସାହେବଙ୍କର ମିନେଲନାମକ ଘୋଡ଼ା ( ଆଟକିନ୍‌ସାହେବ ଆରୋହୀ ) ପୁରସ୍କାର ଟ ୨୫୲

ଅନ୍ୟ ଦୁଇଘୋଡା ଦୌଡିଥିଲେ ।

ଦ୍ୱିତୀୟ ଛଟୁଦୌଡ ।

ପ୍ରଥମ ଟେଏନବସାହେବଙ୍କର ମେଜରନାମକ ଘୋଡା (ଆରୋହୀ ଉସନସାହେବ) ଆର, ବି, ଷ୍ଟାରଟ୍‌ସାହେବଙ୍କ ଦତ୍ତ ଟ ୫୦ ଙ୍କା ମୂଲ୍ୟର ଏକ ପିଆଲା

ଦ୍ୱିତୀୟ ଆଟ୍‌କିନ୍‌ସନ୍‌ସାହେବଙ୍କର 'କ୍ଲେମେଣ୍ଟ' ( ଆରୋହୀ ଆର୍ ମାକ୍‌ମିଲନ ) ପୁରସ୍କାର ଟ ୨୫ ଙ୍କା

ତୃତୀୟ ବାବୁ କାଳିଙ୍କର ଗୃଟୁର୍ଯ୍ୟାଙ୍କ 'ଗ୍ରନ' ( ଆରୋହୀ ଦେଶୀୟ ) ବାଜି ଫେର ପାଇବେ ।

ଆଉ ଗୋଟିଏ ଘୋଡ଼ା ଦଉଡିଥିଲା ।

ତୃତୀୟ ଷ୍ଟେଟଘୋଡାଦୌଡ ।

ପ୍ରଥମ ଉଇଁଷ୍ଟରସ୍ପେଲସାହେବଙ୍କ 'ରୁଫସ୍' ( ଆରୋହୀ ଜକ୍ସସାହେବ ) ପୁରସ୍କାର ଟ ୧୦୦ ଙ୍କା

ଦ୍ୱିତୀୟ ଆଟ୍‌କିନ୍‌ସନ୍‌ସାହେବଙ୍କର ମେଉନାମକଘୋଡା ( ଆରୋହୀ ନଜେ ) ପୁରସ୍କାର ଟ ୨୫ ଙ୍କା

ତୃତୀୟ ଆର୍ ମାକ୍‌ମିଲନସାହେବଙ୍କର ମିରୋଡାକନାମକ ଘୋଡା (ଆରୋହୀନଜେ) ବାଜି ଫେର ପାଇବେ ।

ଆଉ ଚାରିଗୋଟି ଘୋଡା ଦୌଡିଥିଲେ ।

ଚତୁର୍ଥ ସିକାବାଟରେ ଘୋଡାଦୌଡ ।

ପ୍ରଥମ ଓ୍ୱାଇଲସାହେବଙ୍କର 'ବକ୍ନ' ( ଆରୋହୀ ନଜେ ) ହାଜି ଅବ୍‌ଦୁଲ ରହମାନ୍ ମୁସାଙ୍କ ଦତ୍ତ ଟ ୧୫୦ ଙ୍କା ମୂଲ୍ୟର ଏକ ପିଆଲା ।

ଆଉ ଗୋଟିଏ ଘୋଡା ଦୌଡିଥିଲା ।

୫ ମ ଛଟୁଦୌଡ ।

ପ୍ରଥମ ଟେଏନବସାହେବଙ୍କର 'ମେଜର' ( ଆରୋହୀ ନଜେ ) ପୁରସ୍କାର ଟ ୫୦ ଙ୍କା

ଦ୍ୱିତୀୟ ଜୀ, ଫକ୍‌ନରସାହେବଙ୍କର 'ସ୍ମୀବ୍' ( ଆରୋହୀ ଜକ୍ସସାହେବ ) ପୁରସ୍କାର ଟ ୨୫ ଙ୍କା

ତୃତୀୟ ମିସ୍ ଫକ୍‌ନରସାହେବଙ୍କର 'ବବ୍' ( ଆରୋହୀ ଓ୍ୱାଇଲସାହେବ ) ବାଜି ଫେର ପାଇବେ ।

୬ ଷ୍ଠ । ଘୋଡାଦୌଡ ।

ପ୍ରଥମ ଆର୍ ମାକ୍‌ମିଲନ୍‌ସାହେବଙ୍କର 'ମେରୋଡାକ୍' ( ଆରୋହୀ ନଜେ ) ପୁରସ୍କାର ଟ ୮୦ ଙ୍କା

ଦ୍ୱିତୀୟ ରଜର୍ସସାହେବଙ୍କର 'ସାମୁଏଲର' ( ଆରୋହୀ ଉସନ୍‌ସାହେବ ) ପୁରସ୍କାର ଟ ୨୫ ଙ୍କା

ଆଉ ଗୋଟିଏ ଘୋଡା ଦଉଡିଥିଲେ ।

୭ ମ । ଦେଶୀୟ ଛଟୁଦୌଡ ।

ପ୍ରଥମ ବାବୁ କାଳୀଙ୍କର ଗୃଟୁର୍ଯ୍ୟାଙ୍କର 'ଲାଇଟ୍‌ନିଙ୍ଗ୍' ( ଦେଶୀୟ ଆରୋହୀ ) ପୁରସ୍କାର ଟ ୨୫ ଙ୍କା

ଦ୍ୱିତୀୟ ବାବୁ ନାରାୟଣ ଚନ୍ଦ୍ରନାୟକଙ୍କର 'ବର୍ମା' ( ଆରୋହୀ ନଜେ ) ପୁରସ୍କାର ଟ ୧୦ ଙ୍କା

ଆଉ ଦୁଇଗୋଟି ଘୋଡା ଦୌଡିଥିଲେ ।

———

☞ ମୂଳପତ୍ର ଦେଖ ।

Split by PDF Splitter
Digitized by srujanika@gmail.com

Split by PDF Splitter



Digitized by srujanika@gmail.com

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୨ ଣ୍ଡ | ସ ୩ ଖ୍ୟା } ତା ୨୦ ରିଖ ଜାନୁଏରୀ ସନ ୧୮୭୭ ମସିହା । ମୁ । ମାଘ ଦ୯ନ ସନ ୧୨୮୪ ସାଲ ଶନିବାର {
ଅଗ୍ରିମ ବାର୍ଷିକମୂଲ୍ୟ ଟ୬୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୬୯
ମଫସଲର୍ଥାଇ ଡାକମାସୁଲ ଟ୧୮୯

ଚଳିତମାସ ତା ୧ ଦିନରେ ପୁରୀରେ ଯେଉଁ ଲୁଟ ମାମଲା ହୋଇଥିଲା ତହିଁର ବିସ୍ତାରିତ ସମାଚାର ଯଦ୍ୟପି ଆମ୍ଭେମାନେ ପାଇ ନାହୁଁ ମାତ୍ର ଶୁଣାଯାଏ ଯେ ପ୍ରାୟ ଲକ୍ଷମହଣ ଚାଉଳ ନାନାସ୍ଥାନରେ ଲୁଟ ହୋଇଅଛି ଓ ଦରିଦ୍ରମାନେ ଚାଉଳ ଦୁର୍ମୂଲ୍ୟ ହେବାରୁ ଖାଇବାକୁ ନ ପାଇ ଏରୂପ କରିଅଛନ୍ତି । କେତେକ ଲୋକ ଏ ଅପରାଧରେ ଲିପ୍ତ ଅଛନ୍ତି ନିଶ୍ଚୟ ହୋଇ ନାହିଁ କେହି ୨ ଚାରି ପାଞ୍ଚ ହଜାର ଲୋକ ହେବ ବୋଲି ଅନୁମାନ କରନ୍ତି । ପୁଲିସ ତଦାରଖ ଆରମ୍ଭ ହେବାର ଦେଖି ଯାହାଘରେ ଯେ ଚାଉଳ ଥିଲା ସବୁ ପାଣିରେ ଓ ଅନ୍ୟାନ୍ୟ ସ୍ଥାନରେ ପକାଇ ଦେଲେ ଏଥିରେ ବିସ୍ତର ଚାଉଳ ନଷ୍ଟ ହୋଇଅଛି । ବହୁତ ଗୁଡ଼ିଏ ଲୋକ ଏ ଅପରାଧରେ ଲିପ୍ତ ଥିବା ଅଭିଯୋଗରେ ଚାଲାନ ହେଇଅଛନ୍ତି ଓ ବିଚାରକର୍ତ୍ତା କାହାକୁ ବେତ ଓ କାହାକୁ ଦ ୨।୪ ନ କାରାବାସ ଦଣ୍ଡ ଦେଇ ବିଦାୟ ଦେଇଅଛନ୍ତି । ଖୋରଧାରେ ସୁଦ୍ଧା ଏହିପରି ଗୋଲମାଲ ହେବାର ଶୁଣାଯାଏ ମାତ୍ର ନିଶ୍ଚୟ ସମ୍ବାଦ କିଛି ଆସି ନାହିଁ । କେବଳ ସେ ସ୍ଥାନରେ ଶାନ୍ତି ରକ୍ଷା ନିମନ୍ତେ ଅତିରିକ୍ତ ପୁଲିସ ଏଠାରୁ ପ୍ରେରିତ ହୋଇଅଛନ୍ତି । ଚାଉଳ ରପ୍ତାନୀ ଏସମସ୍ତ ଉତ୍ପାତର ମୂଳ କାରଣ ବିଶେଷ ରପ୍ତାନୀ ହେବାରୁ ଚାଉଳର ଦର ଅତ୍ୟନ୍ତ ଅଧିକ ପ୍ରାୟ ଦୁର୍ଭିକ୍ଷ ମୂଲ୍ୟରେ ବିକ୍ରୟ ହେଲା ସୁତରାଂ ଦୁଃଖିମାନେ ଖାଇବାକୁ ନ ପାଇ ଅଗତ୍ୟା ଉପରଲିଖିତ କାର୍ଯ୍ୟ କଲେ । ଏଥର ବାଣିଜ୍ୟର ସ୍ୱାଧୀନତା ସହିତ ଦୁଃଖୀଙ୍କୁ ସୁଲଭମୂଲ୍ୟରେ ଆହାର ଯୋଗାଇବା କଥା କିରୂପେ ତୁଲ ହେବ ଗବର୍ଣ୍ଣମେଣ୍ଟଙ୍କୁ ଏଥିର ବ୍ୟବସ୍ଥା ଶୀଘ୍ର କରିବାକୁ ହେଉଅଛି । ନୋହିଲେ ଦୁଃଖିମାନଙ୍କୁ ସମ୍ଭାଳିବା ବଡ଼ କଠିନ ହେବ ।

---

କଲିକତା ବିଶ୍ୱବିଦ୍ୟାଳୟର ଫାଷ୍ଟଆର୍ଟସ ଓ ପ୍ରବେଶିକା ପରୀକ୍ଷାରେ କେବଳ ଓଡ଼ିଶାରେ ଯେଉଁ ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ସେମାନଙ୍କ ନାମ ଏଥିପୂର୍ବେ ଆମ୍ଭେମାନେ ପ୍ରକାଶ କରିଅଛୁଁ । ଉକ୍ତ ପରୀକ୍ଷାର ମୋଟଫଳ ଏହି ଯେ ଜ ୭୪୬ ଣ ଫାଷ୍ଟଆର୍ଟସ୍ ପରୀକ୍ଷାରେ ଉପସ୍ଥିତ ହୋଇଥିଲେ ତହିଁ ମଧ୍ୟରୁ ଜ ୩୪୩ ଣ କୃତକାର୍ଯ୍ୟ ହୋଇ ଅଛନ୍ତି ଓ ପ୍ରବେଶିକା ପରୀକ୍ଷାରେ ଜ ୨୪୭୪ ଣ ଉପସ୍ଥିତ ହୋଇଥିଲେ ତହିଁ ମଧ୍ୟରୁ ଜ ୧୩୫୭ ଣ ସଫଳ ହୋଇ ଅଛନ୍ତି । ପାଟନା କଲେଜ ସବୁଠାରୁ ଉଚ୍ଚସ୍ଥାନ ପାଇଅଛି । ଏରୂପ ଫଳକୁ ଅବଶ୍ୟ ସନ୍ତୋଷଜନକ ବୋଲିବାକୁ ହେବ । ଓଡ଼ିଶାରେ ପରୀକ୍ଷାର ଫଳ ଉତ୍ତମ ହୋଇ ଅଛି ସନ୍ଦେହ ନାହିଁ କାରଣ ଏଠାରେ ସୁଦ୍ଧା ଅର୍ଦ୍ଧରୁ ଅଧିକ କୃତକାର୍ଯ୍ୟ ହୋଇ ଅଛନ୍ତି । ପ୍ରତ୍ୟେକ ଜିଲ୍ଲାର ଫଳ ବିବେଚନା କଲେ କଟକ ଓ ପୁରୀ ଉଭୟ ସ୍ଥାନର ଫଳ ଭଲ ହୋଇ ଅଛି ମାତ୍ର ଦୁଃଖର ବିଷୟ ଯେ ବାଲେଶ୍ୱରରୁ ଆଠଜଣ ପରୀକ୍ଷା ଦେବାକୁ ଆସିଥିବା ପ୍ରତ୍ୟକ୍ଷେ ଜଣେସୁଦ୍ଧା ଉତ୍ତୀର୍ଣ୍ଣ ହେଲା ନାହିଁ । ଶିକ୍ଷା ବିଷୟରେ ବାଲେଶ୍ୱର ଓଡ଼ିଶା ମଧ୍ୟରେ ଶ୍ରେଷ୍ଠ ହୋଇଥିଲା ମାତ୍ର ଇଂରାଜୀ ସ୍କୁଲର ଏମନ୍ତ ଦୁର୍ଦ୍ଦଶା ଦେଖି ଆମ୍ଭମାନଙ୍କର ଏହି ବିଶ୍ୱାସ ହେଉଅଛି ଯେ ଦେଶୀୟଭାଷାର ବିଦ୍ୟାଳୟମାନଙ୍କର କାର୍ଯ୍ୟ ଯେମନ୍ତ ସୁଚାରୁରୂପେ ଚାଲୁ ଅଛି ଇଂରାଜୀ ବିଦ୍ୟାଳୟର କାର୍ଯ୍ୟ ସେରୂପ ଚାଲୁ ନାହିଁ । ଏ ବିଷୟରେ ଜିଲା ହାକିମ ଏବଂ ଶିକ୍ଷା ବିଭାଗର କର୍ମଚାରିଙ୍କର ଦୃଷ୍ଟି ରଖିବାର ଉଚିତ ।

---

ଗତ ଫାଷ୍ଟଆର୍ଟସ ଓ ପ୍ରବେଶିକା ପରୀକ୍ଷାରେ ଓଡ଼ିଶାର ନିମ୍ନଲିଖିତ ଛାତ୍ରମାନେ ବୃତ୍ତି ପାଇଅଛନ୍ତି । ଯଥା;—

ସିନିଅର ଅର୍ଥାତ୍ ଉଚ୍ଚଶ୍ରେଣୀର ବୃତ୍ତି

ଦ୍ୱିତୀୟଶ୍ରେଣୀ

ଆନନ୍ଦଚନ୍ଦ୍ର ମହାନ୍ତି ... .. କଟକକଲେଜ

ଜୁନିଅର ଅର୍ଥାତ୍ ନିମ୍ନଶ୍ରେଣୀର ବୃତ୍ତି

ଦ୍ୱିତୀୟଶ୍ରେଣୀ

ରମାଶଙ୍କର ରାୟ ... . କଟକକଲେଜ
ବ୍ରଜଲାଲ ମୁଖାର୍ଜ୍ଜୀ ... .. ,,
କୃଷ୍ଣମୋହନ ପଟ୍ଟନାୟକ .. ପୁରୀସ୍କୁଲ
ଆଶୁତୋଷ ବାନର୍ଜ୍ଜୀ .. .. କଟକକଲେଜ

ତୃତୀୟଶ୍ରେଣୀ

ଜାନକୀବଲ୍ଲଭ ଘୋଷ .. କଟକକଲେଜ

Digitized by srujanika@gmail.com

ମଦରଥର ଦାସ .. .. ପୁରିସ୍କୁଲ
ଯୋଗେଶ୍ଚନ୍ଦ୍ର ମୁଖର୍ଜ୍ୟା .. ହେଟେଞ୍ଜକଲେଜ
ଦାମୋଦର ପାଢ଼ୀ .. .. "
ନିମାଇଚରଣ ମିଶ୍ର .. .. "
ଭୂଦେବଚରଣ ବାନର୍ଜ୍ୟା ... ... ପୁରିସ୍କୁଲ

---

ଅମ୍ଭେମାନେ ଶୁଣୁଅଛୁଁ ଯେ ପୁରୀର ରାଜା ଦିବ୍ୟସିଂହ ଦେବଙ୍କୁ ମହାରାଜାପଦ ମିଳିଥିବାର ସମ୍ବାଦ କମିଶ୍ନର ସାହେବ ଜଣାଇ ଦେବା ସମୟରେ ମହାରାଜାଙ୍କୁ କେତେଗୁଡ଼ିଏ ଉପଦେଶ ଦେଇଥିଲେ ଓ ଅନ୍ୟାନ୍ୟ ବିଷୟ ମଧ୍ୟରେ ତାହାଙ୍କୁ ନିଷେଧ କରିଥିଲେ ଯେ କାହାରିକୁ କିଛି ପଦ ଦେବେ ନାହିଁ ଓ ତାହାଙ୍କ ଅଙ୍କ ଆଉ ଚଳିବ ନାହିଁ ଏବଂ ମନ୍ଦିରରେ ଦର୍ଶକଙ୍କ ପ୍ରତି ଯେଉଁ ଅନ୍ୟାଯ୍ୟ ବାଧାମାନ ଦିଅନ୍ତି ତାହା ଆଉ କରିବେ ନାହିଁ । କମିଶ୍ନର ସାହେବଙ୍କ ଉପଦେଶ ଶୁଦ୍ଧ ଯେଉଁ ଭଳି ଅମ୍ଭେମାନେ ତହିଁରେ ଆପତ୍ତି କରୁ ନାହୁଁ ବରଂ ଆମ୍ଭମାନଙ୍କର ବକ୍ତବ୍ୟ ଏହି ଯଦ୍ୟପି ଲୋକେ ଆଗ୍ରହୀ ହୋଇ ପଦ ଲୋଡ଼ିବେ ଓ ତହିଁପାଇଁ ଟଙ୍କା ଓ ଦ୍ରବ୍ୟାଦି ଭେଟି ଦେବେ ତେବେ ମହାରାଜା କାହିଁକି ପଦ ନ ଦେବେ ଅନ୍ୟାନ୍ୟ ରାଜାମାନେ ଆପଣାର ଇଲାକା ମଧ୍ୟରେ ଲୋକଙ୍କଠାରୁ ସଲାମୀ ନେଇ ପଦ ଦେଉଅଛନ୍ତି ଓ ତାହାଙ୍କ ଅଧିକାରସ୍ଥ ଭୂମି ମଧ୍ୟରେ ସେ ପଦକୁ ସମସ୍ତେ ମାନ୍ୟ କରୁଅଛନ୍ତି । ରାଜାମାନଙ୍କର ଏ କାର୍ଯ୍ୟ ଗୋଟିଏ ଆୟର ମୂଳ ଅଟଇ ଯେବେ ଅନ୍ୟ ସମସ୍ତ ରାଜାଙ୍କୁ ଏପରି ନିଷେଧ ନ ହେଲା ତେବେ ଏକା ପୁରୀର ମହାରାଜାଙ୍କୁ ନିଷେଧ କରିବା ଉଚିତ ହୋଇ ନାହିଁ । ଏମନ୍ତ ବୋଧ ଯାଇ ପାରେ ଯେ ମହାରାଜା ଏପରି ପଦ ଦେବାରୁ ତାହାଙ୍କର ପୂର୍ବ ଆୟ ରକ୍ଷା ପାଉଅଛି ଓ ଲୋକେ ଅକାରଣ ତାହାଙ୍କୁ ମାନ୍ୟ କରିବାରୁ ଗୋଟିଏ ଭ୍ରମାତ୍ମକ ଭାବ ସର୍ବସାଧାରଣରେ ପ୍ରଚଳିତ ରହିଅଛି ଓ ସ୍ୱଜାତୀୟ ବିବେଚନାରେ ଉକ୍ତ ଭାବକୁ ଚିରସ୍ଥାୟୀ କରିବାର ଉଚିତ ନୁହଇ । ମାତ୍ର ଏଥିରେ ରାଜାଙ୍କର କି ଦୋଷ ହେଲା ? ଅମ୍ଭେମାନେ ବୋଧ କରୁଁ ଯେ ଏଥିର ପ୍ରକୃତ ଉପାୟ ଗବର୍ଣ୍ଣମେଣ୍ଟଙ୍କ ହସ୍ତରେ ଅଛି । ଯଦ୍ୟପି ଗବର୍ଣ୍ଣମେଣ୍ଟ ଏମନ୍ତ ଗୋଟିଏ ଘୋଷଣା ପ୍ରଚାର କରନ୍ତି କି ସରକାରୀ କାଗଜପତ୍ର ଓ ଅନ୍ୟାନ୍ୟ ସାଧାରଣ ବିଷୟରେ ଗବର୍ଣ୍ଣମେଣ୍ଟଙ୍କ ପ୍ରଦତ୍ତ ପଦ ବିନା ଅନ୍ୟ କୌଣସି ପଦ କେହି ବ୍ୟବହାର କରିପାରିବ ନାହିଁ ଓ ସେରୂପ ବ୍ୟବହାର କଲେ ଅର୍ଥଦଣ୍ଡ ହେବ ତାହା ହେଲେ ଲୋକେ ଆଉ ପଦ ନେବାକୁ ଆଗ୍ରହୀ ହେବେ ନାହିଁ । କମିଶ୍ନର ସାହେବଙ୍କର ଉଚିତ ଯେ ଗବର୍ଣ୍ଣମେଣ୍ଟରେ ଏହିପରି କିଛି ପ୍ରସ୍ତାବ କରନ୍ତୁ । ମହାରାଜାଙ୍କ ଅଙ୍କ ଧରି ବର୍ଷ ଗଣନା କରିବା ବିଷୟରେ ମଧ୍ୟ ଉପରଲିଖିତ ଉପାୟ କରିବା ଉଚିତ । ମହାରାଜା କାହାରିକୁ କହି ଦେଇ ନାହାନ୍ତି ଯେ ତାହାଙ୍କର ଅଙ୍କ ଅନୁସାରେ ଗଣନା କରିବାକୁ ହେବ ଲୋକେ ଆପଣା ଇଚ୍ଛାରେ ତାହା କରୁଅଛନ୍ତି ଏଥିକୁ ମହାରାଜାଙ୍କୁ ନିଷେଧ କରିବା ବୃଥା ଅଟଇ ।

ମନ୍ଦିର ମଧ୍ୟରେ ମହାରାଜା ଦର୍ଶକଙ୍କ ପ୍ରତି କେତେକ ଅନ୍ୟାଯ୍ୟ ବାଧା ରଖିଅଛନ୍ତି ସତ୍ୟ ମାତ୍ର ତଦ୍ୱାରା ତାହାଙ୍କର କ୍ଷତି ଭିନ୍ନ ଲାଭ ନାହିଁ । ଉକ୍ତପ୍ରକାର ବାଧା ହେତୁରୁ ସେ କେତେବେଳେ କିଛି ଟଙ୍କା ଲାଭ କରନ୍ତି ମାତ୍ର ଆମ୍ଭମାନଙ୍କ ବିବେଚନାରେ ଯଦ୍ୟପି ସେ ସବୁ ଉଠାଇ ଦେଇ ଦର୍ଶକମାନଙ୍କୁ ଯେ ଯାହାର ଇଚ୍ଛା ସମାଦର କରିବେ ତେବେ ତାହାଙ୍କର ଅଧିକ ଲାଭ ହେବ ଓ ଦେଶ ବିଦେଶରେ ତାହାଙ୍କର ଖ୍ୟାତି ବିସ୍ତାର ହେବ କମିଶ୍ନର ସାହେବଙ୍କର ଏ ଉପଦେଶଟିକୁ ମହାରାଜାଙ୍କୁ ଅତି ଯତ୍ନ ସହିତ ପାଳନ କରିବାର ଉଚିତ ।

---

ଗତ ମକର ସଂକ୍ରାନ୍ତି ଦିବସରେ ଏ ନଗର ତେଲିଙ୍ଗାବଜାରରେ ଗୋଟିଏ ଭୟଙ୍କର ହତ୍ୟାକାଣ୍ଡ ହୋଇଯାଇଅଛି । ସେଠାରେ ଗୋଟିଏ ପକ୍କା କୋଠାଘରେ ଜଣେ ବେଶ୍ୟା ବାସ କରି ରହିଥିଲା । ସେହି ଦିବସରେ କେହି ତାହାର ଛାତି କାଟି ଦେଇ ତାହା ଦେହରୁ ସମସ୍ତ ଅଲଙ୍କାର ଓ ସେହି ଘରେ ଥିବା ସିନ୍ଦୂକରୁ ଟଙ୍କା ଇତ୍ୟାଦି ମାଲ ନେଇ ପଳାଇଲା । ଆରଦିନ ସକାଳେ ପ୍ରତିବାସିମାନେ ଏଥି କେମନ୍ତେ ଦେଖି ଗୋପନରେ ଲୁହାଇ ହେଲେ ମାତ୍ର କେହି ପୁଲିସରେ ସମ୍ବାଦ ଦେବାକୁ ସାହସୀ ହେଲେ ନାହିଁ ଏହିରୂପେ ବେଳ ଦୁଇପ୍ରହର ସ ୨ ଟା ପର୍ଯ୍ୟନ୍ତ ଟଳିଗଲା । ସେତେବେଳେ ଏକ ବ୍ୟକ୍ତି ଫାଣ୍ଡିରେ ସମ୍ବାଦ ଦେବାରୁ ପୁଲିସ ଆସି ତଦାରକ ଆରମ୍ଭ କଲେ । ଅବଧି ତଦାରକ ଚଳିଅଛି ଓ ଦୁଇ ଜଣ ଉପରେ ସନ୍ଦେହ ହେବାରୁ ସେମାନେ ପରୀକ୍ଷାଧୀନରେ ଅଛନ୍ତି ମାତ୍ର ନିଶ୍ଚୟ କିଛି ଜଣାପଡ଼ି ନାହିଁ । କେବଳ ଏକଖଣ୍ଡ ରକ୍ତଲଗା ଛୁରି ମିଳିଅଛି ତହିଁରୁ ଜଣାଯାଏ ଦୁଷ୍କର୍ମା ଛୁରୀଦ୍ୱାରା ତାହାର ଛାତି କାଟି ଦେଇଅଛି । ନଗରର ଅତ୍ୟନ୍ତ ଜନତା ସ୍ଥାନରେ ଏପରି ଭୟଙ୍କର ଅପକର୍ମ ଘଟନା ହେବା ଅତ୍ୟନ୍ତ କଠିନ ବ୍ୟାପାର ଓ ଏମନ୍ତ ଅବସ୍ଥାରେ ଅପରାଧୀ ଧରା ନ ପଡ଼ିଲେ ତାହାର ଦୁର୍ବୁଦ୍ଧି ଓ କୌଶଳକୁ ଅତ୍ୟନ୍ତ ପ୍ରଶଂସା କରିବାକୁ ହେବ ଓ ଏଥିରେ ପୁଲିସ ଠକିଗଲେ କିଛି ଅଦ୍ଭୁତ ହେବ ନାହିଁ । ମାତ୍ର ଆଶ୍ଚର୍ଯ୍ୟର ବିଷୟ ଏହି ଯେ ଏ ଦୁର୍ଘଟନାଟି ଛକ ପାଖରେ ଚତୁର୍ଦ୍ଦିଗରୁ ପ୍ରତିବାସିଙ୍କ ବେଷ୍ଟିତ ସ୍ଥାନରେ ହେଲା ଓ ସେଠାରୁ ଫାଣ୍ଡି ଦୂରଗତ ହେବ ନାହିଁ ପୁଣି ଛକ ଉପରେ ପହରାଦାର ସତର୍କର ରହିବାର କଥା ଏମନ୍ତ ଅବସ୍ଥାରେ ସୁଦ୍ଧା ଏ ହତ୍ୟା କାର୍ଯ୍ୟଟି ରାତ୍ରରେ ହୋଇଥିଲେ ହେଁ ତହିଁ ଆର ଦିନ ଅପରାହ୍ନ କାଳ ପର୍ଯ୍ୟନ୍ତ ପୁଲିସକୁ ଏକଥା ଜଣା ପଡ଼ିଲା ନାହିଁ ଶେଷରେ ପ୍ରତିବାସୀ ଜଣେ କହିବାରୁ ପୁଲିସର ନିଦ୍ରା ଭାଙ୍ଗିଲା । ଏଥିରୁ ପାଠକମାନେ ଅନୁଭବ କରିପାରନ୍ତି ଯେ ଆମ୍ଭମାନଙ୍କର ଧନ ଓ ପ୍ରାଣ ରକ୍ଷାର କେତେ ଚିନ୍ତା ପୁଲିସ କରୁଅଛନ୍ତି ଅଥଚ ଏହି କାର୍ଯ୍ୟ ନିମନ୍ତେ ଅମ୍ଭେମାନେ ହାତରୁ ଟଙ୍କା ଦେଇ ଏତେ କର୍ମଚାରୀ ରଖିଅଛୁଁ । ଯେ ସ୍ଥଳରେ ଏତେ ସ୍ତ୍ରୀଲୋକ ବିଶେଷରେ ବେଶ୍ୟା ଚରିତ୍ରବନ୍ତ ହୋଇ ବାସ କରିଅଛି ସେଠାରେ ପୁଲିସର ଦୃଷ୍ଟି ଅଧିକ ରହିବାର ଉଚିତ ଓ ଯେବେ ତାହା ପୁଲିସ ନ କଲା ତେବେ ଏହାଙ୍କଦ୍ୱାରା ଅପରାଧ ନିବାରଣ କିପରି ହେବ ? ଅମ୍ଭେମାନେ ପୁଲିସର ଏରୂପ ଶିଥିଳତା ଅନେକ ଦିନରୁ ଦେଖିଆସୁଅଛୁଁ ଓ ଏହି ଶିଥିଳତା ଯୋଗୁଁ ଦୁଷ୍ଟଲୋକମାନେ ନିସ୍ତାରିତ ହୋଇ ନୈଶ ଡକାଇତି ପ୍ରଭୃତି ଅପକର୍ମମାନ କରୁଅଛନ୍ତି । ଏରୂପେ ପୁଲିସରେ ଏପ୍ରକାର ଆଚରଣ ସଂଶୋଧିତ ହେବ ସ୍ଥାନୀୟ କର୍ମଚାରୀମାନେ ତାହା ଶୀଘ୍ର ନିବାରଣ କରନ୍ତୁ ନୋହିଲେ ଅନେକ ପ୍ରକାର ସର୍ବନାଶ ହେବ ।

---

ଦ ୮୩୯ ନ ଉଲେ ଏଠାର ଅସିଷ୍ଟାଣ୍ଟ କଲେକ୍ଟର ଫେସର ସାହେବଙ୍କ କୋଠିରୁ କେହି ବାକ୍ସ ଭାଙ୍ଗି ୫୯୦୮ କେତେ ଅଣା ନେଇଯାଇଅଛି । ଉକ୍ତ ଦିନ ସନ୍ଧ୍ୟା ସମୟରେ ସାହେବ କାହାର ଅନୁପସ୍ଥାନରେ

Split by PDF Splitter
Digitized by srujanika@gmail.com

Split by PDF Splitter



ଯାଇଥିଲେ ରାତ୍ର ଏଗାର ଘଣ୍ଟା ସମୟରେ କୋଠିକୁ ଫେରିଆସି ଶୋଇ ରହିଲେ । ବାକ୍ସ ତାହାଙ୍କ ଶୋଇବା ଘରେ ଥିଲା ସକାଳ ବେଳେ ବାକ୍ସକୁ ଦେଖିଲେ ଯେ ତହିଁର କବଜା ଫିଟିଯାଇଅଛି ଓ ତହିଁ ମଧ୍ୟରେ ଥିବା ତିନୋଟି ଟଙ୍କା ଥଲି ନାହିଁ । ସେହି ସବୁ ଥଲିରେ ଉକ୍ତ ଟଙ୍କା ଥିଲା । ପୁଲିସରେ ସମ୍ବାଦ ଦିଆଯିବାରୁ ଅନେକ ତଦାରକ ହେଲା ଶେଷରେ ଚୋର ଧରା ନ ପାରି ପୁଲିସ ରପୋର୍ଟ କଲେ ଯେ ସାହେବଙ୍କ ଚାକର ମଧ୍ୟରୁ କେହି ଉକ୍ତ କର୍ମ କରିଅଛି ଓ ନଗଦ ଟଙ୍କା ଘର ଚାକର ଚୋରି କଲେ ତାହା ଧରାପଡିବା ବଡ କଠିନ । ଏତଦ୍ଭିନ୍ନ ଗତ କେତେକ ଦିନ ମଧ୍ୟରେ ଆଉ ଦୁଇ ଏକ ସାମାନ୍ୟ ଚୋରି ଇତ୍ୟାଦି ହୋଇଅଛି । ଏସବୁ ଦେଖି ଲୋକେ ବଡ ଭୀତ ଅଛନ୍ତି ଏବଂ ବାଦଶାହ ଅମଳର ଆରମ୍ଭରେ ଏପରି, ଏଣିକି କି ହେବ ଭାବି ଅସ୍ଥିର ହେଉଅଛନ୍ତି । ପୁଲିସ ପ୍ରତି ବିଶେଷ ଦୃଷ୍ଟି ରଖିବା ଏ ସବୁ ଉପଦ୍ରବ ନିବାରଣର ଏକମାତ୍ର ଉପାୟ ଓ ତହିଁ ପକ୍ଷକୁ ହାକିମମାନଙ୍କୁ ସୁବ୍ୟବସ୍ଥା କରିବା ପାଇଁ ଆମ୍ଭେମାନେ ସର୍ବସାଧାରଣଙ୍କ ପକ୍ଷରୁ ଅନୁରୋଧ କରୁଅଛୁଁ ।

---

ଦିଲ୍ଲୀ ଦରବାରର ସଂକ୍ଷେପ ବିବରଣ ଆମ୍ଭେମାନେ ଏଥିପୂର୍ବେ ଲେଖିଅଛୁଁ ଉକ୍ତ ଦରବାରରେ ଯେ ସମସ୍ତ ସମ୍ମାନ ଭାରତବର୍ଷରେ ଥିବା ଦେଶୀୟ ଏବଂ ଇଂରାଜମାନଙ୍କୁ ପ୍ରଦତ୍ତ ହୋଇଅଛି ତହିଁର ବିସ୍ତୃତ ବିବରଣ ଲେଖୁଅଛୁଁ । ଯଥା;

ପ୍ରିବି କୌନସଲ

ଶ୍ରୀମତୀ ଇଂଲଣ୍ଡର ମହାରାଣୀ ଓ ଭାରତେଶ୍ୱରୀ ସମୟେ ସମୟେ ପ୍ରଧାନ ବିଷୟମାନଙ୍କରେ ଏ ଦେଶୀୟ ରାଜା ଓ ସରଦାରଙ୍କର ପରାମର୍ଶ ଓ ଉପଦେଶ ଗ୍ରହଣ କରିବାକୁ ଇଚ୍ଛୁକ ହୋଇ ନିମ୍ନଲିଖିତ ସରଦାର ଓ ରାଜାମାନଙ୍କୁ 'କୌନ୍ସଲର ଅବଏମ୍ପ୍ରେସ' ଉପାଧି ପ୍ରଦାନ କରିଅଛନ୍ତି ଯଥା;

ମହାରାଜା ବୁନ୍ଦୀ, ମହାରାଜା ଜମ୍ମୁ ଓ କାଶମିର, ମହାରାଜା ଗୁଆଲିଅର, ମହାରାଜା ଇନ୍ଦୋର, ରାଜାହିନ୍ଦ, ନବାବ ରାମପୁର ଓ ମହାରାଜା ତ୍ରିବାଙ୍କୁର ଏବଂ କେତେଜଣ ଉଚ୍ଚପଦସ୍ଥ ଇଂରାଜ ।

ଘୋଷଣାପତ୍ରରୁ ଜଣାଯାଏ ଯେ ରାଜା ଓ ସରଦାରମାନଙ୍କୁ ତାହାଙ୍କ ମର୍ଯ୍ୟାଦାର୍ଥ ସାଧାରଣ ହିତ ଉଦ୍ଦେଶରେ ସର୍ବୋଚ୍ଚ କ୍ଷମତା ସହିତ ଯୋଗ ସ୍ଥାପନ ସଙ୍କାଶେ ଉପରଲିଖିତ ମାନ୍ୟସୂଚକ ଜର୍ଦମାନ ଦିଆ ଯାଇଅଛି ଏଥିରୁ କେହି କେହି ଆପତ୍ତି କରନ୍ତି ଯେ ଏରୂପ ନିୟୋଗଦ୍ୱାରା ରାଜା ଓ ସରଦାରମାନେ ଇଂରେଜମାନଙ୍କର ଅତ୍ୟନ୍ତ ଅଧୀନ ହେଲେ ଓ ସନ୍ଧିଦ୍ୱାରା ତାହାଙ୍କର ଯେଉଁ ସ୍ୱାଧୀନତା ଥିଲା ତାହା ସୁଦ୍ଧା ଲୋପ ହେଲା ।

ଏହି ଭାରତର ଅନ୍ୟ ଏକ ଘୋଷଣାପତ୍ରରେ ଦେଖାଯାଏ ଯେ କାଶମୀର ଓ ଗୁଆଲିଅରର ମହାରାଜାମାନେ ଜେନରଲ ଅବ ଆର୍ମି ଅର୍ଥାତ୍ ସୈନ୍ୟାଧ୍ୟକ୍ଷ ପଦରେ ନିଯୁକ୍ତ ହୋଇ ଅଛନ୍ତି । ଅତଏବ ଏମାନେ ସ୍ୱାଧୀନ ଅବସ୍ଥାରୁ ଅବନତ ହୋଇ ଚର୍ମଗ୍ରହର ମର୍ଯ୍ୟାଦା ପାଇଲେ ।

ମର୍ଯ୍ୟାଦା

ସମସ୍ତେ କହୁଅଛନ୍ତି ଏବଂ ବାସ୍ତବରେ ସେକଥା ଯଥାର୍ଥ ଯେ ଏଥର ମର୍ଯ୍ୟାଦାଦାନର ଦାନସାଗର ହୋଇଥିଲା କାହାକୁ କିପ୍ରକାର ମର୍ଯ୍ୟାଦା ଦିଆଯାଇ ଅଛି ତହିଁର କିଛି ଠିକ ନାହିଁ ଫଳତଃ ଅନେକ ଲୋକ କୌଣସି ଏକ ପ୍ରକାର ମର୍ଯ୍ୟାଦା ପାଇବାରୁ ବଞ୍ଚିତ ହୋଇ ନାହାନ୍ତି ।

ମର୍ଯ୍ୟାଦା ମଧ୍ୟରେ ପ୍ରଥମ ତୋପ ସଲାମୀ ଅଟଇ । ଗବର୍ଣ୍ଣର ଜେନରଲଙ୍କ ତୋପସଲାମୀ ୨୧ ଥିଲା ବର୍ତ୍ତମାନକୁ ୩୧ ହେଲା ଓ ଦେଶୀୟ ରାଜା ଓ ସରଦାରମାନେ ଯେ ଯେତେ ତୋପ ସଲାମୀ ପାଉଥିଲେ ତହିଁରୁ କିଛି ଅଧିକା ପାଇଅଛନ୍ତି ଓ କେହି ନୂତନ ହୋଇ ଏ ମର୍ଯ୍ୟାଦା ପାଇଅଛନ୍ତି ତୋପସଲାମୀ ଯେଉଁମାନେ ପାନ୍ତି ସେମାନେ ଦୁଇଶ୍ରେଣୀରେ ବିଭକ୍ତ ଅର୍ଥାତ୍ କେତେକ ରାଜା ଓ ସରଦାରମାନେ ପୁରୁଷାନୁକ୍ରମେ ତାହା ଭୋଗ କରନ୍ତି ଆଉ କେତେକ ରାଜା ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କୁ ତାହାଙ୍କର ନିଜର ମାନ୍ୟସ୍ୱରୂପ ସଲାମୀ ଦିଆଯାଏ । ଶେଷଲିଖିତ ଶ୍ରେଣୀରେ ଅନ୍ୟାନ୍ୟ ରାଜା ମଧ୍ୟରେ ବର୍ଦ୍ଧମାନ ଓ ଇଜାନଗରର ମହାରାଜାମାନେ ଅଛନ୍ତି ଏମାନେ ୧୩ ତୋପ ସଲାମୀ ପାଇବେ । ତୋପ ସଲାମିର ଊର୍ଦ୍ଧ୍ୱ ସଂଖ୍ୟା ୨୧ ଏବଂ ନ୍ୟୂନସଂଖ୍ୟା ୯ ଅଟଇ ।

ଷ୍ଟାର ଅବ୍ ଇଣ୍ଡିଆ ଅର୍ଥାତ୍ ଭାରତବର୍ଷର ନକ୍ଷତ୍ର ଉପାଧି ଅନେକ ଦେଶୀୟ ଓ ଇଂରାଜମାନଙ୍କୁ ଦିଆଯାଇଅଛି ।

ଯେଉଁମାନେ ମହାରାଜା, ମହାରାଣୀ, ରାଜାବାହାଦୁର, ରାଜା, ରାୟବାହାଦୁର, ଖାନବାହାଦୁର ପ୍ରଭୃତି ପଦ ପାଇଅଛନ୍ତି ତାହାଙ୍କ ମଧ୍ୟରେ ଓଡ଼ିଶାରେ ଯେଉଁମାନେ ପଦ ପାଇଅଛନ୍ତି ଏହାଙ୍କ ନାମ ଏଥିପୂର୍ବେ ପ୍ରକାଶ ହୋଇଅଛି । ଏବିଷୟରେ ଆଉ କିଛି ବକ୍ତବ୍ୟ ନାହିଁ । ଏସମସ୍ତ ଉପାଧି ଯାହାଙ୍କୁ ଦିଆ ଯାଇଅଛି ତାହାଙ୍କ ଜୀବଦଶା ପର୍ଯ୍ୟନ୍ତ ରହିବ କେବଳ ନିମ୍ନଲିଖିତ ବ୍ୟକ୍ତିଙ୍କୁ ଚିରସ୍ଥାୟୀ ଅର୍ଥାତ୍ ପୁତ୍ର ପୌତ୍ରାଦିକ୍ରମେ ଭୋଗ କରିବାର ପଦ ଦିଆଯାଇଅଛି । ଯଥା;—

ମୁଙ୍ଗେରର ମହାରାଜା—ମହାରାଜାବାହାଦୁର

ଛୋଟ ନାଗପୁରର ଅନ୍ତର୍ଗତ ଉଦୟପୁରର ରାଜା—ରାଜା

ନବାବ ଅବ୍ଦୁଲଗନି—ନବାବ

ଏପରି ସୈନିକ କର୍ମଚାରୀମାନଙ୍କୁ ଅନେକ ପଦ ଦିଆଯାଇଅଛି ଓ 'ଅର୍ଡର ଅବ୍ ବ୍ରିଟିସଇଣ୍ଡିଆ' ବୋଲି ଗୋଟିଏ ମର୍ଯ୍ୟାଦା ଏହାଙ୍କ ସଙ୍କାଶେ ସ୍ଥାପିତ ହୋଇଅଛି ।

ଉପରଲିଖିତ ମର୍ଯ୍ୟାଦାମାନ ଦେବାରେ ଗବର୍ଣ୍ଣମେଣ୍ଟ ଯେମନ୍ତ ମୁକ୍ତହସ୍ତ ହୋଇଥିଲେ ତାହା ପ୍ରଶଂସନୀୟ ଅଟଇ ସନ୍ଦେହ ନାହିଁ କିନ୍ତୁ ଅନେକ ସ୍ଥଳରେ ପାତ୍ରାପାତ୍ରର ବିବେଚନା ନ ହେବାରୁ ତହିଁର ମହତ୍ତ୍ୱ କେତେ ଊଣା ପଡିଅଛି ।

## ସାପ୍ତାହିକସଂବାଦ ।

ଚଳିତ ମାସ ତା ୨୬ ଓ ୨୭ ଖରେ ମୋଫସଲର ନିମ୍ନ ଶ୍ରେଣୀର ଓକାଲତି ଓ ମୁକ୍ତାରି ପରୀକ୍ଷା କଲିକତା ପାଟନା ଢାକା କଟକ ଏବଂ ଗୌହାଟିରେ ଗୃହୀତ ହେବ ।

ଶ୍ରୀଯୁକ୍ତ କମିଶ୍ନର ସାହେବ ଗତ ସୋମବାର ପୁରୀକୁ ଯାତ୍ରା କଲେ ସେଠାରୁ ଗୋରଧାକୁ ଯିବେ ଓ ସେହି ବାଟେ ଗଡଜାତ ଗସ୍ତ ଆରମ୍ଭ କରିବେ । ଗତ ଶନିବାର ଏ ନଗରରେ ଦିନ ଓ ରାତ୍ରରେ କିଛି ବର୍ଷା ହୋଇଥିଲା ଓ ତହିଁର ପର ଦିନ ପର୍ଯ୍ୟନ୍ତ ମେଘୁଆ ଓ ପବନ ହୋଇଥିଲା । ଏବର୍ଷାରେ ଆମ୍ବ ଫସଲ ବିଶେଷ ମଗ୍ନ ଅଛି ବୋଲି ସମସ୍ତେ ବୋଲନ୍ତି କେବଳ ପରିବାପତ୍ର ଅଧିକ ହେବାର ଆଶା ଅଛି । ଫଳତଃ ଆମ୍ବ ଫସଲ ମାରାପଡିଲେ ବଡ ଦୁଃଖର ବିଷୟ ହେବ ।

ପୂର୍ବେ ଏ ନଗରରେ ଚାଉଳର ଦର

Digitized by srujanika@gmail.com

Split by PDF Splitter

14



ଯେପରି ବୃଦ୍ଧି ହୋଇଥିଲା ବର୍ତ୍ତମାନ ତହିଁରୁ ବହୁତ ଊଣା ହୋଇଅଛି ଓ ବାଲେଶ୍ୱର ଓ ପୁରୀରେ ମଧ୍ୟ ସେହିପରି କିଛି ଊଣା ହେବାର ଦେଖାଯାଏ । ପୁରୀର ଚାଉଳ ଲୁଟ ଏଥିର କାରଣ ହୋଇପାରେ କାରଣ ଶୁଣାଯାଏ ଯେ ମୋଫସଲରେ ଚାଉଳ ମହାଜନଙ୍କ ଲୋକ ଚାଉଳ କିଣିବାରୁ ଅନେକ ସ୍ଥାନରେ ଦରିଦ୍ରମାନେ ସନ୍ତଛରେ ଚାଉଳ ପାଉ ନାହାନ୍ତି । ଯାହା ହେଉ ସୁଖର ବିଷୟ ଯେ ଚାଉଳର ବଜାର ପ୍ରତି ଗବର୍ଣ୍ଣମେଣ୍ଟଙ୍କ ଦୃଷ୍ଟି ପଡ଼ିଅଛି ମହାଜନଙ୍କର ଅତ୍ୟନ୍ତ ଗୌରବ ବିରୁଦ୍ଧରେ କିଛି ନ୍ୟୂନ ହେଲେ ଭଲ ହେବ ।

ଉତ୍କଳଦର୍ପଣରେ ଲେଖାଅଛି ଯେ କଟକର ଡିଷ୍ଟ୍ରିକ୍ଟ ଜେଲ ଇଞ୍ଜିନିଅର ସେଲ ସାହେବ ଘୋଡ଼ାଦୌଡ଼ ଅଭ୍ୟାସ କରୁଥିବା ସମୟରେ ଘୋଡ଼ାରୁ ପଡ଼ି ମରିଯାଇଅଛନ୍ତି । ଏ ସଂବାଦଟି ଭୁଲ ଅଟେ ଓ ଏଥିରେ ସାହେବ ଦୀର୍ଘାୟୁ ହେବେ ସନ୍ଦେହ ନାହିଁ ।

ମହାମାନ୍ୟ ଗବର୍ଣ୍ଣର ଜେନରଲ ସାହେବ ଦିଲ୍ଲୀ ଦରବାର ଶେଷ କରି ସାତ ଶଲବାର ଅପରାହ୍ନ କାଳରେ କଲିକତାକୁ ପ୍ରତ୍ୟାଗମନ କରିଅଛନ୍ତି । ସେଦିନ କଲିକତାରେ ଏତାପରି ବର୍ଷା ହୋଇଥିବାରୁ ବହୁତ ଲୋକ ତାହାଙ୍କ ଅଭ୍ୟର୍ଥନା ସକାଶେ ଯାଇ ପାରି ନଥିଲେ ତଥାପି କେତେକ ଯୁରୋପଦେଶୀୟ ଓ ଇଂରାଜ ଘାଟ ପର୍ଯ୍ୟନ୍ତ ଯାଇଥିଲେ । ଲର୍ଡଲିଟନସାହେବ ଦିଲ୍ଲୀରୁ ଫେରି ଆସିବା ସମୟରେ ପଟିଆଲାର ରାଜାଙ୍କୁ ସଙ୍ଗରେ ବସାଇ ଆସିଅଛନ୍ତି ।

ଢାକାରେ ଶ୍ରୀମତୀ ଭାରତେଶ୍ୱରୀଙ୍କ ନୂତନ ପଦ ଗ୍ରହଣ କଥାକୁ ଚିରସ୍ମରଣୀୟ କରିବା ସକାଶେ ଢାକାବାସୀମାନେ ଗୋଟିଏ ସାଧାରଣ ଉଦ୍ୟାନ ସ୍ଥାପନ କରିବାକୁ କଳ୍ପନା କରିଅଛନ୍ତି ଓ ତହିଁପାଇଁ ଚାନ୍ଦା ସଂଗୃହୀତ ହେଉଅଛି ।

ଦିଲ୍ଲୀରେ ଦରବାର ଦିନ କେତେଗୁଡ଼ିଏ 'ଏମ୍ପ୍ରେସ' ମୁଦ୍ରିତ ନୂତନ ଟଙ୍କା ଦରିଦ୍ରମାନଙ୍କୁ ବଣ୍ଟାଯାଇଥିଲା । ଏ କାର୍ଯ୍ୟଟି ଉତ୍ତମ ବୋଲି କହିବାକୁ ହେବ କାରଣ ନୂତନ ଟଙ୍କା ଅନେକ ଦରିଦ୍ରଙ୍କ ହାତକୁ ଯିବାରୁ ବୋଲିବାକୁ ହେବ ଯେ ଭାରତେଶ୍ୱରୀ ଦରିଦ୍ରଙ୍କ ଦୁଃଖ ମୋଚନ ସକାଶେ ଅତ୍ୟନ୍ତ ବ୍ୟଗ୍ର ଅଟନ୍ତି ।

ସୁଲଭସମାଚାର ବୋଲନ୍ତି ଯେ ଦିଲ୍ଲୀ ସମାରୋହର ସମସ୍ତ କାର୍ଯ୍ୟ ଭଲ ହୋଇଥିଲା କେବଳ ପୋଷ୍ଟଅଫିସର ବନ୍ଦୋବସ୍ତ ଅତ୍ୟନ୍ତ ମନ୍ଦ ଥିବାରୁ ଚିଠିପତ୍ର ପାଇବାର ବଡ଼ କଷ୍ଟ ହୋଇଥିଲା । ସବୁ କାର୍ଯ୍ୟ ଭଲ ହେଲେ ହିଁ ନ ହୁଅନ୍ତା ।

ତାରକେଶ୍ୱରଙ୍କ ସାବେକ ମହନ୍ତ ମାଧବଗିରି କଏଦରୁ ଖଲାସ ପାଇ ଆପଣା ଗାଦି ଲାଭ କରିବାର ଚେଷ୍ଟାରେ ଥିଲା ମାତ୍ର ଶ୍ୟାମସୁନ୍ଦର ଗିରି ଗାଦି ଛାଡ଼ୁ ନ ଥିଲା । ଏବେ ଶ୍ୟାମସୁନ୍ଦରର ଅନୁପସ୍ଥିତିରେ ମାଧବଗିରି ବଳପୂର୍ବକ ଗାଦିରେ ବସି ଏମନ୍ତ ବନ୍ଦୋବସ୍ତ କରିଦେଲେ ଯେ ଶ୍ୟାମସୁନ୍ଦର ପୁନଃ ପ୍ରବେଶ କରି ପାରିଲେ ନାହିଁ । ଶ୍ୟାମସୁନ୍ଦର ଏଥିପାଇଁ ମାଧବଗିରି ନାମରେ ଶ୍ରୀରାମପୁରର ଜଏଣ୍ଟ ମାଜିଷ୍ଟ୍ରେଟଙ୍କ ନିକଟରେ ନାଲିଶ କରିଅଛନ୍ତି ।

କାଶ୍ମୀରର ମହାରାଜା ଜଣେ ଫରାସି ଭଦ୍ରଲୋକଙ୍କୁ ଆପଣା ରାଜ୍ୟକୁ ଆଣାଇ ତାହାଙ୍କଦ୍ୱାରା ଦ୍ରାକ୍ଷାର ଚାଷ କରାଉଅଛନ୍ତି । ଏକବର୍ଷ ଚାଷ ହୋଇ ପରୀକ୍ଷାରେ ଦେଖା ଯାଇଅଛି ଯେ ତହିଁରୁ ଉତ୍ତମ ମଦ ପ୍ରସ୍ତୁତ ହୋଇଅଛି ଓ ଭବିଷ୍ୟତକୁ ଏଥିର ଉନ୍ନତି ହେବାର ସମ୍ଭାବନା ଅଛି ।

ଜଣେ ପାରସି ସ୍ତ୍ରୀଲୋକ ୧୦୨ ବର୍ଷ ବୟସରେ ମରି ଯାଇଅଛି । ଏହାର ମାତା ୧୧୦ ବର୍ଷ ବୟସ ପର୍ଯ୍ୟନ୍ତ ବଞ୍ଚିଥିବାର କଥିତ ହୁଅଇ ।

ଡେଲିନ୍ୟୁଜରେ ପାଠ କଲୁଁ ଯେ ବାକରଗଞ୍ଜର ଅବସ୍ଥା ଭଲ ନୁହଇ । ଯେପରିମାଣରେ ଫସଲ ନଷ୍ଟ ହେବାର ପୂର୍ବେ ଅନୁମାନ ହୋଇଥିଲା ତହିଁରୁ ଅଧିକ ନଷ୍ଟ ହୋଇଅଛି ଏବଂ ଓଲାଉଠାରୋଗର ପ୍ରାଦୁର୍ଭାବ ଅତିଶୟ ହୋଇଅଛି । ଏତେ ଅଧିକ ଫସଲ ନଷ୍ଟ ହେବା ପ୍ରତ୍ୟକ୍ଷେ ଆମ୍ଭମାନଙ୍କର ଲେପ୍ଟନେଣ୍ଟ ଗବର୍ଣ୍ଣର ରାଜସ୍ୱ କ୍ଷମାଦେବାକୁ ନିଷେଧ କରନ୍ତି ବଡ଼ ଦୁଃଖର ବିଷୟ ଅଟଇ ।

ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି କି ପାଇକପଡ଼ା ରାଜବଂଶର ରାଜକୁମାରମାନେ ଶ୍ରୀମତୀ ଭାରତେଶ୍ୱରୀଙ୍କ ପଦ ଗ୍ରହଣ ଉପଲକ୍ଷରେ କୋଡ଼ିଏ ହଜାର ଟଙ୍କାର ଶାଲଦୁଶାମାନ ଆପଣା ବନ୍ଧୁବାନ୍ଧବ ଓ ପ୍ରଜାବର୍ଗଙ୍କୁ ବିତରଣ କରିଅଛନ୍ତି । ଶୀତକାଳରେ ଏପ୍ରକାର ରାଜଭକ୍ତି ପ୍ରଦର୍ଶନ ବଡ଼ ସୁଖକର ଅଟଇ ।

କଥିତ ହୁଅଇ ଯେ ମାନ୍ଦ୍ରାଜରେ ୮ ଲକ୍ଷ ଲୋକ ସାହାଯ୍ୟ କର୍ମରେ ମୂଲ ଲାଗିଅଛନ୍ତି ଓ ବମ୍ବେଇରେ ଏ ପ୍ରକାର ଲୋକଙ୍କ ସଂଖ୍ୟା ଦୁଇଲକ୍ଷ ଅଟଇ ।

ବାତ୍ୟାପୀଡ଼ିତ ପ୍ରଦେଶର ସାହାଯ୍ୟ ନିମିତ୍ତ ନବାବ ଅବଦୁଲଗନି ଓ ତାହାଙ୍କ ପୁତ୍ର ଖାଜେଆସନଉଲ୍ଲା ଟ ୫୦୦୦୲ କା ଏବଂ ମହାରାଣୀ ସ୍ୱର୍ଣ୍ଣମୟୀ ଟ ୩୦୦୦୲ କା ଦାନ କରିଅଛନ୍ତି ।

ଯୁନାଗଡ଼ର ନବାବ ବମ୍ବେଇରେ ପହୁଞ୍ଚି ସେଠାର ଦୁର୍ଭିକ୍ଷ ସାହାଯ୍ୟ ନିମିତ୍ତ ଟ ୫୦୦୦୲ କା ଦାନ କଲେ ଓ ପାଞ୍ଚହଜାର ଗୃହପାଳିତ ପଶୁ ଚରିବା ସକାଶେ ଆପଣା ଏଲାକାର ଖଣ୍ଡେ ଜଙ୍ଗଲ ବିନାଖଜଣାରେ ଛାଡ଼ି ଦେଇଅଛନ୍ତି । ଏ ମହାଶୟଙ୍କ ଦାନ ଦିବା ସାର୍ଥକ ।

ମାନ୍ଦ୍ରାଜମେଲରେ ଲେଖାଅଛି କି ହୋଲକାର ମହାରାଜାଙ୍କର ଲୁଗାବୁଣିବା କଳ ଅତ୍ୟନ୍ତ ଫଳପ୍ରଦ ହେବାରୁ ମହାରାଜା ଆଉ ଗୋଟିଏ କଳଘର ନିର୍ମାଣ କରାଉଅଛନ୍ତି ଓ ଏଥିପାଇଁ ପାଞ୍ଚଲକ୍ଷ ଟଙ୍କା ଦାଦନ ଦେଇଅଛନ୍ତି । ଏ କଳଘରଟି ପ୍ରଥମ କଳଘରଠାରୁ ବଡ଼ ହେବ । ଏହିପ୍ରକାର କାର୍ଯ୍ୟଦ୍ୱାରା ଭାରତବର୍ଷର ଉନ୍ନତି ହେବା ସମ୍ଭାବନା ଅଛି ।

## ବିଜ୍ଞାପନ ।

ଶ୍ରୀଶ୍ରୀମତୀ ମହାରାଣୀ ଭାରତବର୍ଷର ଅଧିଶ୍ୱରୀ ପଦ ଗ୍ରହଣ ବିଷୟରେ ଓଡ଼ିଶାବାସିଙ୍କର ଅଭିନନ୍ଦନପତ୍ର ସର୍ବସାଧାରଣଙ୍କର ସ୍ୱାକ୍ଷର ନିମନ୍ତେ କଟକ କଲେକ୍ଟରି କଚେରୀରେ ରଖାଯାଇଅଛି ଯେକେହି ଭକ୍ତି ପୂର୍ବକ ସ୍ୱାକ୍ଷର କରିବାକୁ ଚାହାନ୍ତି ସେ କଚେରୀକୁ ଆସି ସ୍ୱାକ୍ଷର କରିବେ । ତା ୧୧ ରିଖ ଜାନୁଏରି ସନ ୧୮୭୭ ସାଲ

G. TOYNBEE,
*Offg. Collector.*

ନୀତିକଥା, ଭୂଗୋଳ ପ୍ରଭୃତି କେତେଗୁଡ଼ିଏ ଓଡ଼ିଆ ପୁସ୍ତକ ଏହିମାସ ତା ୨୨ ରିଖ ସୋମବାର ଦିନ ଦୁଇପ୍ରହର ସମୟରେ କଟକ ନର୍ମାଲ ସ୍କୁଲରେ ନିଲାମ ହେବ ।

କଟକ ୬।୧।୭୭ } N. K. DASS
*Jt. Inspector of schools*
*Orissa.*

## ମୂଲ୍ୟପ୍ରାପ୍ତି ।

ବାବୁ ଭଗବତୀଚରଣ ସେନ ଯାଜପୁର
ବକେୟା ଟ ୭୲ କା

ଶ୍ରୀ ଶ୍ରୀ ସନ୍ତା କଲ୍ଲେ ଅଲ ଏକୁନ ଟ ୬୸

☞ ଏହି ଉତ୍କଳଦୀପିକା ପତ୍ରିକା କଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୨ ଶ
ସଂ ୪ ଖ୍ୟା } ତା ୨୭ ରିଖ ଜାନୁଆରୀ ସନ୧୮୭୭ ମସିହା । ମୂ । ମାଘ ୧୬ଦିନ ସନ୧୨୮୪ସାଲ ଶନିବାର { ଅଗ୍ରିମ ବାର୍ଷିକମୂଲ୍ୟ ଟ୩୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୩୲
ମଫସଲପାଁଇ ଡାକମାସୁଲ ଟ୧୲୬

ଗତସପ୍ତାହ ଏ ନଗରରେ ବଡ ଆମୋଦରେ କଟି ଯାଇଅଛି । ବସନ୍ତପଞ୍ଚମୀ ପଟ୍ଟେ? ମୋହ- ରମ ଓ ଏଥିମଧ୍ୟରେ ତା ୧୧ ରଖ ମାଘର ଉତ୍ସବ ପଡିବାରୁ ହିନ୍ଦୁ ମୁସଲମାନ ଓ ବ୍ରାହ୍ମ- ମାନେ ସମସ୍ତେ ଆନନ୍ଦରେ ମାତିଥିଲେ । ବସନ୍ତପଞ୍ଚମୀରେ ଏବର୍ଷ ବଙ୍ଗାଳି ଯୁବାମାନେ ବେଦୀ କରି ଖଣ୍ଡିଏ ସରସ୍ୱତୀ ପ୍ରତିମା ପୂଜା କରିଥିଲେ ଓ ତଦୁପଲକ୍ଷରେ ଚିତ୍ତବନ ପୂଜା ମଙ୍ଗଳସ ଭୋଜନ ଇତ୍ୟାଦରେ ନଗରବାସି ଭଦ୍ରଲୋକଙ୍କର ବଡ ସୁଖ ହୋଇଥିଲା । ଅନେକ ଲୋକ ବୋଲନ୍ତି ବଙ୍ଗାଳିମାନଙ୍କର ଏପରି ଉତ୍ସବ ଏନଗରମଧ୍ୟରେ କେବେ ଦେଖାଯାଇ ନାହିଁ । ମୁସଲମାନଙ୍କର ମୋହରମପର୍ବ ଅନ୍ୟାନ୍ୟ ବର୍ଷଠାରୁ ଏବର୍ଷ ସମାରୋହରେ ଊଣା ହୋଇ- ଥିଲେହେଁ ଆଖଡାବାଲାଙ୍କର ଖେଳ ଓ ବାଦ୍ୟ- ରେ ନଗର ପୂର୍ଣ୍ଣ ଓ ଦିନ ରାତ୍ର ଚହଳ ପଡି ଯାଇଥିଲା । ପଲଟନରେ ତାଜିଆ ନ ହେବାରୁ ଅନେକପ୍ରକାର ତମାସାରୁ ନଗରବାସିମାନେ ବଞ୍ଚିତ ହୋଇଅଛନ୍ତି । ଗତରାତ୍ର ପର୍ଯ୍ୟନ୍ତ ଏ ପର୍ବ ଶେଷ ହୋଇ ନ ଥିବାରୁ ଆମ୍ଭେମାନେ ଏ- ଥିର ବିଶେଷ ବିବରଣ ଦେଇ ପାରିଲୁଁ ନାହିଁ ଆବଶ୍ୟକୀୟ କଥା ଥିଲେ ଆଗାମୀ ସପ୍ତାହରେ ବ୍ୟକ୍ତ କରିବୁଁ ମୋଟ କଥା ଏହି ଯେ ହିନ୍ଦୁ ମୁସଲମାନ ସମସ୍ତେ ଆପଣା ଆମୋଦ ପ୍ରମୋ- ଦରେ ମତ୍ତ ଥିଲେ ଓ କର୍ତ୍ତାଙ୍କ ଅବଧାନ ଏବଂ ଆଖଡାବାଲାଙ୍କୁ ଏଥାବେଳକେ ବାର୍ଷିକ ଦିବାକୁ ଦେବାକୁ ପଡିବାରୁ ବଡଲୋକମାନେ ବ୍ୟସ୍ତ ହୋଇଥିଲେ । ବ୍ରାହ୍ମମାନଙ୍କ ଉତ୍ସବ ଯଥାବିହିତ ରୂପେ ରକ୍ଷିତ ହେଲା ମାତ୍ର ଏମାନଙ୍କ ସଂଖ୍ୟା ଅଧିକ ନ ଥିବାରୁ ତାହା ସାଧାରଣରେ ବଡ ଜଣାପଡ଼ ନାହିଁ ।

---

ଚଳିତମାସ ତା ୧୧ ରିଖର ସାପ୍ତାହିକ ଶସ୍ୟ ବିଜ୍ଞାପନୀରୁ ଜଣାଯାଏ ଯେ କେବଳ ଡାଞ୍ଜୋର ଜୟପୁର ଓ ମଧ୍ୟଭାରତବର୍ଷରେ କିଞ୍ଚିତ୍ ବର୍ଷା ହୋଇଥିଲା । ଭାରତବର୍ଷର ଅନ୍ୟ କୌଣସି ସ୍ଥାନରେ ବର୍ଷା ନାହିଁ । ମାନ୍ଦ୍ରାଜ ବମ୍ବେଇ ଓ ମହୀସୁର ଅବସ୍ଥା କିଛିମାତ୍ର ପରିବର୍ତ୍ତନ ହୋଇ ନାହିଁ । ମଧ୍ୟ ପ୍ରଦେଶରେ ରବି ଫସଲ ପାଚିଲାଣି ମାତ୍ର ଅନେକ ଜିଲ୍ଲାରେ ବର୍ଷା ଅଭାବରୁ ଶୁଖି- ଯାଉଅଛି । ରାଜପୁତାନା ଓ ମଧ୍ୟଭାରତବର୍ଷର ଅବସ୍ଥା ଉତ୍ତମ । ବଙ୍ଗଳାରେ ସାରଧ ଫସଲ ଉତ୍ତମ ହୋଇଅଛି ଏକ ସ୍ଥାନରେ ରବି ସକାଶେ ବର୍ଷାର ଲୋଡା ଅଛି । ଆସାମ ଓ ବ୍ରହ୍ମାର ଅବସ୍ଥା ଉତ୍ତମ ।

ମାନ୍ଦ୍ରାଜର ସରକାର ବିଜ୍ଞାପନରୁ ଜଣାଯାଏ ଯେ ବର୍ଷା ନ ହେବାରୁ ଫସଲସବୁ ଶୁଖିଗଲାଣି ଓ ଦୁର୍ଭିକ୍ଷ ଏବଂ ଓଲାଉଠା ପ୍ରବଳ ହୋଇଅଛି । କର୍ନୁଲ ଜିଲାରେ ଅଢେଇ ଲକ୍ଷ ଲୋକ ମୂଲ ଲାଗିଅଛନ୍ତି ଓ ଛଅହଜାର ଲୋକଙ୍କୁ ଅନ୍ନ ଦାନ ହେଉଅଛି । କଡାପା ଜିଲ୍ଲାରେ ଜ ୧୨୮୧୬୫ ଣ ଏବଂ ବେଲାରିରେ ଜ ୩୪୭୦- ୦୦ଣ ମୂଲ ଲାଗିଅଛନ୍ତି ଏବଂ ଜ ୨୭୦୦୦ ଣଙ୍କୁ ଅନ୍ନ ଦାନ ହେଉଅଛି । ଓଲାଉଠା ସବୁଠାରେ ଲାଗିଅଛି ଓ କୃଷ୍ଣା ଜିଲାରେ ଜ ୫୧ ଣ ଏ ରୋଗରେ ମରିପଡିଅଛନ୍ତି । ଏକ ସ୍ଥାନ- ରେ ବସନ୍ତ ରୋଗ ମଧ୍ୟ ପ୍ରବଳ ହୋଇଅଛି । କୂଅମାନ ଶୁଖିଯାଉଅଛି ଏବଂ ଜଳ ବିହୀନେ ପଶୁଙ୍କର ବଡ କଷ୍ଟ ହୋଇଅଛି । ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଅନେକ ଲୋକ ସାହାଯ୍ୟ କର୍ମରେ ଲାଗିଅଛନ୍ତି ଓ ଅନ୍ନଦାନ ପାଉଅଛନ୍ତି । କେବଳ ଡାଞ୍ଜୋରରେ କିଛି ବୃଷ୍ଟି ହୋଇ- ଥିବାରୁ ଲୋକଙ୍କ ଚିନ୍ତା ଦୂର ହୋଇଅଛି ଓ କୂଅ ଓ ପୁଷ୍କରିଣୀରେ କିଞ୍ଚିତ୍ ଜଳ ସଞ୍ଚିତ ହୋଇଅଛି । ମୋଟରେ ମାନ୍ଦ୍ରାଜ ପ୍ରଦେଶରେ ଜ ୯୬୭,୨୫୧ ଣ ସାହାଯ୍ୟ କର୍ମରେ ମୂଲ ଲାଗି ପ୍ରତିପାଳନ ହେଉଅଛନ୍ତି ଏବଂ ଜ ୫୭୮୦୫ ଣ ଅନ୍ନଦାନ ପାଉଅଛନ୍ତି ।

---

ଅଳକୁ ଦୁଇସପ୍ତାହ ହୁ ଅଧିକ ହେଲା ପ୍ରତି- ଦିନ ସଡକରେ ଚାଲିଗଲାବେଳେ ଆମ୍ଭମାନଙ୍କ ମନରେ ଏହିକଥାର ସଂଶୟ ଜାତ ହୁଅଇ ଯେ ଜୁଆଖେଳ ନିବାରଣ ନିମିତ୍ତେ ଗବ- ର୍ଣ୍ଣମେଣ୍ଟ ଯେଉଁ ଆଇନ କରିଅଛନ୍ତି ତାହା ଏ ନଗରରେ ପ୍ରଚଳିତ ହୋଇ ନାହିଁ ଅଥବା ପ୍ରଚଳିତ ହେବାକଥା ଏଠା ପୁଲିସକୁ ଜଣା ନାହିଁ । ଦିନଦୁଇପ୍ରହର ବେଳେ ସଡକ ଉପ-

Digitized by srujanika@gmail.com

Split by PDF Splitter



ପରେ କୋଡିଏ ପଚିଶ ଲୋକ ଏକତ୍ର ହୋଇ ଜୁଆ ଖେଳୁ ଅଛନ୍ତି ଅଥଚ କେହି ତାହାଙ୍କୁ କିଛି କହୁ ନାହାନ୍ତି ଏହା କିରୂପେ ସଂଘଟନ ହେଲା ଆମ୍ଭେମାନେ ଜାଣିପାରୁ ନାହୁଁ ଯାହା ହେଉ ଜୁଆଖେଳାଳିଙ୍କ ସାହସକୁ ଧନ୍ୟ ବୋଲିବାକୁ ହେବ ସେମାନେ ସଡକ ଛକରେ ଏବଂ କଚେରୀ ସମ୍ମୁଖରେ ଅକାତରରେ ଖେଳୁ ଅଛନ୍ତି ଓ ବୋଧ ହୁଅଇ ପୁଲିସ ଏହାକୁ ସରଳ ଭାବର କାର୍ଯ୍ୟ ବିବେଚନା କରି କିଛି କହୁ ନାହାନ୍ତି କାରଣ ଦୂଷଣୀୟ କାର୍ଯ୍ୟ କେହି ଏମନ୍ତ ପ୍ରକାଶ୍ୟରୂପେ କରିବାକୁ ସାହସୀ ହୁଅଇ ନାହିଁ କେହି୨ ଅନୁମାନ କରନ୍ତି ଯେ ପୁଲିସର ସାହାଯ୍ୟରେ ଏପରି ହେଉଅଛି । କନଷ୍ଟବଲମାନେ ନ ଜାଣିଲ ପରି ଅନ୍ତରରେ ଥାନ୍ତି ଓ ଅର୍ଜିତ ଧନରୁ କିଛି୨ ପାନଖର୍ଚ୍ଚ ନେଇ ଜୁଆଖେଳାଳିଙ୍କ ବଦାନ୍ୟତାକୁ ପ୍ରଶଂସା କରୁଥାନ୍ତି । ଫଳତଃ ଏ ଅନୁମାନ ଯେ ନିତାନ୍ତ ଅମୂଳକ ଏମନ୍ତ ବୋଲିବାର କୌଣସି ହେତୁ ନାହିଁ କାରଣ କିଏ ବିଶ୍ୱାସ କରିବ ଯେ ପୁଲିସ ଦିନବେଳେ ସୁଦ୍ଧା ଗୃହପ୍ରାୟ ଘୋର ନିଦ୍ରାରେ ଯନ୍ତ୍ରୀଭୂତ ହୋଇଥାଏ କିଛି ଦେଖି ଶୁଣି ପାରଇ ନାହିଁ । ଆମ୍ଭେମାନେ ପୁଲିସର ଉଚ୍ଚକର୍ମଚାରିଙ୍କୁ ଏକାନ୍ତ ଅନୁରୋଧ କରୁଅଛୁଁ ଯେ ଥରେ ଏ ବିଷୟ ପ୍ରତି ଦୃଷ୍ଟି କରନ୍ତୁ । ଏ ଜୁଆଖେଳ ନୂତନପ୍ରକାରର ଅଟଇ ଗଣ୍ଡେ ଦୌଡି ଓ କାଠିରେ ଖେଳ ହେଉଅଛି ଦୌଡିକୁ ଚକ୍ରାକାରରେ ରଖି ତହିଁ ମଧ୍ୟରେ କାଠିକୁ ଧରିବାକୁ ହେବ ଯେବେ ଦୌଡିକୁ ଟାଣିବାବେଳେ କାଠିରେ ଲାଗି ରହିଲା ତେବେ ଜିତ ଓ ଖସିଗଲେ ହାର ହେଲା । ବଜାରମାନେ ଆପଣା ମଧ୍ୟରେ କସି ଖେଳୁଥାନ୍ତି ଓ କେହି ଅଜ୍ଞଲୋକ ଭେଟ ପଡିଲେ ତାହାକୁ ଫାନ୍ଦେଇ ତାହା ସଙ୍ଗରେ ବାଜି ଲଗାନ୍ତି ଓ ସହଜରେ ସେ ବ୍ୟକ୍ତିକୁ ହରାଇ ଦେଇ ଦୁଇ ଚାରିଟଙ୍କା ହାତ କରନ୍ତି । ଆମ୍ଭେମାନେ ସ୍ୱୟଂ କେତେଗୁଡିଏ ଲୋକଙ୍କୁ ଏହିକାଟେ ଅର୍ଥ ହରାଇ ଦୀନ୨ ସଡକରେ ଯାଉଥିବାର ଦେଖି ଅଛୁଁ ଏଥିର କି କୌଣସି ପ୍ରତୀକାର ହେବ ନାହିଁ ?

———

ଦିଲ୍ଲି ମହାସଭାରେ ଯେପ୍ରକାର ସମାରୋହ ଓ ବନ୍ଦୋବସ୍ତ ହୋଇଥିଲା ତାହା ବିଶେଷ କରି ଜାଣିବାକୁ ଅନେକଲୋକଙ୍କର କୌତୁକ ହେବ ଏହି ଉଦ୍ଦେଶରେ ସୁଲଭସମାଚାରରୁ 'ଦିଲ୍ଲିରୁ ପ୍ରତ୍ୟାଗତ ବନ୍ଧୁର ପତ୍ର' ଖଣ୍ଡିକ ଏଠାରେ ଉଦ୍ଧୃତ କଲୁଁ ପତ୍ରଖଣ୍ଡିକ ଦୀର୍ଘ ହେଲେହେଁ ସୁପାଠ୍ୟ ଅଟଇ ଅତଏବ ଭରସାଅଛୁ ଯେ ପାଠକମାନେ ବିରକ୍ତ ନ ହୋଇ ଉତ୍ସାହସହିତ ପାଠ କରିବେ ।

" ଦିଲ୍ଲିର ଦରବାରକୁ ଯାଇ ଆମ୍ଭେମାନେ ଭଲ କରିଅଛୁଁ କି ମନ୍ଦ କରିଅଛୁଁ ତାହା ନ ଜାଣି ଏତେ ତାମ୍ବୁ ଯେ କେଉଁଠାରୁ ଏକତ୍ର ହେଲା ମନରେ ସୁଦ୍ଧା କଳ୍ପନା ହୁଏ ନାହିଁ କେବଳ ତାମ୍ବୁରେ ୩୦ କୋଶ ପଡିଆ ବ୍ୟାପିଥିଲା । ବଡଲାଟ ଛୋଟଲାଟ ରାଜରାଜୁଡାମାନଙ୍କର ତାମ୍ବୁ ସବୁକୁ କିସ୍ମର ଅଟ୍ଟାଳିକା କହିଲେ ହୁଏ । ବଙ୍ଗଦେଶର ଛୋଟଲାଟ ଗୋଟିଏ ବୃହତ୍ ଅଗଣାରେ ତାମ୍ବୁର ଗଡୁଆ ଟଣାଇ ଟାଉନହଲଶ୍ରେଣୀରେ ପୂର୍ଣ୍ଣ କରି ଦେଇଥିଲେ । ସୈନ୍ୟମାନଙ୍କର ତାମ୍ବୁ ସମ୍ମୁଖରେ ସହସ୍ର୨ ଘୋଡା ଶ୍ରେଣୀବଦ୍ଧ ହୋଇ ଦଣ୍ଡାୟମାନ ଥିଲେ । ଫଳେ ଦିଲ୍ଲି ଗୋଟିଏ ପ୍ରକାଣ୍ଡ ତାମ୍ବୁର ସହର ହୋଇଥିଲା । ଏତେ ତାମ୍ବୁ ମଧ୍ୟ କେବେ ଦେଖି ନାହୁଁ, ଏତେ ଧୂଳି ମଧ୍ୟ କେବେ ଖାଇ ନାହୁଁ । ମୁଣ୍ଡରେ ଧୂଳି, ଲୁଗାରେ ଧୂଳି, ଡାଲ ରୋଟିରେ ଧୂଳି, ପାଣିରେ ଧୂଳି, ପେଟେ୨ ଧୂଳି । ହାତୀ, ଘୋଡା, ଉଟ ଚାଲିଲେ ଗରୁଗଡେଲେ ଧୂଳିରେ ଆକାଶ ଅନ୍ଧକାର ହୋଇଥାଏ କିନ୍ତୁ ଗବର୍ଣ୍ଣମେଣ୍ଟ ଆଶ୍ଚର୍ଯ୍ୟ ଜଳର ବନ୍ଦୋବସ୍ତ କରିଥିଲେ । ଯେଉଁଠାରେ ବାଟ ତାହା ଧାରରେ କୂଅ ଖୋଳା ହୋଇଥିଲା ସୁତରାଂ କାଦୁଅ ଜଳ ହେଲେ ମଧ୍ୟ ଲୋକେ ଅଜସ୍ର ଧାରରେ ଏହି ଜଳ ବ୍ୟବହାର କରିବାକୁ ପାଇଥିଲେ । ଏହାଭିନ୍ନ ସ୍ଥାନେ୨ ଅନେକ ନୂତନକୂପ ଖୋଳା ହୋଇଥିଲା । ପୁଲିସର ବନ୍ଦୋବସ୍ତ ଅତି ସୁନ୍ଦର ହୋଇଥିଲା । ପଞ୍ଜାବପ୍ରଦେଶରୁ ଦଶହଜାର କନଷ୍ଟେବଲ ଆସିଥିଲେ । ଏହି ପୁଲିସ ପ୍ରାୟ ସୁଶିକ୍ଷିତ ସିପାହିମାନଙ୍କ ତୁଲ୍ୟ । ଏମାନଙ୍କ ଚେହେରା ଦେଖିଲେ ପୁଲିସକୁ ଭୟ ଓ ମାନ୍ୟ କରିବାକୁ ଇଚ୍ଛା ହୁଏ । ଏମାନଙ୍କ ଶାସନରେ ଏତେବଡ ସମାରୋହରେ ପ୍ରାୟ କୌଣସି ଅତ୍ୟାଚାର ଘଟି ନାହିଁ । ଏମାନେ ଭଦ୍ରଲୋକମାନଙ୍କୁ ସମ୍ଭ୍ରମ କରିବାକୁ ମଧ୍ୟ ଖୁବ୍ ଜାଣନ୍ତି । ଜଣେ ଭଦ୍ରଲୋକ ଏମାନଙ୍କ ମଧ୍ୟରୁ ଜଣକୁ ବକ୍ସିସ ଦେବାକୁ ଇଚ୍ଛା କରିଥିଲେ, ସେ "ହାମ୍ ତାବେଦାର" ବୋଲି ତାହା ଗ୍ରହଣ କଲା ନାହିଁ । ଗୃହରେ ଆମ୍ଭେମାନେ ତାମ୍ବୁଘରେ ପ୍ରାୟ ଦୁଆର ଫିଟାଇ ରଖିନ୍ତି ହୋଇ ଶୋଇ ଯାଉଁ । ଆଲୁଅର ବନ୍ଦୋବସ୍ତ ଅଧିକ ଆବଶ୍ୟକ ହୁଏ ନାହିଁ । ସବୁ ତାମ୍ବୁ ନିକଟରେ ଲୌହ ଓ କାଷ୍ଠ ସ୍ତମ୍ଭ ଉପରେ ଆଲୋକ ଥାଏ । ଯାହା କିଛି ଅଳ୍ପ ଅଭାବ ଥିଲା ତାହା ଚନ୍ଦ୍ରର ଜ୍ୟୋତ୍ସ୍ନାରେ ମେଣ୍ଟିଗଲା । ଦିଲ୍ଲିକୁ ଯାଇ ଆମ୍ଭମାନଙ୍କର ଏହା ହୋଇଅଛି ଯେ ଆଉ ରାଜା, ହାତୀ, ଘୋଡା, ଉଟ କିଛିମାତ୍ର ଦେଖିବାକୁ ରୁଚି ନାହିଁ ଏବଂ ତୋପ ଶବ୍ଦରେ ଥରେ୨ ପ୍ରାଣ ଦହଲି ଯାଇଅଛି । କୌଣସିପ୍ରକାରର ଅଙ୍ଗୁଳିଗଣ୍ଠି କାନଦ୍ୱୟୋଟି ବଧାଇ ଆସିଅଛୁଁ । ବାଟରେ ଦୁଇପଦ ବୁଲିଆସିଲେ ୧ ଦର୍ଜନ ରାଜାଙ୍କସଙ୍ଗେ ସାକ୍ଷାତ୍ ହୁଏ । ଜଣେ୨ ରାଜା ଦେଖିବାକୁ ପ୍ରାୟ ଦରଓ୍ୱାନ ପରି, କେବଳ ଶିର ଓ କଟିଲୁଗା ଚକମକ କରିବାରୁ ରାଜା ବୋଲି ଚିହ୍ନାଯାଏ । ବାଟରେ କେବଳ ଗାଡିଘୋଡାର ଗାଡି ଦଉଡୁଥାଏ, ପଛଅଡେ ଭୁରୁକୁସଓ୍ୱାରସବୁ ନିଶାଣ ଧରି ତଗ୍୨ ହୋଇ ଧାଇଁଥାନ୍ତି । ଜଣଜଣଙ୍କ ସଙ୍ଗରେ ନକିବ ଡାକୁଥାଏ । କୌଣସି ରାଜା ସଙ୍ଗରେ ଦେଖାକରିବାକୁ ଗଲେ ଦୁମଦାମ ତୋପଧ୍ୱନିରେ ଛାତି ଚମକିଯାଏ । ଏକ ଏକ ରାଜା ପଦରେ ନହବତ୍ ଅଥବା ତାଙ୍କ ଛମା ଇଂରାଜୀ ବାଦ୍ୟ ଅନୁକ୍ଷଣେ ବାଜୁଥାଏ । ଅଦ୍ୟାପି ସେସବୁ କାନଭିତରେ ଭୁଁ ଭୁଁ କଲାପରି ବୋଧ ହେଉଅଛି ଆଉ ଏସବୁ ଶୁଣିବାକୁ କୌଣସିମତେ ଇଚ୍ଛା ହେଉ ନାହିଁ । ଏତେ ହାତୀ ଘୋଡା ଉଟ ମଧ୍ୟ କଦାପି ଏକସ୍ଥାନରେ ଦେଖି ନାହୁଁ । ଘୋଡା ଉଟ ଗୋରୁମାନଙ୍କୁ କି ଅଦ୍ଭୁତରୂପେ ସଜ୍ଜିତ କରିଥିଲେ ! ହାତୀ ସମସ୍ତ ଅଳଙ୍କାର ଓ ସୁନା ରୁପାର ଜରି କସ୍ତରେ ଝଲମଲ କରୁଥିଲେ । ଗଜଦନ୍ତ ପର୍ଯ୍ୟନ୍ତ ସୁନାର ଟୋପ ଅଥବା ଲଣ୍ଠନରେ ଘୋଡିତ ହୋଇଥିଲା । ହାତୀ ପିଠି ଉପରେ ସୁନା ରୁପାର ହାଉଦା ତହିଁ ଉପରେ ପୁଣି ସ୍ୱର୍ଣ୍ଣମଣ୍ଡିତ ଛତ୍ର । ଘୋଡାର ଅଙ୍ଗ ମଧ୍ୟ ଏହି ଭାବରେ ସଜ୍ଜିତ; ଗୋଡରେ ସୁନା ରୁପାର ନୂପୁର, ବନ୍ଧୁଥାନ୍ତି, ଚାଲୁଥାନ୍ତି ସେସବୁ ବାଜୁଥାଏ । ଉଟ ଯେ ଏତେ କୁତ୍ସିତ ସେ ମଧ୍ୟ ସେହି ସଜ୍ଜା ପିନ୍ଧି ମନୁଷ୍ୟପରି ହୋଇ ଯାଇଥିଲା । ଗୋରୁଙ୍କ ଶିଙ୍ଗ କଡରେ ମଣ୍ଡିତ ଏବଂ ପିଠିରେ ଝାଲରୀ ଝୁଲୁଥାଏ । ଫଳେ ଯେତେବେଳେ ଜନ୍ତୁମାନେ ଏମନ୍ତ ମନୋହର ସାଜରେ ସମସ୍ତଙ୍କୁ ସମ୍ଭ୍ରମ ଦେଉଅଛନ୍ତି ତେବେ

Digitized by srujanika@gmail.com

Split by PDF Splitter



ବେଳେ ଆମ୍ଭମାନଙ୍କ ଦେଶର ସ୍ତ୍ରୀମାନଙ୍କର ଆଉ ଅଳଙ୍କାର ଓ ବସ୍ତ୍ରପ୍ରତି କୌଣସିପ୍ରକାର ମାୟା ରଖିବାର ଉଚିତ ନୁହେ । ପୂର୍ବେ ଆମ୍ଭେମାନେ ଗୋରୁର, ଘୋଡ଼ାର ଓ ଓଟର ସାମାନ୍ୟ ଗାଡ଼ି ମାତ୍ର ଦେଖିଥିଲୁଁ; ଏଥର ଦେଖିଲୁଁ ଇଂରେଜୀ କଲଗାଡ଼ି ଶୂନ୍ୟରେ ଟାଣୁଅଛନ୍ତି ଏବଂ ଯାହା କେବେ ଶୁଣି ନାହୁଁ ଗାଡ଼ିରେ ହାତୀ ସୁଦ୍ଧା ଯୋଚା ହୋଇଅଛି । ଦେଖିଲୁଁ ଖଣ୍ଡିଏ ସୁନାରୂପାର ମଣ୍ଡିତରଥ ଦୁଇଟି ଶକ୍ତିତ ହାତୀଛୁଆ ଟାଣି ନେଇ ଯାଉଥିଲେ । ଏଥର ଐଶ୍ୱର୍ଯ୍ୟ ଯାହା ଦେଖିଅଛୁଁ ତାହା ଆଉ କେବେ ଦେଖି ନାହୁଁ କିନ୍ତୁ ଦେଖିବା ବାସ୍ତବିକ ମନରେ ବୈରାଗ୍ୟ ଜନ୍ମିଅଛି । ରଜା ଦେଖିବାର ଆଉ ସାଧ ନାହିଁ । ରଜା ହେବାର ମଧ୍ୟ ସାଧ ନାହିଁ । ଦିଲ୍ଲୀର ଶୀତରେ ଏଥର ମନେ ହୋଇଥିଲା ପରା ପ୍ରାଣଟି ସେହିଠାରେ ରଖି ଆସିବାକୁ ହେବ ସାହେବମାନେ ଯେ କାହିଁକି କୋଟ ଚଉକାରେ ବସନ୍ତି ଏବଂ କୌଣସି କାର୍ଯ୍ୟରେ ଜଳ ବ୍ୟବହାର କରନ୍ତି ନାହିଁ ତାହା ବୁଝାଗଲା । ଏତେବଡ଼ କାରଖାନା, ଏଥିରେ ଯେ ଜଳ, ପୁଲିସ, ମେହେନ୍ତର, ସାଧାରଣସ୍ୱାସ୍ଥ୍ୟ, ଆହାରାଦିର ଏରୂପ ସୁନ୍ଦରୁ ବନ୍ଦୋବସ୍ତ ହୋଇଥିଲା ଏଥିପାଇଁ ଇଂରାଜମାନଙ୍କର କୃତ୍ୟ ସୁଖ୍ୟାତି ନ କରି ରହି ପାରିଲୁଁ ନାହିଁ । ଇଂରାଜମାନଙ୍କର ଅନେକ ଦୋଷ ଅଛି ସତ୍ୟ, କିନ୍ତୁ ଏହିସମସ୍ତ ଗୁଣଗୁଡ଼ିକ ଯେ ବିଶେଷ ଆଦରଣୀୟ ତହିଁରେ ସନ୍ଦେହ ନାହିଁ" ।

---

# ସାପ୍ତାହିକସଂବାଦ ।

ଆମ୍ଭେମାନେ ଶୁଣି ଆନନ୍ଦିତହେଲୁଁ ଯେ ଫେଁସର ସାହେବଙ୍କ ଟଙ୍କା ଚୋରି କରିଥିବା ବ୍ୟକ୍ତି ଧରା ପଡ଼ିଅଛି ଓ ପ୍ରିୟନାଥ ବାବୁ ପୁଲିସ ଇନସ୍ପେକ୍ଟର ଏ ଚୋରକୁ ଧରିବାରେ ସୁଖ୍ୟାତିର ଭାଜନ ହୋଇ ଅଛନ୍ତି ଅଦ୍ୟାପି ସବୁ ଟଙ୍କାର ଥଳି ମିଳି ନାହିଁ ।

ତେଲଙ୍ଗାବଜାରର ଖୁନ ମୋକଦ୍ଦମାରେ ପୁଲିସ ଯେଉଁ ଭଣ୍ଡାରିକୁ ଧରିଥିଲା ତାହାକୁ ଚାଲାନ କରିଅଛି କିନ୍ତୁ ତାହାଠାରୁ ସବିଶେଷ ବୃତ୍ତାନ୍ତ ପାଆଯାଇ ନାହିଁ ଓ ଅପହୃତ ଧନ ମଧ୍ୟ କିଛି ମିଳି ନାହିଁ । ଗବର୍ଣ୍ଣମେଣ୍ଟ ଏ ଖୁନ ଧରିବା ସକାଶେ ପାରିତୋଷିକ ଦେବାକୁ ସ୍ୱୀକୃତ ହୋଇ ଅଛନ୍ତି ।

ବାଲେଶ୍ୱର ସଂବାଦବାହିକାରେ ଲେଖା ଅଛି କି ସର୍ପଦଂଶନର ପ୍ରଧାନ ଔଷଧ ମହମ ଅଟଇ । ଯେଉଁ ସ୍ଥାନରେ ସର୍ପଦଂଶନ କରିଥିବ ସେହି ସ୍ଥାନରେ ତତଲା ମହମ ଢାଳି ଦେଲେ ବିଷକୁ ତାହା ଶୋଷି ଆଣିବ । ଏହା ହେଲେ ଏଥିରୁ ସହଜ ଔଷଧ ମିଳିବାର କଠିନ ।

ଉକ୍ତ ପତ୍ରିକା ବୋଲନ୍ତି କି ବାବୁ ବୃନ୍ଦାବନଚନ୍ଦ୍ରମଣ୍ଡଳ ଭାରତେଶ୍ୱରୀଙ୍କ ପଦ ଗ୍ରହଣ ସମୟରେ ବାଲେଶ୍ୱରରେ ଯେ ସମସ୍ତ ଉତ୍ସବ କାର୍ଯ୍ୟ କରିଥିଲେ ତହିଁରେ ଚାରିଶତ ଟଙ୍କା ବ୍ୟୟ ନ ହୋଇ ଛଅଶତ ଟଙ୍କା ବ୍ୟୟ ହୋଇଥିଲା ଏବଂ ବାବୁଙ୍କର ଇଚ୍ଛା ଯେ ଆଉ ଦଶ ଜଣ ତାହାଙ୍କ ସଙ୍ଗେ ମିଶିଲେ ସେ ଗୋଟିଏ ଚିରସ୍ଥାୟୀ କୀର୍ତ୍ତି ସ୍ଥାପନ କରନ୍ତେ । ଏପରି ଇଚ୍ଛା ପ୍ରକାଶ କରିବାରେ କିଛି ପ୍ରଶଂସା ନାହିଁ ।

୧ । ଏଡୁକେଶନ ଗେଜେଟକୁ ଖାମାରଗାଛିରୁ ଏକବ୍ୟକ୍ତି ଲେଖିଅଛନ୍ତି "କିଟଲବଣ ଯେ ଧାନ୍ୟର ଉତ୍କୃଷ୍ଟ ସାର ତାହା ଏଥର ଏପ୍ରଦେଶରେ ଉତ୍ତମରୂପେ ପରୀକ୍ଷିତ ହୋଇଅଛି । ପୂର୍ବେ ଯେଉଁ ଭୂମିର ପ୍ରତି ବିଘାରେ ୩ ଭରଣ ଧାନ ଫଳୁଥିଲା କିଟଲବଣ ଦେବାରୁ ସେହି ଭୂମିରେ ପ୍ରତିବିଘାରେ ୪।୫ ଭରଣ କେଉଁଠାରେ ୬ ଭରଣ ଧାନ ଫଳୁଅଛି । ଗତବର୍ଷ ଅତ୍ୟଳ୍ପ ପରିମାଣ ଜମିରେ କିଟଲବଣ ଦିଆ ହୋଇଥିଲା, ତହିଁର ଉପକାରିତା ଦେଖି ଏଥର ଅଧିକରୁ ବେଶୀ ଜମିରେ କିଟଲୁଣ ଦେବାରୁ ସବୁ ଭୂମିରେ ଅଶାତିରିକ୍ତ ଧାନ୍ୟ ଉତ୍ପନ୍ନ ହୋଇଅଛି । ଏହିପରି ଜମିରେ କିଟଲୁଣ ଦେଲେ ନିଶ୍ଚୟ ପୂର୍ବାପେକ୍ଷା ଅଧିକା ଧାନ୍ୟ ଉତ୍ପନ୍ନ ହେବ । ପ୍ରତିବିଘାରେ ସେ ୬ ର ଲୁଣ ପଏଶେରର ମାଟି ସଙ୍ଗରେ ଉତ୍ତମରୂପେ ମିଶାଇ ଭୂମିରେ ଦେବାକୁ ହେବ । ଯେଉଁ ଭୂମିରେ କିଟଲବଣ ସାର ଦିଆଯିବ ସେ ଜମିରେ ଜଳ ଯେମନ୍ତ ଫୁଲିବା ସମୟ ପର୍ଯ୍ୟନ୍ତ ଥାଏ ନଚେତ୍ କୌଣସି ଉପକାର ଦର୍ଶିବ ନାହିଁ । ବଙ୍ଗଦେଶର ଅଧିକାଂଶ ହୈମନ୍ତିକ ଧାନ୍ୟ ଜମିରେ ପ୍ରାୟ ପାଚିବା ସମୟ ପର୍ଯ୍ୟନ୍ତ ଜଳ ଥାଏ । ଅତଏବ ସର୍ବସାଧାରଣ ଓ ଜମିଦାର ମହାଶୟମାନେ କିଟଲବଣର ଉପକାରିତା ପରୀକ୍ଷା କରି ଦେଖନ୍ତୁ । ଅଥଚ ଖଇଲପ୍ରଭୃତି ଅନ୍ୟାନ୍ୟ ସାରଠାରୁ କିଟଲବଣ ସୁଲଭ ଓ ଅଳ୍ପପରିମାଣ ଲବଣରେ ବିଶେଷ ଉପକାର ହୁଏ" ।

ଆଜ୍ଞାପତ୍ରିକା କେବଳ ଓଡ଼ିଶାରେ ପ୍ରଚଳିତ ଅଛି ବୋଲି ଆମ୍ଭେମାନେ ଜାଣିଥିଲୁଁ କିନ୍ତୁ ପେଟ୍ରିଅଟରେ ପଢ଼ିଲୁଁ ଯେ ବାଙ୍କା ନଗରରେ ଏହି ମର୍ମରେ ଖଣ୍ଡିଏ ଆଜ୍ଞାପତ୍ରିକା ଗ୍ରାମ୨ରେ ଫେରୁଅଛି କି କସାଇକୁ କେହି ଗୋରୁ ଛେଳି ଇତ୍ୟାଦି ବିକିବେ ନାହିଁ ଓ ଏ ଆଜ୍ଞା ଯେଉଁ ବ୍ୟକ୍ତି ଲଙ୍ଘନ କରିବ ଜଗନ୍ନାଥଜୀ ତାହାଙ୍କୁ ପରିତ୍ୟାଗ କରିବେ ଓ ଲକ୍ଷ ଗୋରୁ ବଧ କରିବାର ଅପରାଧ ସେ ବ୍ୟକ୍ତି ଲଭିବ ।

ଢାକାବାସୀ ନବାବ ଆସାନଉଲ୍ଲାଖାନ ବାହାଦୁର ଶ୍ରୀମତୀ ଭାରତେଶ୍ୱରୀଙ୍କ ପଦ ଗ୍ରହଣ ଘଟଣା ଚିରସ୍ମରଣୀୟ କରିବା ସକାଶେ କୋଡ଼ିଏ ହଜାର ଟଙ୍କା ଦାନ କରିଅଛନ୍ତି । ଏଥିରେ ଢାକାବାସିଙ୍କର ଉପକାର ନିମିତ୍ତ କୌଣସି ଚିରସ୍ଥାୟୀ ଦାନ କାର୍ଯ୍ୟ ହେବ ।

ଭାରତେଶ୍ୱରୀଙ୍କ ପଦ ଗ୍ରହଣ ଉପଲକ୍ଷରେ ଯେଉଁ ପ୍ରଶଂସାପତ୍ରମାନ ବିତରଣ ହେଲା ତାହା ଅସନ୍ତୋଷର ଗୋଟିଏ ନୂତନ କାରଣ ହୋଇଅଛି । ଯେତେ ସ୍ଥାନରେ ଦରବାର ହୋଇଥିଲା ତେତେ ସ୍ଥାନରେ ଲୋକେ ଏଥିରେ ଅସନ୍ତୋଷ ହୋଇଅଛନ୍ତି । ଏଥିରୁ ଜଣାଯାଏ ଯେ ସବୁଠାରେ ସ୍ଥାନୀୟ ହାକିମମାନେ ଗୁଣି ଚିହ୍ନିବାକୁ ଅକ୍ଷମ ଅଟନ୍ତି କେବଳ ଖୋସାମଦର କାଳ ଉପସ୍ଥିତ ହୋଇଅଛି ।

ଚଳିତ ମାସ ତା ୧୩ ରିଖ ଓ ତା୧୪ରିଖର ବର୍ଷା କେବଳ କଟକରେ ହୋଇଥିଲା ଏମନ୍ତ ନୁହେ । ବାଲେଶ୍ୱର ଓ କଲିକତା ପର୍ଯ୍ୟନ୍ତ ତାହା ହୋଇଥିବାର ସଂବାଦ ଆସିଅଛି ।

ଜର୍ମାନୀର ଜଣେ ମହାଜନଠାରୁ ରୁଷୀୟ ଗବର୍ଣ୍ଣମେଣ୍ଟ ପ୍ରାୟ ଦେଡଲକ୍ଷ ଟନ ସୀସା କିଣିବାକୁ ଆଜ୍ଞା ଦେଇଅଛନ୍ତି ଏଥିରେ ବୋଧ ହୁଅଇ ତୋପ ଓ ବନ୍ଧୁକର ଗୁଳି ପ୍ରସ୍ତୁତ ହେବ କି ଭୟଙ୍କର ବ୍ୟାପାର !

୧ । ସୁଲଭସମାଚାରରୁ ଅବଗତ ହେଲୁଁ ଯେ ଦିଲ୍ଲୀ ଦରବାରକୁ କାବୁଲ ଅଞ୍ଚଳର ଖେଲାତର ଖାଁ ନାମକ ଏକ ଅସଭ୍ୟ ରଜା ଆସିଥିଲେ । ଏମାନେ ଷ୍ଟେସନରେ ଓହ୍ଲାଇ ଯାହା ଗାଡ଼ି ପାଇଲେ ତହିଁରେ ଚଢ଼ିଗଲେ । ତହିଁଉତ୍ତାରୁ ତାମ୍ବୁ ଦେଖି କହିଲେ ଆମ୍ଭେମାନେ ଏହା ଦେଶକୁ ନେଇଯିବୁଁ, କଣ୍ଠା ଗୁମଚ ସବୁ ପକେଟରେ ପୂରାଇଲେ । ସାବୁନସବୁ ଖାଇବା ପଦାର୍ଥ ମନେକରି ଖାଇଗଲେ । ଜଣେ ବଙ୍ଗାଳି ଦେଖାକରିବାକୁ ଯାଇଥିଲେ ତାହାଙ୍କୁ

Digitized by srujanika@gmail.com

Split by PDF Splitter



ଖାଁ ସାହେବ କହିଲେ ତୁମ୍ଭେ କିଏ ? ମୁଁ ବଙ୍ଗାଳ ଜଣ କରିବାକୁ ଆସିଛି ? ଦେଖା କରିବାକୁ । ଯାଓ, ଦେଖା ହୋଇଅଛି ଚାଲିଯାଅ । ଯେବେହେଁ ଏମାନେ ଅସଭ୍ୟ ଅଟନ୍ତି କିନ୍ତୁ ଗବର୍ଣ୍ଣମେଣ୍ଟ ଏମାନଙ୍କୁ ଅଦ୍ୟାପି ଖୋସାମତ କରୁଅଛନ୍ତି । ବୋଲନ୍‌ପାସ ନାମକ ପଥରେ ଏମାନଙ୍କ ହାତରେ ଇଂରେଜମାନଙ୍କୁ ପଡ଼ିବାକୁ ହୁଏ । ଏଥିପାଇଁ ଏତେ ଆଦର ।

୨ । ମହାରାଣୀଙ୍କ ଉପାଧି ଗ୍ରହଣ ଦିନ ଜବ୍ବଲପୁରର ଲୋକମାନେ ଏକ ପୁଷ୍କରିଣୀ ମଧ୍ୟରେ ନାଟତାମାସା କରୁଥିଲେ ଏମନ୍ତ ସମୟରେ ତହିଁରେ ଅଗ୍ନି ଲାଗି ଲଙ୍କାକାଣ୍ଡ ହେଲା । ପ୍ରାଣ ଭୟରେ ଅନେକଲୋକ ପାଣିକି ଡେଇଁପଡ଼ିଲେ, ୪।୫ ଜଣ ଲୋକ ସେହି ପଥରେ ଶୀଘ୍ର ପରଲୋକକୁ ଚାଲିଗଲେ । ଯଶୋରରେ ମଧ୍ୟ ଗୋଟିଏ ଲୋକ ଝୋପ ମୁଖରେ ପ୍ରାଣତ୍ୟାଗ କରିଅଛି ।

୩ । ଇଂରାଜୀ ସମ୍ବାଦପତ୍ରର ଇଂରାଜ ସମ୍ପାଦକ ଭାଇମାନେ ଦରବାରକୁ ଯାଇ କିଛି୨ ନଗଦ ଦକ୍ଷିଣା ମଧ୍ୟ ପାଇଅଛନ୍ତି । ଶୁଣାଗଲା କାଶ୍ମୀରର ମହାରାଜା ଏମାନଙ୍କୁ ହଜାରେ ଲେଖାଏଁ ଟଙ୍କା ବକ୍‌ସିସ ଦେଇଅଛନ୍ତି ।

୪ । ଢାକାର ଶ୍ରୀଯୁକ୍ତ ବାବୁ ଦୀନନାଥ ସେନ ଗୋଟିଏ ଲୁଗାବୁଣା କଳ ପ୍ରସ୍ତୁତ କରି ଅଛନ୍ତି ତହିଁରେ ଜଣେ ଲୋକ ୫ । ୬ ଜଣର କାର୍ଯ୍ୟ କରିପାରିବ । ଦାମ ଅଧିକ ନୁହେ ଦେଶୀୟ କାରିଗରମାନେ ମରାମତ କରିପାରିବେ । ଦୀନୁ ବାବୁ ଜଣେ ଓସ୍ତାଦ ଲୋକ ଏ ଛଡ଼ା ବୁଦ୍ଧିବଳରେ କ୍ରମେ ଜଣେ ବଡ଼ଲୋକ ହୋଇ ଉଠୁଥିଛନ୍ତି ।

କଥିତ ହୁଅଇ ଯେ ଡେପୁଟୀମାଜିଷ୍ଟ୍ରେଟ ବାବୁ ଭଗବାନଚନ୍ଦ୍ର ବୋଷଙ୍କ ଦ୍ୱିତୀୟକନ୍ୟା ଶ୍ରୀମତୀ ସୁବର୍ଣ୍ଣଲତା ବିଶ୍ୱବିଦ୍ୟାଳୟର ଆଗାମୀ ପ୍ରବେଶିକା ପରୀକ୍ଷାରେ ଉପସ୍ଥିତ ହେବେ ହିନ୍ଦୁମହିଳା ବଙ୍ଗ ବିଦ୍ୟାଳୟର ପ୍ରଥମ ଛାତ୍ରୀ ସେ ହୋଇଅଛନ୍ତି ।

ଏକ ସଂମ୍ବାଦପତ୍ରରେ ଲେଖାଅଛି କି ନବାନଅରର ରାଜା କଚ୍ଛଭୁଜ ସିଂହଙ୍କ କନ୍ୟା ସହିତ ବିବାହ ସମ୍ବନ୍ଧ ସ୍ଥିର କରିବାରେ ରାଓ ମହାଶୟ ମହାରାଜା ଓ ତାହାଙ୍କ ସଙ୍ଗେ ଆସିବା ଲୋକଙ୍କର ବାଟଖର୍ଚ୍ଚ ସମସ୍ତ ଦେବାକୁ ଅଙ୍ଗୀକାର କଲେ ଓ ବାସ୍ତବରେ ଟଙ୍କା ପଠାଇଦେଲେ । ମହାରାଜା ସେ ଟଙ୍କାକୁ ଘରେ ରଖି ଆପଣା ଲୋକଙ୍କୁ କହିଦେଲେ କି ସେମାନେ ଆପଣା ହାତରୁ ଖର୍ଚ୍ଚ କରି ଯିବେ । ସଙ୍ଗରେ ଯିବା ତାହାଙ୍କ କର୍ମ ଅଟଇ ନ ଗଲେ ଅର୍ଥଦଣ୍ଡ ହେବ । ଅନେକ ଲୋକ ବରଯାତ୍ରୀ ହୋଇ ଯିବାକୁ ଅସମ୍ମତ ହୋଇ ଅର୍ଥଦଣ୍ଡ ଦାଖଲ କଲେ କେବଳ ଚାରିଜଣ ବ୍ୟକ୍ତି ତାହା ଦେବାକୁ ଅସମର୍ଥ ଥିବାରୁ ସଙ୍ଗରେ ଗଲେ । ଏହିରୂପ ବିବାହ ସହିତ ଭଣ୍ଡାର ମଧ୍ୟ ପରିପୂର୍ଣ୍ଣ ହେଲା !

ପଣ୍ଡିଚେରୀରେ ଦୁର୍ଭିକ୍ଷ ପଡ଼ିଥିବାରୁ ଫରାସୀ ଗବର୍ଣ୍ଣମେଣ୍ଟ ଆଜ୍ଞା ଦେଇଅଛନ୍ତି କି କୌଣସି ଆହାରୀୟ ଦ୍ରବ୍ୟ ରାଜ୍ୟର ସୀମାକୁ ଅତିକ୍ରମ କରି ଅନ୍ୟ ସ୍ଥାନକୁ ରପ୍ତାନି ହେବ ନାହିଁ ଓ ଶସ୍ୟ ଆମଦାନୀ ଉପରେ କିଛିମାତ୍ର ଶୁଳ୍କ ଗୃହୀତ ହେବ ନାହିଁ । ମହାଜନମାନେ ଅବାଧରୂପେ ଆମଦାନୀ କରି ପାରିବେ ।

ମିରର ବୋଲନ୍ତି କି ଯଦ୍ୟପି ମହାମାନ୍ୟ ଲର୍ଡ ଲିଟନ ଦିଲ୍ଲୀ ମହାସଭାରେ ଦେଶୀୟ ରାଜା ସରଦାର ଓ ଭଦ୍ରଲୋକଙ୍କ ସହିତ କେବଳ ନିୟମିତରୂପେ ସାକ୍ଷାତ୍ ପ୍ରତିସାକ୍ଷାତରେ କ୍ଷାନ୍ତ ନ ରହି ସନ୍ଧ୍ୟାସମୟରେ ଏକା୨ ଦିନ ସମସ୍ତଙ୍କୁ ଘେନି ବସିଥାନ୍ତେ ଓ ପରସ୍ପର କଥାବାର୍ତ୍ତାଦ୍ୱାରା ସେମାନଙ୍କର ମନୋଗତ ଭାବ ଓ ଅଭାବର ପରିଚୟ ନିଅନ୍ତେ ତାହା ହେଲେ ବଡ଼ ଉତ୍ତମ ହୋଇ ଥାନ୍ତା । ସରକାରୀ ଦେଖାସାକ୍ଷାତ୍ କେବଳ ନାଟକର ଅଭିନୟ ପରି ଅଟଇ ତହିଁରେ ବାଞ୍ଛନୀୟ ଫଳଲାଭର ଆଶା ନାହିଁ ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ଶ୍ରୀମତୀ ମହାରାଣୀଙ୍କ କାଇସରେହିନ୍ଦ ପଦ ଗ୍ରହଣୋପଲକ୍ଷେ ଓଡ଼ିଶାର ସମସ୍ତ ରାଜା ଜମିଦାର ଓ ଭଦ୍ରଲୋକମାନେ ଏହି କଟକ ନଗରରେ ସମବେତ ହୋଇଥିଲେ । ଏହି ଉତ୍ସବ ସମୟରେ ରାଜାମାନେ ନାନାପ୍ରକାର ଆମୋଦ କାର୍ଯ୍ୟରେ ବ୍ୟୟ କରିଅଛନ୍ତି ସତ୍ୟ, ମାତ୍ର ମୟୂରଭଞ୍ଜ ଓ କେଉଁଝରର ମହାରାଜାଙ୍କ ପରି ପ୍ରତିଷ୍ଠାର କାର୍ଯ୍ୟ ଆଉ କେହି କରିପାରି ନାହାନ୍ତି । ଚଳିତ ମାସ ତା ୧ ରିଖ ରାତ୍ରରେ ଦରବାର ଗୃହରେ ଦେଶୀୟ ପ୍ରଥା ଅନୁସାରେ ମଜଲିସ ହୋଇଥିଲା । ଏଠାରେ ଇଂରେଜ, ରାଜା, ଜମିଦାର ଓ ଭଦ୍ରଲୋକମାନେ ଉପସ୍ଥିତ ହୋଇଥିଲେ । ଏ ଦିନ ସମସ୍ତଙ୍କର ଆନନ୍ଦ ଏପରି ଉଚ୍ଛ୍ୱସିତ ହୋଇ ଉଠିଲା ଯେ, କି ଇଂରେଜ କି ରାଜା କି ଜମିଦାର କି ଭଦ୍ରଲୋକ ସମସ୍ତେ ମାତୃଭାବରେ ମିଳିମିଶି ହୋଇ ଆମୋଦ ପ୍ରମୋଦରେ ମତ୍ତ ହୋଇଥିଲେ । ଏହି ଆନନ୍ଦ ସ୍ରୋତରେ ଭାସମାନ ହୋଇ ଉପର୍ଯ୍ୟୁକ୍ତ ଦୁଇ ମହାରାଜ ସମସ୍ତ ବ୍ୟୟ ହାତରୁ ଦେଇ ପୁନର୍ବାର ତହିଁଆରଦିନ ରାତ୍ରରେ ଏହି ପରି ମଜଲିସ କରାଇଲେ । ଏ ମଜଲିସର ବିଶେଷ କାର୍ଯ୍ୟ, ପଣ୍ଡିତମାନଙ୍କ ଆମନ୍ତ୍ରଣ ହୋଇଥିଲା । ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ବାବୁ ହରେକୃଷ୍ଣ ଦାସଙ୍କ ତତ୍ତ୍ୱାବଧାରଣରେ ପଣ୍ଡିତ ଶ୍ରୀ ମାର୍କଣ୍ଡେୟ ମହାପାତ୍ରଙ୍କଦ୍ୱାରା ବିବେଚନା ହୋଇ ଯଥାଯୋଗ୍ୟ ପଣ୍ଡିତମାନେ ତିନି ଶ୍ରେଣୀରେ ବିଭକ୍ତ ହୋଇଥିଲେ ଓ ଏମାନେ କବିରଚିତ କବିତାମାନ ପାଠକଲେ । ତହିଁଆରଦିନ ପୁଣି ପଣ୍ଡିତମାନଙ୍କୁ ବସାଠାରୁ ଡକାଇ, ଦୁଇଦିନ ପର୍ଯ୍ୟନ୍ତ ମିଷ୍ଟାନ୍ନ ଭୋଜନ କରାଇ, ଶ୍ରେଣୀ ଅନୁସାରେ ଅର୍ଥାତ୍ ପ୍ରଥମ ଶ୍ରେଣୀୟ ପଣ୍ଡିତଙ୍କୁ ଯୋ ୧ ତା ଲୁଗା ୫ ୫ ଙ୍କା, ଦ୍ୱିତୀୟ ଯୋ ୧ ୪ ୩, ତୃତୀୟ ଯୋ ୧ ୪ ୨, ଓ ଛାତ୍ରମାନଙ୍କୁ କେବଳ ଏକା୨ ଟଙ୍କା ଦେଇ ବିଦାୟ କଲେ । ଏ ଯେ ମହାରାଜଙ୍କର ପ୍ରଶଂସନୀୟ କାର୍ଯ୍ୟ ବୋଲିବା ବାହୁଲ୍ୟ । ଉତ୍କଳୀୟ ରାଜାମାନେ ପ୍ରାୟ ଅପବ୍ୟୟୀ, କିନ୍ତୁ ଏ ଦୁଇ ମହାରାଜଙ୍କର ମନ ସତ୍ପଥରେ ଗମନ କରିବାର ଦେଖାଯାଏ । ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା ଯେ ଏହି ପରି ଦିନ୨ ସତ୍କାର୍ଯ୍ୟ ସାଧନ ପକ୍ଷରେ ସକ୍ଷମ ହୋଇ ଦୀର୍ଘଜୀବୀ ହେଉନ୍ତୁ । ଇତି ।

୧୭।୧।୭୭ }
କଟକ } ଶ୍ରୀ———

## ବିଜ୍ଞାପନ ।

କଟକ ନର୍ମ୍ମାଲ ସ୍କୁଲର ପଣ୍ଡିତ ବିଭାଗ ପ୍ରବେଶାର୍ଥି ଛାତ୍ରମାନଙ୍କ ଆବେଦନପତ୍ର କଟକ ନର୍ମ୍ମାଲସ୍କୁଲର ସୁପରିଣ୍ଟେଣ୍ଡେଣ୍ଟ ଚଳିତମାସ ଶେଷ ପର୍ଯ୍ୟନ୍ତ ଗ୍ରହଣ କରିବେ ।

Cuttack, The 17th Jany, 1877. } N. K. Dass, *Joint Inspector of schools Orissa Division.*

☞ ଏହି ଉତ୍କଳଦୀପିକା ସଦରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୨ଶ
ସଂ ୫ ଖ୍ୟା

ତା ୩ ରିଖ ଫିବୃଏରୀ ସନ ୧୮୭୭ ମସିହା । ମୁ । ମାଘ ଦ ୨୩ ଦିନ ସନ ୧୨୮୪ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ ୪
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ ୬
ମଫସଲପାଇଁ ଡାକମାସୁଲ ଟ ୧୷

ଆମ୍ଭେମାନେ ଗତସପ୍ତାହରେ ଛୁଆଟେଲ ବିଷୟରେ ଯାହା ଲେଖିଥିଲୁଁ ଶୁଣି ଆନନ୍ଦିତ ହେଲୁଁ ଯେ ପୁଲିସ ଓ ମାଜିଷ୍ଟ୍ରେଟଙ୍କ ଷ୍କ୍ରୀତସା-ଦରେ ତାହା ଆସିଅଛି ଓ କଦମରସୁଲ ଫାଣ୍ଡିର ଜମାଦାର ଦୁଇଜଣଙ୍କୁ ଧରି ଦଣ୍ଡ ଦିଆଇବାରେ ଆଉ ଦିନ ଦୁଇପ୍ରହରରେ ତେଣ୍ଟରେ ଛୁଆଟେଲ ହେବାର ଦେଖାଯାଉ ନାହିଁ । ରାତ୍ରରେ ଗୋଲ ହେଉଅଛି କି ନାହିଁ କହି ନ ପାରୁଁ ।

---

ଗତ ଜାନୁଆରୀଠାରୁ ଏ ନଗରରେ ପ୍ରାୟ ଦିନ ଘଣ୍ଟ ମେଘୁଆ ହୋଇ କେବଳ ଥରେ ମାତ୍ର ଦିନ ବର୍ଷା ହୋଇଅଛି । ଏଥିରୁ ଆମ୍ଭ ଏବର୍ଷ ଯେମନ୍ତ ବଉଳ ଅଛି ପ୍ରାୟ କେତେବର୍ଷ ହେବ ସେପରି ଦେଖା ନାହିଁ ମାତ୍ର ଏପରି ଯାଗରେ ତାହା ଯେ ରକ୍ଷା ପାଇବ ଏମନ୍ତ ଭରସା ହେଉ ନାହିଁ । ଏବର୍ଷ ବଉଳ ଯେମନ୍ତ ମହ-ଲଗ ହୋଇଅଛି ଆମ୍ବଫଳଟି ପ୍ରଚୁର ପରିମା-ଣରେ ହେଲେ ଲୋକଙ୍କର ବଡ ଉପକାର ହୁଅନ୍ତା ।

---

ବାବୁ ରାଧାମୋହନ ଦାସ ଏକାଉଣ୍ଟେଣ୍ଟ ମେଦିନୀପୁରରୁ ଭାଗଲପୁରକୁ ବଦଳି ହୋଇ-ଅଛନ୍ତି । ଏ ମହାଶୟ ଜଣେ ଓଡ଼ିଆ ଅଟନ୍ତି ଏହାଙ୍କୁ ଓଡିଶାରୁ ବଙ୍ଗଳାକୁ ଘେନି ଯିବା ଉଚିତ ହୋଇ ନାହିଁ । କାରଣ ଏପଦର ବେତନ ଏତେ ଅଧିକ ନୁହଇ ଯେ ବିଦେଶରେ ସ୍ୱଚ୍ଛନ୍ଦରେ ନିର୍ବାହ ହୋଇ ଭବିଷ୍ୟତ ପାଇଁ କିଛି ଅର୍ଥସଂଗ୍ରହ କରିବାକୁ ସକ୍ଷମ ହେବେ ଏବ ବଙ୍ଗଳାରେ ଭଦ୍ରଶ୍ରେଣୀର ଓଡ଼ିଆ ନ ଥିବାରୁ ଅନେକପ୍ରକାର ଅସୁବିଧା ଘଟିବାର ସମ୍ଭାବନା ।

---

ଗତ ବୁଧବାର ମେଉନିସିପାଲଟୀ କମିଟୀର ଅଧିବେଶନ ହୋଇଥିଲା । ଏ ସଭାରେ ଅନେ-କଗୁଡିଏ ନୂତନ ବନ୍ଦୋବସ୍ତ ହୋଇଅଛି ତହିଁର ବିବରଣ ସ୍ଥାନାଭାବରୁ ବର୍ତ୍ତମାନ ପ୍ରକାଶ କରି ନ ପାରିଲୁଁ ଆଗାମୀ ସପ୍ତାହରେ ଜଣା-ଇବାର ଚେଷ୍ଟା କରିବୁଁ । ସାରକଥା ଏହି ଯେ ଆଗାମୀବର୍ଷ ସକାଶେ ଟାକ୍ସର ନୂତନ ବନ୍ଦୋ-ବସ୍ତ ହେବ ଓ ଘୋଡା ଗାଡି ଓ ଶଗଡ ଉପ-ରେ ଟାକ୍ସ ବସିବ । ପୂର୍ବେ ଘୋଡା ଗାଡିକୁ ଛାଡି ଦିଆଯାଇ କେବଳ ଶଗଡ ଉପରେ ଟାକ୍ସ ବହିବାର କଥା ହୋଇଥିଲା ତାହା ନ ହୋଇ ଗାଡି, ଶଗଡ ସମସ୍ତ ଉପରେ ଟାକ୍ସ ବସିବା ଭଲ ହୋଇଅଛି ।

---

ଭାରତବର୍ଷର ଉତ୍ତର ପଶ୍ଚିମ ସୀମାରେ କି ଗଣ୍ଡଗୋଳ ଲାଗିଅଛି ତଦ୍ବିଷୟରେ ନାନାକଥା ନାନା ସଂବାଦପତ୍ରରେ ଶୁଣାଯାଏ । ଆମ୍ଭେମା-ନେ ଯେତେଦୂର ଜାଣିଅଛୁଁ ତହିଁରେ ଏତିକି ପ୍ରକାଶ ପାଏ ଯେ ଆଫ୍ରିଦି ଜାତୀୟ ଅସଭ୍ୟ ଲୋକ କେତେଗୁଡିଏ ଦଳବଦ୍ଧ ହୋଇ ଇଂରେ-ଜଙ୍କ ସୀମା ଭିତରକୁ ଆସି ଉପଦ୍ରବ କରିଥି-ଲେ ସୈନ୍ୟ ଯାଇ ସେ ସ୍ଥାନକୁ ରକ୍ଷା କରିବାରୁ ସେମାନେ ଅନ୍ତର ହେଲେ । କାବୁଲର ଅମୀର ଓ ଇଂରାଜଙ୍କ ମଧ୍ୟରେ ମନାନ୍ତର ଘଟିବା କଥା ଅମୂଳକ ଅଟଇ ଓ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ କହିଅଛନ୍ତି ଯେ ଅମୀରଙ୍କ ସହିତ ପୂର୍ବ ପ୍ରୀତି ଦୃଢ଼ରୂପେ ରହିଅଛି ।

---

ଏଥର ମୋହରମ ପର୍ବର ଧୂମଧାମ ଗତ ବର୍ଷଠାରୁ ଊଣା ହୋଇଥିଲେହେଁ ତାଜିଆର ସଂଖ୍ୟା ଓ କାରିଗିରରେ କିଛି ଊଣା ହେବାର ଜଣାଯାଇ ନାହିଁ । ପଲ୍ଟନରେ ତାଜିଆ ହୋଇ ନ ଥିଲା ସତ୍ୟ ମାତ୍ର ଶେଷଦିନ ଅନେକ ପ୍ରକାର ବେଶଧାରୀ ଢୋଲଙ୍ଗାମାନେ ବାହାର ଥିବାରୁ ଦର୍ଶକଙ୍କର କୌତୁକ ଜାତ ହୋଇଥିଲା । ସହରର ତାଜିଆ ମଧ୍ୟରେ ସୁତାହାଟର କାରିଗିର ଗତ ବର୍ଷଠାରୁ ଭଲ ହୋଇଥିଲା । କାରଣ ଏଥିର ନୂତନ ପ୍ରକାରର ସୁନ୍ଦର ଥାଟ ବାନ୍ଧି କଳ୍ପନା ଶକ୍ତିର ଚେଷ୍ଟା କରିଥିଲେ ଓଡ଼ିଆବଜାରର ତା-ଜିଆଟିରେ ନୂତନ ପ୍ରକାରର ଗୁଣାକର୍ମ ଜଡିତ ହୋଇଥିବାରୁ ବଡ ସୁନ୍ଦର ଓ ଚକ୍‌ମକ ଦିଶୁଥିଲା । ବକ୍ସିବଜାରରେ ମସଜିଦର ଆଦର୍ଶରେ ତାଜି-ଆ ହୋଇଥିଲା ମାତ୍ର କେବଳ ଲାଲ୍‌ ରଙ୍ଗରେ ଜଡିତ ଥିବାରୁ କାରିଗିର ଅଧିକ ପ୍ରକାଶ ପାଉ ନ ଥିଲା । ଲାଲବାଗର ତାଜିଆ ପୁରୁଣାବାଲିର ରୀତିରେ ସୁନ୍ଦର ଦିଶୁଥିଲା ଓ ସବୁଠାରୁ ଶୀଘ୍ର

Split by PDF Splitter

Digitized by srujanika@gmail.com

ବାହାରବାରେ ଦର୍ଶକଙ୍କର ରାଶ ଜାଗରଣକୁ ସ୍ମାର୍ଥ କରଥିଲା । ଆଉ ଭାଙ୍ଗୟାନାନ ଯେ ଯେମନ୍ତ ଶୋଭାକୁ ଧାରଣ କରଥିଲେ । କଭଲ ରାତ୍ର ସକାଳପହର ଭାଙ୍ଗଯା ସବୁ ଏକତ୍ରିତ ହୋଇ ବେଲ ଘ ୧୦ ଶ୍ଟା ସମୟରେ ଘରକୁ ଗଲେ ଓ ବେଲ ପାଞ୍ଚଘଣ୍ଟା ବେଳେ ପାଟ୍ଲି ବାହାର ରାଶ ଘ ୯ ଶ୍ଟା ସମୟରେ ବିସର୍ଜନ ଦେଇ ଫେରଆସିଲେ । ଭବିଷ୍ୟତକୁ ବୋଧ ହୁଅଇ ଯେଉଁ ଦନର ଯେ କାର୍ଯ୍ୟ ତାହା ତହିଁଆରଦନ ହେବ ! ଧର୍ମରକ୍ଷିବା ସ୍ବଦା ଏଣିକ କଠିନ ହେଲା ।

---

ମାନ୍ଦ୍ରାଜର ଦୁର୍ଭିକ୍ଷ ସମ୍ପର୍କରେ ଇଂଲିସମାନରେ ନିମ୍ନଲିଖିତ ତାର ସମ୍ବାଦ ପ୍ରକାଶ ହୋଇଥିଲା ଯଥା;—

ଦୁର୍ଭିକ୍ଷର ଅନୁସନ୍ଧାନ କରିବାରେ ଜଣାଗଲା ଯେ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଗୋପନଭାବରେ ଅନେକ ପ୍ରକାର ଆୟୋଜନ କରିଅଛନ୍ତି । ନବମ୍ବରମାସ ଆରମ୍ଭଠାରୁ ସୁଲଭ ମୂଲ୍ୟରେ ୩୦ ହଜାର ଟନ ଚାଉଳ ଖରିଦ ହୋଇଅଛି ଡିସେମ୍ବରମାସରେ ସାହାଯ୍ୟର ବନ୍ଦୋବସ୍ତ ହେଲା ତହିଁଉତ୍ତାରୁ ବିଶେଷ ପୁଲିସ କର୍ମଚାରୀ ନିଯୁକ୍ତ ହୋଇ ଚାଉଳ ରପ୍ତାନିର ସୁବିଧା ନିମିତ୍ତ ରେଲର ମହାଜନମାନଙ୍କୁ ବିନା ଖର୍ଚ୍ଚରେ ଦିଆଗଲା । ରଙ୍ଗଇ ଘାଟ କର୍ଣ୍ଣୁଲ ଓ ଅନ୍ୟାନ୍ୟ ଦୁର୍ଭିକ୍ଷ ସ୍ଥଳ ସକାଶେ ସାହାଯ୍ୟକାରୀ ହାକିମମାନେ ନିଯୁକ୍ତ ହେଲେ ଓ ଏକସ୍ଥାନରୁ ଅନ୍ୟସ୍ଥାନକୁ ଚାଉଳ ଚାଲାଣ କରିବାର କମ୍ପାନୀକୁ ଆଦ୍ୟରୁ ଅଳ୍ପ ଦରରେ ଦିଆଗଲା । ବର୍ତ୍ତମାନ ପ୍ରାୟ ଦଶବାର ଲକ୍ଷ ଲୋକ ମୂଲ ଲାଗି ବା ଦାତବ୍ୟରୂପେ ପ୍ରତିଦିନ ଆହାର ପାଉଅଛନ୍ତି ଓ କୌଣସି ସ୍ଥାନରେ କିଛି ଅସୁଆର ଘଟନା ହୋଇ ନାହିଁ । ସ୍ଥଳ ସମସ୍ତରେ ପ୍ରଚୁରରୂପେ ସାହାଯ୍ୟ ଦିଆ ଯାଉଥିବାରୁ ଏଣିକି ଆଉ ଲୋକର ସ୍ରୋତ ମାନ୍ଦ୍ରାଜ ନଗର ଆଡ଼କୁ ବହୁ ନାହିଁ । ଏକମାସର ଆହାର ପ୍ରପୀଡ଼ିତ ତାଲୁକମାନଙ୍କରେ ଜମା ରହିଅଛି ଯେ ମହାଜନଙ୍କ ଆଡ଼ୁ କିଛି ହରକତ ହେଲେ ତହିଁରୁ ଖର୍ଚ୍ଚ ହେବ । ସମୁଦ୍ର ତଟ ଚାଉଳ ଜାହାଜରେ ଭରତି ରହିଅଛି ଓ ପ୍ରତିଦିନ ଏକହଜାର ବସ୍ତା ରେଲବାଟେ ଆସୁଅଛି ।

ଯେବେ ଏତାଦୃଶ ବନ୍ଦୋବସ୍ତ ସ୍ଥାନୀୟ ଗବର୍ଣ୍ଣର କରିଅଛନ୍ତି ତେବେ ଗବର୍ଣ୍ଣମେଣ୍ଟ ଇଣ୍ଡିଆ କାହିଁକି ସର ରିଚର୍ଡ ଟେମ୍ପଲଙ୍କୁ ସେଠାକୁ ପଠାଇଲେ ? ଏ ମହାଶୟ ଆଉ ଅଧିକ କି କରିବେ ? ବୋଧ ହୁଅଇ ମାନ୍ଦ୍ରାଜର ଗବର୍ଣ୍ଣର ଆପଣାର ଗୌରବ ଦେଖାଇବା ନିମନ୍ତେ ଭଲ ରିପୋର୍ଟ ଲେଖିପାରନ୍ତି ନାହିଁ । ଆଜିକାଲି ତୁଚ୍ଛା କାର୍ଯ୍ୟ କଲେ ଚଳଇ ନାହିଁ ଯଥା ତଥା କାର୍ଯ୍ୟ କରି ଗୁଡ଼ାଏ ବଢ଼ାଇ ଲେଖିବା କହିପାରିଲେ ସମସ୍ତେ ତୁଷ୍ଟ ହୁଅନ୍ତି ।

---

ଗତ କଭଲରାଶିରେ ଏ ନଗରରେ ଗୋଟିଏ ଭୟାନକ ବିପଦ ଉପସ୍ଥିତ ହୋଇଥିଲା କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହରୁ ତାହା ସଂଘଟିତ ହୋଇପାରିଲା ନାହିଁ । ସେଦିନ ସନ୍ଧ୍ୟାସମୟରେ ଶୁଣାଗଲା ଯେ ସେହି ରାତ୍ରରେ ଲୁଟି ହେବ କେହି କହିଲେ ଚାଉଳ ଗୋଦାମମାନ ଓ କେହି କହିଲେ ଯାହା ତାହା ଘର ଲୁଟି ହେବ । ନଗରଯାକ ଏକଥା ବିଖ୍ୟାତ ହୋଇଗଲା ଓ ଯେ ଶୁଣିଲା ସେହି ସଶଙ୍କିତ ହୋଇ ଆପଣା ଘରଦ୍ୱାର ଜଗିବାର ଉପାୟ କଲା ମାତ୍ର ସୁଖର ବିଷୟ ଯେ କ୍ରମେ ଏକଥାର ପୁଲିସ ଓ ସେଠାରୁ ମାଜିଷ୍ଟ୍ରେଟଙ୍କ କର୍ଣ୍ଣଗୋଚର ହେବାରୁ ମାଜିଷ୍ଟ୍ରେଟ ସାହେବ ପଲଟନର କର୍ଣ୍ଣେଲଙ୍କ ସଙ୍ଗେ ବନ୍ଦୋବସ୍ତ କରି ଚାଉଳ ଗୋଦାମମାନଙ୍କରେ ଓ ସଡ଼କରେ ଜଗିସିପାହି ପହରା ଛିଡ଼ା କରି ଦେଲେ ଓ କୌଣସିରୂପେ ସେ ରାତ୍ରଟି କୁଶଳରେ ପାହିଗଲା । ଏ ଜନରବଟି କାହୁଁ ଉଠିଲା କିଛି ନିଶ୍ଚୟ ଜଣାଗଲା ନାହିଁ । କେହୁ ବୋଲନ୍ତି ଯେ ପଲଟନର ଜଣେ ସିପାହି ଚାଉଳ କିଣିବାକୁ ଯିବାରେ ମୋଦି ତାହାକୁ ଅତ୍ୟନ୍ତ ମହରଗରେ ବିକ୍ରୟ କରିବାରୁ ସେ କହିଥିଲା ଯେ କଭଲରାଶିରେ ଏଥିର ଫଳ ମିଳିବ ଅର୍ଥାତ୍ ସେ ରାତ୍ରରେ ଦୋକାନ ସବୁ ଲୁଟ ହେବ । କେହି କହନ୍ତି କି ଚାଉଳ ଦର ଅତ୍ୟନ୍ତ ବଢ଼ିବାରୁ ବଜାରମାନେ ପୁରୀର ଦୃଷ୍ଟାନ୍ତକୁ ଅବଲମ୍ବନ କରି ଲୁଟ କରିବାପାଇଁ ମନସ୍ଥ କରିଥିଲେ କିନ୍ତୁ ଏ ଦୁଇକଥାରୁ କେହୁ ମନକୁ ଆସୁ ନାହିଁ ପଲଟନର ସିପାହିମାନେ ଚାଉଳ ମହରଗ ହେଲେ ଭତ୍ତା ପାଆନ୍ତି ଓ ତେଲଙ୍ଗା ସିପାହିମାନେ ସ୍ୱଭାବତଃ ଶାନ୍ତ ସେମାନେ ଲୁଟିରେ ପ୍ରବୃତ୍ତ ହେବା ଏକପ୍ରକାର ଅସମ୍ଭବ ଅଟଇ । ବଜାରମାନେ ଲୁଟି କରିବାକୁ ମନସ୍ଥ କରିଥିଲେ କଭଲ ରାତ୍ରକୁ ତହିଁପାଇଁ ବାଛି ରଖନ୍ତେ ନାହିଁ କାରଣ ବଜାରର ମାଲମାନେ ସେ ରାତ୍ରରେ ଅଗଡ଼ା ଘୋଡ଼ା ଟଙ୍କା ସାଥି ବୁଲୁଥାନ୍ତି ସେମାନଙ୍କୁ ଲୁଟି କରିବାର ଅବକାଶ କାହୁଁ ମିଳନ୍ତା ? ଅଥଚ ପୂର୍ବାପେକ୍ଷା ସେ ସମୟକୁ ଚାଉଳ କିଛି ଶସ୍ତା ହୋଇଥିଲା । ଆମ୍ଭମାନଙ୍କୁ ବୋଧ ହୁଅଇ ଯେ ପୁରୀର ଘଟନାକୁ ଲକ୍ଷ କରି କେହି ଦୁଷ୍ଟଲୋକ ଏ ଜନରବଟି ଉଠାଇ ଦେଇଥିଲା ଓ ଗତବର୍ଷଠାରୁ ଏବର୍ଷ ଚାଉଳର ଦର ଅଧିକ ବଢ଼ିଥିବାରୁ ବଜାରଙ୍କର କୋପ କରିବାର କାରଣ ଅଛି ଏହା ଭାବି ଲୋକେ ତାହାକୁ ବିଶ୍ୱାସ କଲେ । ଫଳତଃ ସତ୍ୟ ହେଉ କି ମିଥ୍ୟା ହେଉ ଯେସ୍ଥଳେ ଜନରବଟି ଉଠିଥିଲା ସେସ୍ଥଳେ ପୁଲିସ ଓ ମାଜିଷ୍ଟ୍ରେଟ ତହିଁପ୍ରତି ଆସ୍ଥା କରି ଯଥାକାଳରେ ସତର୍କ ହେବାରେ ପ୍ରଶଂସାର କାର୍ଯ୍ୟ କରିଅଛନ୍ତି ।

---

ଗତ ସପ୍ତାହରେ ଯେ ସମସ୍ତ ସମ୍ବାଦ ତାରଡାକଯୋଗେ ବିଲାତରୁ ଆସିଥିଲା ତହିଁରୁ ଜଣାଗଲା ଯେ ତୁରସ୍କ ଦେଶରେ ଯେଉଁ ସଭା ବସିଥିଲା ତହିଁର କାର୍ଯ୍ୟ ଶେଷ ହୋଇଅଛି ଓ ସଭ୍ୟମାନେ ଆପଣା ଦେଶକୁ ଫେରି ଆସୁଅଛନ୍ତି । ସଭାର ଉଦ୍ଦେଶ୍ୟ ସଫଳ ନ ହେବାରୁ ଯୁଦ୍ଧ ଲାଗିବ ବୋଲି ଚତୁର୍ଦ୍ଦିଗର ଲୋକଙ୍କ ବିଶ୍ୱାସ ହେଲା ଓ ସମସ୍ତେ ନାନାପ୍ରକାର ଶଙ୍କା କରି ଥରଥର ହେଲେ ମାତ୍ର ସୁଖର ବିଷୟ ଯେ ଅଦ୍ୟାପି ଯୁଦ୍ଧର ପ୍ରସ୍ତାବ ସୁଦ୍ଧା ହୋଇ ନାହିଁ ଏବଂ ଶାନ୍ତିରକ୍ଷା ପାଇବ ଏହି କଥା ଅନେକ ଲୋକମୁହଁରୁ ବାହାରୁ ଅଛି । ସଭାର ଉଦ୍ଦେଶ୍ୟ ଯାହା ଥିଲା ପାଠକମାନେ ପୂର୍ବରୁ ଜାଣନ୍ତି ତାହା ସଂକ୍ଷେପରେ ଏହି ଯେ ଖ୍ରୀଷ୍ଟୀୟାନ ପ୍ରଜାଙ୍କ ମଙ୍ଗଳ ସାଧନ କରିବା ଓ ତହିଁ ପାଇଁ ବଲଗରିଆ ବୋସନିଆ ଓ ହର୍ଜଗୋବିନା ପ୍ରଦେଶମାନ କେବଳ ପାଞ୍ଚବର୍ଷ ପାଇଁ ଭିନ୍ନ ପ୍ରକାର ଶାସନାଧୀନରେ ରଖିବା ମାତ୍ର ତୁରସ୍କର ବାଦସାହ ଏଥିରେ ସମ୍ମତ ହେଲେ ନାହିଁ । ସାହାଙ୍କର ମତ ଏହି ହେଲା ଯେ ସଭାର ଏପରି ପ୍ରସ୍ତାବରେ ସେ ସମ୍ମତି ଦେଲେ ତାହାଙ୍କର ଅପମାନ ହେବ ଓ ସେ ଅପମାନ ହେବା ପୂର୍ବ ମୃତ୍ୟୁ ସଙ୍ଗେ ଭେଟିବାକୁ ଉଚିତ ଜ୍ଞାନ କଲେ । ସୁଲତାନଙ୍କର ଏପରି ହଟ କରିବା ପାଇଁ ସଭ୍ୟମାନେ କେତେକ ପ୍ରକାରନ୍ତର ଧମକ ଦେଇଥିଲେ ମାତ୍ର ତୁରସ୍କର ସ୍ୱଜନବର୍ଗମାନଙ୍କ ସହିତ ସୁଲତାନ ଐକ୍ୟ ହୋଇ ଉତ୍ତର କଲେ କି ଯହିଁରେ ତୁରସ୍କ ରାଜ୍ୟର ଗୌରବ ଓ ସଂଲଗ୍ନତା ଲୁଟି

Split by PDF Splitter
Digitized by srujanika@gmail.com

ଯିବ ତହିଁରେ ସେ କଦାଚ ସମ୍ମତ ହେବେ ନାହିଁ । ଏହି ସମସ୍ତ ଅବସ୍ଥା ଦେଖି ତୁରସ୍କାଧିପତିଙ୍କ ସହିତ ଆଉ ତର୍କ ବିତର୍କ ନ କରି ପ୍ରତିନିଧିମାନେ ଆପଣା ଦେଶକୁ ବାହୁଡି ଆସିଲେ । ଆମ୍ଭେମାନେ ଅବଶ୍ୟ ସ୍ୱୀକାର କରୁଁ ଯେ ତୁରସ୍କର ବାଦସାହ ଯେରୂପ ଆପଣାର ଟେକ ରକ୍ଷିଅଛନ୍ତି ତହିଁରେ ତାହାଙ୍କର ଯଥାର୍ଥ ଗୌରବ ପ୍ରକାଶ ପାଇଅଛି ଏବ ସେ ଠିକ ସ୍ୱହିତ୍ୟର କର୍ମ କରିଅଛନ୍ତି । ମାତ୍ର ଯଦ୍ୟପି ସେ ଏହା ପଚ୍ଛି ପ୍ରଜାଙ୍କୁ ପୀଡା ଦିଅନ୍ତେ କିମ୍ବା ତାହାଙ୍କ ଗୁହାରି ଶୁଣନ୍ତେ ନାହିଁ ତେବେ ଆମ୍ଭେମାନେ ତାହାଙ୍କର ଗୌରବକୁ ଧିକ୍କାର କରନ୍ତୁ କିନ୍ତୁ ଏ ସପ୍ତାହରେ ଆସିଥିବା ତାର ଡାକ ସମ୍ବାଦରୁ ଜଣା ଗଲା ଯେ ତୁରସ୍କର ବାଦସାହ ଆପଣା ଶାସନ ପ୍ରଣାଳୀରେ ଅନେକ ଗୁଡଏ ସୁନିୟମ ସନ୍ନିବେଶିତ କରିବାର ଇଚ୍ଛା କରିଅଛନ୍ତି ସ ତଦ୍ଦ୍ୱାରା କେବଳ ପ୍ରତିନିଧି ସଭ୍ୟମାନେ ଯାହା ଇଂରେଜଙ୍କ ସକାଶେ ନେଉଥିଲେ ତାହା ପୂର୍ଣ୍ଣ ହେବ ଏମନ୍ତ ନୁହେ ତହିଁରୁ ଅଧିକ ମୁସଲମାନ ପ୍ରଜାଙ୍କର ମଧ୍ୟ ଅନେକ ସୁସାର ହେବ । ଯେବେ ତୁରସ୍କର ବାଦସାହ ଏହା କରନ୍ତି ତେବେ କେହି ତାହାଙ୍କର ଦୋଷ ଦେଇ ପାରିବ ନାହିଁ ସୁତରାଂ ଯୁଦ୍ଧ କାହିଁ କି ହେବ ?

### ଓଡିଶାନାଲ ଓ ଜଳସେଚନର ବିସ୍ତାର ।

ଗତ ଡିସେମ୍ବରମାସ ତା ୨୦ ରିଖରେ ପ୍ରସ୍ତୁତ ହୋଇଥିବା ଗତ ନବେମ୍ବର ମାସ ତା ୨୩ ରିଖର ଓଡ଼ିଶାଗେଜେଟରେ ଜଳସେଚନ ସମ୍ପର୍କୀୟ ଗଣ୍ଡିଏ ତାଲିକା ପ୍ରକାଶିତ ହୋଇଅଛି । ଏତାଲିକାରେ ଚଳିତବର୍ଷର ଆରମ୍ଭରୁ ଉକ୍ତ ନବେମ୍ବର ମାସ ତା ୧୮ ରିଖ ପର୍ଯ୍ୟନ୍ତ ବିବରଣମାନ ଲେଖା ଯାଇଅଛି । ଆମ୍ଭେମାନେ ତହିଁରୁ ଆନନ୍ଦ ସହିତ ଅବଗତ ହେଲୁଁ ଯେ ଗତବର୍ଷ ଏହି କାଳ ମଧ୍ୟରେ କେବଳ ମା ୧୩୨୪୧ ଣ ଜମିର ସରକାରୀ ନାଲମାନଙ୍କରୁ ଜଳ ଗୃହୀତ ହୋଇଥିଲା ଏ ବର୍ଷ ପ୍ରାୟ ତହିଁରୁ ଦ୍ୱିଗୁଣ ଅର୍ଥାତ୍ ମା ୨୫୨୭୧ ଣ ଭୂମି ସକାଶେ ଜଳ ଗୃହୀତ ହୋଇଅଛି ପାଠକମାନେ ଅବଶ୍ୟ ଜାଣିପାରିବେ ଯେ ଗତବର୍ଷ ଆଶାତିରିକ୍ତ ବର୍ଷା ହୋଇଥିଲା ଓ ୮ ବର୍ଷ କ୍ଷେତ ସକାଶେ ଏକପ୍ରକାର ବର୍ଷା ହୋଇଥିଲେହେଁ ପ୍ରଥମାବସ୍ଥାରେ ଅଦୌ ବର୍ଷା ନ ଥିଲା ଓ ଶେଷରେ ମଧ୍ୟ ବର୍ଷାର ଅଭାବ ଦେଖାଗଲା ସୁତରାଂ ନାଲରୁ ଜଳ ନେବାର ଅଧିକ ପ୍ରୟୋଜନ ହୋଇଥିଲା । ଆହୁରି ଦେଖାଯାଏ ଯେ ରବିଫସଲ ସକାଶେ କିଛି ଜଳ ନିଆଯାଇ ନାହିଁ ସମସ୍ତ ଜଳ କେବଳ ଖରିଫ ଅର୍ଥାତ୍ ବର୍ଷାକାଳର ଫସଲ ସକାଶେ ଗୃହୀତ ହୋଇ ଥିଲା ଏଥିରୁ ନିଶ୍ଚୟ ବୋଲାଯାଇ ପାରେ ଯେ ଅଧିକ ଭୂମି ସକାଶେ ଜଳ ଗୃହୀତ ହେବା କେବଳ ବର୍ଷାର ଅଭାବ ହେତୁରୁ ଅଟଇ ନଚେତ୍ ନାଲଜଳଦ୍ୱାରା କ୍ଷେତ ପ୍ରସ୍ତୁତ କରିବାର ଅଧିକ ଆଗ୍ରହ ହେତୁରୁ ନୁହଇ । ଓଡିଶାକୁ ନାଲ ଆସିବାର ଆଜିକୁ ବାରବର୍ଷ ହେଲେହେଁ ଅଦ୍ୟ ଲୋକେ ଦାୟଗ୍ରସ୍ତ ହୋଇ ଜଳ ନେଉ ଅଛନ୍ତି ନୋହିଲେ ଏମନ୍ତ ବୋଲା ଯାଇ ନ ପାରେ ଯେ ନାଲରୁ ଜଳ ନେବାର ପ୍ରବୃତ୍ତି ଜନ୍ମିଅଛି ।

ଯେଉଁ ନାଲରୁ ଯେତେଭୂମି ସକାଶେ ଜଳ ଗୃହୀତ ହୋଇ ଅଛି ତହିଁର ତାଲିକା ଯଥା;-

| | |
|---|---|
| କେନ୍ଦ୍ରାପଡା ନାଲ | ମା ୧୨୪୯୯ |
| ପଟ୍ଟାମୁଣ୍ଡଇ ,, | ମା ୨୯୩ |
| ହାଇଲେବଲ ,, | ମା ୭୯୯୨ |
| ତାଲଦଣ୍ଡା ,, | ମା ୨୩୧୭ |
| ମାଛଗାଁ ,, | ମା ୨୧୭୦ |
| ଏ୦ | ମା ୨୫୨୭୧ ଣ |

ଶ ୧୫୨୮ ଖଣ୍ଡ ପଟ୍ଟାଦ୍ୱାରା ଏତକ ଭୂମିର କବୁଲିୟତ୍ ହୋଇଥିଲା ।

ଯେ ଦରରେ ଯେତେ ଭୂମିର କବୁଲିୟତ୍ ହୋଇ ଅଛି ତାହା ତଳେ ଲେଖାଗଲା ଯଥା;-

| | | |
|---|---|---|
| ମା ୨୨୦୨୨ ଏ | ଟ ୧ ଲେଖାଏ | ଟ ୨୨୦୨୨ |
| ମା ୧୪୨୭ ଏ | ଟ ୧॥ ,, | ଟ ୨୧୪୦ |
| ମା ୧୧୧୫ ଏ | ଟ ୩ ,, | ଟ ୩୩୪୫ |
| ମା ୩୧୩ ଏ | ଟ ୩ ,, | ଟ ୯୩୯ |
| ମା ୩୯୪ ଏ | ଟ ୬ ,, | ଟ ୨୩୬୪ |
| ମା ୨୫୨୭୧ ଏ | | ଟ ୩୦୮୧୦ |

ତିନଟଙ୍କିୟା ଓ ଛ ଟଙ୍କିୟା ବନ୍ଦୋବସ୍ତ ଜମି ମଧ୍ୟରେ ୩୧୩ ମାଣ ଅର୍ଥଦଣ୍ଡ ବାବତ୍ ଏବ ଅବଶିଷ୍ଟ ଭୂମି ଦୋହୋରା ବନ୍ଦୋବସ୍ତ ବାବତ୍ ଅଟଇ । ଦୋହୋରା ବନ୍ଦୋବସ୍ତରେ ମୋଟ ଟଙ୍କାର ପ୍ରାୟ ଚତୁର୍ଥାଂଶ ଆଦାୟ ହୋଇ ଅଛି କେଉଁ କାରଣରୁ ଏତେ ଦୋହୋରା ବନ୍ଦୋବସ୍ତ ହେଲା ତାଲିକାରୁ ଜାଣିବାର ଉପାୟ ନାହିଁ ମାତ୍ର ଏତେ ଅଧିକ ଦୋହୋରା ବନ୍ଦୋବସ୍ତ ହେବା ଭଲ ଦିଶୁନାହିଁ ଓ ଏଥିରେ ଅନେକ ପ୍ରଜା ଯଥାର୍ଥ ବା ଅଯଥାର୍ଥରୂପେ ଅସନ୍ତୋଷ ହୋଇ ଥିବେ । ଆମ୍ଭେମାନେ ଭରସା କରୁଁ ଯେ ନାଲ ଏଲାକାର କର୍ମଚାରୀମାନେ ସାବଧାନ ପୂର୍ବକ କାର୍ଯ୍ୟ କରିଅଛନ୍ତି କାରଣ ଯାହାଙ୍କ ଉପରେ ଦଣ୍ଡସ୍ୱରୂପ ବା ଦୋହୋରା ବନ୍ଦୋବସ୍ତ ହୋଇଅଛି ଯେବେ ସେମାନେ ତହିଁର ଯୋଗ୍ୟପାତ୍ର ନ ଥିବେ ତେବେ ନାଲଜଳ ପ୍ରତି ଲୋକଙ୍କର ଭୟ ଜାତ ହେବାର ସମ୍ଭାବନା ଓ ତଦ୍ଦ୍ୱାରା ଜଳ ବ୍ୟବହାର ବିସ୍ତାର ହେବାର ଅସମ୍ଭବ ।

## ସାପ୍ତାହିକସଂବାଦ ।

ଆମ୍ଭେମାନେ ଆନନ୍ଦ ସହିତ ଗତ ସପ୍ତାହର କଲିକତା ଗେଜେଟରେ ପାଠକଲୁଁ ଯେ ବାବୁ ନନ୍ଦକିଶୋର ଦାସ ଡେପୁଟି କଲେକ୍ଟର ଷଷ୍ଠ ଶ୍ରେଣୀକୁ ଉଠିଅଛନ୍ତି ଏ ଶ୍ରେଣୀର ବେତନ ଟ ୩୦୦ ଙ୍କା ଅଟଇ । ଗବର୍ଣ୍ଣମେଣ୍ଟ ଏହାଙ୍କୁ ବୃଦ୍ଧି ଦେବାରେ ବିଳମ୍ବ କରିଅଛନ୍ତି ନୋହିଲେ ଯେତେ ଦିନରୁ ସେ ଡେପୁଟୀ କଲେକ୍ଟରୀ ପଦରେ ବାହାଲ ହେଲେଣି ଓ ଯେମନ୍ତ ଉତ୍ତମ କର୍ମ କରିଅଛନ୍ତି ଅନେକ ଦିନ ପୂର୍ବରୁ ତାହାଙ୍କର ଉନ୍ନତି ହେବାର ଉଚିତ ଥିଲା ।

ଆମ୍ଭମାନଙ୍କର କଲେକ୍ଟର ଶ୍ରୀଯୁକ୍ତ ବିମସ୍ ସାହେବ ଗତ ମଙ୍ଗଳବାର କଲିକତାରୁ ଫେରି ଆସି କାର୍ଯ୍ୟ ଭାର ଗ୍ରହଣ କଲେ । ଚଳିତ ମାସ ତା ୫ ରିଖରେ ସେ ମୋଫସଲ ଗସ୍ତକୁ ଯିବେ ବୋଲି ଶୁଣାଯାଏ । ପ୍ରଥମ ଗସ୍ତଟା ତୋମପଡା ଆଡେ ହେବ ।

ତେଲଙ୍ଗା ବଜାର ଖୁନ ମୋକଦ୍ଦମାରେ ପୁଲିସ ଯେଉଁ ବ୍ୟକ୍ତିକୁ ଚାଲାଣ କରିଥିଲା ମାଜିଷ୍ଟ୍ରେଟ ତାହାକୁ ଦୌରା ସୁପର୍ଦ୍ଦ କରି ଅଛନ୍ତି ।

କେନ୍ଦ୍ରାପଡାର ଆସିଷ୍ଟାଣ୍ଟ ମାଜିଷ୍ଟ୍ରେଟ ଓ କଲେକ୍ଟର ଫିଲିପସ୍ସାହେବ ପ୍ରଥମ ଶ୍ରେଣୀର କ୍ଷମତା ପାଇଅଛନ୍ତି ।

ପୁଲିସ ଅସିଷ୍ଟାଣ୍ଟ ସୁପ୍ରିଣ୍ଟେଣ୍ଡେଣ୍ଟ ଟମସନସାହେବ କଟକରୁ ପୁରୀକୁ ବଦଳ ହେଲେ ।

ଶୁଣିଲୁଁ ଯେ ଗତ ସପ୍ତାହରେ ଆହୁରି ଦୁଇଗୋଟି ଖୁନ ହୋଇଅଛି । ଜଗତପୁରଠାରେ ଗୋଟିଏ ସଦ୍ୟଜାତ ଶିଶୁକୁ କେହି ମାରି ପକାଇ ଦେଇଥିଲା ଓ ଯାଜପୁରରେ ଦୁଇ ବର୍ଷର

Split by PDF Splitter

Digitized by srujanika@gmail.com

Split by PDF Splitter



ଗୋଟିଏ ପିଲଠାରୁ କେହି ଅଳ୍ପ ମୂଲ୍ୟର ରୂପା ଅଳଙ୍କାର କାଢ଼ି ନେଇ ମାରି ପକାଇଥିଲା । ଭାରତେଶ୍ୱରୀଙ୍କ ଅମଳରେ ଏରୂପ ଶୋଚନୀୟ କାଣ୍ଡମାନ ଘଟୁଅଛି କାହିଁକି ?

ଆମ୍ଭେମାନେ ଅବଗତ ହୋଇଅଛୁଁ ଗାର୍ଯ୍ଯ୍ଲ କମିଶନରସାହେବ ପୁରୀ ଓ ଖୋରଧା ଭ୍ରମଣରେ ସମ୍ପ୍ରତି ଗଡଜାତରେ ପ୍ରବେଶ କରିଅଛନ୍ତି ।

ସମ୍ବଲପୁର ଅନ୍ତର୍ଗତ ବାମଣ୍ଡା ଦଳର ରାଜା ମହାରାଜା ସୁରଲଦେବ ଦିଲ୍ଲି ଦରବାରରୁ ଆପଣା ଗଡକୁ ଫେରିଯିବା ଉପଲକ୍ଷରେ ଗତ ସପ୍ତାହରୁ ଏନଗରକୁ ଆସିଅଛନ୍ତି ଶ୍ରୀକ୍ଷେତ୍ର ଦର୍ଶନ କରି ଘରକୁ ଫେରିଯିବେ । ଦିଲ୍ଲିରେ ଏହାଙ୍କୁ ଶ୍ରୀମତୀ ଭାରତେଶ୍ୱରୀଙ୍କ ପ୍ରତିମୂର୍ତ୍ତି ଅଙ୍କିତ ଗୋଟିଏ ସୁନାର ତଗମା ଓ ଖଣ୍ଡିଏ କିଙ୍ଖାପ୍ କରତ ଅର୍ଥାତ ତରବାରି ଉପଢୌକନ ମିଳିଅଛି । ଦରବାରରେ ଲର୍ଡ ଲିଟନଙ୍କ ଛବି ଅଙ୍କିତ ହୋଇ ଅଛି ଏ ସମସ୍ତ ଉପଢୌକନ ଦେବା ସମୟରେ ମହାମାନ୍ୟ ଲର୍ଡ ଲିଟନ କହିଲେ ଯେ ମହାରାଜ ଆପଣା ରାଜ୍ୟ ମଧ୍ୟରେ ସ୍କୁଲ ସ୍ଥାପନ ସଡକ ନିର୍ମାଣ ରାଜସ୍ୱର ଉତ୍ତମ ବନ୍ଦୋବସ୍ତ ଏବଂ ସ୍ୱୟଂ ସଂସ୍କୃତ ଭାଷା ଉତ୍ତମରୂପେ ଶିକ୍ଷା କରିଥିବାରୁ ଶ୍ରୀମତୀ ଭାରତେଶ୍ୱରୀ ଅତ୍ୟନ୍ତ ପ୍ରୀତ ହୋଇଅଛନ୍ତି ଓ ସ୍ମରଣ ସ୍ୱରୂପ ଯେଉଁ ତଗମା ଇତ୍ୟାଦି ଦେଲେ ମହାରାଜା ତାହାକୁ ପୁତ୍ରପୌତ୍ରାଦି କ୍ରମେ ଭୋଗ କରିବେ ।

ମହାମାନ୍ୟ ଗ୍ରାଣ୍ଡପ୍ରତିନିଧି ସାହେବ ଦିଲ୍ଲୀରୁ କଲିକତାକୁ ପ୍ରତ୍ୟାଗମନ କାଳରେ ବନାରସ ମହାରାଜଙ୍କ ଆମନ୍ତ୍ରଣ ସ୍ୱୀକାର କରିଥିଲେ । ରାମନଗର ଗଡଠାରେ ବଡ ଧୂମଧାମ ହୋଇଥିଲା ମାତ୍ର ମେଘୁଆ ଓ ବର୍ଷା ହେତୁରୁ କେତେ ନାଇ ଇତ୍ୟାଦିର କିଛି ବ୍ୟାଘାତ ହୋଇଥିଲା । ଯାହାହେଉ ମହାରାଜା ଗବର୍ଣ୍ଣର ଜେନରଲଙ୍କୁ ସନ୍ତୁଷ୍ଟ କରିବା ନିମିତ୍ତେ ଅତ୍ୟନ୍ତ ଯତ୍ନ କରିଥିଲେ ।

ହିନ୍ଦୁପେଟ୍ରିଅଟରୁ ଅବଗତହେଲୁଁ ଯେ କଲିକତା ଗହମର କାରବାର ଉନ୍ନତି କରୁଅଛି । ସନ ୧୮୭୩ ସାଲରେ ୧୦୦୦୦ ଟନ ରପ୍ତାନି ହୋଇଥିଲା ମାତ୍ର ସନ ୧୮୭୪ ସାଲରେ କେବଳ ୮୦୦୦ ଟନ ସୁଦ୍ଧାଂ ଊଣା ପଡିଥିଲା । ଗତବର୍ଷ ୫୦୦୦୦ ଟନ ପର୍ଯ୍ୟନ୍ତ ବୃଦ୍ଧି ହୋଇଥିଲା ମାତ୍ର ଏବର୍ଷ କେବଳ କଲିକତାରୁ ୧୨୦୦୦୦ ଟନ ଅବଧି ରପ୍ତାନି ହେଲାଣି । ପଞ୍ଜାବର ଗହମର ବଡ ଆଦର ଇଂଲଣ୍ଡରେ ହୋଇଅଛି । ବମ୍ବେଠାରୁ ମଧ୍ୟ ପ୍ରାୟ ଛଅଲକ୍ଷ ଟଙ୍କାର ଗହମ ରପ୍ତାନି ହୋଇଅଛି ।

ଆମେରିକାର ଏକ ସମ୍ବାଦପତ୍ରରେ ଲେଖାଅଛି ଯେ ମାପିଲେ ଗୋଟିଏ ପୁଷ୍କରିଣୀଅଛି ଯେ ତାହାଁର ଆୟତନ ପ୍ରାୟ ୧୦ ମାଣ ହେବ । ଏଥିଉପରେ ଅଠରଇଞ୍ଚ ବହଳରେ ମାଟି ଅଛି ସେ ମାଟିରେ ଉତ୍ତମ ଫସଲ ହୁଅଇ ଓ ମାଟି ଭିତରେ ଗୋଟିଏ କଣା କଲେ ମାଛ ଧରାଯାଇପାରେ ।

ସିମଲାରୁ ଏକବ୍ୟକ୍ତି ଲେଖିଅଛନ୍ତି କି ବଡଦିନ ରାତ୍ରରେ ସେଠାରେ ଏତେ ବରଫ ପଡିଥିଲା ଏମନ୍ତ କି ମାଟି ଉପରେ ୨୫ରୁ ୩୫ ଫିଟ ବହଳରେ କଠିଯାଇଥିଲା । ଏପରି ବରଫ ଗତ ୧୦।୧୧ ବର୍ଷ ମଧ୍ୟରେ ଦେଖାଯାଇ ନାହିଁ । ଶୁଣିଅଛୁଁ କି ଚିନରେ ଏମନ୍ତ ବରଫ ପଡ଼ଇ ଯେ ଘରର କବାଟ ସବୁ ଫିଟିବାର କଠିନ ହୁଅଇ ଓ ସେକାଳୁଁ ମିଉନିସିପଲ କୁଲିମାନେ କୋଡରେ ବରଫ କାଟିନେଇ ଦ୍ୱାରକୁ ଫିଟିବାର ଉପାୟ କରି ଦିଅନ୍ତି ।

କରେଲିଜଲେଜ ଉଠିଯାଇଅଛି ଏବଂ ଦିଲ୍ଲି କଲେଜ ଉଠିଯିବ ବୋଲି କଥିତ ହୁଅଇ । ଏସବୁ ଶୁଣି ହିନ୍ଦୁପେଟ୍ରିଅଟ୍ ବୋଲନ୍ତି କି ଉଚ୍ଚ ଶିକ୍ଷାପ୍ରତି ଏତାଦୃଶ ଅନାସ୍ଥା ସହିତ କି କରିଭେତ୍ତୁ ଶ୍ରୀଙ୍କ ଅଙ୍ଗ ଉତ୍ତର ଭାରତବର୍ଷରେ ଆରମ୍ଭ ହେଲ ଦରବାରର ଖର୍ଚ୍ଚ ପୂର୍ଣ୍ଣକରିବା ନିମିତ୍ତେ ପ୍ରଥମେ ଶିକ୍ଷାବିଭାଗରେ କର୍ତ୍ତନ ହେବାର ଦେଖି କିଏ ଦୁଃଖିତ ନ ହେବ ।

ଏଡ୍ଭୋକେଟ ଗଜେଟରୁ ଅବଗତ ହେଲୁଁ ଯେ ଆମେରିକାରେ ପୁନର୍ବାର ଗୋଟିଏ ଯୁଦ୍ଧର ସମ୍ଭାବନା ହୋଇଅଛି । ଆମେରିକାରେ ଦୁଇ ଦଳ ଲୋକ ଅଛନ୍ତି । ଏକଦଳ ଡେମକ୍ରେଟିକ ଅର୍ଥାତ୍ ପ୍ରଜାତନ୍ତ୍ର ପ୍ରିୟ । ଏବଂ ଅନ୍ୟଦଳ ରିପବ୍ଲିକାନ ଅର୍ଥାତ୍ ସାଧାରଣ ତନ୍ତ୍ର ପ୍ରିୟ । ଆମେରିକାରେ ପ୍ରେସିଡେଣ୍ଟ ନିଯୋଗ ହେଲା ଏଥର ଏହି ଦୁଇ ଦଳରେ ଭୟାନକ ବିବାଦ ଆରମ୍ଭ ହୋଇଅଛି ଆମେରିକାରେ ଭିନ୍ନ ଅନେକସ୍ୱତନ୍ତ୍ର ଦେଶ ଅଛି, ଏମାନେ ଅନେକବିଷୟରେ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । କିନ୍ତୁ ଗୋଟିଏ କଂଗ୍ରେସ ଅର୍ଥାତ୍ ସଭା ଅଛି, ଏହି ସମୁଦାୟ ଦେଶ ଏହି ସଭାସଭର ଅଧୀନରେ ଅବସ୍ଥିତ କରଇ । ଡେମକ୍ରେଟିକମାନେ ଏହି ଏକତା ବନ୍ଧନ ଛେଦନ କରି ସମୁଦାୟ ରାଜ୍ୟ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର କରିବାର ଯତ୍ନ କରୁଅଛନ୍ତି ଏବଂ ଏହି ଉଦ୍ଦେଶରେ ସେମାନେ ଏଥର ସେମାନଙ୍କର ନିଜର ଦଳରୁ ଏକଜଣ ପ୍ରେସିଡେଣ୍ଟ ନିଯୁକ୍ତ କରିବାର ଯତ୍ନ କରନ୍ତି । ଆମେରିକାରେ ପ୍ରତି ଚାରିବର୍ଷ ପରେ ପ୍ରେସିଡେଣ୍ଟ ନିଯୁକ୍ତ ହୋଇଥାନ୍ତି ଏବଂ ଏହି ପ୍ରେସିଡେଣ୍ଟ * ବର୍ଷ ରାଜ୍ୟରେ ରାଜତ୍ୱ କରନ୍ତି । ଏଥର ଆମେରିକାର ଦୁଇଦଳ ଦୁଇଜଣଙ୍କ ପ୍ରେସିଡେଣ୍ଟ ନିଯୁକ୍ତ କରନ୍ତି ! ଆମେରିକାରେ ବୟଃପ୍ରାପ୍ତ ପୁରୁଷ ପ୍ରଜା ମାତ୍ର ପ୍ରେସିଡେଣ୍ଟ ନିଯୁକ୍ତ ସମ୍ବନ୍ଧେ ମତାମତ ପ୍ରକାଶ କରିପାରନ୍ତି ଏବଂ ଯେ ଅଧିକ ସଂଖ୍ୟକ ମତ ପ୍ରାପ୍ତ ହୁଅନ୍ତି ସେହି ମନୋନୀତ ହୁଅନ୍ତି । ଏଥର ପ୍ରଜାତନ୍ତ୍ରର ଦଳ କହୁଅଛନ୍ତି ଯେ ସେମାନଙ୍କର ମନୋନୀତ ପ୍ରେସିଡେଣ୍ଟ ଅଧିକ ମତ ପ୍ରାପ୍ତ ହୋଇଅଛନ୍ତି ଅନ୍ୟ ଦଳ ଏହାର ବିପରୀତ କହୁଅଛନ୍ତି । ସାଧାରଣ ତନ୍ତ୍ରମାନଙ୍କର ମନୋନୀତ ଲୋକ ପ୍ରେସିଡେଣ୍ଟ ପଦରେ ନିଯୁକ୍ତ ହୋଇଅଛନ୍ତି । ପ୍ରଜାତନ୍ତ୍ରମାନେ ଏଥିରେ ଅସନ୍ତୋଷ ପ୍ରକାଶ କରି ବିଦ୍ରୋହୀ ହୋଇ ଉଠିଅଛନ୍ତି ।

---

ବିଜ୍ଞାପନ ।

---

ଏଥିଦ୍ୱାରା ସର୍ବସାଧାରଣଙ୍କ ଗୋଚର କରାଇ ଦିଆଯାଉଅଛି ଯେ, ବାଳକମାନଙ୍କ ବିଶେଷ ବ୍ୟବହାରଜନକ ଗୋଟିଏ ନୂଆ "ବାଳକମାନଙ୍କ ପାଠ୍ୟପୁସ୍ତକ" ଇଂରେଜୀ ଓ ବଙ୍ଗଳା ଭାଷାରୁ ଭର୍ଜମା ହୋଇ ଉତ୍କଳ ଅକ୍ଷରରେ ଛପାହୋଇ ବିକ୍ରୟାର୍ଥେ ମୌଜୁଦ ଅଛି । ଅତଏବ ଯେ କେହି ଖରିଦ କରିବାକୁ ମାନସ ରଖିଥିବେ, ସେମାନେ କଟକ ପ୍ରିଣ୍ଟିଙ୍ଗକମ୍ପାନିଙ୍କ ଯନ୍ତ୍ରାଳୟରେ କି ଅବା ଗୁଡାକୋଠିସ୍ଥିତ ଶ୍ରୀ ଭଗବାନ ସାହୁଙ୍କ ନିକଟରେ ତତ୍ତ୍ୱ କଲେ ଶୀଘ୍ର ପ୍ରାପ୍ତ ହୋଇ ପାରିବେ ।

| | |
|---|---|
| ପୁସ୍ତକର ଦାମ | ୫୦/ |
| ଡାକମାସୁଲ | ୬୦/ |

କଟକ, } ଶ୍ରୀ ଭଗବାନସାହୁ
୩।୧।୭୭ } ସହର କଟକ, ଗୁଡାହାଟ ।

---

☞ ଏହି ଉତ୍କଳଦୀପିକା ସହର କଟକ ବର୍ଯ୍ୟାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 32

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୬ଗ
ସଂ ୭ ଖ୍ୟା
ତା ୧୦ ରିଖ ଫିବ୍ରୁଏରୀ ସନ ୧୮୭୭ ମସିହା । ମୁ । ଫାଲ୍‌ଗୁନ ଦ୧ନ ସନ ୧୨୮୪ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୬
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୭
ମଫସଲପାଇଁ ଡାକମାସୁଲ ଟ୧

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଶ୍ରବଣ କଲୁଁ ଯେ ଢେଙ୍କାନାଳର ମହାରାଜା ଭଗୀରଥ ମହେନ୍ଦ୍ରବାହାଦୁର ଗତ ସୋମବାର ଦିବସ ଶେଷରେ ମାନବଲୀଳା ସମାପ୍ତ କରି ସ୍ୱର୍ଗଲୋକକୁ ଗମନ କରିଅଛନ୍ତି । ମହାରାଜା ଆଜକୁ ଛମାସ ହେବ ଭଗନ୍ଦର ରୋଗରେ ପୀଡ଼ିତ ଥିଲେ ଡାକ୍ତର ସାହେବ ଅନେକ ପରିଶ୍ରମ କରି ତାହାଙ୍କୁ ଏକପ୍ରକାର ଆରୋଗ୍ୟ କରି ଆଣିଥିଲେ । ସମ୍ପୂର୍ଣ୍ଣରୂପେ ରୋଗ କ୍ଷମା ହୋଇ ନ ଥିଲା ଏଥିମଧ୍ୟରେ ଦରବାରର ଉପଲକ୍ଷରେ ସେ କଟକକୁ ବିଜେ କଲେ ଓ ଏଠାରେ ଡାକ୍ତର ସାହେବ ପୁନର୍ବାର ପୀଡ଼ା ସ୍ଥାନରେ ଅସ୍ତ୍ର ଚାଳନ କଲେ । ଏଥର ମହାରାଜାଙ୍କୁ କିଛି ଅଧିକ ବାଧିବାରେ ସେ ସତ୍ୱର ଆପଣା ଦେଶକୁ ଫେରି ଗଲେ ସେଠାରେ ପହଞ୍ଚିଲା ଦିନରୁ ଜ୍ୱର ହୋଇ ପରିଶେଷରେ ଏହି ଦୁର୍ଘଟନା ଘଟିଲା । ଏ ଶୋକାବହ ସମ୍ବାଦ ଶୁଣି ନଗରବାସିମାନେ ଭାରି ସନ୍ତାପିତ ହୋଇଅଛନ୍ତି । ତାହାଙ୍କ ରାଜ୍ୟଲୋକଙ୍କର କଥା ଅବା କି କହିବା । ସେମାନେ ନିତ୍ୟ ତାହାଙ୍କର ସ୍ନେହ ଦୟା ଓ ଉଦାରସ୍ୱଭାବର ଫଳ ଭୋଗ କରୁଥିଲେ ସୁତରାଂ ତାହାଙ୍କର ଶୋକର ସୀମା କି ? ବାସ୍ତବରେ ମହାରାଜା ଭଗୀରଥମହେନ୍ଦ୍ର ବାହାଦୁର ଗଡ଼ଜାତ ରାଜାମାନଙ୍କ ଶିରୋମଣି ଓ ଗଡ଼ଜାତ ଉନ୍ନତିର ପ୍ରଥମ ହେତୁ ଥିଲେ ! ଅରେ ତାହାଙ୍କ ରାଜ୍ୟରେ ଚିକିତ୍ସାଳୟ ବିଦ୍ୟାଳୟ ସଡ଼କ ପ୍ରଭୃତି ସାଧାରଣ ହିତକାର୍ଯ୍ୟର ଅନୁଷ୍ଠାନ ହେଲା ଓ କଟକ ହାଇସ୍କୁଲରେ ସେ ଅଗ୍ରେ ଛାତ୍ରବୃତ୍ତି ସ୍ଥାପନ କରି ବିଦ୍ୟାପ୍ରତି ତାହାଙ୍କର ପ୍ରଗାଢ଼ ଅନୁରାଗର ପରିଚୟ ସର୍ବସାଧାରଣଙ୍କୁ ଦେଲେ । ସେ ସ୍ୱୟଂ ଯେମନ୍ତ ସଂସ୍କୃତ ଭାଷାରେ ପଣ୍ଡିତ ଥିଲେ ତେମନ୍ତ ପଣ୍ଡିତମାନଙ୍କର ଯଥାର୍ଥ ସମ୍ମାନ କରୁଥିଲେ ଓ ତାହାଙ୍କ ସାହାଯ୍ୟରେ କେତେ ଲୋକ ପ୍ରଧାନପଣ୍ଡିତ ହୋଇ ଉଠିଲେ । ତାହାଙ୍କର ବଦାନ୍ୟତା ଯେମନ୍ତ ଆୟ ବ୍ୟୟର ଶୃଙ୍ଖଳା ତେମନ୍ତ ଥିଲା । ପ୍ରଜାମାନେ କର ଭିନ୍ନ କିଛି ଦେଉ ନ ଥିଲେ ଓ ତାହାଙ୍କ ପାଳନ ଓ ରକ୍ଷା ବିଷୟରେ ଏମନ୍ତ ସୁବିଚାର ପୂର୍ବକ କାର୍ଯ୍ୟ କରୁଥିଲେ ଯେ ମୋଗଲବନ୍ଦୀ ପ୍ରଜାଙ୍କଠାରୁ ସେମାନେ ସୁଖୀ ଥିଲେ । ଫଳତଃ ତାହାଙ୍କର ଗୁଣ କୀର୍ତ୍ତନ କରିବାକୁ ଆମ୍ଭମାନଙ୍କର ଏକ୍ଷୁଦ୍ର ପତ୍ରିକାରେ ସ୍ଥାନ ନାହିଁ ତାହା ଅପରସୀମ ଓ ଓଡ଼ିଶାର ଚତୁର୍ଦ୍ଦିଗରେ ପ୍ରକାଶ । ଏପରି ମହାରାଜଙ୍କୁ ହରାଇ କିସି କାହାର ଚିତ୍ତ ସ୍ଥିର ହେବ ? ଆମ୍ଭେମାନେ ମହାରାଜଙ୍କଠାରେ ବିଶେଷ ଋଣୀ କାରଣ ତାହାଙ୍କ ବଦାନ୍ୟତାରେ ଏ କଳାଳୟର ଉନ୍ନତି ହୋଇ ଅଛି । ସାଧାରଣ ହିତ ତାହାଙ୍କର ଏକମାତ୍ର ବ୍ରତ ଥିଲା ଓ ଏମନ୍ତ ଲୋକକୁ ପରମେଶ୍ୱର ଯାହା ବୃଦ୍ଧ ବୟସ ପର୍ଯ୍ୟନ୍ତ ବଞ୍ଚିବାକୁ ନ ଦେଲେ ଏହା ଓଡ଼ିଶାର ଦୁର୍ଭାଗ୍ୟ ଅଟଇ ହାୟ ! ଆଉ କି ଓଡ଼ିଶା ଏପରି ରାଜା ପାଇବ !

---

କଲିକତା ବିଶ୍ୱବିଦ୍ୟାଳୟର ବି, ଏ, ପରୀକ୍ଷାର ଫଳ 'କଲିକତା ଗେଜେଟରେ' ବାହାରିଅଛି ଆମ୍ଭେମାନେ ତହିଁରେ ଅତ୍ୟନ୍ତ ଆନନ୍ଦ ସହିତ ପାଠ କଲୁଁ ଯେ ଓଡ଼ିଶାର ଦିଯୋଟି ଛାତ୍ର ଏଥର ଦ୍ୱିତୀୟଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଏମାନଙ୍କ ନାମ ନିତ୍ୟାନନ୍ଦ ଘୋଷ ଓ ଚତୁର୍ଭୁଜପଟ୍ଟନାୟକ । ଏଥିପୂର୍ବେ କେବଳ ବାବୁ ମଧୁସୂଦନ ଦାସ ବି, ଏ, ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ମାତ୍ର ସେ ଓଡ଼ିଶାରୁ ବାହାରି ଯାଇ ଖ୍ରୀଷ୍ଟିୟାନ ହୋଇ କଲିକତାରେ ଅଧ୍ୟୟନ କରିବାଦ୍ୱାରା କୃତକାର୍ଯ୍ୟ ହୋଇଥିବାରୁ ଓଡ଼ିଶାର ଲୋକପରି ବୋଧ ହେଲେ ନାହିଁ । ସମ୍ପ୍ରତି ଯେଉଁ ଦୁଇଜଣ ଉତ୍ତୀର୍ଣ୍ଣ ହେଲେ ଏମାନେ କେବଳ ପ୍ରକୃତ ଓଡ଼ିଆ ଏତିକି ନୁହେ କଟକ ହାଇସ୍କୁଲରେ ଏଲ ଏ ପରୀକ୍ଷା ଦେଇ ପ୍ରେସିଡେନ୍ସି କଲେଜରେ ପାଠ କରୁଥିଲେ । ନିତ୍ୟାନନ୍ଦ ବାବୁ ଏକାଥରକେ ଦ୍ୱିତୀୟଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ ଏଥିପାଇଁ ସେ ବିଶେଷ ପ୍ରଶଂସାର ଯୋଗ୍ୟ ଅଟନ୍ତି ମାତ୍ର ଚତୁର୍ଭୁଜ ପଟ୍ଟନାୟକ ତିନିଥର ହାରି ଯାଇ ସୁଦ୍ଧା ଯେ ହତାଶ ନ ହୋଇ କ୍ରମଶଃ ପରିଶ୍ରମ କରି ଚତୁର୍ଥଥରରେ କୃତକାର୍ଯ୍ୟ ହେଲେ ତାହାଙ୍କର ଅଧ୍ୟବସାୟ ସାମାନ୍ୟ ପ୍ରଶଂସାର ବିଷୟ ନୁହଇ । ଅନେକ ଛାତ୍ର ଥରକରେ ଅକ୍ଷମ ହେଲେ ସ୍କୁଲ୍ ଛାଡ଼ି ଦେଇ ବସନ୍ତି ଏପରି ଲୋକଙ୍କୁ ଆମ୍ଭେମାନେ ଅନୁରୋଧ କରୁଅଛୁଁ

Digitized by srujanika@gmail.com

ଯେ ସେମାନେ ପଟ୍ଟନାୟକଙ୍କ ଅଧ୍ୟବସାୟକୁ ଅନୁକରଣ କରନ୍ତୁ ତାହା ହେଲେ ଓଡ଼ିଶାର ଅବସ୍ଥା ଶୀଘ୍ର ଉନ୍ନତ ହେବ । ଯାହା ହେଉ ଓଡ଼ିଶାର ମଧ୍ୟରୁ ଦୁଇଜଣ ବି, ଏ, ପ୍ରାପ୍ତ ହେଲେ ବଡ଼ ସୁଖର ବିଷୟ ଅଟଇ ଏଥର ଦେଖାଯିବ କମିଶ୍ନର ସାହେବ ଏମାନଙ୍କୁ କିରୂପ ପୁରସ୍କାର ଦେବେ । ଆମ୍ଭମାନଙ୍କ ମତରେ ଏମାନେ ଆଇନର ପରୀକ୍ଷା ଦେଇ ଉକିଲ ହୋଇ ଆସିଲେ ଭଲ ହେବ ।

---

କଲିକତା ଗେଜେଟରେ ଦେଖିଲୁଁ ଯେ ପୂର୍ବେ ଯେଉଁମାନେ କଟକ ମିଉନିସିପାଲଟିର କମିଶ୍ନର ପଦରେ ନିଯୁକ୍ତ ଥିଲେ ସେମାନଙ୍କ ପରବର୍ତ୍ତେ ଗତମାସ ତା ୧୬ ରଖରେ ତଲଲିଖିତ ବ୍ୟକ୍ତିମାନଙ୍କୁ ଶ୍ରୀଯୁକ୍ତ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ସାହେବ କମିଶନର ପଦରେ ନିଯୁକ୍ତ କରିଅଛନ୍ତି ଯଥା;—

୧ ଶ୍ରୀ ଜା ଟଏନବୀ ସାହେବ ଜଏଣ୍ଟ ମାଜିଷ୍ଟ୍ରେଟ
୨ ଶ୍ରୀ ଫ୍ରାନସିସ ରେବନ „ ପୁଃ ସୁପ୍ରିଣ୍ଟ
୩ ବାବୁ ଜଗନ୍ମୋହନ ଗୁପ୍ତ ଡେଃ କଲେକ୍ଟର
୪ ଶ୍ରୀ ଏଫ ବଣ୍ଡ ସାହେବ ବାଇକମାଷ୍ଟର
୫ ବାବୁ କହ୍ନାଇଲାଲ ପଣ୍ଡିତ ଜମିଦାର
୬ „ ବୈଦ୍ୟନାଥ ପଣ୍ଡିତ „
୭ „ ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀ „
୮ „ କାଳୀପଦ ବାନୁର୍ଯ୍ୟା „
୯ „ ମଥୁରାଲାଲ ଭଗତ „
୧୦ ହାଜି ଅବଦୁଲ ରହମାନ ମୁସା „
୧୧ ବାବୁ ମହେଶ୍ଚନ୍ଦ୍ର ବାନୁର୍ଯ୍ୟା „
୧୨ ଦାରୋଗା ମହମ୍ମଦ ଅତହର „
୧୩ ମୁନସି ଗୋଲାମ ରସୁଲ „
୧୪ „ ରସୁଲ ବକ୍ସ „
୧୫ ବାବୁ ତାରକାନ୍ତ ବିଦ୍ୟାସାଗର ପେନସନଭୋଗୀ
୧୬ „ ଦ୍ୱାରିକାନାଥ ଚକ୍ରବର୍ତ୍ତୀ ନଃ ଇଃ ସୁଃ
୧୭ „ ହରବଲ୍ଲଭ ବୋଷ ଉକିଲ
୧୮ „ ଗୋପାଳ ପ୍ରସାଦ ମିଶ୍ର „

ଏ ତାଲିକାର ଶୁଦ୍ଧତା ସକାଶେ କାହାକୁ ଧନ୍ୟବାଦ ଦେବାକୁ ହେବ ଅମ୍ଭେମାନେ ବୁଝି ସ୍ଥିର କରି ପାରୁ ନାହୁଁ । ବଣ୍ଡ ସାହେବ ପ୍ରାୟ ଦୁଇମାସ ହେବ ବଙ୍ଗଳାକୁ ବଦଳି ହୋଇ ଗଲେଣି ଅଥଚ ସେ ଏ ନଗରର କମିଶନ ହୋଇଅଛନ୍ତି । ଯେବେ ମାଜିଷ୍ଟ୍ରେଟ ମନୋନୀତ କରିବା ସମୟରେ ଉକ୍ତ ସାହେବ ଏଠାରେ ଥିଲେ କିନ୍ତୁ ଗବର୍ଣ୍ଣମେଣ୍ଟଙ୍କ ସିରସ୍ତାରେ ତାହାଙ୍କ ବଦଳି ବିଷୟ ଅପ୍ରକାଶ ନାହିଁ । ଏପର ନ ୯ ମ୍ବରଠାରୁ ନ ୮ ମ୍ବର ପର୍ଯ୍ୟନ୍ତ ବ୍ୟକ୍ତିମାନେ ଜମିଦାର ବୋଲି ପରିଚିତ ହୋଇଅଛନ୍ତି କିନ୍ତୁ ଆଦୌ ଏହାଙ୍କର ଜମିଦାରୀ ଥିବା ବିଷୟରେ ଆମ୍ଭମାନଙ୍କର ସନ୍ଦେହ ହୁଅଇ ଏମାନେ ମହାଜନ ଓ ନାଏବ ବୋଲି ସର୍ବସାଧାରଣରେ ପରିଚିତ କିନ୍ତୁ କଲେକ୍ଟର ମାଜିଷ୍ଟ୍ରେଟ ଯାହା ଏ କଥା ନ ଜାଣନ୍ତି ବଡ଼ ଆଶ୍ଚର୍ଯ୍ୟର ବିଷୟ । ଯେବେ ଏମାନେ ଜମିଦାର ଅଟନ୍ତି ତେବେ ତାଲୁକାନ୍ତ ବାରୁ ନୁହନ୍ତି କାହିଁକି । ସେ ମଧ୍ୟ କେତେ ଜମିଦାରଙ୍କର ନାଏବ କରିଅଛନ୍ତି ବା ସେହି ଆଶାରେ ଏଠାରେ ପଡ଼ି ରହିଅଛନ୍ତି । ଫଳତଃ କମିଶନରଙ୍କ ଯେରୂପ ପରିଚୟ ଦିଆ ଯାଇଅଛି ତଦନୁସାରେ ସେମାନଙ୍କୁ ଚିହ୍ନିବାର କଠିନ । ବୋଧ ହୁଅଇ ଉକ୍ତ କମିଶନରମାନେ ଆପଣାକୁ ଆପେ ଚିହ୍ନି ପାରୁ ନ ଥିବେ ତେବେ ଏମାନେ ଏ ନଗରବାସିଙ୍କ ଅବସ୍ଥା କିପରି ଚିହ୍ନିବେ ? ପରିଶେଷରେ ଆଶ୍ଚର୍ଯ୍ୟର ବିଷୟ ଏହି ଯେ କୌଣସି ଓଡ଼ିଆକୁ କମିଶନରୀ ପଦ ଦିଆ ଯାଇ ନାହିଁ । ମାଜିଷ୍ଟ୍ରେଟ ସାହେବଙ୍କ ମତରେ କି ଏ ପଦର ଉପଯୁକ୍ତ ଓଡ଼ିଆ କେହି ନାହିଁ ? ନା ଯେଉଁମାନେ ଅଛନ୍ତି ସେମାନେ ହାକିମଙ୍କ ମନ ଯୋଗାଇ ପାରନ୍ତି ନାହିଁ ? ବୋଧହୁଅଇ କମିଶନର ସାହେବ ଏ ତାଲିକା ଦେଖିନାହାନ୍ତି ନୋହିଲେ ଓଡ଼ିଆଙ୍କର ଏତାଦୃଶ ଅପମାନ୍ୟ ହୁଅନ୍ତା ନାହିଁ ।

---

କଟକ ମିଉନିସିପାଲଟିର ଆୟବ୍ୟୟ ।

ଏଠା ମିଉନିସିପଲ କମିଶନରଙ୍କର ଗତ ଅଧିବେଶନର ସଂକ୍ଷେପ ବୃତ୍ତାନ୍ତ ଗତ ସପ୍ତାହରେ ଅମ୍ଭେମାନେ ଲେଖିଥିଲୁଁ ତହିଁର ଅବଶେଷ ବୃତ୍ତାନ୍ତ ଏହି ଯେ ଆଗାମି ଅପ୍ରେଲ ମାସରୁ ଆରମ୍ଭ ହେବା ବର୍ଷ ସକାଶେ ବଣ୍ଟିବ୍ରି ଉପରେ ଟାକ୍ସ ହେବାର କଳ୍ପନା ଥିଲା କିନ୍ତୁ ତହିଁରେ ଅଧିକ୍ୟ ଉତ୍ପନ୍ନ ହେବାର ଜଣାଯିବାରୁ ପୂର୍ବବତ୍ ଲୋକଙ୍କ ଅବସ୍ଥା ଦୃଷ୍ଟିରେ ଟାକ୍ସ ଧାର୍ଯ୍ୟ ହେବାର ସ୍ଥିର ହେଲା । କିନ୍ତୁ ଉଚ୍ଚ ଦରରେ ଆଗାମୀ ଅପ୍ରେଲ ମାସରୁ ଟାକ୍ସର ସାଲ ବନ୍ଦୋବସ୍ତ ହେବ । ବର୍ତ୍ତମାନର ଜମା ପ୍ରାୟ ଟ ୧୪,୭୦୦ ଙ୍କା ଅଟେ ଆଗାମୀ ବନ୍ଦୋବସ୍ତରେ ଟ ୧୭୫୦୦ ଙ୍କା ହେବାର କଳ୍ପନା ହୋଇଅଛି । ବଗି ଘୋଡ଼ା ଓ ଅନ୍ୟ ପଶୁ ଉପରେ ଆଇନର ଧା ୬୮ ଅନୁସାରେ ଅଧା ଏକ ଶଗଡ଼ ଉପରେ ପୂର୍ଣ୍ଣ ଦରରେ ଟାକ୍ସ ବସିବ । ଏସବୁ ଅନ୍ୟ ପ୍ରକାରରେ ତଳ ଲିଖିତରୂପ ଆୟ ହେବାର ଇଷ୍ଟିମେଟ ହୋଇଅଛି । ଯଥା;—

| | |
|---|---|
| ଲୋକଙ୍କ ଉପରେ ଟାକ୍ସ | ଟ ୧୭୫୦୦ |
| ଗାଡ଼ି ବଗି, ଘୋଡ଼ା ଓ ଅନ୍ୟପଶୁ ବାବଦ ଟାକ୍ସ | ଟ ୮୦୦ |
| ଶଗଡ଼ ରେଜେଷ୍ଟ୍ରର ଫିସ ଟାକ୍ସ | ଟ ୧୬୮୪ |
| ପାଉଣ୍ଡ ରସୁମ | ଟ ୬୦୦୦ |
| କାଞ୍ଜି ହାଉସ | ଟ ୭୦୦ |
| ବିବିଧ ପ୍ରକାର | ଟ ୨୧୦ |
| ସମୁଦାୟ | ଟ ୨୬୮୯୪ |

ଏଥିରୁ ପ୍ରକାଶ ଯେ ଟାକ୍ସ ବାବତରେ ନୂତନ ଆଇନାନୁସାରେ ଆଗାମୀ ବର୍ଷ ଲୋକଙ୍କଠାରୁ ସର୍ବସୁଦ୍ଧା ଟ ୫୩୪୮ ଙ୍କା ଅଧିକା ସୁଝାଇ ହେବ ।

ନେଜଷ୍ଟ୍ରର ସାହେବ ଜଣାଇଲେ ଯେ ବର୍ତ୍ତମାନ ଯେ ଦୁଇଜଣ ଟାଉନ ଓଭରସିଅର ଅଛନ୍ତି ସେମାନେ ଅକ୍ଷମ ଓ ତାଙ୍କଦ୍ୱାରା କର୍ମ ଉତ୍ତମରୂପେ ଚଳୁ ନାହିଁ । ସେମାନଙ୍କ ପରିବର୍ତ୍ତେ ଜଣେ ଉପଯୁକ୍ତ ଲୋକ ଓଭରସିୟର ଓ ସେକ୍ରେଟେରୀ ପଦରେ ମାସିକ ଟ ୧୦୦ ଙ୍କା ବେତନରେ ନିଯୁକ୍ତ ହେବ ଓ ତାହା ଅଧୀନରେ ଦୁଇ ଜଣ ଜମାଦାର ଜଣକେ ମାସିକ ଟ ୧୫ ଙ୍କା ବେତନରେ ରହିବେ ଏପରି ହେଲେ କର୍ମ ସୁଚାରୁରୂପେ ଚଳିବ । ଏ ପ୍ରସ୍ତାବରେ କମିଶନରମାନେ ଏକମତ ହେବାରୁ ତାହା ଧାର୍ଯ୍ୟ ହେଲା ।

ତଦନ୍ତର ଆୟବ୍ୟୟର ଇଷ୍ଟିମେଟ ପେଶ ତର୍କ ବିତର୍କ ହୋଇ ସେ ସବୁ ମନୋନୀତ ହେଲା । ଆୟର ଇଷ୍ଟିମେଟ ଉପରେ ଲେଖା ହୋଇଅଛି ବ୍ୟୟର ଇଷ୍ଟିମେଟ ତଳ ଲିଖିତ ପ୍ରକାର ଅଟେ । ଯଥା;—

| | |
|---|---|
| ନଗର ପୁଲିସର ବେତନ ଇତ୍ୟାଦ | ଟ ୫୫୬୨ |
| କର୍ମ ଚଳାଇବାର ଖର୍ଚ୍ଚା | |
| ଓଭରସିୟର ଓ ସେକ୍ରେଟେରୀ ବେତନ | ଟ ୧୨୦୦ |
| ତହସିଲ ଅମଲା ଓ ସଦରକଚେରି ଅମଲା | ଟ ୨୦୫୧ |
| କାଣ୍ଟେଞ୍ଜେଣ୍ଟ ସହିତ | ଟ ୩୨୫୧ |
| ନଗରରାସ୍ତା ଓ ନାଳ ମରାମତି ଜମାଦାରର ବେତନ ସହିତ | ଟ ୬୨୦୦ |
| ନଗର ପରିଷ୍କାର ଜମାଦାରର ବେତନ ସହିତ | ଟ ୨୧୦୦ |

Split by PDF Splitter
Digitized by srujanika@gmail.com

ଶ.ଗୋଚଡସାଳସ୍ଥ ଓ ଟୀକା ଦେବାର

| | |
|---|---|
| ଖର୍ଚ୍ଚ | ଟ ୭୫୦ |
| ବଷ୍ଟଥପ୍ରକାର ବ୍ୟୟ | ଟ ୩୩୬୨ |
| ପୂର୍ବବର୍ଷର ଅତିରିକ୍ତଖର୍ଚ୍ଚାପରିଶୋଧ | ଟ ୧୫୦୦ |
| ମାଫିଇତ୍ୟାଦ | ଟ ୫୦୦ |
| | ଟ ୬୪୬୩୪ |

ଚ୦

ଗାଡ଼ ଘୋଡ଼ା ଇତ୍ୟାଦ ଉପରେ ଟାକ୍ସ ବସାଇବା ଅଭିପ୍ରାୟରେ ଖଣ୍ଡିଏ ତାଲିକା ପ୍ରସ୍ତୁତ ହୋଇଥିଲା ତହିଁରୁ ଜଣାଯାଏ ଯେ ଏନଗରରେ ବର୍ତ୍ତମାନ ନିଲିଖିତ ରୂପ ଗାଡ଼ ଘୋଡ଼ା ଇତ୍ୟାଦ ଅଛି । ଯଥା;—

| | |
|---|---|
| ଗାଡ଼ ଚୃଇଚକିଆ | ୫୩ |
| ଏକକ ଦୁଇଚକିଆ | ୬୦ |
| ଚଢ଼ିବା ଘୋଡ଼ା ଓ ଟଟୁ | ୧୧୫ |
| ରଥ | ୩୬ |
| ଉଟ | ୨ |

---

ଶ୍ରୀମତୀ ମହାରାଣୀଙ୍କ ଉପାଧି ଗ୍ରହଣ ଉପଲକ୍ଷରେ ହୋଇଥିବା ଉତ୍ସବର

ଆୟବ୍ୟୟ ।

ଗତ ସୋମବାର ସକାଳେ କଟକ ରଯଏପିଂ କମିଟିଙ୍କ ସଭାରେ ମହାରାଣୀଙ୍କ ପଦଗ୍ରହଣ ଉପଲକ୍ଷରେ ସାଧାରଣ ଉତ୍ସବ ସମ୍ପର୍କୀୟ ଆୟ ବ୍ୟୟର ଶେଷ ହେସାବ ଆଗତ ହୋଇ ନିକାଶ ପାଇଲା । ସଭାରେ ଏହି ସ୍ଥିର ହେଲା କି ଅବ ଶିଷ୍ଟ ଟଙ୍କା ଯେତେ ରହିଲା ତାହା ଚିରସ୍ଥାୟୀ କୀର୍ତ୍ତି ସକାଶେ ଦିଆଯାଉ ଓ କମିଟୀର ହେସାବ କେତାବ ସବୁ କଲେକ୍ଟରୀ କଚେରୀରେ ରଖିବା ନିମିତ୍ତ କଲେକ୍ଟରସାହେବଙ୍କ ନିକଟକୁ ସକାଶେ ପଠାଯାଉ ।

ଦରିଦ୍ରମାନଙ୍କୁ ଦାନ କରିବା ନିମିତ୍ତ ଯେତେ ଲୁଗା କିଣାଯାଇ ଥିଲା ତହିଁ ମଧ୍ୟରୁ ପ୍ରାୟ ୪୦୦ ଶ ବଳିଥିଲା ସେ ଲୁଗା ବାଲେଶ୍ୱର ଓ ପୁରୀ ନଗରମାନଙ୍କରେ ଦରିଦ୍ରଙ୍କୁ ବାଣ୍ଟିଦେବା କାରଣ ଉକ୍ତ ଜିଲାଦ୍ୱୟର କଲେକ୍ଟରଙ୍କ ନିକଟକୁ ପଠାଇବାର ଧାର୍ଯ୍ୟ ହେଲା ଏବଂ ଉତ୍ସବ ସମ୍ପର୍କୀୟ ଟଙ୍କା ମଧ୍ୟରୁ ଯାହା ବାକି ଅଛି ତହିଁ ମଧ୍ୟରୁ କିଛି ଟଙ୍କା ନେଇ ଶ୍ରୀମତୀ ମହାରାଣୀଙ୍କ ନିକଟକୁ ଯେଉଁ ଅଭିନନ୍ଦନ ପତ୍ର ଦିବାର ଅଛି ତହିଁପାଇଁ ଗୋଟିଏ ରୂପାର ପାତ୍ର କରିବାର ପ୍ରସ୍ତାବ ହୋଇଥିଲା ମାତ୍ର ଅଧିକାଂଶ ସଭ୍ୟଙ୍କ ମତରେ ତାହା ଅଗ୍ରାହ୍ୟ ହେଲା । ଏହିରୂପେ ସଭାର କାର୍ଯ୍ୟ ଶେଷ ହେଲା ଓ ସଭ୍ୟମାନେ ପରସ୍ପରକୁ ଧନ୍ୟବାଦ ଦେଇ ଆପଣା ଘରକୁ ଗଲେଗଲେ

ବର୍ତ୍ତମାନ୍ ସର୍ବସାଧାରଣଙ୍କ ଗୋଚରାର୍ଥେ ଉତ୍ସବ ବ୍ୟାପାରର ଆୟବ୍ୟୟ ସଂକ୍ଷେପରେ ଲେଖୁଅଛୁଁ । ଯଥା;

| | ସାଧାରଣ ଉତ୍ସବସକାଶେ | ଚିରସ୍ଥାୟୀ କୀର୍ତ୍ତିସକାଶେ |
|---|---|---|
| ଯେତେ ଟଙ୍କା ଦେବା ହେଲା | ଟ ୪୫୭୮୫ | ଟ ୧୩୧୦୮ |
| ଯେତେ ଉସୁଲ ହେଲା | ଟ ୪୫୫୧। | ଟ ୬୪୧୮ |
| ଉସୁଲ ହେବାକୁ ବାକି | ଟ ୬୭। | ଟ ୧୧୪୯୦ |
| ଖର୍ଚ୍ଚ | ଟ ୩୫୫୨୫୧ | ଟ ୦ |
| ନଗଦ ତହବିଲ | ଟ ୯୯୯୫॥/୧୧ | ଟ ୬୪୧୮ |

ଚିରସ୍ଥାୟୀ କୀର୍ତ୍ତି ବାବତ ଦେବା ଆଦୌ ଉସୁଲ ହେବାର ଉଦ୍ୟମ ହୋଇ ନାହିଁ କେବଳ ଗଡ଼ଜାତ ରାଜାମାନେ ଯାହା ଦେବା ଦେଇ ଥିଲେ ତହିଁରୁ ଅଧେ ଟଙ୍କା କମିସନରସାହେବ ଚିରସ୍ଥାୟୀ କୀର୍ତ୍ତି ସକାଶେ ବାଣ୍ଟି ଦେବାରୁ ସେହି ଟଙ୍କା ତହବିଲରେ ଜମାଅଛି । ଏପର ବର୍ଦ୍ଧମାନର ମହାରାଜା ଉତ୍ସବ ସକାଶେ ଯେଉଁ ଟ ୫୦୦ ଦେଇଥିଲେ ଉତ୍ସବକାର୍ଯ୍ୟ ସକାଶେ ଆବଶ୍ୟକ ନ ହେବାରୁ ତାହା ଏବଂ ଉତ୍ସବଦେବାର ବାକି ଉପରଲିଖିତ ଟ ୯୯୯୫॥/୧୧ ଚିରସ୍ଥାୟୀ କୀର୍ତ୍ତି ଫଣ୍ଡରେ ମିଶାଇ ଦିଆଗଲା ସୁତରାଂ ଚିରସ୍ଥାୟୀ କୀର୍ତ୍ତି ଫଣ୍ଡରେ ବର୍ତ୍ତମାନ୍ ଟ ୩୧୧୭॥/୧୧ ଜମାଅଛି ବୋଲିବାକୁ ହେବ ଏରୂପେ ଏହି ଫଣ୍ଡର ମୋଟ ଦେବା ୧୫୪୦୮ ହୋଇଅଛି ଯେବେ ଏତିକି ଟଙ୍କା ଉସୁଲ କରି କାର୍ଯ୍ୟାରମ୍ଭ ହୁଅଇ ତେବେ ଆମ୍ଭମାନଙ୍କ ମତରେ ମନ୍ଦ ହେବ ନାହିଁ ଓ ତାହା ନ ହେଲେ ଶୀଘ୍ର ଏ କାର୍ଯ୍ୟ ସମ୍ପନ୍ନ ହେବାର କଠିନ । କାର୍ଯ୍ୟ ଆରମ୍ଭ ହେଲେ ଆଉ ଲୋକେ ଉତ୍ସାହିତ ହୋଇ ଶୀଘ୍ର ଦେବା ଦେବାକୁ ପ୍ରବୃତ୍ତ ହେବେ । ପ୍ରସ୍ତାବିତ ଟଙ୍କା ସମ୍ପୂର୍ଣ୍ଣରୂପେ ହସ୍ତଗତ ହେବା ପର୍ଯ୍ୟନ୍ତ କାର୍ଯ୍ୟ ସ୍ଥଗିତ ରଖିଲେ ଅତ୍ୟନ୍ତ କାଳ ବିଳମ୍ବ ହେବ ଓ ଏମନ୍ତ ହୋଇ ପାରେ ଯେ ଏ ପ୍ରସ୍ତାବ ପ୍ରତି ଲୋକଙ୍କର ବିଶ୍ୱାସ ଜନ୍ମିବ ନାହିଁ ସୁତରାଂ ଦେବା ସ୍ୱାକ୍ଷର କରିବାକୁ ସୁଦ୍ଧା କେହି ଅଗ୍ରସର ହେବେ ନାହିଁ । ଅତଏବ ଆମ୍ଭେମାନେ ମିଉନିସିପାଲ କମିଶନରଙ୍କଠାରେ ଅନୁରୋଧ କରୁଅଛୁଁ କି ଯେମନ୍ତ ଉତ୍ସବ ନିମିତ୍ତ ଗୋଟିଏ ସଭା ନିଯୁକ୍ତ କରି ଉକ୍ତ କର୍ମକୁ ସମାଧା କଲେ ସେହିପରି ଚିରସ୍ଥାୟୀ କୀର୍ତ୍ତି ନିର୍ମାଣ ସକାଶେ ଗୋଟିଏ ସଭା ନିଯୁକ୍ତ କରନ୍ତୁ ଓ ଯହିଁରେ ଏ କାର୍ଯ୍ୟ ଅତିଶୀଘ୍ର ଆରମ୍ଭ ହୁଅଇ ତହିଁର ସୁବିଧାନ କରନ୍ତୁ ।

ସାଧାରଣ ଉତ୍ସବ କ୍ରିୟାରେ ଯେଉଁ ଟ ୩୫୫୨୫୧ ଖର୍ଚ୍ଚ ହେବାର ଉପରେ ଲେଖା ଯାଇ ଅଛି ତହିଁର ତପସିଲ । ଯଥା;

| | |
|---|---|
| ସଡ଼କ ରୋଷନାଇର ବ୍ୟୟ | ଟ ୬୦୪୫ ୧୦ |
| ଦରିଦ୍ରମାନଙ୍କୁ ଭୋଜନ ଓ ବସ୍ତ୍ରଦାନ | ଟ ୬୦୧।/ ୯ |
| ଇଉରୋପୀୟ ଓ ଫିରଙ୍ଗୀ ଦରିଦ୍ରଙ୍କ ସାହାଯ୍ୟ ନିମିତ୍ତ ପାଦ୍ରିଙ୍କୁ ଦିଆଯିବାରେ | ଟ ୧୫୦ |
| ଘୋଡ଼ାଦୌଡ଼ ସକାଶେ ଦିଆଗଲା | ଟ ୨୦୦ |
| ସ୍କୁଲପିଲାମାନଙ୍କଖେଳ ସକାଶେ ଦିଆଗଲା | ଟ ୫୨॥/ ୭ |
| ଦେଶୀୟ ନାଚର ମଜଲିସ ଦେଶୀୟ ଏବଂ ଇଉରୋପୀୟ ଭଦ୍ରଲୋକଙ୍କ ଜଳପାନ ସହିତ | ଟ ୧୫୬୦॥/୧୧ |
| ଅପର ସାଧାରଣ ବ୍ୟକ୍ତିଙ୍କ ଆମୋଦ ନିମିତ୍ତ ନଗରର ଭିନ୍ନ ଭିନ୍ନ ସ୍ଥାନରେ ହୋଇଥିବା ନାଚର ବ୍ୟୟ | ଟ ୫୮।/ |
| ପୁଲିସପଲଟନକୁ ଭୋଜନ ଦେବାରେ | ଟ ୧୩୪ ।/ |
| ବାଜେଖର୍ଚ୍ଚ | ଟ ୩୭ ।/ |
| ଚାକରାନ୍ ଖର୍ଚ୍ଚ | |
| ଗଜାଙ୍ଗଙ୍କ ସିରସ୍ତାରେ | ଟ ୪୭॥/ ୨ |
| ସଡ଼କରୋଷନାଇରେ | „ ଟ ୨୮୫ ୧୦ |
| ଦେଶୀୟ ମଜଲିସ | „ ଟ ୪୦ ୯ |
| ସେକ୍ରେଟରୀଙ୍କ | „ ଟ ୩୧୫॥/ ୩ |
| | ଟ ୧୪୮୯ |
| ଚ୦ | ଟ ୩୫୫୨୫୧ |

ଏ ତାଲିକା ସମ୍ପର୍କରେ ଆମ୍ଭମାନଙ୍କର କିଛି ବକ୍ତବ୍ୟ ନାହିଁ । ପାଠକମାନେ ଦେଖିବାମାତ୍ରକେ ଜାଣିପାରିବେ ଯେ ସର୍ବସାଧାରଣଙ୍କଠାରୁ ଦେବା-ଦ୍ୱାରା ଯେଉଁ ଟଙ୍କା ସଂଗୃହୀତ ହୋଇ ଥିଲା ତାହା ନ୍ୟାଯ୍ୟରୂପେ ବ୍ୟୟ ହୋଇଅଛି ଓ କମିଟୀର ସଭ୍ୟମାନେ ଅତ୍ୟନ୍ତ ସାବଧାନପୂର୍ବକ ନିଜେ କାଯ୍ରିକ ପରିଶ୍ରମ ପୂର୍ବକ ଯେ ଏ କାର୍ଯ୍ୟ ନିର୍ବାହ କରି ଅଛନ୍ତି ଚାକରାନ୍ ଖର୍ଚ୍ଚାରେ କେବଳ ଟ ୧୩୮ ଙ୍କା ପଡ଼ିଥିବାରୁ ତହିଁର ପ୍ରଚୁର ପରିଚୟ ପ୍ରାପ୍ତ ହେଉଅଛି । ଯେମନ୍ତ ଭାରତରରେ କାର୍ଯ୍ୟ ହେଲା ଗତବର୍ଷ ଟ ୧୦।୧୫ ଙ୍କା ଚାକରାନ୍

Digitized by srujanika@gmail.com

Split by PDF Splitter



ଖର୍ଚ୍ଚ ପଡ଼ିଥିଲେ ଅଧିକ ହୁଅନ୍ତା ନାହିଁ ମାତ୍ର ଗତକଲ୍ୟ ଟ ୪୯ ବ୍ୟୟରେ ସବୁ ନିର୍ବାହ ହୋଇ ଅଛି ।

ଗବର୍ଣ୍ଣମେଣ୍ଟ ପ୍ରଦତ୍ତ ଟ ୪୦୦୦୯ ଙ୍କାର ଯଥାର୍ଥ ବ୍ୟୟ ଆମ୍ଭମାନଙ୍କୁ ଜଣା ନାହିଁ ତାହା କଲେକ୍ଟରସାହେବ ସ୍ୱ ହସ୍ତରେ କରିଥିଲେ । ପୂର୍ବ ଇଷ୍ଟିମିଟ ଅନୁସାରେ ଖର୍ଚ୍ଚ ହୋଇଥିଲେ ଟ ୩୨୦୦ ଙ୍କା ଅଥବା ଟ ୩୫୦୦ ଖର୍ଚ୍ଚ ହୋଇ ଥିବ ସୁତରାଂ ଗବର୍ଣ୍ଣମେଣ୍ଟ ପ୍ରଦତ୍ତ ଟଙ୍କାରୁ ଯେତେ ବ୍ୟୟ ହେଲ ସର୍ବସାଧାରଣ ସେହିପରିମାଣରେ ଭେଦା ଦେଇ ଅଛନ୍ତି ଓ ମୋଟରେ ଟ ୭୦୦୦ ଙ୍କା ଉତ୍ସବକାର୍ଯ୍ୟରେ ବ୍ୟୟ ପଡ଼ିଅଛି ।

---

ଆମ୍ଭମାନଙ୍କ ଯାଜପୁରସ୍ଥ ସମ୍ବାଦଦାତା ଲେଖିଅଛନ୍ତି କି ଗ୍ରାମ କାଠିଆ । ମୌ । ମଧୁପୁରରେ ଏକବ୍ୟକ୍ତି ଆପଣା ବଡ଼ଭାଇର ସ୍ତ୍ରୀ ସହିତ ପାପପ୍ରଣୟ ରଖିଥିଲା । ତାହାର ଗୋଟିଏ ଆଠ ବର୍ଷ ବୟସର ଖୁଡ଼ୁତା ପୁଅ ଭାଇ ଏ ବିଷୟ ଜାଣି ଆପଣା ପିତା ମାତା ନିକଟରେ କହି ଦେଇ ଥିଲା । ଏଥିରେ ଆସାମୀ ତାହା ଉପରେ କୁପିତ ହୋଇ ଏକଦିନ ତାହାକୁ ନିର୍ଜ୍ଜନ ସ୍ଥାନକୁ ଡାକି ନେଇ ପ୍ରାଣରେ ବଧକଲା । ଯାହା ହେତୁ ଆସାମୀ ଧରାପଡ଼ି ସମସ୍ତ ଅପରାଧ ସ୍ୱୀକାର କରିଅଛି ଓ ପିଲା ଦେହରୁ ନେଇଥିବା ଅଳଙ୍କାରମାନ ବାହାର କରି ଦେଇଅଛି ।

## ସାପ୍ତାହିକସଂବାଦ ।

ଗତସପ୍ତାହରେ ଯେରୂପ ମେଘାଚ୍ଛନ୍ନ ହୋଇଥିଲା ଏସପ୍ତାହରେ ପ୍ରାୟ ସେହିରୂପ ଥିଲା । ଅତ୍ୟଳ୍ପ ବୃଷ୍ଟି ହୋଇଅଛି ମାତ୍ର ମେଘୁଆ ହେତୁରୁ ରୋଗ ବୃଦ୍ଧି ହେବାର ଜଣାଯାଏ । ଆମ୍ଭ ପକ୍ଷରେ ଅଧିକାଂଶ ଲୋକ ହତାଶ ହୋଇଅଛନ୍ତି । ଫଳତଃ ଶୀତକାଳରେ ଏକାବେଳକେ ଦଶବାରଦିନ ମେଘୁଆପାଗ ବଡ ହରବର କଥା ଅଟଇ ।

ବାବୁ ଅନ୍ନଦାପ୍ରସାଦ ଘୋଷ ଡେପୁଟୀକଲେକ୍ଟର ଦୁଇମାସର ଛୁଟୀ ନେଇ ଗତ ମଙ୍ଗଳବାର କଲିକତାକୁ ଯାତ୍ରା କରିଅଛନ୍ତି ।

ଓଡ଼ିଶା ର ନୂତନ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ମାକଲିନ ସାହେବ ଗତ ବୁଧବାର ଏନଗରରେ ପ୍ରବେଶ ହୋଇ କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି ।

ଯାଜପୁରରେ ଗତ ସପ୍ତାହରୁ କିଛି ଅଧିକ ବୃଷ୍ଟି ଓ ମେଘୁଆପାଗ ହୋଇଥିବାରୁ ବୈତରଣୀ ବୃଦ୍ଧି ହୋଇ ଦୁଇପାଖର ଉମ୍ପାଖ ଇତ୍ୟାଦି ଫସଲ ଅନେକ ହାନି କରିଅଛି ଓ ଲୋକଙ୍କର ଘରଦ୍ୱାରଭାଙ୍ଗି ଯାଇଅଛି ଧାନ ଇତ୍ୟାଦି ଅମଲ କରିବାକୁ ଅବକାଶ ନ ପାଇବାରୁ ଲୋକେ କ୍ଳେଶରେ ଅଛନ୍ତି ।

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ଆଠମଲ୍ଲିକର ରାଜା ତୀର୍ଥଭ୍ରମଣ କରିବାକୁ ଯାଉଁ୨ ବାଟରେ ପଞ୍ଚତ୍ୱ ପାଇଲେ । ଅନେକ ଗଡଜାତ ରାଜାଙ୍କଠାରୁ ଏ ରାଜା ଉତ୍ତମରୂପେ ଆପଣା ରାଜ୍ୟ ପାଳନ କରିବାର ଆମ୍ଭେମାନେ ଶୁଣିଅଛୁଁ । ତାହାଙ୍କର ଉତ୍ତରାଧିକାରୀ କିଏ ହେବେ ଦେଖିବାରେ ଆସିବ ।

ପାୟୋନିଅର ଲେଖିଅଛନ୍ତି କି ଏଲାହାବାଦର ମାଜିଷ୍ଟ୍ରେଟଙ୍କ ନିକଟରେ ଜଣେ ମୁସଲମାନ ସ୍ତ୍ରୀ ନାଲିଶ କରିଥିଲା କି ତାହାର ସ୍ୱାମୀ ତାହାର ନାକ କାଟିବାକୁ ଉଦ୍ୟମ କରିଥିଲା । ଉକ୍ତ ସ୍ତ୍ରୀଲୋକଟି ଦଣ୍ଡବିଧିର ୪୮୯ ଧାରା ଅନୁସାରେ ଅଭିଯୋଗ କରିଥିଲା । ଉକ୍ତ ଧାରାରେ କ୍ଷତି କରିବା ଅଭିପ୍ରାୟରେ ସମ୍ପତ୍ତିକୁ ସ୍ଥାନାନ୍ତର ଧ୍ୱଂସ ବା ବିରୂପ କରିବାର ଅପରାଧ ଦଣ୍ଡନୀୟ ହୋଇଅଛି । ଯେଉଁ ମୁକ୍ତାର ଏ ସ୍ତ୍ରୀକୁ ଦରଖାସ୍ତ ଲେଖି ଦେଇଥିଲା ତାହାର ବିଦ୍ୟାକୁ ଧନ୍ୟ ବୋଲିବାକୁ ହେବ । ଏତେ ସୂକ୍ଷ୍ମ ବୁଦ୍ଧି ପ୍ରୟୋଗ କରିବାର ସଚରାଚର ଦେଖାଯାଏ ନାହିଁ !

କଲିକତାରେ ଅଳ୍ପଦିନ ତଳେ ଗୋଟିଏ ନୂଆପ୍ରକାରର ଚୋରୀ ହୋଇଗଲା । ଜଣେ ବଙ୍ଗାଳି ଦିନବେଳେ ଆପଣା ଦୋକାନକୁ ଓ ତାହାର ପିଲାଟି ସ୍କୁଲକୁ ଯାଇଥିଲା । ଦୁଇପ୍ରହରବେଳେ ଏକବ୍ୟକ୍ତି ଆସି ଘରର ସ୍ତ୍ରୀମାନଙ୍କୁ ଡାକି କହିଲା କି ଏଘରର ପିଲାଟି ସ୍କୁଲକୁ ଯାଉଥିଲା ଅମୁକ ବଜାରରେ ତାହା ଉପରେ ଗାଡି ଚଢି ଯିବାରୁ ସେ ମରି ପଡ଼ିଅଛି । ସ୍ତ୍ରୀମାନେ ଏହା ଶୁଣି ଶୋକରେ ମୁଗ୍ଧ ହୋଇ ଦୁର୍ଘଟଣା ସ୍ଥାନକୁ ଦୌଡ଼ିଲେ ଓ ଘରେ କେବଳ ହାନ ବହିଟିକୁ ରଖି ଗଲେ । ଏହି ଅବସରରେ ସେ ବ୍ୟକ୍ତି ବହିର ମୁହଁ ବାନ୍ଧି ଏକସ୍ଥାନରେ ବାନ୍ଧି ରଖି ନଗଦ ଓ ଅଳଙ୍କାର ଇତ୍ୟାଦିରେ ପ୍ରାୟ ଏକହଜାର ଟଙ୍କାର ଦ୍ରବ୍ୟ ଚୋରି କରି ଘେନି ଗଲା । ସ୍ତ୍ରୀମାନେ ପିଲାର ସନ୍ଧାନ କିଛି ବାଟରେ ନ ପାଇ ସ୍କୁଲରେ ତାହାକୁ କୁଶଳରେ ଥିବାର ଦେଖି ଘରକୁ ଆସି ବହିଟିକୁ ମୁକୁଳାଇ ଦେଲେ ଓ ସର୍ବସ୍ୱ ଚୋରୀ ହେବାର ଦେଖି ଆଶ୍ଚର୍ଯ୍ୟ ହେଲେ । ପୁଲିସରେ ଏ ମକଦ୍ଦମାର ସନ୍ଧାନ ଲାଗିଅଛି ।

ଦକ୍ଷିଣ ଭାରତ ବର୍ଷର ତଳ ସମସ୍ତରୁ ଅନେକ ମନୁଷ୍ୟ ଦୁର୍ଭିକ୍ଷ ହେତୁ ଲଙ୍କା ଦ୍ୱୀପକୁ ଯାଉଅଛନ୍ତି । ଅବଶ୍ୟ କି ଲଙ୍କା ସେହି ସୁବର୍ଣ୍ଣପୁରୀ ଅଛି ଯେ ସମସ୍ତ ଦୁଃଖୀଙ୍କର ଦରିଦ୍ରତା ସେଠାରେ ନାଶ ହେବ ?

---


ବିଜ୍ଞାପନ ।

ଇହା ଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ ଯେ ତା ୧୦ ଋଖ ଫେବୃଏରୀ ଠାରୁ ଲଗାଏତ ତା ୯ ଋଖ ମାର୍ଚ୍ଚ ସନ ୧୮୭୨ ପର୍ଯ୍ୟନ୍ତ ମରାମତି ସକାଶେ ତାଳଦଣ୍ଡା ଏବଂ ମାଛଗାଁ ନାଲମାନ ବନ୍ଦ ହେବ ଅତଏବ ମାହାଜନମାନଙ୍କୁ ଓ ଅନ୍ୟ ବ୍ୟକ୍ତିମାନଙ୍କୁ ଏତଦ୍ୱାରା ଜଣାଇ ଦିଆ ଯାଉଅଛି ଯେ ସେମାନେ ଉକ୍ତ ସାଲ ଫେବୃଏରୀମାସ ଉକ୍ତ ୧୦ ତାରଖରେ କମ୍ପା ତଥ୍ୟ ଉକ୍ତ ନାଲରୁ ଆପଣା୨ ନୌକା ବାହାର କରି ନେବେ ।

ଏକଜେକ୍ୟୁଟିବଇଞ୍ଜିନୀୟରକଚେରୀ<br>ମାହାନଦୀଡିବିଜନ<br>କଟକ ୩୦।୧।୭୨ } ଜେ ମାକମିଲନ,<br>ଏକଜେକ୍ୟୁଟିବଇଞ୍ଜିନିୟର,ମାହାନଦୀ<br>ଡିବିଜନ ।

---

ବୈଦେହୀଶ ବିଳାସ ୨ୟଖଣ୍ଡ ମୁଦ୍ରିତ ହୋଇ କଟକପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତଅଛି ମୂଲ୍ୟ ଗଂଣ୍ଡକୁ ଟ ୧୵ ଓ ମଫସଲ ଗ୍ରାହକଙ୍କୁ ଡାକମାସୁଲ ଟ ।୵ ଅଣା ପଡ଼ିବ ।


---

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀଶ୍ରୀ ରାଜା ହଙ୍କ ହିଣ୍ଡୋଳ | ବକାୟା | ଟ ୬୯ |
| ଶ୍ରୀ ଡାକ୍ତର ଷ୍ଟିବାର୍ଟସାହେବ କଟକ | ,, | ଟ ୬୯ |
| ଶ୍ରୀ ଏଚ୍, ପି, ବାଲ୍ଲସାହେବ | ,, ,, | ଟ ୬୯ |
| ଶ୍ରୀ ପାଦ୍ରୀ ବକ୍ସାହେବ | ,, ଅଗ୍ରିମ | ଟ ୩୯ |
| ବାବୁ ଚୁନିଲାଲ ଦାସ | ,, ବକାୟା | ଟ ୬୯ |
| ,, ହରେକୃଷ୍ଣ ଦାସ | ,, ,, | ଟ ୩୯ |
| ଚୌଧୁରୀ ପଣ୍ଡିତ ଦାସ | ,, ,, | ଟ ୬୯ |
| ବାବୁ ପଦ୍ମନାଭ ମିତ୍ର | ,, ,, | ଟ ୬୯ |
| ମୁନସି ଗଜନଫର ହୋସେନ କେନ୍ଦ୍ରାପଡ଼ା | ,, | ଟ ୭।୵ |

---

[illegible] ଏହି ଉତ୍କଳଦୀପିକା ସଦରକଟକ ଦରଗାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖଣ୍ଡ ୧୨ଶ
ସଂ ୭ ଖ୍ୟା
ତା ୧୭ ରଖ ଫିବୃଏରୀ ସନ ୧୮୭୭ ମସିହା । ମୂ । ଫାଲ୍ଗୁନ ୮ ଦିନ ସନ ୧୨୮୪ ସାଲ ଶନିବାର
ଅଗ୍ରିମ ବାର୍ଷିକମୂଲ୍ୟ ଟ ୩୧
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୭୧
ମଫସଲପାଇଁ ଡାକମାସୁଲ ଟ ୧।୵

ଅମ୍ଭେମାନେ ଗତସପ୍ତାହରେ ଶ୍ରୀମତୀ ଭାରତେଶ୍ୱରୀଙ୍କ ଉପାଧି ଗ୍ରହଣ ସଂକ୍ରାନ୍ତ ଉତ୍ସବରେ ଗବର୍ଣ୍ଣମେଣ୍ଟ ପ୍ରଦତ୍ତ ଟ ୪୦୦୦ ଙ୍କା ମଧ୍ୟରୁ ଟ ୩୫୦୦ ଙ୍କା ବ୍ୟୟ ହୋଇଥିବାର ଲେଖିଥିଲୁଁ ମାତ୍ର ଶୁଣିଲୁଁ ଯେ ତାହା ପ୍ରାୟ ସମୁଦାୟ ବ୍ୟୟ ହୋଇଅଛି । ଦରବାରର ଆଠଗଡ଼ା ପ୍ରସ୍ତୁତ ଓ ମଣ୍ଡନ ଓ ତତ୍ସଂକ୍ରାନ୍ତ ଅନ୍ୟାନ୍ୟ ବିଷୟରେ ଟ ୭୦୦୦ ଙ୍କା ଖର୍ଚ୍ଚ ହୋଇଅଛି ଏଥି ପ୍ରାୟ ଟ ୭୦୦୦ ଙ୍କା ଖର୍ଚ୍ଚ ହୋଇଅଛି ଏଥି-ମଧ୍ୟରୁ ଆଠଗଡ଼ା ସାମଗ୍ରୀ ନିଲାମଦ୍ୱାରା ପ୍ରାୟ ଟ ୧୦୦୦ ଙ୍କା ଉଠିଅଛି ନିଟ ବ୍ୟୟ ଟ ୬୦୦୦ ଙ୍କା ଟ ୧୦୦୦ ଙ୍କା ଉଠିଅଛି । ଏତଦ୍ଭିନ୍ନ କଦମାଳ ବାଙ୍କି ଓ ଅନୁଗୁଳରୁ ଯେ ୩୦ ଜଣ କନ୍ଧ ସରଦାର ଓ ପତ୍ତଳ । ପ୍ରଧାନ ସରଦାରଙ୍କ ଦରବାରକୁ ଆସିଥିଲେ ସେମାନଙ୍କୁ ଟ ୨୦୦ ଙ୍କାର ଲୁଗା ଓ ବନ୍ଧାଭ ଦତ୍ତ ହୋଇଅଛି ଏପରି ସରକାରଙ୍କର ମୋଟ ବ୍ୟୟ ଟ ୧୦୨୦୦ ଙ୍କା ହେଉଅଛି ଓ ରାଜାରୁ ଟ ୩୫୫୧ ଙ୍କା ବ୍ୟୟ ହୋଇଅଛି ଅତଏବ ଭାରତେଶ୍ୱରୀ ପଦ ଘୋଷଣା କ୍ରିୟା ଓ ଉତ୍ସବରେ ମୋଟରେ କଟକରେ ଟ ୧୪,୨୫୧ ଙ୍କା ଖର୍ଚ୍ଚ ହେଲା ।

---

ଗତ ଦୁଇସପ୍ତାହରୁ ଆକାଶର ଗତି ଯେରୂପ ହୋଇଅଛି ତାହା ଅତି ଶୋଚନୀୟ ଓ କଷ୍ଟକର ଅଟଇ । ଏପରି ଅକାଲବୃଷ୍ଟି କେବଳ ଓଡ଼ିଶାରେ ହୋଇଅଛି ଏମନ୍ତ ନୁହେ ମାତ୍ର ବଙ୍ଗଳା ଉତ୍ତର ପଶ୍ଚିମ ବମ୍ବେଇ ପ୍ରଭୃତି ପ୍ରଦେଶମାନଙ୍କରେ ହୋଇଅଛି । ଗତ ସପ୍ତାହର ପୂର୍ବ ରବିବାର ଦିନ ଗଙ୍ଗାନଦୀ ମୁହାଣରେ ଗୋଟିଏ କ୍ଷୁଦ୍ର ତୋଫାନ ହୋଇ ଗଲା । ଗଙ୍ଗାର ଜଳ ପ୍ରାୟ ଚାରି ପାଞ୍ଚ ଫୁଟ ଫୁଲିଉଠି ଅନେକ ନୌକା ଗର୍ଭସ୍ଥ କରିଅଛି ଡାଏମଣ୍ଡ ହାରବର ସ୍ଥାନରେ ତୋଫାନରେ ବସ୍ତିର ଘର କ୍ଷତିଗ୍ରସ୍ତ ହୋଇଅଛି ଓ ଅନ୍ୟୂନ ଏକଲକ୍ଷ କଦଳୀବୃକ୍ଷ ଭାଙ୍ଗିଯାଇଅଛି । ମୁହାଣଠାରୁ କଲିକତା ପର୍ଯ୍ୟନ୍ତ ସ୍ଥାନେ୨ରେ ନୌକାମାନ ବୁଡ଼ିଯାଇଅଛି ଓ ତଦ୍ଦ୍ୱାରା ମହାଜନଙ୍କର ବହୁତ କ୍ଷତି ହୋଇଅଛି ରେଲଓଏ ଷ୍ଟେସନମାନଙ୍କରେ ପଦାରେ ଜମା ଥିବା ଗହମବସ୍ତାମାନ ଭିଜି ନଷ୍ଟ ହେବାରୁ ରେଲବେ କମ୍ପାନୀ ପ୍ରାୟ ଅତେଇଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ବାଧ୍ୟ ହୋଇଅଛନ୍ତି । ମୋଫସଲରେ ଗୋରୁ ଗାଇ ଘରୁ ବାହାରି ନ ପାରି ମରଣାପନ୍ନ ହୋଇଅଛନ୍ତି ଓ ମନୁଷ୍ୟମାନେ ସୁଦ୍ଧା ଗୁଳ୍ମ କାଠ ଇତ୍ୟାଦି ସଂଗ୍ରହ କରିବାକୁ ଅତ୍ୟନ୍ତ କଷ୍ଟ ପାଉଅଛନ୍ତି ଏବଂ ବାଇଗଣ ଛଡ଼ା ସବୁଦ୍ରବ୍ୟ ଦୁର୍ମୂଲ୍ୟ ହୋଇଅଛି ଓ ନଦୀ ବଢ଼ିବାରେ ଆହୁରି କ୍ଳେଶ ହୋଇଅଛି ଏପରି ମନ୍ଦଋତୁ କେବେ ଦେଖା ନ ଥିଲା ଅକସ୍ମାତ୍ ଏପରି ଘଟିବାର ଦେଖି ଲୋକେ କାତର ହେଉଥିଲେ । ସ୍ଥାନେ ସ୍ଥାନେ ଶୁଣିଅଛୁ କେବଳ କ୍ଷତିର ସଂବାଦ ଆସୁଅଛି କି ଜାଣି ଭବିଷ୍ୟତକୁ ଆହୁରି ଦୁର୍ଘଟନା ହେବ ବୋଲି ଲୋକେ ଚିନ୍ତିତ ଥିଲେ ଯାହା ହେଉ ଗତ ଗୁରୁବାରଠାରୁ ମେଘ ପରିଷ୍କାର ହୋଇ ସବୁ ଉପଦ୍ରବ ଶାନ୍ତ ହୋଇଅଛି ।

---

ଗତ ପରୀକ୍ଷାରେ ଓଡ଼ିଶାର ଦୟେଟି ଛାତ୍ର ବି, ଏ, ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ସଂବାଦ ଗତ ସପ୍ତାହରେ ପାଠକମାନଙ୍କୁ ଜଣାଇ ଥିଲୁଁ । ଏମାନେ ଦୁହେଁ ଦୁଃଖୀ ଓ କାହାରି ବୃତ୍ତି ପାଇବାର ଆଶା ନାହିଁ ସୁତରାଂ ଏମାନେ ଏମ୍, ଏ, ପରୀକ୍ଷା ଦେବାକୁ ଇଚ୍ଛା କଲେ ମଧ୍ୟ ଅର୍ଥାଭାବରୁ ତାହା ଘଟିବା ପ୍ରାୟ କଠିନ ହେବ । ଏଥିକୁ ଅମ୍ଭେମାନେ ଅନୁମାନ କରୁଁ ଯେ ନିତ୍ୟାନନ୍ଦ ଘୋଷଙ୍କର ଏକପ୍ରକାର ମୁରବି ବଳ ଅଛି ସେ ପଢ଼ିବାକୁ ଇଚ୍ଛାକଲେ ତାହା ସାର୍ଥକ ହୋଇ ପାରେ ମାତ୍ର ଚତୁର୍ଭୁଜ ପଟ୍ଟନାୟକଙ୍କର ସେରୂପ ସହାୟ ନାହିଁ । ତାହାଙ୍କର ସୁଯୋଗ୍ୟ ଓ ଉପାର୍ଜନକାରୀ ଭାଇ ଗତବର୍ଷରୁ କାଳଗ୍ରାସରେ ପତିତ ହୋଇଅଛନ୍ତି ଓ ଆଉ କେହି ନାହିଁ ଯେ ତାହାଙ୍କ ଶିକ୍ଷା ସକାଶେ କିଛି ଅର୍ଥ ସାହାଯ୍ୟ କରି ପାରିବେ । ଚତୁର୍ଭୁଜଙ୍କର ଏମ୍, ଏ, ପରୀକ୍ଷା ଦେବାକୁ ନିତାନ୍ତ ଇଚ୍ଛା ଏବଂ ସେ ଯେମନ୍ତ ଅଧ୍ୟବସାୟର ପରିଚୟ ଦେଇ ଅଛନ୍ତି ତହିଁରେ ସମ୍ପୂର୍ଣ୍ଣରୂପେ ବିଶ୍ୱାସ ହୁଅଇ ଯେ ସେ ଅବଶ୍ୟ କୃତକାର୍ଯ୍ୟ ହେବେ ଓ ତାହାଙ୍କ ଯୋଗେ ଓଡ଼ିଶା ଜଣେ ଏମ୍, ଏ, ଉପାଧିଧାରୀର ଗର୍ବ କରି ପାରିବ । ମାତ୍ର ସାଧାରଣଙ୍କ ସାହାଯ୍ୟ ବିନା ତାହା ଘଟି-

Digitized by srujanika@gmail.com

ବାର କଠିନ । ଅତଏବ ଯେଉଁମାନେ ଓଡ଼ିଶାର ଗୌରବ ବଢାଇବାକୁ ବାଞ୍ଛା କରନ୍ତି ଏବଂ ଓଡ଼ିଶାର ଉନ୍ନତି ଦେଖିବା ଯାହାଙ୍କର ଅଭିଳାଷ ସେମାନେ ଯେବେ ଚତୁର୍ଦ୍ଦିଗକୁ ବହୁତ ଅର୍ଥ ସାହାଯ୍ୟ କରନ୍ତି ତାହା ହେଲେ ସେମାନଙ୍କଦ୍ୱାରା ସାମାନ୍ୟ କାର୍ଯ୍ୟଟିଏ ସାଧନ ହେବ ନାହିଁ । ଏପ୍ରକାର କାର୍ଯ୍ୟରେ ସାହାଯ୍ୟ କରିବାକୁ ଢେଙ୍କାନାଳର ମହାରାଜା ଅଗ୍ରଗଣ୍ୟ ଥିଲେ କିନ୍ତୁ ଓଡ଼ିଶାର ଦୁର୍ଭାଗ୍ୟ ବଶରୁ ପରମେଶ୍ୱର ତାହାଙ୍କୁ ଏ ପୃଥିବୀରେ ରଖିଲେ ନାହିଁ । ସମ୍ପ୍ରତି ମୟୂରଭଞ୍ଜର ମହାରାଜାଙ୍କ ଉପରକୁ ସର୍ବସାଧାରଣଙ୍କ ଆଶା ଯାଉଅଛି ସେ ଯେବେ ଏଥିରେ ଅନୁଗ୍ରହ ପ୍ରକାଶ କରନ୍ତି ତେବେ ଅତ୍ୟୁତ୍ତମ କାର୍ଯ୍ୟ ହେବ ଦୁଇବର୍ଷ ପଢାଇବା ସକାଶେ ପ୍ରାୟ ଟ ୫୦୦୦ ଙ୍କାରୁ ଊଣା ବ୍ୟୟ ପଡିବ ନାହିଁ ଯେବେ ଓଡ଼ିଶାର ବଦାନ୍ୟବ୍ୟକ୍ତିମାନେ ଚେଷ୍ଟା କରି ଏଟଙ୍କା ସଂଗ୍ରହ କରି ପାରନ୍ତି ତାହା ହେଲେ ମଧ୍ୟ ହୋଇ ପାରେ । ଆମ୍ଭେମାନେ ଆଶା କରୁଁ ଯେ କେହି ଏଥିର ଉଦ୍ୟମ କରିବେ ।

———

କଟକ ମିଉନିସିପାଲିଟିର ବନ୍ଦୋବସ୍ତ ଆଗାମି ବର୍ଷ ସକାଶେ ଯେରୂପ ହୋଇଅଛି ତାହା ଗତସପ୍ତାହରେ ପାଠକମାନଙ୍କୁ ଜଣାଇ ଅଛୁଁ ଏବଂ ଯେଉଁମାନେ କମିଶନର ପଦରେ ନିଯୁକ୍ତ ହୋଇ ଉକ୍ତ ବ୍ୟବସ୍ଥାମାନ କରିଅଛନ୍ତି ତାହାଙ୍କ ନାମ ମଧ୍ୟ ପ୍ରକାଶ କରିଅଛୁଁ । ସମ୍ପ୍ରତି ଉକ୍ତ ବନ୍ଦୋବସ୍ତ ସମ୍ପର୍କରେ ଆମ୍ଭମାନଙ୍କର ଅଭିମତ କିଞ୍ଚିତ୍ ପ୍ରକାଶ କରିବାକୁ ମନ ବଳାଉଅଛୁଁ । ପରନ୍ତୁ ଆମ୍ଭେମାନେ ଅନେକ ସ୍ଥାନରେ ଶୁଣିଅଛୁଁ ଯେ ସାଧାରଣ ଆମ୍ଭମାନଙ୍କ ମତରେ ଐକ୍ୟ ଅଛନ୍ତି ଓ ଯେଉଁମାନେ କମିଶନର ହୋଇ ମିଉନିସିପାଲିଟିର ବ୍ୟବସ୍ଥାର ପୋଷକତା କରିଅଛନ୍ତି ସେମାନେ କେପର୍ଯ୍ୟନ୍ତ ସର୍ବସାଧାରଣଙ୍କର ପ୍ରତିନିଧି ହେବାର ଯୋଗ୍ୟ ତାହା ମଧ୍ୟ ପାଠକମାନେ ବିବେଚନା କରିବେ ।

ପ୍ରଥମରେ ଏହି ବ୍ୟବସ୍ଥା ହୋଇ ଅଛି ଯେ ସମ୍ପତ୍ତି ଉପରେ ଟାକ୍ସ ବସିଲେ ଅଧିକ ଆୟ ହେବ ନାହିଁ ବୋଲି ଅବସ୍ଥା ଉପରେ ଟାକ୍ସ ଧାର୍ଯ୍ୟ ହେବ ଓ ତହିଁର ପରିମାଣ ବର୍ତ୍ତମାନଠାରୁ ଅଧିକ ହେବ । ଅର୍ଥାତ୍ କମିଶନରମାନେ ଏହି ସ୍ଥିର କରିଅଛନ୍ତି ଯେ କୌଣସି ପ୍ରକାରରେ ଲୋକଙ୍କଠାରୁ ଅଧିକା ଟାକ୍ସ ନେବାକୁ ହେବ ମାତ୍ର ସମ୍ପତ୍ତି ଉପରେ ଟାକ୍ସ ବସାଇଲେ ତାହା ହୋଇପାରିବ ନାହିଁ ସୁତରାଂ ଅବସ୍ଥା ଅନୁସାରେ ଟାକ୍ସ ନେଲେ ଇଚ୍ଛାନୁରୂପ ଟଙ୍କା ଆୟ ହୋଇ ପାରିବ । କମିଶନରମାନଙ୍କର ସୂକ୍ଷ୍ମ ବୁଦ୍ଧିକୁ ଧନ୍ୟ ସେମାନେ ଯେମନ୍ତ ବିଚକ୍ଷଣତା ସହିତ ଅଧିକା ଟାକ୍ସ ନେବାର ଉପାୟଟି ବାହାରକରି ଅଛନ୍ତି । ସେଥିରେ ଏମାନଙ୍କୁ ବ୍ୟବସ୍ଥାପକ ସଭାର ମନ୍ତ୍ରୀ କରିବାର ଉଚିତ । ଏତେଦିନ ଆମ୍ଭେମାନେ ଜାଣିଥିଲୁଁ ଯେ ସମ୍ପତ୍ତିର ପରିଚୟ ଅବସ୍ଥାରୁ ମିଳଇ ଓ ଏଥିପାଇଁ ସାଧାରଣ ପ୍ରବାଦ ଅଛି ଯେ 'ଗାଁ ପଇଶୁଣ ପୋଖରୀ ତୁଠରୁ ଜଣା' କିନ୍ତୁ ଏହା କିଏ ଜାଣିଥିଲା ଯେ ସମ୍ପତ୍ତି ବ୍ୟତିରେକେ ମଧ୍ୟ ଅବସ୍ଥା ଉତ୍କୃଷ୍ଟ ହୋଇ ପାରେ ? ଯେବେ ସମ୍ପତ୍ତି ଉପରେ ଟାକ୍ସ କଲେ ଅଧିକ ଟାକ୍ସ ନ ହେବ ତେବେ ତହିଁର ଅର୍ଥ ଏହି ଯେ ଏଠାରେ ସମ୍ପତ୍ତିର ମୂଲ୍ୟ ନାହିଁ କିନ୍ତୁ ଏହା ବୋଲି କି ଏଠା ଲୋକଙ୍କ ଅବସ୍ଥା ମନ୍ଦ ଏମନ୍ତ ବୋଲାଯାଇ ନ ପାରେ । କାରଣ ଅତ୍ୟ ଅନେକ ଲୋକ ବଜାରରେ ଦେଖାଯାନ୍ତି ଯେ ତାହାଙ୍କର ଗଳରେ ଲୁଗା ନାହିଁ କମ୍ବା ଘରର ବ୍ୟବହାର ନିମିତ୍ତ ଖଣ୍ଡେ କଂସା କି ଘଟି ନାହିଁ ଅଥଚ ସେମାନେ ଧୋବଲୁଗା ଲମ୍ବକୁର୍ତ୍ତା କରି ପିନ୍ଧି ପାନ ଖାଇ ଘୋଡା ମାଡି ବେଡେ ସଭ୍ୟ ହୋଇ ଗଲବୁଲ କରନ୍ତି ଏମାନଙ୍କୁ କି କମିଶନରମାନେ ଦେଖି ନାହାନ୍ତି ? ଏହାଙ୍କ ଅବସ୍ଥା ଅବଶ୍ୟ ଭଲ ଅଛି ଓ ଅନ୍ତାଭରରେ ଏମାନେ ଟାକ୍ସ ଦେଇ ପାରନ୍ତି କାରଣ ପ୍ରତି ସପ୍ତାହରେ ଯେବେ ଧୋବାକୁ ପଇସା ଦେଇ ଧୋବଲୁଗା ପିନ୍ଧି ପାରନ୍ତି ତେବେ ଟାକ୍ସ ନ ଦେବେ କାହିଁକି ? ଯେବେ ନ ଦେବେ ତେବେ ଏହାଙ୍କ ଅବସ୍ଥାକୁ ନିଲାମ କରି ବସାଯାଇ ପାରେ ଘରେ ଦ୍ରବ୍ୟ ନାହିଁ ତ କି ହେଲା । ସମ୍ପତ୍ତି ଉପରେ ତ ଟାକ୍ସ ହେଉ ନାହିଁ ଅବସ୍ଥା ଉପରେ ଟାକ୍ସ ହେଉଅଛି ! ସାଧାରଣ ଲୋକେ କହନ୍ତି କି ବ୍ୟବସ୍ଥାପକ ସଭା ସମ୍ପତ୍ତି କି ମୂଲକର ଟାକ୍ସର ନିୟମ କରିଅଛନ୍ତି ଓ ଯେଉଁଠାରେ ସମ୍ପତ୍ତି ଉପରେ ଟାକ୍ସ କଲେ ସୁଦ୍ଧା ଲୋକେ ଦେବାକୁ ଅକ୍ଷମ ହେବେ ସେଠାରେ ଅବସ୍ଥା ବିଚାର କରି ତହିଁରୁ ଜଣା ଯାହା ଉଚିତ ହେବ ସେପରି ଟାକ୍ସ ସ୍ଥାପିବ କିନ୍ତୁ କମିଶନରମାନେ ଅତି ବୁଦ୍ଧିମାନ ଏବଂ ଗବର୍ଣ୍ଣମେଣ୍ଟଙ୍କର ଶୁଭାକାଂକ୍ଷୀ କେଉଁ ଉପାୟ ଅବଲମ୍ବନ କଲେ ଅଧିକ ଟାକ୍ସ ଆୟ ହେବ ତାହା ସେମାନେ ଜାଣନ୍ତି ଏବଂ ଲୋକଙ୍କ ଅବସ୍ଥା ବିବେଚନା କରିବାର ଅଧିକାର ମଧ୍ୟ ଏହାଙ୍କଠାରେ ଅଛି ସୁତରାଂ ଆପଣା ପ୍ରୟୋଜନାନୁସାରେ ଲୋକଙ୍କ ଅବସ୍ଥା ନିର୍ଣ୍ଣୟ କରି ଦେଇ ଟାକ୍ସର ବନ୍ଦୋବସ୍ତ କରିବେ । ଏ ସମ୍ପର୍କରେ କମିଶନରମାନଙ୍କର ସଭାପତି କଲେକ୍ଟର ମାଜିଷ୍ଟ୍ରେଟ ସାହେବଙ୍କ ବୁଦ୍ଧିର ପ୍ରଶଂସା ନ କରି କ୍ଷାନ୍ତ ହୋଇ ନ ପାରୁଁ । କାଲି ଏ ନଗରରେ ସମ୍ପତ୍ତିର ମୂଲ୍ୟ ଅଧିକ ହୋଇଅଛି ବୋଲି କହି ଖାସମହାଲର ଖଜଣା ପାଞ୍ଚ ଦ୍ୱିଗୁଣ ବୃଦ୍ଧି କଲେ ଆଜ ସମ୍ପତ୍ତିକୁ ଛାଡି ଦେଇ ଲୋକଙ୍କ ଅବସ୍ଥା ଭଲ ହୋଇଅଛି ବୋଲି କହି ଟାକ୍ସ ବୃଦ୍ଧି କରିବାକୁ ସ୍ଥିର କଲେ । ଏଥିରୁ ଜଣାଯାଏ ଯେ ସେ କେବଳ ଲୋକଙ୍କଠାରୁ ଯେ କୌଣସି ପ୍ରକାରରେ ହେଉ ଅଧିକ କର ନେବାକୁ ଚାହାନ୍ତି ଓ ପ୍ରଜାମାନଙ୍କର ଦୁଃଖ ସୁଖ କେବେ ସୁଦ୍ଧା ଚିନ୍ତା କରନ୍ତି ନାହିଁ । ଯେଉଁଠାରେ ସଭାପତିଙ୍କର ଓ କମିଶନରଙ୍କର କାର୍ଯ୍ୟ ଏରୂପ ସେଠାରେ ପ୍ରଜାମାନେ ଆଉ କାହା ଆଗରେ ଦୁଃଖ କହିବେ ?

ଘରର ଟାକ୍ସ ଏହିରୂପ ଏଥର ଗାଡି ଘୋଡା ଓ ଶଗଡ ଉପରେ ନୂତନ ଯେଉଁ ଟାକ୍ସ ବସିବ ତହିଁର ବନ୍ଦୋବସ୍ତ କିପରି ହୋଇଅଛି ଥରେ ଦେଖିବାର ଆବଶ୍ୟକ । ଏଠାରେ ମଧ୍ୟ ଦେଖାଯାଏ ଯେ କମିଶନରମାନେ ବଡଲୋକଙ୍କ ପ୍ରତି ଅନୁଗ୍ରହ ଓ ଦୁଃଖିଙ୍କ ପ୍ରତି କଠୋରତା ଦର୍ଶାଇ ଅଛନ୍ତି । କେଉଁରେ ଗାଡି ଘୋଡା ଉପରେ ଅଧାଟାକ୍ସ ଏବଂ ଶଗଡ ଉପରେ ପୂର୍ଣ୍ଣଟାକ୍ସ ହେବାର ତାତ୍ପର୍ଯ୍ୟ କି ? ସମସ୍ତେ ଜାଣନ୍ତି ଯେ କେତେଗଣ୍ଡ ଭଡାଗାଡି ଛଡା ନଗରର ଗାଡି ଘୋଡାମାନ କେବଳ ଇଂରେଜ ଓ ଦେଶୀୟ ବଡଲୋକଙ୍କ ଅଧୀନରେ ଅଛି ଯେବେ ଗାଡିଘୋଡା ଉପରେ ଟାକ୍ସ ବସାଇବାର ଆବଶ୍ୟକ ହେଲା ତେବେ ଏମାନେ ଅନାୟାସରେ ପୂର୍ଣ୍ଣଟାକ୍ସ ଦେଇ ପାରନ୍ତି ଏହାଙ୍କୁ ଅଧାଟାକ୍ସ ଛାଡି ଦେବାର ପ୍ରୟୋଜନ କି ? କେବଳ ଭଡାଗାଡି ଉପରେ ଅଧାଟାକ୍ସ ହୋଇଥିଲେ ଆମ୍ଭେମାନେ ଆପତ୍ତି କରନ୍ତୁ ନାହିଁ କାରଣ ଯଦ୍ୟପି ଭଡାଗାଡିବାଲାମାନେ ସସ୍ତା ପ୍ରତି ଯେରୂପ ଭଡା ନେଉଅଛନ୍ତି ତହିଁରେ ପୂର୍ଣ୍ଣଟାକ୍ସ ଦେବା ସେମାନଙ୍କ ପକ୍ଷରେ କଠିନ ହୁଅଇ ତଥାଚ ଭଡାଗାଡିର ବ୍ୟବସାୟ ବିସ୍ତାର କରିବା ଉଦ୍ଦେଶରେ ଅଧାଟାକ୍ସ ବସାଇଲେ କମିଶନରମାନଙ୍କ ପ୍ରଶଂସା କରନ୍ତୁ କିନ୍ତୁ ସେ-

Split by PDF Splitter
Digitized by srujanika@gmail.com

ପର କାର୍ଯ୍ୟ ହୋଇ ନାହିଁ ଓ ଯେରୂପ ବ୍ୟବସ୍ଥା ହୋଇଅଛି ତହିଁରୁ ଏହି ପ୍ରକାଶ ପାଉଅଛି କି କମିଶନରମାନେ ଆପଣାର ଓ ଆପଣା ଅଧିସ୍ଥାର ଲୋକଙ୍କ ଉପକାର କରିବା କାରଣ ଗାଡ଼ି ଘୋଡ଼ା ଉପରେ ଅଧାଟାକ୍ସ ବସାଇଅଛନ୍ତି ଅଥଚ ଦୁଃଖୀ ଶଗଡ଼ୁଆଙ୍କ ଉପରେ ପୂର୍ଣ୍ଣଟାକ୍ସ ଧାର୍ଯ୍ୟ କରିବାକୁ ସ୍ଥିର କରିଅଛନ୍ତି । ଶଗଡ଼ିଆମାନେ କି ଏତେ ସୁନ୍ଦର ଅବସ୍ଥାରେ ଅଛନ୍ତି ଯେ ତାହାଙ୍କ ସକାଶେ କିଛିମାତ୍ର ସୁବିଚାର କରିବାର ଆବଶ୍ୟକ ବୋଧ ହେଲା ନାହିଁ ? ଆମ୍ଭେମାନେ ଜାଣୁ ଯେ ଏ ନଗରରେ ଅନେକ ଶଗଡ଼ିଆ ଅଛନ୍ତି ଓ ଶଗଡ଼ ଭଡ଼ା ସମୟରେ ଏତେ ଅଧିକ ହୁଅଇ ଯେ ତାହା ଦେବାକୁ ଲୋକେ କାତର ହୁଅନ୍ତି କିନ୍ତୁ ଏହା ମଧ୍ୟ ଜାଣୁ ଯେ ଶଗଡ଼ ଭଡ଼ା ବାରମାସ ସମାନ ରହଇ ନାହିଁ ବିଶେଷ ବର୍ଷାକାଳରେ ଶଗଡ଼ିଆଙ୍କୁ ଅନେକଦିନ ନିଷ୍କର୍ମ ହେବାକୁ ହୁଅଇ ଓ ତହିଁରେ ବିଶେଷ କ୍ଷତି ହୁଅଇ । ଶଗଡ଼ଭଡ଼ାବୋଧ କେତେଜଣ ଏ ନଗରରେ ବଡ଼ଲୋକ ହୋଇଅଛନ୍ତି କମିଶନରମାନେ କି ଦେଖାଇ ଦେଇ ପାରନ୍ତି ଓ ଯେବେ ତାହା ନୁହଇ ତେବେ ସେମାନଙ୍କ ପ୍ରତି ଏତେ ଅବିଚାର କାହିଁକି ? ଟାକ୍ସ ଆରମ୍ଭ ସମୟରେ ସକାଳେ ସେହିମାନେ ଅନୁଗ୍ରହର ପାତ୍ର ଥିଲେ ତାହା ନ ହେବାରୁ ଆମ୍ଭେମାନେ ଦୁଃଖିତ ହୋଇଅଛୁଁ । ଅତଏବ ଯେଉଁଆଡ଼ୁ ଟାକ୍ସ ବନ୍ଦୋବସ୍ତର ବିଷୟକୁ ବିଚାରକରୁଁ ତହିଁରେ ଦେଖାଯାଏ ଯେ ଦୁଃଖୀ ପ୍ରଜାଙ୍କ ପ୍ରତି ଅଧିକ ଅତ୍ୟାଚାର ହୋଇଅଛି ।

# ସାପ୍ତାହିକସଂବାଦ ।

ଏଥର ଜାଗରଦିନ ପ୍ରାୟ ଦଶ ଘଣ୍ଟା ବର୍ଷା ହେବାରୁ ବିଖ୍ୟାତ ପର୍ବଟିଏ ଏକାବେଳକେ ବନ୍ଦ ହୋଇ ସାଧାରଣଙ୍କର ଯେ କେତେ ଆମୋଦ ଲୋପ ହେଲା ତାହା ଅକଥନୀୟ ଅଟଇ ବିଶେଷତଃ ଦୋକାନିମାନେ ଏଯାତ୍ରା ଉପଲକ୍ଷରେ ନାନାପ୍ରକାର ଖେଳଣା ମିଷ୍ଟାନ୍ନ ଚୂଡ଼ା ଉଖୁଡ଼ା ପ୍ରଭୃତି ନାନାବିଧ ବିକ୍ରୀ ଜିନିଷମାନ ପ୍ରସ୍ତୁତ ରଖି ବଡ଼ ମାଡ଼ ପଡ଼ିଲେ କେହି ବର୍ଷ ବର୍ଷକର ବିକାହୋପଯୋଗୀ ଲାଭ ହରାଇ ବସିଲେ ବଡ଼ ଦୁଃଖର ବିଷୟ ଅଟଇ ! ପରମହଂସରେ ଖାଇ ଜାତ ହୁଏ ତାହା ଏକାବେଳକେ ରହିତ ହୋଇଗଲା ବର୍ଷାରେ କେହି ଘରୁ ବାହାର ପାରିଲେ ନାହିଁ ଯେ କେହି ଦୋକାନୀ ସାହସ କରି ଉକ୍ତ ସ୍ଥାନରେ ପହୁଞ୍ଚିଥିଲେ ତାହାଙ୍କର ଦୁର୍ଦ୍ଦଶା କହିଲେ ସରଇ ନାହିଁ । କେହି ଏଣେଲ ସେଣେଲ କେହି ବା ଅଖା ଘୋଡ଼ି ହୋଇ କେହି ବା କାହା ପିଣ୍ଡାରେ ରହି ଶରୀର ବଞ୍ଚାଇଲେ ମିଷ୍ଟାନ୍ନ ସବୁ ଭିଜି ଯିବାରୁ ଟଙ୍କାରେ ତିନି ଚାରି ସେର କରି ବିକ୍ରୀ ହେଲା ଖେଳଣା ପ୍ରଭୃତିର କଥା ବା କଣ କୁହାଯିବ ।

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ଅବଗତ ହେଲୁଁ ଯେ ଢେଙ୍କାନାଳର ନାବାଳଗ ରାଜାଙ୍କର ମାହାଫିଜ ଓ ମାନେଜର ପଦରେ ବାବୁ ବନମାଳୀ ସିଂହଙ୍କୁ କମିଶ୍ନର ସାହେବ ନିଯୁକ୍ତ କରିଅଛନ୍ତି ଏବଂ ଅଶିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ବାବୁ ହରେକୃଷ୍ଣ ଦାସ ଢେଙ୍କାନାଳ ଗଡ଼ଠାରେ ରହି ରାଜଗିରି କାର୍ଯ୍ୟ ଚଳାଇବାର ଅପର ବନ୍ଦୋବସ୍ତମାନ କରୁଅଛନ୍ତି । ସମ୍ପ୍ରତି ତହିଁର ବିସ୍ତାରିତ ବିବରଣ ଜଣାଯାଇ ନାହିଁ ।

ଯାଜପୁର ସବ୍‌ଡିଭିଜନର ସିରସ୍ତାଦାର ଓ ମୋହରର ନାରାୟଣ ପ୍ରସାଦ ଦାସ ବିରୁଦ୍ଧରେ ମେଜିଷ୍ଟ୍ରର ସାହେବଙ୍କ ନିକଟରେ ଗୋଟିଏ ଦରଖାସ୍ତ ପଡ଼ିଅଛି । ସେ ଦରଖାସ୍ତ ସ୍ୱନାମୀ କି ବେନାମୀ ବର୍ତ୍ତମାନ ଜଣା ପଡ଼େ ନାହିଁ । ଦରଖାସ୍ତରେ ଜଣକର ନାମ ଓ ସ୍ୱାକ୍ଷର ଅଛି କିନ୍ତୁ ଓଗେର ଗଡ଼ନାମ ଓ ସ୍ୱାକ୍ଷରରେ ଯୁକ୍ତ ହୋଇଅଛି ଓ ଖଣ୍ଡିଏ ଆଠଅଣିଆ କୋର୍ଟଫିସ ଲାଗିଅଛି ମାତ୍ର ତାହା ଡାକଯୋଗେ ଆସିଅଛି । ତଦନ୍ତ ହେଲେ ସବୁ ଜଣାପଡ଼ିବ ।

ପ୍ର । ବରୁଅଁ । ମୌ । ବାଲିଆ ହରିପୁର ଗ୍ରାମବାସୀ ସଦେଇଲେଙ୍କା ନାମକ ଏକବ୍ୟକ୍ତିର ପାଞ୍ଚବର୍ଷର ଏକପିଲା ମଣିଆ ଉପରକୁ ଉକ୍ତ ଗ୍ରାମବାସୀ ଚୂଡ଼ଁଯେନା ପାଣି ଦେବା ସକାଶେ ଏକଗୋଟା ଗିଲାସ ଫୋପାଡ଼ିବାରୁ ଉକ୍ତ ଗିଲାସ ମଣିଆ ପିଲାର ମୁଣ୍ଡରେ ପଡ଼ିବାରୁ ସେ ପିଲାର ମୃତ୍ୟୁ ହୋଇଅଛି । ସବ୍ ଇନସ୍ପେକ୍ଟର ବାବୁ ଗଣେଶଚନ୍ଦ୍ର ମହାପାତ୍ର ସରଜମିନରେ ଥାଇ ତଦାରଖ କରୁଅଛନ୍ତି । ଆଉ ଉକ୍ତ ଗ୍ରାମରେ ପୁରୁଷୋତ୍ତମ ଯେନାର ପୁତୁରା ଗଙ୍ଗ ନାମକ ପିଲା ବୟସ ୬।୭ ମାସ ହେବ ବିଛଣାରେ ଅଗଣା ମଧ୍ୟରେ ଶୋଇଥିବା ଅବସ୍ଥାରେ ଯେନା ମଜକୁରର ଦୋଷରୀ ଏକ ଲକ୍ଷ୍ମୀଧର ନାମକ ପୁତୁରା କି ତାହାର ତିନିବର୍ଷ ବୟସ ହେବ ଗଙ୍ଗ ପିଲାର ମୁଣ୍ଡରେ ଏକ ପନିକାରେ ଆଘାତ କରିବାରୁ ଗଙ୍ଗ ପିଲାର ମୃତ୍ୟୁ ହୋଇଅଛି ।

ପୂର୍ବପତ୍ରିକାରେ । ପ୍ର । କାଟିଆ । ମୌ । ମଧୁପୁରରେ ଯେଉଁ ନରହତ୍ୟା ମକଦ୍ଦମା ବିଷୟ ଲେଖା ଅଛି ସେ ମକଦ୍ଦମାକୁ ଯାଜପୁର ସବ୍ ଡିଭିଜନସ୍ଥ ସୁଯୋଗ୍ୟ ଇନ୍ସ୍ପେକ୍ଟର ବାବୁ ହରେକୃଷ୍ଣ ଦାସ ବିଶେଷ ଅନୁସନ୍ଧାନପୂର୍ବକ ମକଦ୍ଦମା ପ୍ରମାଣ କରି ଦିବାକର ଦାସ ଓରଫ ନିଛନ ଦାସ ଆସାମିକୁ ମେଜିଷ୍ଟ୍ରେଟିକୁ ଚାଲାନ କରିଥିବାରୁ ଆସାମୀ ମଜକୁର ନରହତ୍ୟା କରିବାର ପ୍ରକୃତ କାରଣ ନ କହି ( ଯାହା କି ପୂର୍ବପତ୍ରରେ ଲେଖାଅଛି ) ଶ୍ରୀଯୁତ ଡେପୁଟୀ ମେଜିଷ୍ଟ୍ରରଙ୍କ ସମ୍ମୁଖରେ ତାହାର ଖୁଡ଼ୁତା ପୁଅ ଭାଇ ଦଇଆ ପିଲା କି ତାହାର ବୟସ ୭ ବର୍ଷ ହେବ ତାହାଠାରେ ଥିବା ଗହଣା ସବୁ ନେବା ଅଭିଳାଷରେ ଉକ୍ତ ତାରିଖ ଭୋର ସମୟେ ଉକ୍ତ ପିଲାକୁ ଘରଠାରୁ ପ୍ରାୟ ଅଧପା ଛଡ଼ା ଏକ କିଆଜଙ୍ଗଲ ନିକଟକୁ ନେଇ ପିଲାର ବାମହାତ ଓ ଗୋଡ ଧରି ଶୁଷ୍କମାଟିରେ ଦୁଇଥର କଚାଡ଼ି ମାରିଥିବା ଓ ଗହଣାସବୁ କାଢ଼ି ନେଇ ଏକପୁଡ଼ା କରି ଶ୍ରୀବଳଦେବ ଠାକୁରଙ୍କ ମନ୍ଦିରର ଓଗ୍ ଉପରେ ରଖିଥିବା ସ୍ୱୀକାର କରିଅଛି ଓ ମଧ୍ୟ ମାଲସବୁ ବରାମଦ କରି ଦେଇଅଛି । ଶ୍ରୀମତୀ ଭାରତେଶ୍ୱରୀଙ୍କର ବାଦଶାହୀ ପଦ ଗ୍ରହଣର ଅଳ୍ପକାଳ ମଧ୍ୟରେ ଏତେ ଖୁନ ଇତ୍ୟାଦି ଦୁର୍ଘଟନାମାନ ଦେଖି ଲୋକେ କାତର ଅଛନ୍ତି ।

କଲିକତା ପ୍ରିବିକାଉନସଲରେ ସମ୍ପ୍ରତି ନିଷ୍ପତ୍ତି ହୋଇଥିବା ଗୋଟିଏ ଫଏସଲରୁ ଜଣାଯାଏ ଯେ ହିନ୍ଦୁବିଧବା ସ୍ୱାମୀର ଅନୁମତି ବିନା ପୋଷ୍ୟପୁତ୍ର ଗ୍ରହଣ କରି ପାରେ । ଜଣେ ଜମିଦାର ଆପଣା ସ୍ତ୍ରୀ ଏକ ନାବାଳଗ ପୁତ୍ର ଓ ଦୁଇ କନ୍ୟା ରଖି ମରିଗଲା । ନାବାଳଗ ପୁତ୍ରଟି କେତେବର୍ଷ ଉତ୍ତାରୁ ମରିଯିବାରୁ ବିଧବା ଆପଣା ସ୍ୱାମୀର ଉତ୍ତରାଧିକାରିଣୀ ହୋଇ ଆପଣା ସପିଣ୍ଡ ବର୍ଗଙ୍କର ଅନୁମତି ସହିତ ସେମାନଙ୍କ ସାକ୍ଷାତରେ ବିଧିମତେ ଗୋଟିଏ ପୋଷ୍ୟପୁତ୍ର ଗ୍ରହଣ କଲା ବିଧବାର ମୃତ୍ୟୁ ଉତ୍ତାରୁ କଲେକ୍ଟର ସାହେବ କନ୍ୟାମାନଙ୍କୁ ଓୟାରିସସ୍ୱରୂପ ଦଖଲ ଦେଲେ ମାତ୍ର ପୋଷ୍ୟପୁତ୍ରର ଦେୱାନୀ ନାଲିଶ ବିଲାତ ପର୍ଯ୍ୟନ୍ତ ଅପୀଲରେ ଯାଇ ଶେଷ ନିଷ୍ପତ୍ତି ହେଲା ଯେ ବିଧବା ଆପଣା ସପିଣ୍ଡ ବର୍ଗଙ୍କ ସହିତ ବିଚାର କରି ପୋଷ୍ୟପୁତ୍ର ଗ୍ରହଣ ପର୍ଯ୍ୟନ୍ତ ଆପଣା ସ୍ୱାମୀର ଉତ୍ତରାଧିକାରୀ ନିଯୁକ୍ତ କରିବାର ଉଚିତ ବିବେଚନା କରିବାରୁ

Digitized by srujanika@gmail.com

ତାହା ଆଇନସିଦ୍ଧ ଅଟଇ ।—ବିଧବାମାନଙ୍କ ପକ୍ଷରେ ଏ ନଜିର ବଡ ମାଡବର ଅଟଇ ।

ସୋଲାପୁରରୁ କେତେଗୁଡିଏ ଭାରତୀୟବାଦ ଟାଇମ୍‌ସପତ୍ରିକାରେ ଛପା ହୋଇଅଛି ତହିଁରୁ ଜଣାଯାଏ ଯେ ସେଠାରେ ଅନାହାରଦ୍ୱାରା କେତେଗୁଡିଏ ମୃତ୍ୟୁ ଘଟନା ହୋଇଅଛି । କେତେଗୁଡିଏ ଲୋକ ମରଣାପନ୍ନ ଅବସ୍ଥାରେ ହାକିମଙ୍କ ସାକ୍ଷାତକୁ ଆନୀତ ହେବାରୁ ରକ୍ଷା ପାଇଅଛନ୍ତି । ଯେବେ ଏପରି ଅବସ୍ଥା ତେବେ ଗବର୍ଣ୍ଣମେଣ୍ଟ କି ସାହାଯ୍ୟ ଦେଉଅଛନ୍ତି ।

ଜଲପାଇ ଗୋଡିରେ ଘୋର ବରଫାବୃଷ୍ଟି ହୋଇଥିଲା । ଏଥିରେ ଅନେକଗୁଡିଏ ଘର ଭାଙ୍ଗିପଡିଅଛି ଓ ତମାଖୁଫସଲ ମଧ୍ୟ ବିପୁଳ ପରିମାଣରେ ନଷ୍ଟ ହୋଇଅଛି ।

ନୁଆଖାଲି ଚଟ୍ଟଗ୍ରାମ ପ୍ରଭୃତି ସ୍ଥାନରେ ଓଲାଉଠାରୋଗର ପ୍ରାଦୁର୍ଭାବ ଅବଧି ଜଣା ହୋଇ ନାହିଁ କେବଳ ବାକରଗଞ୍ଜରେ କିଛି ଜଣା ପଡୁଅଛି । ବନ୍ୟା ପରେ ଏପରି ଦୁର୍ଘଟନା ଏଥିରେ କିପରି ଲୋକେ ବଞ୍ଚିବେ ।

ଗତମାସ ତା ୨୭ ରିଖରେ ବର୍ଦ୍ଧମାନ ମହାରାଜାଙ୍କର ଜ୍ୟେଷ୍ଠପୁତ୍ରର ଶୁଭବିବାହ ଅତ୍ୟନ୍ତ ସମାରୋହ ସହିତ ନିର୍ବାହ ହୋଇଗଲା । କନ୍ୟାଟିର ବୟସ ୭ ବର୍ଷ ଓ ପଞ୍ଜାବରେ ଏହାଙ୍କର ନିବାସ ଅଟଇ । ବିବାହ ରାତ୍ରରେ ନଗରଯାକ ଘୋର ରୋଶନାଇ ହୋଇଥିଲା ଓ କନ୍ୟାକୁ ରୂପାର ପାଲଙ୍କିରେ ବସାଇ ରାଜବାଡିକୁ ନେଇ ଆସିଲେ । ଅଗ୍ନିବାଣ ନାଚ ଭେଜ ଇତ୍ୟାଦି ବିସ୍ତର ପରିମାଣରେ ହୋଇଥିଲା ।

ଶ୍ରୀମତୀ ଶ୍ରୀରତ୍ନେଶ୍ୱରୀଙ୍କ ପଦଗ୍ରହଣ ଉପଲକ୍ଷରେ ମାନ୍ଦ୍ରାଜ ନଗରରେ ଥିବା ଦୁଃଖୀ ଇଉରୋପୀୟ ଓ ଫିରିଙ୍ଗିମାନଙ୍କୁ ଜଣପ୍ରତି ଏକପ୍ରସ୍ଥ ଲୁଗା ଦେବାପାଇଁ ଗବର୍ଣ୍ଣମେଣ୍ଟ ଆଜ୍ଞା ଦେଇଥିଲେ । ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କ ସ୍ୱଭାବ ଦୟାଳୁ ବୋଲି ବୋଧ ହୁଅଇ । ଅନ୍ୟ କୌଣସି ପ୍ରଧାନ ନଗରରେ ଏ ପ୍ରକାର ହୋଇ ନାହିଁ ।

କଲିକତାର ସଂବାଦପତ୍ରରେ ଏକ ତାରଡାକ ସମ୍ବାଦ ପ୍ରକାଶ ହୋଇଥିଲା ଯେ କାବୁଲର ଅମିରଙ୍କର ଦୁଇ ପୁତ୍ର ଅନେକ ଲୋକ ନେଇ ରୁସିଆକୁ ଯାଇଥିଲେ । ରୁସିଆର ସମ୍ରାଟ ସେମାନଙ୍କର ଯଥାଯୋଗ୍ୟ ସମ୍ମାନ କରିଅଛନ୍ତି । ଦୁଇ ପୁତ୍ରଙ୍କମଧ୍ୟରେ ବଡ ଭାଇଙ୍କର ନାମ ସୟଦ ମିର ନାହିନ ଉଦ୍ଦୀନ ସେ ସମ୍ରାଟଙ୍କୁ କହିଲେ ଖୋକନ୍ଦରାଜ୍ୟର ଅବଶିଷ୍ଟ ସ୍ଥାଧୀନ ସ୍ଥଳ ଫରଗନ ରୁସିଆର ଶାସିତ ରାଜ୍ୟର ଅନ୍ତର୍ଗତ ହେବାରୁ ସେମାନେ ମଙ୍ଗଳବାଦ କରିବାକୁ ଆସିଅଛନ୍ତି । ସାନ ଭାଇର ନାମ ମିର ମନସୁର ଏହାଙ୍କୁ ପିଟର୍ସ ବର୍ଗର ବିଶ୍ୱବିଦ୍ୟାଳୟରେ ଉତ୍ତମ ଶିକ୍ଷା ଦେବା ନିମନ୍ତେ ନେଇ ଯାଇଥିଲେ । ରୁସିଆର ସମ୍ରାଟ ଏଥିରେ ବଡ ଆନନ୍ଦିତ ହେଲେ ।

ବେଲଗାଁର ପଲଟନରେ ଗୋଟିଏ ନୂଆ କଥା ଘଟିଅଛି । ଗୋଟିଏ ସରକାରୀ ହାତୀଣୀ ଗୋଟିଏ ଛୁଆ ଜନ୍ମ କରିଅଛି ଓ ତାହାକୁ ଦେଖିବା ନିକାଶେ ସର୍ବସାଧାରଣଙ୍କର କୌତୁକ ହୋଇଅଛି । ଜନ୍ମ ସମୟରେ ଛୁଆଟି ଛଅଫୁଟ ଦୁଇ ଇଞ୍ଚ ଉଚ୍ଚ ହୋଇଥିଲା ।

---

## ପ୍ରେରିତପତ୍ର ।

ମାନ୍ୟବର ଉତ୍କଳଦୀପିକାସମ୍ପାଦକ ମହାଶୟ

ସମୀପେଷୁ ।

ମହାଶୟ !

ଢେଙ୍କାନାଳ ମହାରାଜଙ୍କ ଅକାଳମୃତ୍ୟୁ ଯେ ଆମ୍ଭମାନଙ୍କର ସର୍ବନାଶର ମୂଳ, ତାହା କିଏ ଅସ୍ୱୀକାର କରିବ; ମହାରାଜ ଓଡିଶାର ଚନ୍ଦ୍ରମା ତୁଲ୍ୟ ବିରାଜୁଥିଲେ ଉତ୍କଳଭୂମି ସେହି ଚନ୍ଦ୍ରମାକୁ ହରାଇ ହାହାକାର କରୁଅଛି ! ବିଶେଷତଃ ଢେଙ୍କାନାଳର ଆବାଳ ବୃଦ୍ଧ ବନିତା ଏବଂ ଇତରୁ ସ୍ୱଳ୍ପ ଲୋକ ପର୍ଯ୍ୟନ୍ତ ଏହି ଦାରୁଣ ଶୋକାବହ ଘଟନା ହେତୁକ ଦିବା ନିଶି କ୍ରନ୍ଦନ କରୁଅଛନ୍ତି ! ମହାରାଜଙ୍କ ପରି ବିଦ୍ୟାବାନ୍ ଓ ଦାନଶୀଳ ରାଜା ଓଡିଶାପ୍ରଦେଶରେ ସ୍ୱପ୍ନର ଅଗୋଚର, ମହାରାଜ ଯଦି ଆଉ ୧୦।୧୫ ବର୍ଷ ପର୍ଯ୍ୟନ୍ତ ସ୍ୱର୍ଗକୁ ନ ଯାଇ ଆମ୍ଭମାନଙ୍କର ମଙ୍ଗଳୋନ୍ନତି କରିଥାନ୍ତେ. ତେବେ ମହାରାଜଙ୍କ କୋମଳାଙ୍ଗ ଯୁବରାଜ ମଧ୍ୟ ତାହାଙ୍କର ସମସ୍ତ ଗୁଣମାନ ଅନୁକରଣ କରି ଆପଣାର ପୈତୃକ ଗୃହକାର୍ଯ୍ୟ କାର୍ତ୍ତିକଲାପକୁ ବିଶେଷ ଯାତ୍ନଜ୍ଞମାନ କଗ୍ରହ ଥାଆନ୍ତେ । ଯାହା ହେଉ ସେ ଆଶା ଅମ୍ଭେମାନେ ସମ୍ପୂର୍ଣ୍ଣରୂପେ ଛାଡି ପାରୁ ନାହୁଁ, ଯେହେତୁ ଯୁବରାଜ ଉତ୍ତମଶିକ୍ଷା ପାଉଅଛନ୍ତି, ଏବଂ ରାଜମନ୍ତ୍ରୀ ବାବୁ ଶ୍ରୀ ବନମାଳୀ ସିଂହ ଜଣେ ସୁବିଜ୍ଞ ସୁଯୋଗ୍ୟପୁରୁଷ ଅଟନ୍ତି । ସଂପ୍ରତି ଆମ୍ଭମାନଙ୍କର ଏହି ଇଚ୍ଛା, ମହାରାଜ ଯେଉଁ ସବୁ କୀର୍ତ୍ତି ଓ ଅନୁଷ୍ଠାନ ଗୁଡ଼ାମାନ କରି ଯାଇଅଛନ୍ତି ତହିଁରୁ ଯେପରି କୌଣସି ପ୍ରକାର କିଛି କର୍ତ୍ତନ ନ ହେବ, ଏବଂ ମହାରାଜ ଯେଉଁ କୀର୍ତ୍ତିମାନଙ୍କର ମୂଳ ସ୍ଥାପନ କରିଅଛନ୍ତି, ତାହା ଯେପରି ସର୍ବାଙ୍ଗସୁନ୍ଦର ହେବ, କର୍ତ୍ତୃପକ୍ଷୀୟମାନେ ଏ ବିଷୟରେ ବିଶେଷ ଉଦ୍ୟୋଗୀ ହେବେ । ଏଠାରେ ଉଲ୍ଲେଖର ଯୋଗ୍ୟ ଯେ ପ୍ରାୟ ଛ ମାସ ହେଲା ରାଜାଙ୍କ ଅନୁମତି ଅନୁସାରେ ବାବୁ ଶ୍ରୀ ବୃନ୍ଦାବନ ଦାସଙ୍କ ଯତ୍ନ ଓ ଉତ୍ସାହଦ୍ୱାରା ଢେଙ୍କାନାଳ ଗଡରେ ଯୁବରାଜସ୍କୁଲ ନାମରେ ଗୋଟିଏ ବିଦ୍ୟାଳୟ ସ୍ଥାପିତ ହୋଇଅଛି ଏବଂ ତହିଁରେ ନ ୭୦ ଜଣ ବାଳକ ଅଧ୍ୟୟନ କରୁଅଛନ୍ତି । ଗଡଜାତ ମଧ୍ୟରେ ଏପରି ଗୋଟିଏ କାର୍ଯ୍ୟ ହେବାର ଯେ କେତେ ବଡ ପ୍ରଶଂସନୀୟ ତାହା କୁହା ଯାଇ ନ ପାରେ । ରାଜା ଉକ୍ତ ବିଦ୍ୟାଳୟ ଗୃହ ନିର୍ମାଣାର୍ଥ କିଛି ଦାନ କରିଥିଲେ ଓ ସ୍କୁଲର ସ୍ଥାୟିତ୍ୱ ସମ୍ପାଦନ କରିବା ନିମିତ୍ତ ଶିକ୍ଷକମାନଙ୍କୁ ବିଶେଷ ଆଶା ଭରସା ଦେଇଥିଲେ, ବର୍ତ୍ତମାନ ଏହି ପ୍ରାର୍ଥନା ଢେଙ୍କାନାଳର ଭାର ପ୍ରାପ୍ତ କର୍ମଚାରୀମାନେ ବିଦ୍ୟାଳୟର ଉନ୍ନତି ସାଧନ କରି ପ୍ରଶଂସା ଭାଜନ ହୁଅନ୍ତୁ ।

୧୨-୨-୭୭ } ଶ୍ରୀ——
କଟକ }

---

## ବିଜ୍ଞାପନ ।

ବୈଦେହୀଶ ବିଳାସ ୨ୟଖଣ୍ଡ ମୁଦ୍ରିତ ହୋଇ କଟକପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତଅଛି ମୂଲ୍ୟ ଗାଂଣ୍ଡଲୁ ୫ ୧୦ ଓ ମଫସଲ ଗ୍ରାହକଙ୍କୁ ଡାକମାସୁଲ ୫ ୦/ ଅଣା ପଡିବ ।

---

## ମୂଲ୍ୟପ୍ରାପ୍ତି ।

ଶ୍ରୀ ମହନ୍ତ ମୋହନ ଦାସ ପୁରୀ କଲକତ୍ତା ୫୭୫/
ବାବୁ ବୈକୁଣ୍ଠନାଥ ଦେ
ବାଲେଶ୍ୱର ଅଗ୍ରିମ ୫୬୫/
„ ରଘୁନାଥ ଘୋଷ କଟକ କଲିକତା ୫୩୧
„ ସୁବେଷ୍ଟି ମାହାନ୍ତି „ „ ୫୨୧
ପାଦ୍ରି ବେଲି ସାହେବ ପିପଲି ଅଗ୍ରିମ ୫୭୫/
ବାବୁ ମଥୁରାମୋହନ ପାଣି
ବାଲେଶ୍ୱର „ ୫୭୫/
„ କୃଷ୍ଣବଲ୍ଲଭ ଘୋଷ କଟକ କଲିକତା ୫୨୧

---

ଶ୍ରୀ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୨ଶ । ସଂଖ୍ୟା ୮

ତା୨୪ରିଖ ଫିବୃଏରୀ ସନ୧୮୭୭ମସିହା । ମୂ । ଫାଲ୍‌ଗୁନ ଦ୧୫ନ ସନ୧୨୮୪ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୩୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୪୲
ମଫସଲପାଁଇ ଡାକମାସୁଲ ଟ୧୲୬

ଅମ୍ଭେମାନେ ଗତସପ୍ତାହରେ ମିଉନିସିପଲ ଟାକ୍ସର ଆଗାମୀ ବନ୍ଦୋବସ୍ତ ସମ୍ପର୍କରେ କମିସ୍ନରମାନଙ୍କ ବିଚାର ବିରୁଦ୍ଧରେ କେତେ କଥା ଲେଖିଥିଲୁଁ । ଗତସପ୍ତାହର କଲିକତା ଗେଜେଟ ଦେଖିବାରେ ଜଣାଗଲା ଯେ ବଙ୍ଗଳାର କେତେଗୁଡ଼ିଏ ମିଉନିସିପାଲିଟିରେ ଦ୍ୱିଗୁଣ ଦରରେ ଟାକ୍ସ ବନ୍ଦୋବସ୍ତ ହୋଇଅଛି ଓ ପ୍ରାୟ କୌଣସି ସ୍ଥାନରେ ଆଇନଲିଖିତ ଉଚ୍ଚ ଦର ଅବଲମ୍ବିତ ହୋଇ ନାହିଁ । ଏଥିରେ ସ୍ପଷ୍ଟରୂପେ ପ୍ରକାଶହୁଅଇ ଯେ ସେସ୍ଥାନସବୁର କମିଶ୍ନରମାନେ ସୁବିବେଚନାପୂର୍ବକ କର୍ମ କରୁଅଛନ୍ତି ଓ କଟକର କମିଶ୍ନରଙ୍କ ପରି ଭଲ ମନ୍ଦ ବିଚାର ନ କରି କେବଳ ପ୍ରଜାମାନଙ୍କୁ ଟାକ୍ସରେ ପୋତି ପକାଇବାକୁ ବସି ନାହାନ୍ତି । ଚବିଶପ୍ରଗନା କଲିକତାର ନିକଟ ଓ ସେଠାର ଅବସ୍ଥା ଓ ସମ୍ପତ୍ତି ଏନଗରଠାରୁ ଅନେକ ଉତ୍କୃଷ୍ଟ ଅଟଇ କିନ୍ତୁ ଦେଖିଲୁଁ ଯେ ସେଠା ମିଉନିସିପାଲିଟିମାନଙ୍କରେ ସହରର ଟାକ୍ସ ଟ ୧୲ ରୁ ଟ ୨୲ଙ୍କା ଏବଂ ଗୃହଚତୁସ୍ପାଶାନ୍ତର ଟାକ୍ସ ଟ ୧ । ଏବଂ ଅନ୍ୟ କୌଣସି ଠାରେ ସହରର ଟାକ୍ସ ଦୁଇଟଙ୍କାରୁ ଅଧିକ ନାହିଁ ଅଥଚ କଟକନଗରରେ ଚାରିଟଙ୍କା ହୋଇଅଛି ! ଏମନ୍ତ ଦୟାବନ୍ତ କମିଶ୍ନରଙ୍କ ଅଧୀନରେ ରହି ନଗରବାସିଙ୍କର ଦୁଃଖର ସୀମା ରହିବ ନାହିଁ । ବର୍ତ୍ତମାନ ଯେବେ ଗବର୍ଣ୍ଣମେଣ୍ଟ ଥରେ ସବୁ ମିଉନିସିପାଲିଟିର ଜ୍ଞାପନ ଦେଖି ହସ୍ତକ୍ଷେପଣ କରନ୍ତି ତେବେ ରକ୍ଷା ନୋହିଲେ ଅଉ ଉପାୟ ନାହିଁ ।

---

ଏଥିପୂର୍ବେ ଉତ୍କଳଦର୍ପଣରେ ପ୍ରକାଶ ହୋଇଥିଲା ଯେ ମୟୂରଭଞ୍ଜର ମହାରାଜା ଆପଣା ରାଜ୍ୟର ଉନ୍ନତି ପକ୍ଷରେ ବଡ ଯତ୍ନବାନ୍ ହୋଇଅଛନ୍ତି । ଏଥିମଧ୍ୟରେ ସେ ଗଡରେ ଗୋଟିଏ ଇଂରାଜୀ ଓ ଓଡ଼ିଆସ୍କୁଲ ଏବଂ ମୋଫସଲରେ ଗୋ ୧୭ ଟା ଓଡ଼ିଆସ୍କୁଲ ସ୍ଥାପନ କରିଅଛନ୍ତି । ଗଡରେ ଗୋଟିଏ ଭଲ ଚିକିତ୍ସାଳୟ ହୋଇଅଛି ଏବଂ ଏକଜଣ ସିବିଲସର୍ଜନ ଟ ୪୫୦୲ଙ୍କା ବେତନରେ ସେଠାରେ ନିଯୁକ୍ତ କରିଅଛନ୍ତି । ଏଥିରେ ସମ୍ପାଦକ କହିଅଛନ୍ତି କି ଏତେ ବେତନ ଦେଇ ଗୋରା ଡାକ୍ତର ପ୍ରଥମେ ରଖିବାର ଉଚିତ ହୋଇ ନାହିଁ । ଅଳ୍ପ ବ୍ୟୟରେ ମହାରାଜା ଜଣେ କଳା ଡାକ୍ତର ରଖିଥିଲେ ଭଲ ହୋଇଥାନ୍ତା । ଆମ୍ଭମାନଙ୍କ ବିବେଚନାରେ ପ୍ରଥମେ ଉଚ୍ଚ ବେତନ ଦେଇ ଉପଯୁକ୍ତ ଲୋକ ରଖିବାର ଉଚିତ ଏଥିରେ କାର୍ଯ୍ୟ ଭଲ ହେବ ଓ ଲୋକଙ୍କର ରୁଚି ଜନ୍ମିବ । ଏପଛେ ସ୍ୱଚ୍ଛରୂପେ କର୍ମ ଚଳିଲେ ଅଶିକ୍ଷିତ ସର୍ଜନ ଜଣେ ରହିଲେ କ୍ଷତି ହେବ ନାହିଁ । ଏପରି ଯେବେ ମହାରାଜା ସ୍ୱାସ୍ଥ୍ୟରକ୍ଷା ଇତ୍ୟାଦି ବିଷୟରେ ଡାକ୍ତର ସାହେବଙ୍କ ମତ ନେଇ ଯଥାସାଧ୍ୟ ଗୋଟିଏ୨ ଭଲ ଉପାୟ ସ୍ଥିର କରି ତାହା କାର୍ଯ୍ୟରେ ପରିଣତ କରନ୍ତି ତାହା ହେଲେ ଅଧିକା ବେତନ ଦେବା ବାଧିବ ନାହିଁ ବରଂ ତହିଁର ଯଥାର୍ଥ ଫଳମଧ୍ୟ ପାଇଯିବ । ଏଛଡ଼ା ଏ ନଗରକୁ ଆସିଥିବା ବେଳେ ଏଠାର ମେଡ଼ିକଲ ସ୍କୁଲ ଏବଂ କଲେଜକୁ ଟ ୫୦୦୦୲ଙ୍କା ଦାନ କରିଅଛନ୍ତି ଏଥିର ଉପସ୍ୱତ୍ୱରୁ ଛାତ୍ରମାନଙ୍କୁ ବୃତ୍ତି ଦିଆଯିବ । ମହାରାଜାଙ୍କର ସାଧାରଣ ହିତକର କାର୍ଯ୍ୟ ଏବଂ ଆପଣା ପ୍ରଜାଙ୍କ ଉନ୍ନତିରେ ଯତ୍ନଶୀଳ ହେବାର ଶୁଣି ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ ଏବଂ ଭରସା କରୁଁ ଯେ ମହାରାଜା ଏହିପରି କାର୍ଯ୍ୟରେ ସୁଖ୍ୟାତି ଲାଭ କରି ଓଡ଼ିଶାରେ ଯେମନ୍ତ ସର୍ବାପେକ୍ଷା ବଡ ରାଜ୍ୟର ଅଧିକାରୀ ହୋଇଅଛନ୍ତି ସେହିପରି ଗୁଣ କୀର୍ତ୍ତିରେ ଅଗ୍ରଗଣ୍ୟ ହେଉନ୍ତୁ ।

---

ଚଳିତ ମାସ ତା ୮ ରିଖରେ ବିଲାତର ପାର୍ଲିମେଣ୍ଟ ସଭା ବସିଲା । ଏଥର ଶ୍ରୀ ମତୀ ମହାରାଣୀ ସ୍ୱୟଂ ସଭାର କାର୍ଯ୍ୟ ଆରମ୍ଭ କରିଲେ ଓ ସେସମୟରେ ଯେଉଁ ବକ୍ତୃତା କରିଥିଲେ ତହିଁର ସାରାଂଶ ତାରଡାକ ଯୋଗେ ଏଠାର ସମ୍ବାଦପତ୍ରମାନଙ୍କରେ ପ୍ରକାଶ ହୋଇଅଛି । ତହିଁରୁ ଅମ୍ଭେମାନେ ଅବଗତ ହେଲୁଁ ଯେ ଏଥର ଭାରତବର୍ଷର କଥା ବିଶେଷ ଉଲ୍ଲେଖ ଶ୍ରୀ ମତୀ ମହାରାଣୀଙ୍କର ବକ୍ତୃତାରେ ଥିଲା । ସେ କହିଅଛନ୍ତି " ଦିଲ୍ଲୀରେ ଆମ୍ଭର ସମ୍ରାଟ ଉପାଧୀ ଗ୍ରହଣରେ ଭାରତବର୍ଷର ରାଜା ଓ ପ୍ରଜା ସମସ୍ତେ ଅତ୍ୟନ୍ତ ଆନନ୍ଦିତ ହୋଇ

Digitized by srujanika@gmail.com

ଗୃହଭକ୍ତି ଓ ଅନୁରାଗ ସହିତ ଅଭିନନ୍ଦନ କର ଅଛନ୍ତି ଓ ତାହାଁରେ ବଡ ଆନନ୍ଦିତ ହୋଇଅଛୁଁ । ବର୍ତ୍ତମାନ ବମ୍ବେଇ ଓ ମାନ୍ଦ୍ରାଜ ପ୍ରଦେଶର ଅଧିକାଂଶ ଭୂମିଖଣ୍ଡରେ ଦୁର୍ଭିକ୍ଷ ପଡିବାରୁ ଅମ୍ଭେ ଅତ୍ୟନ୍ତ ଦୁଃଖିତ ହୋଇଅଛୁଁ । ଏ ଦୁର୍ଭିକ୍ଷ ସନ ୧୮୬୬ ସାଲର ଦୁର୍ଭିକ୍ଷଠାରୁ କୌଣସି ଅଂଶରେ ଊଣା ନୁହଇ । ଅମ୍ଭର ବିଶ୍ୱାସ ଏହି ଯେ ଏଥିର ଉପଶମ ନିମିତ୍ତ ସର୍ବ ପ୍ରକାର ଉପାୟ ଅବଲମ୍ବିତ ହେବ ଓ ଭବିଷ୍ୟତରେ ଏପରି ଦୁର୍ଘଟନା ନିବାରଣ ପକ୍ଷରେ ଏବଂ ତାହାଁର ପ୍ରତୀକାର ନିମିତ୍ତ ଯଥେଷ୍ଟ ଅଭିଜ୍ଞତା ଲାଭ ହୋଇ ଥିବ" । ତୁରସ୍କ ସମ୍ପର୍କରେ ସେ କହିଅଛନ୍ତି କି "ଅମ୍ଭର ନିଶ୍ଚିତ ଅଭିପ୍ରାୟ ଏହି ଯେ ଇଉରୋପରେ ଶାନ୍ତି ବଜାୟଥାଉ ଏବଂ ତୁରସ୍କର ସ୍ୱାଧୀନତା ଓ ଗୌରବ ଅନୁଷ୍ଠିତ ହୋଇ ସେଠାର ଉପଦ୍ରୁତ ସ୍ଥାନ ସମସ୍ତରେ ଉତ୍କୃଷ୍ଟ ଶାସନ ପଦ୍ଧତି ପ୍ରବର୍ତ୍ତିତ ହେଉ । ସୁଲତାନ ଶାସନ ସଂସ୍କାରର ପ୍ରସ୍ତାବ ପ୍ରତି କର୍ଣ୍ଣ ଦେଲେ ନାହିଁ ଆମ୍ଭେ ଶୁଣି ଦୁଃଖିତ ହେଲୁଁ ତଥାଚ ସେଠାରେ ଯେଉଁ ସଭା ବସିଥିଲା ତାହାଁରୁ ଉତ୍କୃଷ୍ଟ ଫଳ ଲାଭ ହୋଇଅଛି । ଇଉରୋପୀୟ ରାଜାମାନଙ୍କ ମଧ୍ୟରେ ଏକବାକ୍ୟତା ଅବ୍ୟବହିତ ଅଛି ଏବଂ ତୁରସ୍କର ଶାସନ ପକ୍ଷରେ ମଧ୍ୟ ଉପକାର ଦର୍ଶିଅଛି କାରଣ ତୁରସ୍କର ରାଜା ସାବଧାନ ହୋଇଅଛନ୍ତି ଏବଂ ଆପେ୨ ରାଜ୍ୟର ବିବିଧ ସଂସ୍କାର କାର୍ଯ୍ୟରେ ପ୍ରବୃତ୍ତ ହୋଇଅଛନ୍ତି । ଆମ୍ଭେ ଭରସା କରୁଁ ଯୁଦ୍ଧ ସ୍ଥଗିତ ଥିବା କାଳମଧ୍ୟରେ ସେ ଆପଣା ଅଧୀନସ୍ଥ ପ୍ରଦେଶମାନଙ୍କ ସହିତ ଉଭୟ ପକ୍ଷର ଗୌରବ ସୂଚକ ସନ୍ଧି କରି ନେବେ" ଏଥିରୁ ଆମ୍ଭେମାନେ ଦେଖୁଁ ଯେ ତୁରସ୍କ ସମ୍ପର୍କରେ ଶ୍ରୀ ମତୀ ମହାରାଣୀ ଯାହା ଆଶା କରନ୍ତି ତାହା ସମ୍ପୂର୍ଣ୍ଣ ହେବାର ଲକ୍ଷଣ ଦେଖାଯାଏ । ତୁରସ୍କର ସୁଲତାନ ଆପଣା ରାଜ୍ୟରେ ସୁଶାସନ ପ୍ରଚାର କରିବା ଏବଂ ଆପଣା ଅଧୀନ ରାଜ୍ୟ ମଧ୍ୟରେ ଯେଉଁମାନେ ବିଦ୍ରୋହ କରିଅଛନ୍ତି ତାହାଙ୍କ ସହିତ ସନ୍ଧି ସ୍ଥାପନ କରିବାକୁ ଉଦ୍ୟମ ଲଗାଇ ରଖିଅଛନ୍ତି ସୁତରାଂ ତୁରସ୍କ ସଙ୍ଗେ ଯୁଦ୍ଧ ହେବାର ସମ୍ଭାବନା ନାହିଁ ।

ଭାରତବର୍ଷ ସମ୍ପର୍କରେ ବଙ୍ଗଳାର ବିଗତ ଭୟଙ୍କର ଝଡ ଓ ବନ୍ୟାର କ୍ଷତିମାତ୍ର ଉଲ୍ଲେଖ ଶ୍ରୀ ମତୀ ମହାରାଣୀ କରି ନ ଥିବାରୁ ପାର୍ଲିମେଣ୍ଟ ସଙ୍ଗରେ ତାହାଁର ପ୍ରଶ୍ନ ହୋଇଥିଲା । ତହିଁର ଲର୍ଡ ହାମିଲ୍ଟନ ଉତ୍ତର ଦେଲେ ଯେ ଭାରତବର୍ଷ ସଂକ୍ରାନ୍ତ ସେକ୍ରେଟେରୀ ତୁରସ୍କକୁ ଯାଇଥିବାରୁ ଉକ୍ତ ଭ୍ରମ ହୋଇଥିଲା ।

---

## ଯାତ୍ରୀ ଓ ବିସୂଚିକା ରୋଗ ।

ପୂର୍ବେ ବିସୂଚିକା ରୋଗ ଋତୁର ଅଧୀନ ଥିଲା କେବଳ ଗ୍ରୀଷ୍ମ ଓ ଅତ୍ୟନ୍ତ ଶୀତକାଳରେ ତାହା ଦେଖା ଯାଉ ଥିଲା । ଏଣିକି ଅନୁଭବଦ୍ୱାରା ଜଣାଯାଏ ଯେ ଏ ରୋଗ ଋତୁର ବଶ ନ ଥାଇ ଜନତାର ବଶ ହୋଇ ଅଛି । ଯେଉଁ ସମୟରେ ପୁରୀକୁ ଯାତ୍ରୀ ଅଧିକ ଆସନ୍ତି ସେହି ସମୟରେ ଓଲାଉଠାର ଉପଦ୍ରବ ପ୍ରତ୍ୟକ୍ଷ ହୁଅଇ ଗ୍ରୀଷ୍ମ କାଳ ରଥଯାତ୍ରା ସମୟରେ ଶରତ୍କାଳ କାର୍ତ୍ତିକପୂର୍ଣ୍ଣିମା ସମୟରେ ଏବଂ ବସନ୍ତ କାଳ ଦୋଲଯାତ୍ରା ସମୟରେ ଅଧିକ ଯାତ୍ରୀ ପୁରୀକୁ ଆସନ୍ତି ବୋଲି ଏହି କାଳମାନଙ୍କରେ ବିସୂଚିକାରୋଗର ପ୍ରାଦୁର୍ଭାବ ହୁଅଇ ଓ ଯାତ୍ରିଙ୍କ ଦ୍ୱାରା ତାହା ମୋଫସଲର ଗ୍ରାମଅନ୍ତେ ବିସ୍ତାର ହୋଇ ଯାଏ । ପ୍ରତ୍ୟକ୍ଷ ଦେଖାଯାଉ ଅଛି ଯେ ବର୍ତ୍ତମାନ୍ ଶୀତ ଜଣାଯାଉଅଛି ଏବଂ ଅଲ୍ପଦିନତଳେ ଚଉଦିଗ ବୃଷ୍ଟି ହୋଇଥିବାରୁ ଦେଶ ଶୀତଳ ଅଛି । ତଥାଚ ଗୋବିନ୍ଦଦ୍ୱାଦଶୀ ଉପଲକ୍ଷରେ ଅଧିକ ଯାତ୍ରୀ ପୁରୀକୁ ଆସିବାରୁ ଜଗନ୍ନାଥ ସଡକରେ ଏ ରୋଗ ବାହାରି ଅଛି । ଅବଶ୍ୟ ଏହାର କୋପ ଅଧିକ ହୋଇ ନାହିଁ ସତ୍ୟ, କିନ୍ତୁ ବାଲେଶ୍ୱରଠାରୁ କଟକ ପର୍ଯ୍ୟନ୍ତ ଏବଂ ଏଠାରୁ ଦକ୍ଷିଣରେ ସୁଦ୍ଧା ସଡକର ନାନାସ୍ଥାନରେ ଏ ରୋଗ ଜାତ ହେବା ଓ ତଦ୍ଦ୍ୱାରା ଦୁଇ ଏକ ଲୋକ ମରିପଡିବାର ସମ୍ବାଦ ଆସିଲାଣି । ଏଥିରୁ ଜଣାଯାଏ କି ଯେତେବେଳେ ଯାତ୍ରିମାନେ ପୁରୀରେ ଏକତ୍ରିତ ହେବେ ସେତେବେଳେ ଅଧିକ ଜନତା ହେବାରୁ ରୋଗ ବୃଦ୍ଧିକୁ ପାଇବ ଏବଂ ଫେରନ୍ତା ଯାତ୍ରିଙ୍କ ଯୋଗେ ଗ୍ରାମଅନ୍ତେ ଏହା ବିସ୍ତାର ହୋଇଯିବ । ସାଧାରଣ ବିଶ୍ୱାସ ଏହିପରି ଅଟେ ଓ ଯେସ୍ଥଳେ ରୋଗ ପ୍ରତ୍ୟକ୍ଷ ହେଲାଣି ସେସ୍ଥଳେ ତାହାକୁ ଅମୂଳକ ବୋଲାଯାଇ ନ ପାରେ । ଏଥକୁ ସ୍ଥାନୀୟ କର୍ମଚାରୀମାନେ ଏ ବିଷୟ ପ୍ରତି ଦୃଷ୍ଟି କରିବାର କିଛି ଚିହ୍ନ ଜଣାଯାଉ ନାହିଁ କାରଣ ଅଦ୍ୟାପି ଏ ରୋଗକୁ ଦମନ କରିବାପାଇଁ କିଛିମାତ୍ର ଉପାୟର ପ୍ରସ୍ତାବ ସୁଦ୍ଧା ହୋଇ ନାହିଁ । ରଥଯାତ୍ରା ସମୟରେ ଏ ରୋଗ ପ୍ରବଳ ହେବାର ଗବର୍ଣ୍ଣମେଣ୍ଟରେ ପ୍ରକାଶ ଥିବାରୁ ପୂର୍ବରୁ ନେଟିବଡାକ୍ତରମାନେ ଜଗନ୍ନାଥ ସଡ଼କରେ କାର୍ଯ୍ୟ କରିବାକୁ ପ୍ରେରିତ ହୁଅନ୍ତି । ବର୍ତ୍ତମାନ୍ ଅସଂଖ୍ୟ ଯାତ୍ରୀ ଆସିବାର କଥ ଗବର୍ଣ୍ଣମେଣ୍ଟଙ୍କ ଗୋଚର ହୋଇଥିଲେ ସେରୂପ ସାହାଯ୍ୟ ଆସିବାର କିଛିମାତ୍ର ବିଳମ୍ବ ହୋଇ ନ ଥାନ୍ତା ମାତ୍ର ତାହା ହୋଇ ନାହିଁ ଓ ବର୍ତ୍ତମାନ୍ ଚିଠି ପଠାଇ ଡାକ୍ତର ଅଣାଇବା ପର୍ଯ୍ୟନ୍ତ ଅପେକ୍ଷା କରିବାର କାଳ ସୁଦ୍ଧା ନାହିଁ । ଅତଏବ ଅମ୍ଭେମାନେ କଟକର ମାଜିଷ୍ଟ୍ରେଟ ଓ ଡାକ୍ତରସାହେବଙ୍କୁ ଅନୁରୋଧ କରୁଅଛୁଁ ଯେ ସଡକରେ ଯାତ୍ରିଙ୍କର ଚିକିତ୍ସା ଓ ସ୍ୱାସ୍ଥ୍ୟପ୍ରତି ଦୃଷ୍ଟି ରଖିବା ସକାଶେ ଡାକ୍ତର ଏବଂ ଔଷଧ ପଠାଇବାର ବନ୍ଦୋବସ୍ତ କରନ୍ତୁ । ବିସୂଚିକାରୋଗର ବଟିକା ଓ କ୍ଲୋରୋଡାଇନ ପ୍ରଭୃତି ପ୍ରତି ପୁଲିସ ଫାଣ୍ଡି ଓ ଥାନା ଇତ୍ୟାଦିରେ ରଖାଇଦେଲେ ବଡ ଭଲ ହେବ କାରଣ ସବୁସ୍ଥାନରେ ଡାକ୍ତର ରଖାଯାଇ ନ ପାରେ । ରୋଗ ଆରମ୍ଭକାଳରେ ଯାତ୍ରିମାନେ ନିକଟରେ ଔଷଧ ପାଇଲେ ଅନେକ ସ୍ଥଳରେ ଉପକାର ହେବ । ଦଶ ବାର କୋଶ ଅନ୍ତରରେ ପ୍ରଧାନ୨ ସ୍ଥଳରେ ଏକ୨ ଜଣ ଡାକ୍ତର ରଖାଇବାର ନିତାନ୍ତ ପକ୍ଷରେ ଆବଶ୍ୟକ ଅଟଇ । ଅତଏବ ସ୍ଥାନୀୟ କର୍ମଚାରୀମାନେ ଏ ବିଷୟରେ ହେଳା ନ କରି ଶୀଘ୍ର ଉପଯୁକ୍ତ ବିଧାନ କଲେ ପରମ ଉପକାର ହେବ ନୋହିଲେ ବଡ଼ ଅନିଷ୍ଟ ଘଟିବାର ସବୁ ଲକ୍ଷଣ ଦେଖା ଯାଉଅଛି ।

---

## ଜଳକରର ଦର ।

ଇରିଗେସନ ଇଲାକାର ଡେପୁଟୀ ସୁପରିଣ୍ଟେଣ୍ଡେଣ୍ଟ ଘୋଷଣାଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଅଛନ୍ତି କି ଚଳିତ ଅର୍ଥାତ୍ ସନ ୧୮୬୭।୬୮ ସାଲର ଶାରଧ ଓ ଦାଅଲୀ ଫସଲ ନିମନ୍ତେ ନିମ୍ନଲିଖିତ ଦରରେ ଜଳକର ନିଆଯିବ । ଯଥା;

ଯେଉଁମାନେ ଆସନ୍ତା ମଇମାସ ତା ୧ ରଖ କିମ୍ବା ତହିଁ ପୂର୍ବେ କବୁଲିୟତ୍ କରିବା ସକାଶେ ଦରଖାସ୍ତ କରିବେ ସେମାନଙ୍କଠାରୁ ପ୍ରତିମାଣ ୬ ୧୫ ଙ୍କା ଲେଖାଏ ନିଆଯିବ ଓ ଏଥିଉତ୍ତାରୁ ଯେଉଁମାନେ କବୁଲିୟତ କରିବେ ତାହାଙ୍କୁ ୬ ୩୦ ଙ୍କା ଲେଖାଏ ଦେଣ ପଡିବ । ୬ ୧୫ କିମ୍ବା କବୁଲିୟତର ଟଙ୍କା ସନ ୧୮୬୮ ଫିବ୍ରୁଏରୀମାସ ତା ୧ ରଖ କିମ୍ବା ତହିଁ ପୂର୍ବରେ ଦେବାକୁ ହେବ ମାତ୍ର ୬ ୩୦ କିମ୍ବା କବୁଲିୟତର ଟଙ୍କା

Split by PDF Splitter
Digitized by srujanika@gmail.com

Split by PDF Splitter



3

ଅଟର ଦାଗଲ ନ ହେଲେ ପାଣି ଦିଆଯିବ ନାହିଁ ।

ଚେପୁଟୀ ସୁପରିଣ୍ଟେଣ୍ଡେଣ୍ଟ ସାହେବ ଅତ୍ରର ସର୍ବସାଧାରଣଙ୍କୁ ସତର୍କ କରି ଦେଇଅଛନ୍ତି କି ଯେଉଁମାନେ ଊଣା ଦରରେ କବୁଲିୟତି ନ କରିବେ ସେମାନେ ୫ ୩ ଙ୍କିଆ ଦରରେ କର ଦେବାକୁ ବାଧ୍ୟ ହେବେ ଏବଂ ନୂଆ ଜଳସେଚନ ସମ୍ପର୍କୀୟ ସନ ୧୮୭୬ ସାଲର ୩ ଆଇନ ଅନୁସାରେ ମାଣ ପ୍ରତି ୫ ୬୲ ଙ୍କା ଦେବାର ସମ୍ଭବ ଅଛି । କବୁଲିୟତି ବିନା କ୍ଷେତକୁ ଚୌର୍ଯ୍ୟ ଭାବରେ ପାଣି ନେଲେ ଉକ୍ତ ୫୬୲ଙ୍କା ଦରରେ କର ଦେବାକୁ ହେବ ଏବଂ ବିନା କବୁଲିୟତିର କ୍ଷେତକୁ ପାଣି ବହି ଗଲେ ଓ ତଦ୍ଦ୍ୱାରା ଫସଲର ଉପକାର ହେଲେ ଏହି ଦରରେ କର ଆଦାୟ ହେବ । ଜଳଦ୍ୱାରା ଫସଲର ଲାଭ ହେବା କଥା ସର୍ବସାଧାରଣ ଜାଣନ୍ତି ସୁତରାଂ ଉକ୍ତ ବିଷୟ ପ୍ରମାଣ କରିବାକୁ କଠିନ ହେବ ନାହିଁ । ପ୍ରଜାମାନେ ଆପଣା ହିତାହିତ ବିବେଚନା କରି ଉପଯୁକ୍ତ କାଳରେ କବୁଲିୟତି କରିବାକୁ ଆସିବେ ଏହି ଅଭିପ୍ରାୟରେ ଉପରଲିଖିତ ଘୋଷଣା ଦିଆଯାଇଅଛି ଓ ଏକାର୍ଯ୍ୟଟି ଉତ୍ତମ ହୋଇଅଛି ସନ୍ଦେହ ନାହିଁ ।

ଅମ୍ଭେମାନେ ଦେଖୁଁ ଯେ ଯେଉଁମାନେ ଆସନ୍ତା ମଇମାସ ତା ୧ ରଖ ବିମ୍ବା ତହିଁ ପୂର୍ବରୁ କବୁଲିୟତି କରିବେ ସେମାନଙ୍କ ପ୍ରତି ଉତ୍ତମ ବିଚାର ହୋଇଅଛି ଓ ଅନ୍ୟାନ୍ୟ ଲୋକ ଯେମନ୍ତ କଠିନ ହୋଇଅଛି ତହିଁରେ ଏତିକି ପ୍ରକାଶ ପାଉଅଛି ଯେ ମାଣ ପ୍ରତି ୫ ୧୲ଙ୍କା ଗବର୍ଣ୍ଣମେଣ୍ଟଙ୍କର ମନୋନୀତ ଦର ଅଟଇ ଏଥିରୁ ଊଣା ଆଶା କରନ୍ତି ନାହିଁ । ମାତ୍ର ଏହି ଦର ମଧ୍ୟ କିଞ୍ଚିତ ଅଧିକ ବୋଧ ହେଉଅଛି । ସବୁକାଳରେ ମାଣପ୍ରତି ଟ ୧୲ ଙ୍କା କର ଦେବାକୁ କୃଷକମାନେ ବଡ କଠିନ ବୋଧ କରିବେ ଓ ସେଥିପାଇଁ ଅନେକ ଲୋକ କବୁଲିୟତି କରିବାକୁ ପ୍ରବୃତ୍ତ ହେବେ ନାହିଁ । ଅମ୍ଭେମାନେ ବୋଧ କରୁଁ ମାଣ ପ୍ରତି ଟ୧୲ଙ୍କା ଦର ହୋଇଥିଲେ ପ୍ରଜାଙ୍କୁ ବଡ ବାଧନ୍ତା ନାହିଁ ଓ ତହିଁରେ ଅଧିକ ପରିମାଣରେ ଭୂମି ସକାଶେ କବୁଲିୟତି କରିବାକୁ ଲୋକେ ଆଗ୍ରହ ପ୍ରକାଶ କରନ୍ତେ । ମଇ ତା ୧ ରଖ ଉତ୍ତାରୁ ଯେଉଁମାନେ ଜଳ ନେବାକୁ ଲୋଡିବେ ସେମାନଙ୍କ ପ୍ରତି ବଡ କଠିନ ନିୟମମାନ ହୋଇଅଛି ଓ ଏମନ୍ତ ହୋଇପାରେ ଯେ ଅନ୍ୟାନ୍ୟ ଅବଶ୍ୟକ ଥିବା ସମୟରେ କେବଳ ଆଗତୁରା ହାତରେ ଟଙ୍କା ନ ହେବାରୁ କିମ୍ବା ଦର ଏତେ ଉଚ୍ଚ ହେବାରୁ କୃଷିମାନେ ଜଳ ନେଇ ପାରିବେ ନାହିଁ । ଏଣୁ ଉଚ୍ଚଦର ତହିଁରେ ପୁଣି ଆଗତୁରା ଦେବାର ବ୍ୟବସ୍ଥା ଦ୍ୱିଗୁଣ କଠିନ ହୋଇଅଛି ଏବଂ ଉଭୟ ଦରର କବୁଲିୟତି ସକାଶେ ଟଙ୍କା ଆଦାୟର ମିଆଦ ସମାନ ହେଲେ ବଡ ଭଲ ହୋଇଥାନ୍ତା ।

---

# ସାପ୍ତାହିକସଂବାଦ ।

ଗତ ମଙ୍ଗଳବାର ଶ୍ରୀଯୁକ୍ତ କଲେକ୍ଟର ସାହେବ ମୋଫସଲ ଗସ୍ତକୁ ଯାତ୍ରା କଲେ । ଏଥର କେନ୍ଦ୍ରାପଡା ପର୍ଯ୍ୟନ୍ତ ଯାଇ ଏକ ସପ୍ତାହରେ ଫେରି ଆସିବେ ।

ଗତ ଗୁରୁବାର ଶ୍ରୀଯୁକ୍ତ କମିଶ୍ନର ସାହେବ ଢେଙ୍କାନାଳକୁ ଯାତ୍ରା କଲେ ଉକ୍ତ ରାଜ୍ୟ କୋର୍ଟ ଅବ୍ୱାର୍ଡ୍ସର ଅଧୀନରେ ଆସିଲା ବୋଲି ତହିଁର ଉପଯୁକ୍ତ ବନ୍ଦୋବସ୍ତମାନ ସେଠାରେ କରିବା ଏ ଯାତ୍ରାର ଉଦ୍ଦେଶ୍ୟ ଅଟଇ । ମୃତ ମହାରାଜା ଅନେକ ନଗଦ ଟଙ୍କା ରଖିଯାଇ ଅଛନ୍ତି ଏରୂପ ଜଣାଯିବାରୁ କମିଶ୍ନର ସାହେବ ତାହା କଟକ ରାଜଣାଗାକୁ ଅଣାଇବାର ସ୍ଥିର କରିଅଛନ୍ତି । ବୋଧ ହୁଅଇ ତହିଁରେ କମ୍ପାନିକାଗଜ କ୍ରୟ ହେବ ।

ଆଗାମୀ ମାସ ତା ୧ ରଖରେ ବାଲେଶ୍ୱରରେ ବୋର୍ଡ ହେବାର ଅଛି ସୁତରାଂ ଜଜସାହେବ ଉକ୍ତ ସ୍ଥାନକୁ ବିଜେ ହେବେ ।

ଗତ ସପ୍ତାହରୁ ହିନ୍ଦୁ ବିବାହର ଧୂମ ଏମନ୍ତ ଲାଗିଅଛି ଯେ ଦିନେ ସୁଦ୍ଧା ନଗର ମଧ୍ୟରେ ବାଜା ବନ୍ଦ ନାହିଁ ଓ ଦିବା ରାତ୍ରି ଢୋଲର ଶବଦରେ କାନ ଅତିଷ୍ଠ ପଡି ଯାଉଅଛି । ଫାଲ୍‌ଗୁନ ମାସଟା ବାସ୍ତବରେ ବିବାହର ଲଗ୍ନ ଅଟଇ ପୁଣି ଆଗାମୀ ବୈଶାଖରେ ବିବାହର ଲଗ୍ନ ନ ଥିବାରୁ ଅତ୍ରର ଅଧିକ ବିବାହ ହେଉ ଅଛି ।

ଆସନ୍ତା ଦୋଳପୂର୍ଣ୍ଣିମା ଦିବସରେ ଚନ୍ଦ୍ରଗ୍ରହଣ ହେବ । ଉତ୍କଳ ପଞ୍ଜିକାମତରେ ଏ ଗ୍ରହଣ ରାତ୍ର ଘ ୧୦।୫୬ ମିନିଟଠାରେ ଏବଂ ଇଂରାଜୀ ଗଣନା ମତରେ ରାତ୍ର ଘ ୧୧।୪୩ ମିନିଟଠାରେ ଆରମ୍ଭ ହେବ ଓ ଯଥାକ୍ରମେ ରାତ୍ର ଘ ୨।୨୭ ମିନିଟ ବା ଘ ୩।୪ ମିନିଟ ସମୟରେ ସର୍ବମୋକ୍ଷ ହେବ । ଏଥି ମଧ୍ୟରେ କେଉଁ ଗଣନା ଠିକ ହେବ ପାଠକମାନେ ଇଚ୍ଛା କଲେ ବୁଝିବେ । ଏ ଗ୍ରହଣଟି ସର୍ବଗ୍ରାସ ହେବ ଏବଂ ଦିବା ଦ ୧୭।୫୧ ପରେ ଅନ୍ନ ଭୋଜନ ନିଷେଧଃ ।

ବେଲଗାଁ କଲେକ୍ଟରୀ ଏଲାକାରେ ଦୁର୍ଭିକ୍ଷ ନିବାରଣ ଉପଲକ୍ଷରେ ଗୋଟିଏ ନାଲ ନିର୍ମାଣ କରିବାକୁ ଗବର୍ଣ୍ଣମେଣ୍ଟ ମଞ୍ଜୁର କରି ଅଛନ୍ତି । ଏଥିରେ ୫ ୧୬୨୩୦୭୲ଙ୍କା ବ୍ୟୟ ହେବ । ଅମ୍ଭେମାନେ ମନେ କରୁଥିଲୁଁ ଯେ ନାଲ ନିର୍ମାଣରେ ଗବର୍ଣ୍ଣମେଣ୍ଟଙ୍କର ଲାଭ ନାହିଁ ବୋଲି ଏପରି କାର୍ଯ୍ୟ ଆଉ ହେବ ନାହିଁ କିନ୍ତୁ ବୋଧ ହୁଅଇ ସ୍ଥାନ ବିଶେଷରେ ଏହାଦ୍ୱାରା ଉପକାର ହେଉଅଛି ।

ସଙ୍ଗୀତ ବିଦ୍ୟାର ଆଲୋଚନା କରିବାଦ୍ୱାରା ଡାକ୍ତର ସୁରେନ୍ଦ୍ରମୋହନ ଠାକୁର ଇଉରୋପର ନାନା ସ୍ଥାନରେ ସୁଖ୍ୟାତି ଲାଭ କରୁଅଛନ୍ତି ଏବଂ ହିନ୍ଦୁଙ୍କର ସଙ୍ଗୀତବିଦ୍ୟାପ୍ରତି ଉକ୍ତ ମହାଦେଶର ବିଦ୍ୱାନ୍ ମଣ୍ଡଳୀ ଆକର୍ଷିତ ହେଉ ଅଛନ୍ତି । ବେଲଜିଅମ ବିଶ୍ୱବିଦ୍ୟାଳୟର ଜଣେ ସଭ୍ୟସ୍ୱରୂପ ସେ ସମ୍ପ୍ରତି ନିଯୁକ୍ତ ହୋଇଅଛନ୍ତି । ଭାରତବର୍ଷ ବାସିଙ୍କରତ ଏତାଦୃଶ ଅନୁରାଗ ଦେଖାଯାଉ ନାହିଁ । ବୋଧ ହୁଅଇ ଅମ୍ଭମାନଙ୍କର ସଙ୍ଗୀତ ଆଗେ ଇଉରୋପୀୟମାନେ ଶିଖିଲେ ତାହାଙ୍କଠାରୁ ଅମ୍ଭେମାନେ ଶିଖିବାକୁ ଆରମ୍ଭ କରିବୁଁ ।

ବମ୍ବେଇ ଗେଜେଟରେ ଲେଖାଅଛି ଯେ ହାଇଦ୍ରାବାଦର ନିଜାମ ଦିଲ୍ଲୀରୁ ଆପଣା ଗଡକୁ ଫେରି ଯିବାକାଳରେ ବମ୍ବେଇ ଏଲକା ଭୁସଲପୁରରେ ତାହାଙ୍କର ୫ ୧୦,୦୦୦୲ଙ୍କାର ଦ୍ରବ୍ୟ ଚୋରି ଯାଇଅଛି । ସେହି ଦିନ ସେହି ସ୍ଥାନରେ ଜଣେ ଦକ୍ଷିଣୀ ଲୋକର ଟ ୪୦୦୦ ଙ୍କାର ଦ୍ରବ୍ୟ ଚୋରି ଯାଇଅଛି । ମହାମାନ୍ୟ ନିଜାମ ଏଥିପାଇଁ ଇଂରାଜ ରାଜ୍ୟର ପୋଲିସର ପ୍ରଶଂସା କରିଅଛନ୍ତି ଜଣାଗଲା ନାହିଁ ।

ତାରକେଶ୍ୱରର ମହନ୍ତ ମାଧୋଗିରି ଆପଣା ପୂର୍ବ ଦୁଷ୍କର୍ମର କିଞ୍ଚିତ ପ୍ରାୟଶ୍ଚିତ୍ତ ସ୍ୱରୂପ ଜ ୭ ଣ ଛାତ୍ରଙ୍କୁ ଆପଣା ବ୍ୟୟରେ କଲିକତାର ପ୍ରଧାନ କଲେଜ ଓ ସ୍କୁଲମାନଙ୍କରେ ପଢାଉ ଅଛନ୍ତି । ମଠର କଞ୍ଚଡ ଏତେଦିନେ ସତ୍କାର୍ଯ୍ୟରେ ଲାଗିବାର ଦେଖାଗଲା ।

ସିମଲାଠାରୁ ଚଳିତ ମାସ ତା ୮ ରଖରେ ଏକବ୍ୟକ୍ତି ଡେଲିନ୍ୟୁସକୁ ଲେଖିଥିଲେ ଯେ ଉକ୍ତ ସପ୍ତାହରେ ସେଠାରେ ଅଧିକ ବରଫ

Digitized by srujanika@gmail.com

ପଡୁଥିଲା ଓ ପୂର୍ବରୁ ଯେଉଁ ବରଫ ବସିଥିଲା ତହିଁଉପରେ ଆଉ ଛଅଫୁଟ ବହଳରେ ଜମା ହୋଇଥିଲା । ତାପମାନ୍ ଯନ୍ତ୍ରରେ ବରଫ ଜମିବାର ଚାହାର ବହୁତ ତଳରେ ପାର ପଡଅଛି ଏବଂ ଏମନ୍ତ ଶୀତଳ ହୋଇଅଛି ଯେ ଘରେ ଅଲଗା ରଖାଯାଇଥିବା କଳସି ପାଣି ମଦ ଓ ତେଲ ଇତ୍ୟାଦ ବୋତଲ ମଧ୍ୟରେ ବରଫପରି ବସି ଯାଉଅଛି । ଶୀତରେ ଲୋକେ ଅସ୍ଥିର ହେଉଅଛନ୍ତି ।

ଅହମଦାବାଦରେ ଗୋଟିଏ ଉସ୍ତୃଙ୍କର ବାରୁଦର ଉତ୍ପାତ ହୋଇଅଛି ତହିଁରେ ଜ ୭୦ ଣ ମଗ୍ ପଡ଼ବାର ସଂବାଦ ସରକାରକୁ ଆସିଲଣି କିନ୍ତୁ ଲୋକେ ଅନୁମାନ କରନ୍ତି ପ୍ରାୟ ଜ ୧୫୦ ଙ୍କର ପ୍ରାଣନାଶ ହୋଇଅଛି । ଏ ଅଗ୍ନିକାଣ୍ଡର ହେତୁ ଏହି ଯେ ଜଣେ ବାରୁଦ କଟେଇ ଦେଶୀ ବଡଲୋକର ବାଣ୍ଡର ସକାଶେ ମହତାବ ବା ତତ୍ରୋଦସ୍ଥା ପ୍ରସ୍ତୁତ କରିବାକୁ ଠିକା ନେଇଥିଲା । ଉକ୍ତ ବାରୁଦରେ ଫସ୍ଫରସ୍ ଓ ବନ୍ଧୁକର ବାରୁଦ ମିଶଇ । ଏଥିରୁ ଫସ୍ଫରସ୍ ଏମନ୍ତ ଦ୍ରବ୍ୟ ଯେ ତହିଁରେ ବାୟୁ ସଂଯୋଗ ହେଲେ ଆପେ ଜ୍ୱଳି ଉଠଇ ଏହି କାରଣ ଲୋକେ ଏହାକୁ ସାବଧାନପୂର୍ବକ ପାଣି ମଧ୍ୟରେ ବୁଡ଼ାଇ ରଖନ୍ତି । ଯେଉଁ ଦିନ ବାରୁଦ ବ୍ୟବହାର ହେବାର ଥିଲା ତହିଁ ପୂର୍ବ ଦିନ କାରିଗର ଉକ୍ତ ଦ୍ରବ୍ୟ ପ୍ରସ୍ତୁତ କରି ଦୋକାନରେ ବନ୍ଦ କରି ରଖି ଆପଣା ଘରକୁ ଯାଇଥିଲା । ତାହାର ଯିବାର ଦୁଇ ଘଣ୍ଟା ଉତ୍ତାରୁ ଫସ୍ଫରସ୍ ଆପେ ଜ୍ୱଳିଉଠି ଦୋକାନରେ ଥିବା ମ ୩୦ ହଣ ବନ୍ଧୁକ ବାରୁଦ ଓ ଗୁଳି ସହିତ ତୋଟା ଇତ୍ୟାଦିରେ ଲାଗି ଅତି ଭୀଷଣ ଶବ୍ଦରେ ଘରକୁ ଫଟାଇ ଦେଇ ଗଲାଅତି ଛଣଘର ପଡିଲା ଓ ଦୋକାନର ଦୁଇପାଖଘର ପୋଡ଼ିଯାଇ ତାଲକୁ ଛିଣ୍ଡି ପଡବାରୁ ଅଗ୍ନି ଅଧିକ ବିସ୍ତାର ହୋଇପାରିଲା ନାହିଁ ନୋହିଲେ ଅନେକ ଲୋକଙ୍କ ଘର ପୋଡି ଯାଇଥାନ୍ତା ।

ଅଲିଗଡ଼ର ମୁସଲମାନଙ୍କ କଲେଜ ସକାଶେ ଅଯୋଧ୍ୟାର ଜଣେ ତାଲୁକଦାର ଗୋଟିଏ ମୌଜା ଦାନ କରିଅଛନ୍ତି ତହିଁର ମୂଲ୍ୟ ୮୧୫୦୦୦୦ ଙ୍କା ଏବଂ ବାର୍ଷିକ ଆୟ ୮ ୬୦୦୦ ଙ୍କା ଅଟଇ । ତାଲୁକଦାରଙ୍କର ଭାଇମାନେ ମଧ୍ୟ କିଛି କିଛି ଦେବା ଓ ଦାନ କରିଅଛନ୍ତି । ଏପ୍ରକାର ଦାନ ଅବଶ୍ୟ ପ୍ରଶଂସନୀୟ ଅଟଇ ।

ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି ଯେ କୃଷ୍ଣନଗରରେ ଆଉ ଗୋଟିଏ ତହବିଲ ଭାଙ୍ଗିବାର ମୋକଦ୍ଦମା ଉଦୟ ହୋଇଅଛି । ଏହା ସେଡସେସ ଆଫିସରେ ହୋଇଅଛି ଏବଂ ଏଥିରେ ପ୍ରାୟ ୮ ୧୪୦୦୦ ଙ୍କା ଅଦୃଶ୍ୟ ହେବାର ଅନୁମାନ ହୋଇଅଛି । ଉକ୍ତ ମହକୁମାର କର୍ତ୍ତାଙ୍କ ଉପରେ ସନ୍ଦେହ ହୋଇଅଛି ଓ ସେ ଆପଣାକୁ ଗୋପନ କରିଅଛନ୍ତି । ମାଜିଷ୍ଟ୍ରେଟ ସାହେବ ଏହାଙ୍କର ସମ୍ପତ୍ତି କ୍ରୋରକ କରିଅଛନ୍ତି । ବାଲେଶ୍ୱର ସେଡସେସ ମହକୁମାରେ ଯେଉଁ ତହବିଲ ଭାଙ୍ଗିବାର ମାମଲା ହୋଇଥିଲା ତଦ୍ୱାରା ହାକିମମାନେ ସତର୍କ ହୋଇ ନ ଥିଲେ ?

ଆମ୍ଭମାନଙ୍କର ବର୍ତ୍ତମାନ ଲେଫ୍ଟେନେଣ୍ଟ ଗବର୍ଣ୍ଣର ଇଡନ ସାହେବଙ୍କର ସ୍ତ୍ରୀ ଗତମାସ ତା ୧୦ ରଖରେ କଲିକତାରେ ମରିଯିବାର ସଂବାଦ ଅତ୍ୟନ୍ତ ଦୁଃଖର ସହିତ ଆମ୍ଭେମାନେ ସଂବାଦପତ୍ରମାନଙ୍କରେ ପାଠ କରିଅଛୁଁ । ସ୍ତ୍ରୀ ସଙ୍କେ ଦୁଃଖ ପଡବା ଅଧିକ ଶୋକର ବିଷୟ ଅଟଇ ।

ହିନ୍ଦୁପେଟ୍ରିଅଟରୁ ଏକ ବ୍ୟକ୍ତି ଲେଖିଅଛନ୍ତି କି ସେଠାର ଲବାସୀମାନେ ଶ୍ରୀମତୀ ଇଡେନ୍ସଙ୍କ ନିମନ୍ତେ ଗୋଟିଏ ଅଭିନନ୍ଦନପତ୍ର ପ୍ରସ୍ତୁତ କରି ମାଜିଷ୍ଟ୍ରେଟଙ୍କୁ ତାହା ପଠାଇବା କାରଣ ଅର୍ପଣ କରିବାକୁ ଇଚ୍ଛା କରିଥିଲେ କିନ୍ତୁ ମାଜିଷ୍ଟ୍ରେଟ ସଭ୍ୟମାନଙ୍କୁ ଏବିଷୟରେ ସାକ୍ଷାତ ଦେବାକୁ ଅସମ୍ମତ ହେଲେ । ସାହେବମାନଙ୍କର କେତେବେଳେ କି ମରଜି ହୁଅଇ କେହି ତାହା କହି ପାରିବ ନାହିଁ ।

ବୁଢ଼ିଗଙ୍ଗାର ମୁହାଣରେ ପଡ଼ିଥିବା ଚଡ଼ାସବୁକୁ ଖୋଲାଇ ନୌକା ଯାତାୟାତର ବାଟ କରିବା ସକାଶେ ତାହାର ଗ୍ରେଡସେସ ଫଣ୍ଡରୁ ୮ ୨୫୦୦୦ ଙ୍କାରେ ଗୋଟିଏ ମାଟି ଖୋଲା ଜାହାଜ ବିଲାତରୁ କିଣି ହୋଇ ଆସିଲା ମାତ୍ର କାର୍ଯ୍ୟକାଳ ଦେଖା ଗଲା ଯେ ତାହା କୌଣସି କର୍ମର ନୁହଇ । ଟାଉନସର ଟଙ୍କାସବୁ ଏହିପ୍ରକାରେ ଖର୍ଚ୍ଚ ହୋଇଯାଏ ।

ମାନ୍ଦ୍ରାଜର ଗବର୍ଣ୍ଣମେଣ୍ଟ ହେଧାଇଷ ଋତୁର ଅବସ୍ଥା ଏହିପ୍ରକାରରେ ବୁଝାଇ ଦେଉଅଛନ୍ତି କି ସ୍ୱଦେଶ ଜନ୍ମନରୁ ବୃଷ୍ଟି ଭରିବା ନାହିଁ ବରଂ ଶୀଘ୍ର ଶୀତକାଳ ଉପସ୍ଥିତ ହେବ ଓ ଅନ୍ତ ଏକବର୍ଷ ଦକ୍ଷିଣ କରିଭବର୍ଷ ଓ ଶୀଷ୍ଟମଣ୍ଡଳସ୍ଥ ସ୍ଥାନସବୁରେ ଉଣା ବୃଷ୍ଟି ହେବ ଏବଂ ସମମଣ୍ଡଳର ଛିନ୍ନ ପ୍ରଦେଶରେ ଏଥିର ବିପରୀତ ଫଳ ହେବ । ଯେବେ ଏ କଥା ସତ୍ୟ ହୁଅଇ ତେବେ ମାନ୍ଦ୍ରାଜ ଦୁର୍ଭିକ୍ଷ ଶୀଘ୍ର ଘୁଞ୍ଚିବ ନାହିଁ ।

୧୮୭୬ ମସିହା ପରୀକ୍ଷାରେ କଟକ ନର୍ମାଲ ସ୍କୁଲ ପଣ୍ଡିତବର୍ଗର ଯେଉଁ ଛାତ୍ର ପରୀକ୍ଷୋତ୍ତୀର୍ଣ୍ଣ ହୋଇଅଛନ୍ତି ସେମାନଙ୍କର ନାମ ତଳରେ ଲେଖାଗଲା ।

| ନାମ | ଯେଉଁଶ୍ରେଣୀରେ ପାସ |
| --- | --- |
| ୧ ଶ୍ରୀ ସ୍ୱାମଚରଣ ପଣ୍ଡା | ମଧ୍ୟମ ପ୍ରଥମଶ୍ରେଣୀ |
| ୨ ଶ୍ରୀ ନାରାୟଣ ମହାନ୍ତି | ଏଜନ |
| ୩ ଶ୍ରୀ ରାଧାକୃଷ୍ଣ ପଟ୍ଟନାୟକ | ଏଜନ |
| ୪ ଶ୍ରୀ ଚନ୍ଦ୍ରମଣି ଚୌଧୁରୀ | ନିମ୍ନ ପ୍ରଥମଶ୍ରେଣୀ |
| ୫ ଶ୍ରୀ ହରିହର ତ୍ରିପାଠୀ | ଏଜନ |
| ୬ ଶ୍ରୀ ଗଙ୍ଗେଶ୍ୱର ନାୟକ | ଏଜନ |
| ୭ ଶ୍ରୀ ରୁକ୍ମିଣୀମୋହ ପାଣ୍ଡ | ଏଜନ |
| ୮ ଶ୍ରୀ କୃଷ୍ଣପ୍ରସାଦ ସିଂହ | ମଧ୍ୟମ ୨ୟଶ୍ରେଣୀ |
| ୯ ଶ୍ରୀ ବୈରାଗୀ ପଟ୍ଟନାୟକ | ନିମ୍ନ ୨ୟଶ୍ରେଣୀ |
| ୧୦ ଶ୍ରୀ ସୁଦର୍ଶନ ବଳ | ଏଜନ |
| ୧୧ ଶ୍ରୀ ଅଭିରାମ ପାଣିଗ୍ରାହୀ | ଏଜନ |
| ୧୨ ଶ୍ରୀ ଗୌରଶ୍ୟାମ ପଣ୍ଡା | ଏଜନ |
| ୧୩ ଶ୍ରୀ ରାଧାବଲ୍ଲଭ ମୃଗର୍ନ୍ଦ୍ୟ | ଏଜନ |
| ୧୪ ଶ୍ରୀ ରାମଚନ୍ଦ୍ର ମିଶ୍ର | ଏଜନ |
| ୧୫ ଶ୍ରୀ ଜାନକୀରାମ ସିଂହ | ଏଜନ |
| ୧୬ ଶ୍ରୀ ଯୋଗୀ ଜେନା | ମଧ୍ୟମ ୩ୟଶ୍ରେଣୀ |
| ୧୭ ଶ୍ରୀ ଧ୍ୟାନକୃଷ୍ଣସିଂହମହାପାତ୍ର | ନିମ୍ନ ୩ୟଶ୍ରେଣୀ |
| ୧୮ ଶ୍ରୀ ମଧୁସୂଦନ ସାମନ୍ତ | ଏଜନ |
| ୧୯ ଶ୍ରୀ କହ୍ନାଇ ସାହୁ | ଏଜନ |
| ୨୦ ଶ୍ରୀ ନୀଳକଣ୍ଠ ମିଶ୍ର | ଏଜନ |
| ୨୧ ଶ୍ରୀ ଅର୍ତ୍ତତ୍ରାଣଚରଣ ସାମନ୍ତ | ଏଜନ |
| ୨୨ ଶ୍ରୀ ଜଗନ୍ନାଥ ଦାଶ | ଏଜନ |

Dwarka Nath Chukerburtty.
Supdt. C. N. School.

## ମୂଲ୍ୟପ୍ରାପ୍ତି ।

| | | | |
| --- | --- | --- | --- |
| ବାବୁ କୃଷ୍ଣମଣି ଆଚାର୍ଯ୍ୟ | କଟକ | ଅଗ୍ରୀମ | ୮ ୫ |
| ମୁନସି ସେଖକାଦର | ,, | ବକେୟା | ୮ ୪ |
| ବାବୁ ଲବଣ୍ୟ ଗୁଣ୍ଡିଆ | ,, | ଅଗ୍ରୀମ | ୮ ୩ |
| ଶ୍ରୀ ମହନ୍ତ ମଠ କୁଲଶୀପୁର | ,, | ବକେୟା | ୮ ୬ |
| ଶ୍ରୀଯୁକ୍ତ ଫେବ୍ରୁରସାହେବ | ,, | ,, | ୮ ୨ |
| ବାବୁ ସାରଥି ବୋଷ୍ | କଦମାଳ | ଅଗ୍ରୀମ | ୮ ୫ |
| ବାବୁ ଶ୍ୟାମସୁନ୍ଦରଦାସ | କଟକ | ବକେୟା | ୮ ୩ |

☞ ଏହି ଉତ୍କଳଦୀପିକା ସହରକଟକ ଦରଗାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

ଉତ୍କଳଦୀପିକା ତା ୧୭ ରଖ ଫିବୃଏରୀ ସନ ୧୮୭୭ ମସିହା ।

### ପ୍ରେରିତପତ୍ର ।

#### ପଦ୍ୟ ।

କାହୁଁ ଏ ଦୁରନ୍ତ ବରଷା ଆସିଲ ବସନ୍ତ କାଳରେ ହୋଇଲା ।
ତବା ଭଳି ଦଳକର ଶଶୀ ପ୍ରଭା ନାଶି ଦିଗନ୍ତ ଘୋଡାଇଲା । ଘୋଷା ।
ସ୍ନାନ ଦୂରେ ଥାଉ ଦେଖିଲା ମାତ୍ରକେ କଲତ ଖାଇ ଘୋଡାଇଲା ।
ଛିପି ଛିପି ପାଣି ଝୋପାଏ ପଡନ୍ତେ ଶରୀର କୋଲମାରିଗଲା । ୧ ।
ସକାଳୁ ଶେଯରୁ ଉଠିବାର ଇଚ୍ଛା ଥିଲେହେଁ ତ ଉଦେ ନୋହିଲା ।
ଘୋଡ ଘାଡ ହୋଇ ଶୋଇବା ସୁଖକୁ ବେଳକୁ ବେଳ ବଢାଇଲା । ୨ ।
ଶ୍ରମ ସାଧ୍ୟ କର୍ମ କରିବା ନିମନ୍ତେ ମନତ ଠୁଲେ ନ ଗୁହିଁଲା ।
"ଚୈତନ୍ତ ଯେମନ୍ତ ହାଣକୁ ନଅନ୍ତି" ସେହିରୂପ ଭାବ ଧଇଲା । ୩ ।
ଉଷ୍ମ ଅଶନ, ବସନ ଆସନ ସାଧାରଣଙ୍କୁ ଲୋଡାଇଲା ।
ଧନ ବସ୍ତ୍ର ହୀନ ଦରିଦ୍ରମାନଙ୍କୁ ଦୁଃଖ ସାଗରେ ବୁଡାଇଲା । ୪ ।
ଆହା ! କି ସୁନ୍ଦର ଯାଗର ଯାତିଗ୍ ସଙ୍ଗତରେ ହଟ ବହିଲା ।
ଝର ଝର ଫରଫରରେ ସେ ଦିନ ପରମ ସୁଖ ଭଙ୍ଗାଇଲା । ୫ ।
ଥିଲ ବଡ ଆଶ ଆମ୍ବକଲ ନାଶ ସେଥିରେ କି ଯଶ ପାଇଲା ।
କେବଳ ତାହାର ବଡିମା ନିମନ୍ତେ ଜନମାନଙ୍କୁ ସନ୍ତାଇଲା । ୬ ।
ନାନା ଅମଙ୍ଗଳ କାରଣର ମୂଳ ଦନ୍ଦୁଦନ୍ଦ ବୃଦ୍ଧି ହୋଇଲା ।
ଜଗେ ଦୀନହୀନ ଅଛେ ନିରଞ୍ଜନ ନ ରଖିଲେ ସବୁ ସଇଲା । ୭ ।

ତା ୧୩ ରଖ ଫିବୃଏରୀ ସନ ୧୮୭୭ ମସିହା ।

---

### ଓଡଶା ବିଭାଗ ।

୧୮୭୬ ସାଲର ମାଇନର ଓ ଇଣ୍ଟ୍ରାନ୍ସ୍‌ଲର ଛାତ୍ରବୃତ୍ତି ପରୀକ୍ଷାର ଫଳ ପାରଦର୍ଶିତା ଅନୁସାରେ—

#### ମାଇନର ଛାତ୍ରବୃତ୍ତି ।

##### ପ୍ରଥମ ବିଭାଗ ।

| | | | |
|---|---|---|---|
| ୧ | ହୀରାଲାଲ ପାଣ୍ଡେ | କଟକ ବକ୍ସିବଜାର | ସ୍କୁଲ |

##### ଦ୍ୱିତୀୟ ବିଭାଗ ।

| | | | |
|---|---|---|---|
| ୨ | ଗୁଜବଲ୍ଲଭ ନାୟକ | ଭଦରଖ | " |
| ୩ | ସହଦେବ ଦାସ | କଟକ ବକ୍ସିବଜାର | " |
| ୪ | ଚକ୍ରଧର ପଟ୍ଟନାୟକ | ଖୋରଧା | " |

##### ତୃତୀୟ ବିଭାଗ ।

| | | | |
|---|---|---|---|
| ୫ | ବୈକୁଣ୍ଠନାଥ ଆଚ | ବାଲେଶ୍ୱର ସେଣ୍ଟଯୋସେଫ୍‌ସ୍ | ସ୍କୁଲ |
| ୬ | ଲୋକନାଥ ଦାସ | ଖୋରଧା | ସ୍କୁଲ |
| ୭ | ଲାଲ ରାମପ୍ରସାଦ ଗୁପ୍ତ | ଭଦରଖ | " |
| ୮ | ରଘୁନାଥ ପାଢ଼ୀ | ଶ୍ରୀକୃଷ୍ଣପୁର | " |
| ୯ | ବଳଭଦ୍ର ଦାସ | କେନ୍ଦ୍ରାପଡ଼ା | " |
| ୧୦ | ଜଗମୋହନ ଗୁଡ଼ିଆ | ଖୋରଧା | ସ୍କୁଲ |
| ୧୧ | ଚଣ୍ଡିଚରଣ ବନ୍ଦ୍ୟୋପାଧ୍ୟାୟ | ଭଦରଖ | " |
| ୧୨ | ଦାମୋଦର ବେହେରା | ସୁନ୍ଦରଗାଁ | " |
| ୧୩ | ଫକୀରଚରଣ ଦୁବେ | କଟକ ବକ୍ସିବଜାର | " |
| ୧୪ | ପ୍ୟାରୀମୋହନ ଭଟ୍ଟାଚାର୍ଯ୍ୟ | ଭଦରଖ | " |
| ୧୫ | ଦାଶରଥି ମହାନ୍ତି | ଖୋରଧା | " |
| ୧୬ | ଦିବାକର ସାହୁ | କଟକ ବକ୍ସିବଜାର | " |
| ୧୭ | ଶମ୍ଭୁନାଥ ଦାସ | ସୁନ୍ଦରଗାଁ | " |
| ୧୮ | ପଦନ ସାହୁ | ମିଶନ | " |
| ୧୯ | ମଦନ ମୋହନ ଦାସ | ଯାଜପୁର | " |
| ୨୦ | ଦ୍ୱାରିକାନାଥ ଆଚ | ବାଲେଶ୍ୱର ସେଣ୍ଟଯୋସେଫ୍‌ସ୍ | ସ୍କୁଲ |
| ୨୧ | ନୀଳମଣି ଶାସ୍ତ୍ରୀ | ଯାଜପୁର | ସ୍କୁଲ |
| ୨୨ | ସଚ୍ଚିଦାନନ୍ଦ ସାହୁ | କଟକ ପିଠନସାହୀ | " |

---

#### ଇଣ୍ଟ୍ରାନ୍ସ୍‌ଲର ଛାତ୍ରବୃତ୍ତି ।

##### ପ୍ରଥମ ବିଭାଗ ।

| | | | |
|---|---|---|---|
| ୧ | ଶମ୍ଭୁନାଥ କର | କଟକ ମଡେଲ | ସ୍କୁଲ |

##### ଦ୍ୱିତୀୟ ବିଭାଗ ।

| | | | |
|---|---|---|---|
| ୨ | ବ୍ରଜକିଶୋର ବିଶ୍ୱାଳ | କଟକ ମଡେଲ | " |
| ୩ | ଜଗନ୍ନାଥ ଦାସ | ପୁରୀ ଇଣ୍ଟ୍ରାନ୍ସ୍‌ଲର | " |
| ୪ | ଉଦୟନାରାୟଣ ଦାସ | ବାରବାଟୀ | " |
| ୫ | ରାଧାଶ୍ୟାମ ଦାସ | କଟକ ମଡେଲ | " |
| ୬ | ଅଜିମ ଉଲ୍ଲା | ବାରବାଟୀ | " |
| ୭ | ନାରାୟଣ ପଣ୍ଡା | ଢେଙ୍କାନାଳ | " |
| ୮ | ଶେଖ ଜମିର ଉଦ୍ଦୀନ | ମହାସିଂହ ପୁର | " |
| ୯ | ନୀଳକାନ୍ତ ମୁଖୁର୍ଯ୍ୟା | ବାଁଗଡିହା | " |
| ୧୦ | କୃଷ୍ଣପ୍ରସାଦ ଦାସ | ଭୋଗରାଇ | " |
| ୧୧ | ଅଭିରାମ ମହାନ୍ତି | ଚଣାହଟୀ | " |
| ୧୨ | ଭୁବନେଶ୍ୱର ପଟ୍ଟନାୟକ | ଢେଙ୍କାନାଳ | " |
| ୧୩ | ସୁଦର୍ଶନ ସିଂହ | ବାରବାଟୀ | " |

##### ତୃତୀୟ ବିଭାଗ ।

| | | | |
|---|---|---|---|
| ୧୪ | ଗୌରୀଚରଣ ପଟ୍ଟନାୟକ | ଢେଙ୍କାନାଳ | " |
| ୧୫ | ନାରାୟଣ ଦାସ | ଅନୁଗୁଳ | " |
| ୧୬ | କୃଷ୍ଣମୋହନ ଦାସ | ଛତ୍ରମ | " |
| ୧୭ | ନରହରି ମହାନ୍ତି | ତାଲପଦା | " |

Split by PDF Splitter
Digitized by srujanika@gmail.com

Split by PDF Splitter



| | | | |
|---|---|---|---|
| ୧୮ | ନାରାୟଣ ଦାସ | ଝାଁଲା | ସ୍କୁଲ |
| ୧୯ | ବାଲୁଙ୍କୀ ଜେନା | ବେରବୋଇ | ” |
| ୨୦ | ସ୍ୱପ୍ନେଶ୍ୱର ପାଣି | ଛମାପଡ଼ା | ” |
| ୨୧ | ଶ୍ରୀବତ୍ସ ଦାଶ ରଥ | କଟକ ମଡେଲ | ” |
| ୨୨ | ଗୋପାଳଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ | ପୁରୀ ଗର୍ଣ୍ଣମେଣ୍ଟ ଭର୍ଣ୍ଣାକ୍ୟୁଲର | ” |
| ୨୩ | ଗୋବିନ୍ଦ ପଟ୍ଟନାୟକ | ଢେଙ୍କାନାଳ | ” |
| ୨୪ | ଗୋଲକ ପ୍ରସାଦ ସିଂହ | ବାସୁଦେଇ | ” |
| ୨୫ | ଦୁର୍ଗାଚରଣ ମହାନ୍ତି | ଗୋପେ | ” |
| ୨୬ | ଗୋବିନ୍ଦ ପ୍ରସାଦ ଦାସ | ଗୋପେ | ” |
| ୨୭ | ଅଭୟାନନ୍ଦ ପାଢ଼ୀ | ଇରମ | ” |
| ୨୮ | ଦାଶରଥି ମହାପାତ୍ର | ସାନ୍ତପୁର | ” |
| ୨୯ | ଗୁରୁପ୍ରସାଦ ପାଢ଼ୀ | ଇରମ | ” |
| ୩୦ | ରାମଲାଲ ଦାସ | ଭୋଗରେଇ | ” |
| ୩୧ | ମାର୍କଣ୍ଡ ସେନାପତି | ବୋଲସାହି | ” |
| ୩୨ | ଗୌରବଲ୍ଲଭ ହଜରା | କଟକ ମଡେଲ | ” |
| ୩୩ | ଭଗବାନପ୍ରସାଦ ଦାସ | ଅଗଡ଼ାପାଳ ସ୍କୁଲପଣ୍ଡିତ | |
| ୩୪ | ଚିନ୍ତାମଣି କର | ମହାସିଂହପୁର | ସ୍କୁଲ |
| ୩୫ | ସୋମନାଥ ଦାସ | ଟିଙ୍ଗଲେ ପାଠଶାଳା ଅବଧାନ | |
| ୩୬ | ଚନ୍ଦ୍ରମୋହନ ମହାରଣା | ରେମୁଣା | ସ୍କୁଲ |
| ୩୭ | ଜାନକୀବଲ୍ଲଭ ପାଢ଼ୀ | ଇରମ | ” |
| ୩୮ | ବାଲକୃଷ୍ଣ ଦାସ | ଚଣାହଟା | ” |
| ୩୯ | ଗିରିଧାରୀ ନନ୍ଦ | ମହାସିଂହପୁର | ” |
| ୪୦ | ଫକୀରଚରଣ ମହାନ୍ତି | ଚଣାହଟା | ” |
| ୪୧ | ଗୋବିନ୍ଦ ଗୁପ୍ତ | ବାଁଗଡହା | ” |
| ୪୨ | ଶିବଚନ୍ଦ୍ର ବେଜ | ଦେହୁଡ଼ା | ” |
| ୪୩ | ମାଧବାନନ୍ଦ ଦାସ | ସାନ୍ତପୁର | ” |
| ୪୪ | ନାରାୟଣପ୍ରସାଦ ଜେନା | ବାସୁଦେଇ | ” |
| ୪୫ | ବଳରାମ ସିଂହ | ସାନ୍ତପୁର | ” |
| ୪୬ | ଚିନ୍ତାମଣି ଦତ୍ତ | ଦେହୁଡ଼ା | ” |
| ୪୭ | ଭାଗବତ ପରିଡ଼ା | ପଟ୍ଟାମୁଣ୍ଡେଇ | ” |
| ୪୮ | ରଘୁନାଥ ଦାସ | ଗୋପେ | ” |
| ୪୯ | ଭିକାରୀ ଶତପଥୀ | କଟକ ମଡେଲ | ” |
| ୫୦ | ନାରାୟଣପ୍ରସାଦ ପଟ୍ଟନାୟକ | ଗୋପେ | ” |
| ୫୧ | ଜଗନ୍ନାଥ ଅଡ଼ି | ପୁରୀ ଭର୍ଣ୍ଣାକ୍ୟୁଲର | ” |
| ୫୨ | ଭାଗୀରଥି ପଟ୍ଟନାୟକ | ଭୁବନେଶ୍ୱର | ” |
| ୫୩ | ରାମଚନ୍ଦ୍ର ଚଟ୍ଟୋପାଧ୍ୟାୟ | ଭଦ୍ରକ | ” |
| ୫୪ | ଗୁରୁନାରାୟଣ ଦାସ | ଗୋପେ | ” |
| ୫୫ | ବ୍ରହ୍ମାନନ୍ଦ ମହାନ୍ତି | ସୁନ୍ଦରଗାଁ | ” |
| ୫୬ | ହରିହର ପାଣିଗ୍ରାହୀ | ବୋଲସାହି | ” |
| ୫୭ | ସୂର୍ଯ୍ୟମଣି ଦାସ | ଛମାପଡ଼ା | ” |
| ୫୮ | ହାଫିସ ମହମ୍ମଦ | ବ୍ରହ୍ମାନନ୍ଦପୁର | ” |
| ୫୯ | ନରସିଂହଚରଣ ମହାନ୍ତି | ପଟ୍ଟାମୁଣ୍ଡେଇ | ” |
| ୬୦ | ଗଙ୍ଗାଧର ମହାନ୍ତି | ଏଡ଼ିକ | ” |

| | | | |
|---|---|---|---|
| ୬୧ | ଈଶ୍ୱରମହାନ୍ତି | ଚଣାହଟା | ସ୍କୁଲ |
| ୬୨ | କାହ୍ନୁଚରଣପାଢ଼ୀ | ବୋଲସାହି | ” |
| ୬୩ | ମଧୁସୂଦନପାଣ୍ଡେ | ପୁରୀ ଭର୍ଣ୍ଣାକ୍ୟୁଲର | ” |
| ୬୪ | ଜୟକୃଷ୍ଣମିଶ୍ର | ଅଠଗଡ଼ | ” |
| ୬୫ | ବାସୁଦେବ ପଟ୍ଟନାୟକ | ବାରବାଟୀ | ” |
| ୬୬ | ଜଗନ୍ନାଥତ୍ରିପାଠୀ | ବେରବୋଇ | ” |
| ୬୭ | ସୋମନାଥଚକ୍ରବର୍ତ୍ତୀ | ଝାଁଲା | ” |
| ୬୮ | ଗୋପବନ୍ଧୁଗୁପ୍ତ | ବେଗୁନିଆ | ” |
| ୬୯ | ମହାଦେବଦାସ | ରାମଚନ୍ଦ୍ରପୁର | ” |
| ୭୦ | ସୁଦର୍ଶନମହାନ୍ତି | ଗୋପେ | ” |
| ୭୧ | ଦିବାକରମହାନ୍ତି | ଛମାପଡ଼ା | ” |
| ୭୨ | ମାର୍କଣ୍ଡଦାସ | ପୁରୀ ବଂଶୀ | ” |
| ୭୩ | ସାଧୁଚରଣବନ୍ଦ୍ୟୋପାଧ୍ୟାୟ | ଅମରେଶ୍ୱର | ” |
| ୭୪ | କହ୍ନାଇଚରଣଭଟ୍ଟାଚାର୍ଯ୍ୟ | ମହାଗ୍ରାମ | ” |

N. K. Dass
*Joint Inspector of schools*
*Orissa Circle.*

---

ନିମ୍ନ ଲିଖିତ ଲୋୟର ମିଡଲ ଛାତ୍ରବୃତ୍ତି ପରୀକ୍ଷୋତ୍ତୀର୍ଣ୍ଣ ବାଳକମାନେ ବୃତ୍ତି ପାଇଅଛନ୍ତି ।

ପୁରୀଜିଲା ।

| | | |
|---|---|---|
| ଅନ୍ତର୍ଯ୍ୟାମୀ ପଟ୍ଟନାୟକ | ଗୋରଡ଼ିଆ ପାଠଶାଳା | |
| ମହାଦେବ ମିଶ୍ର | ରୂପଦେଇପୁର | ” |
| ବନମାଳୀ ଷଡ଼ଙ୍ଗୀ | ଏଡ଼ିକ | ” |
| ଜଗବନ୍ଧୁଦାସ | ଗୁଡ଼ିପଡ଼ା | ” |

ବାଲେଶ୍ୱର ।

| | | |
|---|---|---|
| କୈଳାସଚନ୍ଦ୍ର ମିଶ୍ର | ଅନନ୍ତପୁର | ” |
| ଲୋକନାଥ ବେହେରା | ଅଗଡ଼ାପାଳ | ” |
| ନନ୍ଦଗୋବିନ୍ଦ ମହାପାତ୍ର | ଇସପୁର | ” |
| ହେମଚନ୍ଦ୍ର ରାୟ | ପଶ୍ଚିମବାର | ” |

କଟକ ।

| | | |
|---|---|---|
| ବ୍ରହ୍ମାନନ୍ଦ ସାମନ୍ତରାୟ | ସାଲେପୁର | ” |
| ଚତୁର୍ଭୁଜ ଦାସ | ଭିଟରଗଡ଼ | ” |
| ଉଦୟନାଥ ମହାନ୍ତି | ଉତ୍ତର | ” |
| ଦିବ୍ୟସିଂହ କର | ଗାଲିପୁର | ” |
| ବାସୁଦେବ ପଣ୍ଡା | ଜଗଳ | ” |
| ଗୋବିନ୍ଦପ୍ରସାଦ ଦତ୍ତ ( ଇଣ୍ଡରମିଡିଏଟ ଅଙ୍ଗରେ ଭର୍ଣ୍ଣାକ୍ୟୁଲର ଛାତ୍ର ) | ଜଗତସିଂହପୁର | ” |

N. K. Dass
*Joint Inspector of schools*
*Orissa Circle.*

---

☞ ମୂଲପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୨ଶ } ତା ୩ ରିଖ ମାର୍ଚ୍ଚ ସନ ୧୮୭୭ ମସିହା । ମୁ । ଫାଲ୍‌ଗୁନ ଦି ୨୨ ନ ସନ ୧୨୮୪ ସାଲ ଶନିବାର { ଅଗ୍ରିମ ବାର୍ଷିକମୂଲ୍ୟ ଟ୨୦
ସଂ ୯ ଖ୍ୟା } ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୨୮୦
ମଫସଲପାଇଁ ଡାକମାସୁଲ ଟ୧୫୦

ପୁରୀରେ ଗୋବିନ୍ଦଦ୍ୱାଦଶୀ ଉପଲକ୍ଷରେ କେତେଯାତ୍ରୀ ହୋଇଥିଲେ ଓ ତାହାଙ୍କ ନିମନ୍ତେ କିରୂପ ବନ୍ଦୋବସ୍ତ ହୋଇଥିଲା ତହିଁର ସବିଶେଷ ବୃତ୍ତାନ୍ତ ଅଦ୍ୟାପି ଆମ୍ଭେମାନେ ପ୍ରାପ୍ତ ହୋଇ ନାହୁଁ । ଜନରବ ଯେ ଆଉ କୌଣସି ପର୍ବ ଉପଲକ୍ଷେକେବେ ଏତେ ଯାତ୍ରୀଭିଡ ଦେଖାଯାଇ ନ ଥିଲା । ଭିଡ ହେବାରୁ ଜଗନ୍ନାଥ ଦେବଙ୍କ ମନ୍ଦିରର ଦ୍ୱାର ଫିଟାଇବାର ଦୁରୂହ ହୋଇ ଥିଲା । ଏକାଦଶୀଦିନ ସନ୍ଧ୍ୟାରୁ ଦ୍ୱାର ଫିଟାଇବାରେ କେତେକଜଣ ହତ ଓ ଆହତ ହୋଇ ଅଛନ୍ତି । ଦ୍ୱାଦଶୀଦିନ ଦ୍ୱାର ବରାବର ବନ୍ଦ ଥିଲା । ଲୋକ ପ୍ରାଚୀର ଉପରଦେଇ ଯିବା ଆସିବା କରୁଥିଲେ । ଖାଦ୍ୟଦ୍ରବ୍ୟ ସୁବିଧାକ୍ରମେ ନ ମିଳିବାରୁ କେତେକ ଲୋକ ମହାପ୍ରସାଦ ଛଡାଛଡି କରି ଖାଇଗଲେ । ଦର୍ଶନ ନ କରି ଅନେକ ଯାତ୍ରୀ ଫେରି ଯାଉଅଛନ୍ତି । ସ୍ଥାନର ତାରତମ୍ୟାନୁସାରେ ଘରଭଡା ଜଣ ମନୁଷ୍ୟରେ ଏକଟଙ୍କାଠାରୁ ଛଅଟଙ୍କା ପର୍ଯ୍ୟନ୍ତ ହୋଇଥିଲା । ବୁଡଦେବା ସମୟରେ କେତେଜଣ ସମୁଦ୍ରରେ ବୁଡି ମରିଥିବାର ଶୁଣାଯାଉ ଅଛି । ଓଲାଉଠା ରୋଗ ବିଶେଷ ପ୍ରବଳ ନ ଥିଲେ ହେଁ ତହିଁରେ ମନୁଷ୍ୟ ମରିବାର ବନ୍ଦ ନାହିଁ ।

———

ଗତମାସ ତା ୧୯ ରିଖର ହିନ୍ଦୁପେଟ୍ରିଅଟରେ ପୁରୀର ମହନ୍ତ ନାରାୟଣଦାସଙ୍କର ଗୁଣାବଳି ନିମ୍ନଲିଖିତରୂପେ ଲେଖା ହୋଇଅଛି । ସମ୍ପାଦକ ବୋଲନ୍ତି କି ଜଣେ ମୁସଲମାନ ପତ୍ରପ୍ରେରକଠାରୁ ତାହା ଅବଗତ ହୋଇ ଅଛନ୍ତି ଏଥିରେ ମହନ୍ତଙ୍କ ଗୌରବ ଅଧିକ ବର୍ଦ୍ଧିତ ହୋଇଅଛି କାରଣ ପତ୍ରପ୍ରେରକ ଧର୍ମ ବିଦ୍ୱେଷ ବିସ୍ମରଣ କରି ଜଣେ ହିନ୍ଦୁ ମହନ୍ତର ପ୍ରଶଂସା କରିଅଛି ଯଥା;—

"ମହନ୍ତ ସଂସାରର ସୁଖ ତ୍ୟାଗ କରିଥିଲେ ହେଁ ସତ୍କାର୍ଯ୍ୟରେ ତାହାଙ୍କୁ କେହିବଳିଯାଇ ନାହିଁ । ଏହାଙ୍କର ଆୟ ଅନେକ ଓ ତାହାସବୁ ସେ ଲୋକଙ୍କ ଉପକାର ନିମିତ୍ତ ବ୍ୟୟ କରନ୍ତି । ଦୁଃଖିଙ୍କ ସକାଶେ ଏହାଙ୍କଦ୍ୱାର ସର୍ବଦା ମେଲ ରହିଅଛି । ଦୁଃଖିମାନଙ୍କୁ ଆହାର ବସ୍ତ୍ର ଓ ନଗଦଟଙ୍କା ସୁଦ୍ଧା ଦିଅନ୍ତି ଏବଂ ଆପଣାମଠରେ ଗୋଟିଏ ସଂସ୍କୃତ ବିଦ୍ୟାଳୟ କରି ତ ୨୦ ଜଣ ଛାତ୍ରଙ୍କୁ ଅନ୍ନ ବସ୍ତ୍ର ସହିତ ଶିକ୍ଷା ଦେଉଅଛନ୍ତି । ଏହାଙ୍କର ଭାବ ଅତି ପ୍ରଶସ୍ତ ଓ ବଙ୍ଗଳା ଓ ଓଡ଼ିଆଭାଷାର ଅନେକ ସଂବାଦପତ୍ର ପାଠ କରନ୍ତି ଏବଂ ଦର୍ଶକଙ୍କ ସହିତ ଶାସ୍ତ୍ରର ଚର୍ଚ୍ଚା ପ୍ରତିଦିନ କରନ୍ତି । ଗତ ଦରବାରରେ ସେ ପ୍ରଶଂସାପତ୍ର ପାଇ ଅଛନ୍ତି ଏବଂ ତାହାଙ୍କର ଖ୍ୟାତି ପ୍ରକାଶ ଅଛି ।"

ଅନ୍ୟାନ୍ୟ ମହନ୍ତମାନେ ଏହିପରି ଖ୍ୟାତିର ଭାଜନ ହେବାକୁ ଚେଷ୍ଟା କରୁ ନାହାନ୍ତି କାହିଁକି ଏବଂ କି କାରଣରୁ ଅବା ମହନ୍ତ ମୋହନ ଦାସଙ୍କର କିଛିମାତ୍ର ନାମ ହେଉ ନାହିଁ ?

———

ମାନ୍ୟବର ଇଡନସାହେବ ବଙ୍ଗଳାର ଲେଫ୍‌ଟନଣ୍ଟ ଗବର୍ଣ୍ଣର ହେବାରେ ଦୁଃଖିଅମଲାମାନଙ୍କର ଶୁଭଦିନ ଫେରି ଆସିଅଛି ହିନ୍ଦୁପେଟ୍ରିଅଟରେ ଏପରି ସମ୍ବାଦ ଶୁଣି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ପାଠକମାନେ ଜାଣନ୍ତି ଯେ ପୂର୍ବେ ଜିଲାହାକିମମାନେ ଅମଲାକୁ ମାଲୁଲକଲେ ଅନେକ ସ୍ଥଳରେ ସେମାନେ ସଦରରେ ଅପିଲକରି ବାହାଲ ହୋଇ ଆସୁଥିଲେ । ପ୍ରାୟ ଦଶବର୍ଷ ହେବ ଆଉ ସେରୂପ ଦେଖା ନାହିଁ । ଏବେ ଅମଲା କେହି ମାଲୁଲ ହୋଇ ସଦରରେ ଅପିଲ କଲେ ପ୍ରାୟ ସମସ୍ତ ସ୍ଥଳରେ ଏହିରୂପ ଉତ୍ତର ଆସଇ ଯଥା; 'ହସ୍ତକ୍ଷେପଣ କରିବାର କୌଣସି କାରଣ ଦୃଷ୍ଟି ହେଉ ନାହିଁ' । ଏଥିରେ ମୋଫସଲ ହାକିମମାନେ ଉତ୍ସାହିତ ହୋଇ ଅଳ୍ପ ବା ବିନାଦୋଷରେ ଆପଣା ଲୋକକୁ ପ୍ରତିପାଳନ କରିବା କାରଣ ଅମଲାଙ୍କୁ ମାଲୁଲ କରନ୍ତି ଓ ସେମାନେ ନିରୁପାୟ ହୋଇ ରହନ୍ତି ଓ କେହି ଅପିଲ କଲେ ସୁଦ୍ଧା କିଛି ଫଳ ହୁଅଇ ନାହିଁ । କାମ୍ବେଲସାହେବଙ୍କ ଲେଫ୍‌ଟେନଣ୍ଟ ଗବର୍ଣ୍ଣରୀ ସମୟରୁ ଏ ନ୍ୟାୟଟି ପ୍ରବଳ ହୋଇ ଉଠିଲା ଓ କଥିତ ହୁଅଇ ଯେ ଅମଲା ମାଲୁଲର ଅପିଲ ଦରଖାସ୍ତ ଲେଫ୍‌ଟନଣ୍ଟ ଗବର୍ଣ୍ଣରଙ୍କ ଗୋଚରରେ ଆସୁ ନ ଥିଲା । ସେକ୍ରେଟରୀଙ୍କ ମଞ୍ଜୁରୀରେ ଚିଠି ପତ୍ର ଲେଖିବାର କିରାନିମାନେ ଉପରଲିଖିତ ପ୍ରକାର ଉତ୍ତର ଦେଇ ମାମଲା ଶେଷ କରୁଥିଲେ ।

Digitized by srujanika@gmail.com

Split by PDF Splitter



ମାତ୍ର ସମ୍ପ୍ରତି ମାନ୍ୟବର ଇଡନସାହେବଙ୍କ ଦରବାର ଓ ସେ ଯେମନ୍ତ ଚତୁର ତାହା ଏଠା ଲୋକଙ୍କ ଅବିଦିତ ନୁହଇ । ସେ ନିୟମ କରୁଅଛନ୍ତି କି ଏପରି ସବୁ ଦରଖାସ୍ତ ତାହାଙ୍କ ନିକଟରେ ଦାଖଲ ହେବ ଓ ସେ ସ୍ୱୟଂ ବିବେଚନା କରି ଆଜ୍ଞା ଦେବେ । ଏହି ନିୟମାନୁସାରେ କାର୍ଯ୍ୟ ହେବାରୁ ଲେଫ୍‌ଟନାଣ୍ଟ ଗବର୍ଣ୍ଣର ସାହେବ କେତେଗୁଡ଼ିଏ ଅନ୍ୟାୟରୂପେ ମାଲୁଲ ହୋଇଥିବା ଅମଲାଙ୍କୁ ବାହାଲ କଲେଣି ଏବଂ ସର୍ବସାଧାରଣଙ୍କର ଏମନ୍ତ ବିଶ୍ୱାସ ହୋଇ ଅଛି ଆଉ ମୋଫସଲ ହାକିମଙ୍କର ଅନ୍ୟାୟ ବିଚାର ଚଳିପାରିବ ନାହିଁ । ଉଚିତର ହାକିମଙ୍କର ଏହିପରି ବିଚାର ପ୍ରଶଂସନୀୟ ଅଟଇ ।

———

ଗତମାସ ତା ୧୯ ରଖରେ ଶେଷ ହେବା ସପ୍ତାହ ବାବତ ଭାରତବର୍ଷର ଋତୁ ଓ ଶସ୍ୟ-ସମ୍ପର୍କୀୟ ବିଜ୍ଞାପନୀରୁ ଉଲ୍ଲିଖିତ ବିଷୟମାନ ସର୍ବସାଧାରଣଙ୍କ ଗୋଚରାର୍ଥେ ଉଦ୍ଧୃତ କଲୁଁ ଯଥା;

ମାନ୍ଦ୍ରାଜପ୍ରଦେଶରେ ଉତ୍ତର ଆରକଟ, କଡ଼ାପା, ସାଲେମ, କୋଏମ୍ବଟୁର ଏବଂ ତିନ୍ନିବେଲିରୁ ସାମାନ୍ୟ ବୃଷ୍ଟି ହେବାର ସମ୍ବାଦ ଆସିଅଛି । ନେଲୋରରୁ କିଛି ସମ୍ବାଦ ଆସି ନାହିଁ ଏବଂ ମାଲବାରରେ କେତେ ଲୋକ ସାହାଯ୍ୟକାର୍ଯ୍ୟରେ ନିଯୁକ୍ତ ଅଛନ୍ତି ତାହାସୁଦ୍ଧା ଜଣା ନାହିଁ । ଏ ପ୍ରଦେଶରେ ସର୍ବସୁଦ୍ଧା ଜ ୮୧୫୯୭୯ ଣ ଦୁର୍ଭିକ୍ଷସାହାଯ୍ୟ କାର୍ଯ୍ୟରେ ମୂଲ ଲାଗିବାର ସମ୍ବାଦ ଆସିଅଛି । ବେଲାରିରେ ପ୍ରାୟ ୬୫୦୦୦ ଏବଂ ସାଲେମରେ ୯୪୦୦ ଜଣ ଅଧିକା କର୍ମ କରୁଅଛନ୍ତି । କର୍ନୁଲରେ ୪୮୦୦୦ ଏବଂ କଡ଼ାପାରେ ୧୭୦୦୦ ଲୋକ ଊଣା ହୋଇ ଅଛନ୍ତି । ବମ୍ବାଇପ୍ରଦେଶରେ ଅକାଳବୃଷ୍ଟିଦ୍ୱାରା ଠାଣା, ନାଶିକ ଓ ଗୁଜରାଟରେ ଫସଲ ନଷ୍ଟ ହୋଇଅଛି । ସିନ୍ଧୁ ଓ ଦକ୍ଷିଣଦେଶରେ କିଛି ବର୍ଷା ହୋଇଅଛି । ମହୀସୁରରେ ବର୍ଷା ହୋଇ ନାହିଁ । ମଧ୍ୟପ୍ରଦେଶର ଅନେକ ସ୍ଥଳରେ ବୃଷ୍ଟି ହୋଇଥିଲା ଓ ତହିଁରେ ରବିଫସଲ କେତେକପରିମାଣରେ ନଷ୍ଟ ପଡ଼ିଅଛି ବିହାରରେ ଶସ୍ୟ ଅମଳ ହେଉଅଛି । ମଧ୍ୟଭାରତବର୍ଷ ଏବଂ ରାଜପୁତାନାରେ ବର୍ଷା ହୋଇଅଛି ଓ ଫସଲର ଅବସ୍ଥା ଭଲ ଅଟଇ । ବଙ୍ଗପ୍ରଦେଶର ସର୍ବତ୍ରରେ ବୃଷ୍ଟି ହୋଇଅଛି ଓ ତଦ୍ଦ୍ୱାରା ରବିଫସଲର କିଛି କ୍ଷତି ହୋଇଅଛି ମାତ୍ର ନୀଳ ଏବଂ ତାଲୁଅଧାନର ଉପକାର ହୋଇଅଛି । ଉତ୍ତରପଶ୍ଚିମ, ଅଯୋଧ୍ୟା ଓ ପଞ୍ଜାବରେ ପ୍ରାୟ ସର୍ବତ୍ର ବୃଷ୍ଟି ହୋଇଅଛି ଓ ଫସଲର ଅବସ୍ଥା ଉତ୍ତମ ଜଣାଯାଏ ।

ଅନ୍ୟାନ୍ୟ ସମ୍ବାଦପତ୍ରମାନଙ୍କରୁ ଜଣାଯାଏ ଯେ ମାନ୍ଦ୍ରାଜ ଓ ବମ୍ବେଇର ଦୁର୍ଭିକ୍ଷ କିଛିମାତ୍ର ଊଣା ହୋଇ ନାହିଁ ଓ ଯଦ୍ୟପି କି ସାହାଯ୍ୟପ୍ରାର୍ଥିଙ୍କ ସଂଖ୍ୟା ଏକ ସ୍ଥାନରେ ଊଣା ପଡ଼ୁଅଛି ତାହା ଏକାରଣରୁ ନୁହଇ ଯେ ଦୁର୍ଭିକ୍ଷ ଊଣା ପଡ଼ୁଅଛି ମାତ୍ର ସାହାଯ୍ୟବ୍ୟୟ ଲାଘବ ପକ୍ଷରେ ଅଧିକ ଦୃଷ୍ଟି ପଡ଼ୁଅଛି । ଏଥିର ଫଳ କେପର୍ଯ୍ୟନ୍ତ ସନ୍ତୋଷଜନକ ହୋଇଅଛି ଜଣାପଡ଼ୁ ନାହିଁ ଦୁର୍ଭିକ୍ଷପୀଡ଼ିତ ସ୍ଥାନମାନଙ୍କରେ ଓଲାଉଠା ମଧ୍ୟ ଆପଣା ପରାକ୍ରମ ପ୍ରକାଶ କରୁଅଛି । କେବେ ଏପରି ଶୋଚନୀୟ ଅବସ୍ଥା ମେଣ୍ଟିଯିବ କିଛି ସ୍ଥିର ହୋଇ ପାରୁ ନାହିଁ ।

———

ଗବର୍ଣ୍ଣମେଣ୍ଟ ସନ ୧୮୬୩ ସାଲର ଅ ୨୦ ଆଇନ ଜାରି କରି ନିଶ୍ଚିନ୍ତ ହୋଇ ବସିବାର ଜଣାଯାଏ ମାତ୍ର ଉକ୍ତ ଆଇନ ଯେ ଦୋଷରେ ପରିପୂର୍ଣ୍ଣ ଓ ସଦାବର୍ତ୍ତ ଅନୁସନ୍ଧାନୀ କମିଟୀ ସେସମସ୍ତ ବାହୁଲ୍ୟରୂପେ ଗବର୍ଣ୍ଣମେଣ୍ଟଙ୍କ ଗୋଚର କରାଇ ଥିବାରୁ ତହିଁର ଉଲ୍ଲେଖ କରିବା ଅନାବଶ୍ୟକ । ତାହା ଛଡ଼ା ଦେଖାଯାଉଅଛି କି ଯେଉଁମାନେ ସଦାବର୍ତ୍ତ ମଠ ପାଇଁ କମିଟୀ ନିଯୁକ୍ତ ହୋଇଅଛନ୍ତି କେତେକ ସ୍ଥଳରେ ସେପରି ମଠର କାର୍ଯ୍ୟ ସୁଦ୍ଧା ଭଲ ଚଳୁ ନାହିଁ । ଅଳ୍ପଦିନ ତଳେ କେନ୍ଦ୍ରାପଡ଼ା ସଦାବର୍ତ୍ତ ମଠ କମିଟିର ଜଣେ ମେମ୍ବର ବାବୁ ରାଧାଶ୍ୟାମନରେନ୍ଦ୍ରଙ୍କ ନାମରେ କେତେଲୋକ ଦରଖାସ୍ତ ଦେଇଥିଲେ ଯେ ବାବୁ ମଠର କେତେ ଜମି ଆପଣା ବଗିଚା ମଧ୍ୟରେ ମିଶାଇ ନେଇଅଛନ୍ତି ଓ ମଠର ଦ୍ରବ୍ୟମାନ ଆପଣା ଠାକୁରର ବ୍ୟବହାର ନିମିତ୍ତ ନେଇ ଯାଉଅଛନ୍ତି ଏବଂ ଆଇନରେ ନିଷେଧ ଥିବା ପ୍ରତ୍ୟକ୍ଷେ ଆପେ ମେମ୍ବର ହୋଇ ଆପଣା ପୁତ୍ରଦ୍ୱାରା ମଠର କାର୍ଯ୍ୟ ନିର୍ବାହ କରନ୍ତି କମିଟିରେ ହିସାବ ଦାଖଲ ହୁଅଇ ନାହିଁ । ଜଜସାହେବ ଏ ଦରଖାସ୍ତ ଅନୁସାରେ ମେମ୍ବରମାନଙ୍କଠାରୁ କଇଫିୟତ ତଲବ କରିବାରେ ମେମ୍ବରମାନେ କହିଲେ ଯେ ସେମାନଙ୍କ ତଲବମତେ ମଠର ଅଧିକାରୀ ହିସାବ ଦେଉ ନାହିଁ ଓ କହୁଅଛି କି ବାବୁ ରାଧାଶ୍ୟାମ ନରେନ୍ଦ୍ରଙ୍କର ପୁତ୍ର ସବୁକାର୍ଯ୍ୟ କରନ୍ତି ସେ ହିସାବ ଦେବେ । ଏହିପରି ଅବସ୍ଥାରେ ତିନି ବର୍ଷର ହିସାବ ଦେଖାଯାଇ ନାହିଁ । ଜମି ଇତ୍ୟାଦି ଅନ୍ୟାୟରୂପେ ନେବା କଥା ଜଜସାହେବଙ୍କ ହୃଦବୋଧ ନ ହେବାରୁ ରାଧାଶ୍ୟାମ ବାବୁଙ୍କ ନାମରେ ମୋକଦ୍ଦମା ଚଳାଇବାକୁ ସେ ଅନୁମତି ଦେଲେ ନାହିଁ ଏବଂ ଅନ୍ୟ ମେମ୍ବରମାନଙ୍କୁ କହିଦେଲେ ଯେ ସେମାନେ ହିସାବ ନ ନେବାରୁ ଆପଣା କର୍ମରେ ତ୍ରୁଟି କରିଅଛନ୍ତି ଏଥିରେ ତାହାଙ୍କର କଡ଼ା ଜବାବଦିହି ହେବ । ଜଜସାହେବଙ୍କ ବିଚାର ଯାହା ହେଉ କିନ୍ତୁ ପାଠକମାନେ ଅନାୟାସରେ ବୁଝି ପାରିବେ ଯେ କମିଟିଦ୍ୱାରା ଯେରୂପ ତତ୍ତ୍ୱାବଧାରଣ ହେବାର ଉଚିତ ତାହା ହେଉ ନାହିଁ ଅଥଚ ତହିଁର ପ୍ରତିକାର ଲୋଡ଼ିଲେ ସୁଦ୍ଧା ମିଳୁ ନାହିଁ । କମିଟିର ମେମ୍ବରମାନେ ଯେବେ ସମସ୍ତେ ଉପଯୁକ୍ତ ହୁଅନ୍ତି ତେବେ ବୋଧ ହୁଅଇ ଏକଜଣ ତାହାଙ୍କ ମଧ୍ୟରେ ସର୍ବେସର୍ବା ହୋଇ ପାରନ୍ତା ନାହିଁ ମାତ୍ର ମୋଫସଲରେ ତେମନ୍ତ ଉପଯୁକ୍ତ ଲୋକ ବହୁତ ନାହାନ୍ତି ଓ ଆପଣା କାର୍ଯ୍ୟ ଛଡ଼ି ସାଧାରଣ କାର୍ଯ୍ୟରେ ବ୍ୟସ୍ତ ହେବାର ଲୋକ ଅତ୍ୟଳ୍ପ ଦେଖାଯାଏ । ଏଥିର ଫଳ ଏହି ଯେ କମିଟିଦ୍ୱାରା ଏସବୁ କାର୍ଯ୍ୟ ଚଳିବା କଠିନ । ଯେବେ ଗବର୍ଣ୍ଣମେଣ୍ଟ ସ୍ୱତନ୍ତ୍ର ବେତନଭୋଗୀ ତତ୍ତ୍ୱାବଧାରକ ନିଯୁକ୍ତ କରନ୍ତେ ଓ ସେମାନେ ସବୁ ମଠର ସାମୟିକ ହିସାବପତ୍ର ନେଉଥାନ୍ତେ ଓ ସବୁମଠର ଅବସ୍ଥା ସମୟରେ ତଦନ୍ତ କରି ଊଣାଅଧିକ ଯେଉଁଠାରେ ଯେମନ୍ତ ଦେଖନ୍ତେ ତହିଁର ଉପଯୁକ୍ତ ପ୍ରତିକାର କରନ୍ତେ ତେବେ ଅବଶ୍ୟ ସଦାବର୍ତ୍ତ ମଠର ଅବସ୍ଥା ଉତ୍ତମ ହୁଅନ୍ତା ଓ ତହିଁର ଉପସତ୍ତ୍ୱରୁ ଅନେକ ସାଧାରଣ ମଙ୍ଗଳ ସାଧନ ହୋଇ ପାରନ୍ତା ।

———

### ସଦାବର୍ତ୍ତମଠର ତତ୍ତ୍ୱାବଧାରଣ ।

ଅସ୍ମେମାନେ ଗତ ସଂଖ୍ୟାରେ ଅତ୍ୟନ୍ତ ଆହ୍ଲାଦ ସହିତ ପାଠକଙ୍କୁ ଯେ ସଦାବର୍ତ୍ତମଠମାନଙ୍କର ତତ୍ତ୍ୱାବଧାରଣ ବିଷୟରେ ଗବର୍ଣ୍ଣମେଣ୍ଟ ନିରପେକ୍ଷ ରହିବାରୁ ତହିଁର ଉପସତ୍ତ୍ୱ ଯାହା କି ଅନେକ ସତ୍କାର୍ଯ୍ୟରେ ଲାଗି ପାରନ୍ତା ତାହା ନ ହୋଇ ଅଯଥା କାର୍ଯ୍ୟରେ ବ୍ୟୟ ହେଉ ଥିବାରୁ ଅତ୍ୟନ୍ତ ସାଧାରଣ କ୍ଷତି ହେଉ ଅଛି ଓ ତାହା ନିବାରଣ ବିଷୟରେ କଲିକତାର କେତେକଜଣ ହିନ୍ଦୁ ଗବର୍ଣ୍ଣମେଣ୍ଟରେ ଆବେଦନ କରିବା ଲାଗି ଯତ୍ନ କରୁଅଛନ୍ତି । ଅସ୍ମେମାନେ ପୁନଃ କହୁଅଛୁଁ ଯେ ଏ ବିଷୟରେ

Digitized by srujanika@gmail.com

ସୁବିଧାନ କରିବା ଗବର୍ଣ୍ଣମେଣ୍ଟଙ୍କ ପକ୍ଷରେ ନିତାନ୍ତ ଆବଶ୍ୟକ ଓ ତାହା କରିବାରେ ଯେତେ ବିଳମ୍ବ ହେଉଅଛି ତେତେ ସାଧାରଣ ଅନିଷ୍ଟ ଭିନ୍ନ ଆଉ କିଛି ଫଳ ହେଉ ନାହିଁ । କେହି/ ବୋଲନ୍ତି ଯେ ଧର୍ମ୍ମ ବିଷୟରେ ଗବର୍ଣ୍ଣମେଣ୍ଟଙ୍କର ହସ୍ତକ୍ଷେପଣ କରିବା ଅନୁଚିତ ଏବଂ ଗବର୍ଣ୍ଣମେଣ୍ଟ ମଧ୍ୟ ଏହିପରି ବିଚାରି ମନେ କରି ସାହସ ପୂର୍ବକ ଅଗ୍ରସର ହେଉ ନାହାନ୍ତି । ମାତ୍ର ଏ ଯୁକ୍ତି ଯେ ନିତାନ୍ତ ଅକାର୍ଯ୍ୟକର ଏହିଁ ପକ୍ଷରେ କିଛି ସନ୍ଦେହ ନାହିଁ । ଧର୍ମ୍ମ ବିଷୟରେ ହସ୍ତକ୍ଷେପଣ କରିବା ଏକ କଥା ଏବଂ ଧର୍ମ ରକ୍ଷା କରିବା ଆଉ ଏକ କଥା । ଧର୍ମ ରକ୍ଷା କରିବା ରାଜାର ପ୍ରଧାନ କାର୍ଯ୍ୟ ଅଟଇ ଏବଂ ଇଂରାଜ ଗବର୍ଣ୍ଣମେଣ୍ଟ ଭିନ୍ନଧର୍ମାବଲମ୍ବୀ ହେଲେ ହେଁ ଯେଉଁସ୍ଥଳେ ନାନାଧର୍ମାବଲମ୍ବୀ ପ୍ରଜାଙ୍କର ଧର୍ମଶାସ୍ତ୍ର ଅନୁସାରେ ସେମାନଙ୍କ ମଧ୍ୟରେ ପତ୍ତି ବା ବ୍ୟବହାର ବିଷୟର ବିଚାର କରୁ ଅଛନ୍ତି ଓ ତହିଁରେ ରାଜା ଧର୍ମପ୍ରତି ହସ୍ତକ୍ଷେପଣ କଲେ ବୋଲି କେହି କହୁ ନାହାନ୍ତି ସେସ୍ଥଳେ ସଦାବ୍ରତ ମଠମାନଙ୍କର ତତ୍ତ୍ୱାବଧାରଣର ସୁବିଧାନ ପୂର୍ବକ ପ୍ରାଚୀନ କାଳର ଦାତାମାନଙ୍କର ସଙ୍କଳ୍ପ ସଫଳ କଲେ ତହିଁରେ ଧର୍ମ ରକ୍ଷା ଭିନ୍ନ ଧର୍ମ ପ୍ରତି ହସ୍ତକ୍ଷେପଣ କରିବା କିପରି ବୁଝାଯିବ । ବାସ୍ତବରେ ହିନ୍ଦୁମାନେ ଆଶା କରନ୍ତି ଯେ ଗବର୍ଣ୍ଣମେଣ୍ଟ ସଦାବ୍ରତ ସମ୍ପତ୍ତି ରକ୍ଷା ଓ ନିର୍ବାହ ପକ୍ଷରେ ସୁବିଧାନ କରନ୍ତୁ । ଏହି ଉଦ୍ଦେଶରେ ଆଜକୁ ୮ ବର୍ଷ ହେଲା ଓଡ଼ିଶା ନିବାସୀ କିଛି ସଂଖ୍ୟକ ଭଦ୍ରଲୋକ ଗବର୍ଣ୍ଣମେଣ୍ଟରେ ଆବେଦନ କରିଥିଲେ ଓ ତଦନୁସାରେ କେତେବର୍ଷ ଉତ୍ତାରୁ କମିଟୀ ବସି ଅନେକ ଅନୁସନ୍ଧାନ ହୋଇ ରିପୋର୍ଟମାନ ଗବର୍ଣ୍ଣମେଣ୍ଟଙ୍କୁ ପ୍ରେରିତ ହୋଇଅଛି ମାତ୍ର ଅଦ୍ୟାପି ତହିଁରେ କିଛି କାର୍ଯ୍ୟ ହୋଇ ନାହିଁ ଓ ଶୀଘ୍ର ଯେ କିଛି ହେବ ଏମନ୍ତ ସୂଚକ ମଧ୍ୟ ଦିଶୁ ନାହିଁ । ଗବର୍ଣ୍ଣମେଣ୍ଟ ଆପଣା ଇଚ୍ଛାରେ ସଦାବ୍ରତ ସମ୍ପତ୍ତି ଘେନି କିଛି ବ୍ୟବସ୍ଥା କଲେ କେହି ଅବା ଅନ୍ୟାୟ ହସ୍ତକ୍ଷେପଣର ଦୋଷ ଦେଇ ପାରନ୍ତା କିନ୍ତୁ ଯେ ସ୍ଥଳେ ଯାହାଙ୍କ ଧର୍ମପ୍ରତି ହସ୍ତକ୍ଷେପଣ କରିବାର ଶଙ୍କା ହେଉଅଛି ସେହି ହିନ୍ଦୁମାନେ ସ୍ୱୟଂ ତଦ୍ବିଷୟରେ ପ୍ରାର୍ଥନା କରୁ ଅଛନ୍ତି ସେସ୍ଥଳେ ସରକାର ବାହାଦୁରଙ୍କର ବିଳମ୍ବ କରିବାର ଆଉ କି କାରଣ ଅଛି । ସାଧାରଣ ସମ୍ପତ୍ତି ନଷ୍ଟ ହେଲେ ଯେବେ ରାଜା ତାହା ନ ବୁଝିବେ ତେବେ ଆଉ କିଏ ବୁଝିବ ? ଅତଏବ ଆମ୍ଭେମାନେ ଗବର୍ଣ୍ଣମେଣ୍ଟଙ୍କୁ ଶୀଘ୍ର ଏ ବିଷୟକୁ ବିଚାରାଧୀନରେ ଆଣିବା ସକାଶେ ବିନୀତଭାବରେ ଅନୁରୋଧ କରୁଅଛୁଁ ଏବଂ ଆମ୍ଭେମାନେ ଯେତେଦୂର ଜାଣୁ ନିଶ୍ଚୟ କହିପାରୁଁ ଯେ ଏଥିରେ ହିନ୍ଦୁମାତ୍ରେ ଆନନ୍ଦିତ ହେବେ ଓ ଶତ/ ଧନ୍ୟବାଦ ଦେବେ ।

---

## ସାପ୍ତାହିକସଂବାଦ ।

ଏ ସପ୍ତାହରେ ଓଡ଼ିଶାର ପ୍ରଧାନ ବାର୍ଷିକ ପର୍ବ ଦୋଲଯାତ୍ରା ଏବଂ ତହିଁ ସଙ୍ଗେ/ କେତେ ଶୁଭ ବିବାହ ପଡ଼ିବାରୁ ଲୋକମାନେ ବଡ଼ ଆନନ୍ଦରେ ଥିଲେ । ପର୍ବଟି ଶେଷ ହେଲା, ମାତ୍ର ଏଥିର ବିଶେଷ ଉତ୍ସବ ଏ ନଗରରେ ଦେଖା ଗଲା ନାହିଁ । ମୋଫସଲର ଅନେକ ସ୍ଥାନରେ ଅବଶ୍ୟ ଭଲ ଆମୋଦ ହୋଇଥିଲା କିନ୍ତୁ ଦୁଃଖର ବିଷୟ ଯେ ଓଡ଼ିଶାର ପ୍ରଧାନ ନଗରରେ ଏତେ ଧନୀ ଓ ମାନ୍ୟବାନ୍ ହିନ୍ଦୁ ବାସ କ[illegible]କ୍ଷେ ସାଧାରଣ ପର୍ବ ସମୟରେ [illegible] ସମ୍ଭୋଗ କରନ୍ତି ନାହିଁ । ଯେବେ ଧର୍ମର ଅନୁରୋଧରେ ଏପରି ଭାବ ଜନ୍ମଥାନ୍ତା ତେବେ ଆମ୍ଭେମାନେ ଅବଶ୍ୟ କିଛି କହନ୍ତୁ ନାହିଁ, କିନ୍ତୁ କେବଳ ନୀରସ ହୃଦୟ ଏବଂ ସମାଜ ପ୍ରତି ଅନାସ୍ଥା ଏଥିର କାରଣ ଥିବାରୁ ଆମ୍ଭେମାନେ ଦୁଃଖିତ ହେଉଅଛୁଁ ।

ଆମ୍ଭେମାନେ ବାଲେଶ୍ୱର ସମ୍ବାଦବାହିକାରୁ ଆନନ୍ଦର ସହିତ ଅବଗତ ହେଲୁଁ ଯେ ବାବୁ ଚତୁର୍ଭୁଜ ପଟ୍ଟନାୟକଙ୍କ ଶିକ୍ଷାର ସାହାଯ୍ୟ ନିମିତ୍ତ ବାଲେଶ୍ୱରରେ ମାସିକ ଦଶଟଙ୍କା ପରିମାଣରେ ଚାନ୍ଦା ସ୍ୱାକ୍ଷରିତ ହୋଇଅଛି । ବାଲେଶ୍ୱରବାସିଙ୍କର ଏ କାର୍ଯ୍ୟରେ ତତ୍ପରତା ଅତ୍ୟନ୍ତ ପ୍ରଶଂସନୀୟ ଅଟଇ । କଟକର ଧନୀ ଭବ୍ୟ ସଭ୍ୟମାନେ କି କରୁଅଛନ୍ତି ଅଦ୍ୟାପି ଜଣା ନ ଗଲା । ଏମନ୍ତ କାର୍ଯ୍ୟରେ ଯତ୍ନଶୀଳ ହେବାକୁ କି ଏଠାରେ କେହି ନାହିଁ ?

କାଶ୍ମୀରରୁ କେତେ ଯୁବା ଆଇନ ପଢ଼ିବା ସକାଶେ ଇଂଲଣ୍ଡକୁ ଯାଇଅଛନ୍ତି । ଆଇନ ପଢ଼ି କି ଲାଭ ହେବ ? ବରଂ ଦେଶର ଧନୀ ଲୋକଙ୍କର ଘର ଭାଙ୍ଗିବାର ଉପାୟ ହେବ ।

ବଙ୍ଗଳା ଗବର୍ଣ୍ଣମେଣ୍ଟ ହୁକୁମ କରିଅଛନ୍ତି କି କମିଶନର ଅଥବା ଗବର୍ଣ୍ଣମେଣ୍ଟଙ୍କର ଅନୁମତି ବିନା ମୋଫସଲର ମିଉନିସିପାଲିଟିମାନେ ଆପଣା ଅଧୀନସ୍ଥ ନୌକରଙ୍କୁ ପାରିତୋଷିକ ଦେବେ ନାହିଁ ।

ବର୍ଦ୍ଧମାନରୁ ଏକବ୍ୟକ୍ତି ହିନ୍ଦୁପେଟ୍ରିଅଟକୁ ଲେଖିଅଛନ୍ତି କି ବର୍ଦ୍ଧମାନର ମହାରାଜା ଆପଣା ପୁତ୍ରର ବିବାହ ନିମିତ୍ତ ତିନିଲକ୍ଷ ଟଙ୍କା ବ୍ୟୟ କରିବାର ସ୍ଥିର କରିଥିଲେ କିନ୍ତୁ ତାହାଙ୍କୁ ତୋପ ସଲାମୀ ଦେବାର ମଞ୍ଜୁର ସମ୍ବାଦ ତେତେବେଳେ ଆସି ପହଞ୍ଚିବାରୁ ଅତ୍ୟନ୍ତ ଆନନ୍ଦିତ ହୋଇ ବିବାହର ବ୍ୟୟ ପାଞ୍ଚଲକ୍ଷ ଟଙ୍କା ସ୍ଥିର କଲେ । ଏଥିରେ କାହାର ଲାଭ ହେଲା ? ଯେବେ ଅଧିକା ଦୁଇଲକ୍ଷ ଟଙ୍କାକୁ ବିବାହର କ୍ଷଣିକ ଧୂମଧାମରେ ବ୍ୟୟ ନ କରି କୌଣସି ସାଧାରଣ ଉପକାରାର୍ଥେ ଦାନ କରିଥାନ୍ତେ ତେବେ ତାହାଙ୍କର ଆନନ୍ଦର ମୂଲ୍ୟ ଜଣା ପଡ଼ନ୍ତା ।

ସୁଲଭ୍ ଅବଗତ ହୋଇଅଛନ୍ତି ଯେ କୃଷିବିଦ୍ୟାବିତ୍ ବାବୁ ଶ୍ରୀନାଥ ଦତ୍ତ ଆସାମରେ ଚା-ପତ୍ର ଖେତ କରିବା ଲାଗି ଶୀଘ୍ର ସେଠାକୁ ଯାତ୍ରା କରିବେ । ସେ ବୋଲନ୍ତି କି ୫୦୦ ବିଘା ଜମିରେ ଚା-ଖେତ କଲେ ଚତୁର୍ଥ ବର୍ଷଠାରୁ ପ୍ରତିବର୍ଷ ତିରିଶ ହଜାର ଟଙ୍କା ଆୟ ହେବ ଏବଂ ପ୍ରଥମରେ ଆବାଦ କରିବାକୁ ବହୁତବ୍ୟୟ ଲାଗିବ ନାହିଁ । ଦେଶୀୟ ଲୋକମାନେ ଏହି ବ୍ୟାପାରରେ ଯେତେ ମନ ଦେବେ ତେତେ ଏ ଦେଶର ଶ୍ରୀବୃଦ୍ଧି ହେବ ଓ ଶିକ୍ଷିତ ଲୋକଙ୍କର ଉମେଦୱାରୀ ଅବସ୍ଥା ମୋଚନ ହେବ ।

ଟାଙ୍ଗରମୁଣ୍ଡରେ ବାଳ ହେବାର ଗୋଟିଏ ସୁନ୍ଦର ଓ ସହଜ ଔଷଧ ଆବିଷ୍କୃତ ହୋଇଅଛି ପେଟ୍ରୋଲିୟମ ନାମରେ ଏକପ୍ରକାର ତେଲ ଅଛି ତାହା ପ୍ରଦୀପ ଜାଳିବାରେ ବ୍ୟବହାର ହୁଅଇ । ସେହି ତେଲ ୨।୩ ଦିନ ଅନ୍ତର ଟିକିଏ ବଳରେ ମୁଣ୍ଡରେ ୨।୭ ଥର ଘସିଲେ ଟାଙ୍ଗରମୁଣ୍ଡରେ ବାଳ ହେବ । ଯାହାଙ୍କର ବୃଦ୍ଧବୟସହେତୁ ମୁଣ୍ଡ ଟାଙ୍ଗର ହୋଇଥିବ ସେମାନଙ୍କ ପକ୍ଷରେ ଏ ଔଷଧ ଉପକାରୀ ହେବ ନାହିଁ । ପଶୁମାନଙ୍କର ରୋଗରେ ଲୋମ ଝଡ଼ି ପଡ଼ିଥିଲେ ସୁଦ୍ଧା ଏହି ତେଲରେ ପୁନର୍ବାର ବଳ ଉଠିବ । ଏ ଔଷଧକୁ ଜଣେ ଫରାସ ବାହାର କରିଅଛି ସେ ପ୍ରତିଦିନ ପ୍ରଦୀପ ସଜାଡ଼ିବାବେଳେ ତେଲ-ଆଙ୍ଗୁଠିକୁ ଆପଣା ଟାଙ୍ଗରମୁଣ୍ଡରେ ପୋଛି ଦେଉଥିଲା କିଛିଦିନ ଉତ୍ତାରୁ ତାହାର ମୁଣ୍ଡରେ ବାଳ ହେବାରୁ ତାହାର ମୁନିବ ତହିଁର ବିଶେଷ ବିବରଣ ଅବଗତ ହୋଇ ଉକ୍ତ ତେଲର ଗୁଣ ପରୀକ୍ଷାକରି ଦେଖିବାରେ ତହିଁରେ କୃତକାର୍ଯ୍ୟ ହୋଇ ଅଛନ୍ତି ।

Split by PDF Splitter
Digitized by srujanika@gmail.com

Split by PDF Splitter



ରୁଷିୟାର ସଂବାଦପତ୍ରମାନଙ୍କରେ ଦିଲ୍ଲୀ ମହାସଭାକୁ ଘେନି ଅନେକ କଟୂ ଓ ବ୍ୟଙ୍ଗୋକ୍ତି ବାହାର ଅଛି । ଏକପତ୍ରିକାରେ ଲେଖାଅଛି କି ଲର୍ଡ଼ ଲିଟନଙ୍କ ଆମନ୍ତ୍ରଣ ସ୍ୱୀକାର କରିବାଦ୍ୱାରା ଆପଣା ମାନହାନି କରିବାକୁ ଅମିର ସେରଅଲି ଅସମ୍ମତ ହେଲେ ଓ ଖେଲାତଗଣଙ୍କ ବେତନ ବୃଦ୍ଧି ହେବାରୁ ୯ଜଣ ସେ ଆସିଥିଲେ । ଆଉ ଏକପତ୍ରିକାରେ ଲେଖାଅଛି କି ସେରଅଲି ଭାରତବର୍ଷ ବିରୁଦ୍ଧରେ ଅସ୍ତ୍ରଧାରଣ କରୁଅଛି ଏବଂ ଦେଶୀୟରାଜାମାନେ ଗବର୍ଣ୍ଣମେଣ୍ଟର ପ୍ରତିକୂଳ ହୋଇ ଅଛନ୍ତି ଇତ୍ୟାଦି । ମନରେ ଅହଂକାର ଥିଲେ ଲଗାଇ କହିବା ସାଧାରଣ ରୀତି ଅଟଇ ।

## ପ୍ରେରିତପତ୍ର ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଉତ୍କଳ ପଞ୍ଜିକାରେ ଥିବା ଅମାବାସ୍ୟା ଉପବାସାଦି ବ୍ୟବସ୍ଥା ବିଷୟରେ ଯେ ଦୁଇ ବାକ୍ୟ ଲେଖାଅଛି ଯଦ୍ଦୃକ୍ଷେ ଇତ୍ୟାଦି । ଯଦା ଶଶୀତ୍ୟାଦି ଏ ବାକ୍ୟ ସଂସ୍କୃତ ରଚନା ଅସଂଗତ ପୁନଶ୍ଚ କୃତ୍ୟକୌମୁଦୀ, କାଳମାଧବୀ, କାଳଦୀପ, କାଳସର୍ବସ୍ୱ, କାଳସାର, କାଳକୌମୁଦୀ, ସ୍ମୃତିସାରସଂଗ୍ରହ, ଶ୍ରାଦ୍ଧଦୀପ, ଏ ଆଠ ସ୍ମୃତିରେ ଉକ୍ତ ବାକ୍ୟ ନାହିଁ ମଧ୍ୟ ପୌରୁଷେୟ କଳ୍ପନା ହେଲେ ବୁଧ୍ୟପୂର୍ଣ୍ଣ ବ୍ୟକ୍ତିର ରଚନା ନୋହେ ଏ ହେତୁରୁ ଉପାଦେୟ ହେଉ ନାହିଁ । କୌଣସି ପ୍ରସିଦ୍ଧ ସ୍ମୃତି ପୁସ୍ତକ ମଧ୍ୟରେ ଦେଖାଗଲେ ମାନିବାକୁ ହେବ ଏତାଦୃଶ ଅଶୁଦ୍ଧ ବାକ୍ୟ ଉପାଦେୟ ପୁସ୍ତକ ମଧ୍ୟରେ ଦେଖାଯାଇ ନ ପାରେ । ଏବଂ ସଦାଶିବ ପଣ୍ଡିତଙ୍କ ପଞ୍ଜିକାରେ ଯାହା ଲେଖିଅଛନ୍ତି ସେହି ମଧ୍ୟ ଭ୍ରମ ଏ ବ୍ୟବହାର ଅମ୍ଭ ସାକ୍ଷାତରେ ନିର୍ଣ୍ଣୟ ନ କରି ଶ୍ରାଦ୍ଧକାଳକୁ ପ୍ରାପ୍ତ ହେବା ଦିନରେ ନିଶେ ଉପବାସାଦି ଲେଖିଅଛନ୍ତି । ଏପରି ଆଉ କେତେକ ବିଷୟ ଭୁଲଅଛି ତାହା ବିବେକ କରି ଆଗାମୀ ପଞ୍ଜିକାରେ ଲେଖାଇବାକୁ ହେବ । ଉକ୍ତ ବିଷୟର ନିର୍ଣ୍ଣୟ ଏହି ଯେ ଅମାବାସ୍ୟାତିଥୌ ଯେ ତୁ ଭୁଞ୍ଜତେ ନିଶି-ଭୋଜନଂ । ଭୋଜନଦ୍ୱୟମେକାର୍ଥେ ତେଷାଂ ରୁଷ୍ଟୋଽସ୍ମ୍ୟହଂ ସଦା । ଏ ପଦ୍ମପୁରାଣସ୍ଥ ଶ୍ରୀ ଭଗବଦ୍ବାକ୍ୟ ମୂଳରେ ଅମାବାସ୍ୟା ଭୁକ୍ତିସ୍ଥା ଚ ତାତପୌଷ୍ୟାଃ ସଂଗ୍ରହୀତାଃ ଏବଂ କାଳସ୍ମୃତି ବାକ୍ୟ ମୂଳରେ । ଭୁଞ୍ଜତେଦ୍ମକଙ୍କ ହୋମ କପ୍ୟବସାନେ ଗୃହେମୂର୍ଖାଦପଗଛେ ନିତ୍ୟେ ମୁହୂର୍ତ୍ତେ ଇତି ସ୍ମୃତି ସର୍ବସ୍ୱ ବାକ୍ୟ ମୂଳରେ । ରାତ୍ରି ଦ୍ୱିତୀୟ ପ୍ରହର ଉତ୍ତାରୁ ସକଳ ସ୍ମୃତିରେ ମହାନିଶା ଭୋଜନ ନିଷେଧ ଲେଖା ଥିବାରୁ ରାତ୍ରି ତିନି ମୁହୂର୍ତ୍ତ ଉତ୍ତାରୁ ପ୍ରହରକ ମଧ୍ୟରେ ଯେ ଦେଢ଼ଦଣ୍ଡ କାଳ ସେହି ଭୋଜନର କାଳ ସେହି କାଳକୁ ଅମାବାସ୍ୟା ତିଥି ମାତ୍ର ପ୍ରାପ୍ତ ହେଲେ ଭୋଜନ ନିଷେଧ ଯଦ୍ୟପି ପର ଦିନ ରାତ୍ର ପ୍ରହରକୁ ଅମାବାସ୍ୟା ନ ଥିବ ତେବେ ପୂର୍ବ ଦିନ ରାତ୍ର୍ୟୁପବାସ କରାଯାଉଅଛି । ଅତ ଇତ୍ୟାଦି ନିଷେଧ ତତ୍କାଳ ତିଥି ମାତ୍ରରେ କର୍ତ୍ତବ୍ୟ ପ୍ରତିପଦା ପ୍ରବେଶରେ ଆଚରଣ କଲେ ଦୋଷ ନାହିଁ । ସ୍ମୃତି ବାକ୍ୟଂ ଯଥା । ଅନ୍ୟତେ ରେ ଦଧିସ୍ନାନେ ଦନ୍ତଧାବନ ମୈଥୁନେ । ପାରଣେ ଜନ୍ମ ମରଣେ ତତ୍କାଳ ବ୍ୟାପିନୀ ତିଥି । ଇତି ।

। ନ । ଶ୍ରୀ ଚନ୍ଦ୍ରଶେଖରସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା [illegible] ମହାଶୟ [illegible]ପେଷୁ ।

ମହାଶୟ ! ଗତ ସନ ୧୨୮୦ ସାଲ ପର୍ଯ୍ୟନ୍ତ ସଦାଶିବ ପଣ୍ଡିତଙ୍କ କୃତ ଉତ୍କଳପଞ୍ଜିକାରେ ଯେଉଁ ଚନ୍ଦ୍ରକ୍ଷୟର ବ୍ୟବସ୍ଥା ଲିଖିତ ହେଉଥିଲା ତାହାକୁ ଲିଖିତ ବ୍ୟବସ୍ଥା ବାକ୍ୟର ସହିତ ମେଳ ହେଉଥିଲା ବର୍ତ୍ତମାନ ପଞ୍ଜିକାମାନଙ୍କରେ ଯେ ଯେ ଚନ୍ଦ୍ରକ୍ଷୟ ଲେଖା ହେଉଅଛି ତାହା ଉକ୍ତ ବ୍ୟବସ୍ଥା ବାକ୍ୟର ସହିତ ମେଳ ହେଉ ନାହିଁ ମଧ୍ୟ ପଣ୍ଡିତମାନେ ବର୍ତ୍ତମାନର ବ୍ୟବସ୍ଥା ଗ୍ରହଣ ନ କରି ପୂର୍ବବ୍ୟବସ୍ଥାନୁସାରେ ଚନ୍ଦ୍ରକ୍ଷୟର ବ୍ୟବସ୍ଥା ପ୍ରଚାର କରୁଅଛନ୍ତି ଅତଏବ ପ୍ରାର୍ଥନା ଏହି ଯେ ବର୍ତ୍ତମାନ ପଞ୍ଜିକାରେ କେଉଁ ବଚନଦ୍ୱାରା ବ୍ୟବସ୍ଥା ଲେଖାହେଉଅଛି ଉକ୍ତ ବାକ୍ୟ ଲେଖି ପଠାଇବାକୁ ଆଜ୍ଞା ପ୍ରଦାନ କରିବା ହେବେ ଏ ବିଷୟରେ ଆମ୍ଭମାନଙ୍କର ଅତ୍ୟନ୍ତସନ୍ଦେହ ହୋଇଅଛି ଜାଣିବା ହେବେ । ଇତି ।

ବ୍ୟବସ୍ଥାବାକ୍ୟଂ । ଯଥା ।

ଯଦ୍ଦୃକ୍ଷେ ଦିନନାୟକୋ ନିବସତି ତଦ୍ଦୃକ୍ଷଗଶ୍ଚନ୍ଦ୍ରମା ସ୍ତସ୍ୟୋ ପାନ୍ତଗତୋଥବା ଶଶିକଳା କ୍ଷୀଣକ୍ରମାପଦ୍ୟତେ । ଦର୍ଶୋଽପି କ୍ଷଣଦାର୍ଦ୍ଧଗୋ ଯଦି ତଦା ଚନ୍ଦ୍ରାନ ଗାବୋ ବୃଷା ନୋବାହ୍ୟାନରତ ତ୍ରିସ୍ଥାତ କୁରୁତେ ନାନ୍ଦ୍ୟଂ କ୍ଷପା ଭୋଜନଂ । ୧ ।

ବଚନାନ୍ତରଂ ଚ ।

ଯଦା ଶଶୀ ଯାତି ଗଭସ୍ତି ମଣ୍ଡଳଂ ଭଗୋ-ଽଷ୍ଟମଂ ଭୂତଚଥେର୍ଦ୍ଦଶୀଥେ । ନ୍ୟୂନାଧିକେ ପୂର୍ବ ପର୍ବ୍ବ କେତୁ ବାଣାର୍ଦ୍ଧ ନାଡ଼ୀନ୍ କ୍ଷୟଂ ଭବେତ । ୨ ।

ଅର୍ଥ ।

ଯେଉଁ ନକ୍ଷତ୍ରରେ ସୂର୍ଯ୍ୟ ଥାନ୍ତି ସେହି ନକ୍ଷତ୍ରକୁ ଯଦ୍ୟପି ଚନ୍ଦ୍ର ଗମନ କରନ୍ତି ଅଥବା ତାହାର ପୂର୍ବ ନକ୍ଷତ୍ରକୁ ଗମନ କରନ୍ତି ଏବଂ ଅମାବସ୍ୟା ମଧ୍ୟରାତ୍ରିର ଅର୍ଦ୍ଧକୁ ପ୍ରାପ୍ତ ହୁଏ ତେବେ ସେହି ଦିନ ଚନ୍ଦ୍ର କ୍ଷୟ ସ୍ୱୀକାର କରି ଗୋଦୋହନ, ହଳପ୍ରବାହ, ସ୍ତ୍ରୀସଙ୍ଗ, ରାତ୍ରିଭୋଜନ ନିଷେଧ କରୁଯାଏ । ୧ ।

ଯେଉଁ ଦିନ ଚନ୍ଦ୍ର ସୂର୍ଯ୍ୟ ମଣ୍ଡଳକୁ ଗମନ କରନ୍ତି ଏବଂ ରାତ୍ରି ଅର୍ଦ୍ଧରେ ଚତୁର୍ଦ୍ଦଶୀର ଶେଷ ଭାଗ ପ୍ରାପ୍ତ ହୁଏ ସେଦିନ ଅଥବା ପୂର୍ବ ପର ଦିନରେ ନ୍ୟୂନାଧିକ ହେଲେ ଯେଉଁ ଦିନ ଚତୁର୍ଦ୍ଦଶୀ ଦ ୪୫ ଶ୍ର ପର୍ଯ୍ୟନ୍ତ ଥିବ ସେହି ଦିନ ଚନ୍ଦ୍ର କ୍ଷୟ ହୁଏ । ୨ ।

ନିବେଦନକାରୀ ।

ଶ୍ରୀ ମଦନମୋହନ ପଟ୍ଟନାୟକ ।
ଶ୍ରୀ ଗୋପୀନାଥ ପଟ୍ଟନାୟକ ।
ଶ୍ରୀ ବାସୁଦେବ ପଟ୍ଟନାୟକ ।


## NOTICE.

THE UNDERSIGNED desire to dispose of the following Property by Private Sale, and solicit inspection and inquiry.

Their premises at Jobra, consisting of House and Out-houses, Godowns, Sheds, and Offices.
House and Godown at Marsaghai.
Godown at Bhootmoondy.
Large Accommodation Boat, *"Pride of Cuttack."*
Small Accommodation Boat, *"Jumboo."*
Large Jolly Boat.
A Tent, Iron Safes, Weights and Scales, Office Furniture, &c., &c.

WITHER & Co.

CUTTACK,
*Feb. 15th*, 1877.


---

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com